ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୧/୨୦୨୨ (୮+୮=୧୬ ପୃଷ୍ଠା+ ଛୁଟିଦିନ) Bhubaneswar, Sunday, August 21/2022 Page 8+8 ₹ 7.00 ★★★★★★

୪୮ଶ ଭାଗ ୨୬୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 266 ମୂଲ୍ୟ₹୭/-

# ଅଟକିଛି ୮ରେଳ ପ୍ରକଳ୍ପ

## ଜମି ଅଧିଗ୍ରହଣ ବାଧକ



ଭୁବନେଶ୍ୱର,୨୦।୮(ବ୍ୟୁରୋ)

ରାଜ୍ୟରେ ରେଳ ପ୍ରକଳ୍ପ କଚ୍ଛପ ଗତିରେ ଚାଲିଛି। ଭୌଗୋଳିକ ଦୃଷ୍ଟିକୋଣରୁ ଓଡ଼ିଶା ଦେଶର ଅଷ୍ଟମ ବୃହତ୍ ରାଜ୍ୟ ହୋଇଥିଲେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ ରେଳ ସାନ୍ଦ୍ରତା କ୍ଷେତ୍ରରେ ବହୁ ପଛରେ ରହିଛି। ଏପରି କି ଦେବଗଡ଼, ନବରଙ୍ଗପୁର, କନ୍ଧମାଳ, ମାଲକାନଗିରି ଭଳି ଆଦିବାସୀ ବହୁଳ ଜିଲାଗୁଡ଼ିକୁ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ରେଳ ସଂଯୋଗ ହୋଇପାରି ନାହିଁ। ରାଜ୍ୟର ବିଭିନ୍ନ ଭାଗରେ ରେଳ ମନ୍ତ୍ରଣାଳୟ ଦ୍ୱାରା ଯେଉଁ ପ୍ରକଳ୍ପ ଆରମ୍ଭ କରାଯାଉଛି ଆନ୍ତରିକତା ଅଭାବ ଯୋଗୁ ତାହା ଦୀର୍ଘ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଜମି ଅଧିଗ୍ରହଣ ଏବଂ ଜଙ୍ଗଲ ଅନୁମତି ଆଳରେ ପ୍ରକଳ୍ପ ବର୍ଷ ବର୍ଷ ଧରି ପଡ଼ିରହୁଛି।

ରାଜ୍ୟ ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତି ପାଇଁ ୮ଟି ରେଳ ପ୍ରକଳ୍ପ ଦୀର୍ଘ ବର୍ଷ ହେବ ଅଧାରେ ପଡ଼ିରହିଛି। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ଼ ଭଳି ପ୍ରକଳ୍ପ ଦୁଇ ଦଶନ୍ଧି ବିତିବା ପରେ ମଧ୍ୟ ଶେଷ ହୋଇ ପାରୁନାହିଁ। ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ପ୍ରକଳ୍ପ କାର୍ଯ୍ୟ ୧୯୯୬ରେ ଆରମ୍ଭ ହୋଇଥିଲା। ଦୀର୍ଘ ୨୫ ବର୍ଷ ପରେ ମଧ୍ୟ ଏହି ରେଳଲାଇନ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ୩୨୫.୬ କିମି ରେଳଲାଇନ ମଧ୍ୟରୁ ଏ ପର୍ଯ୍ୟନ୍ତ ମାତ୍ର ୬୮ କିଲୋମିଟର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହି ପ୍ରକଳ୍ପ ପାଇଁ ବେସରକାରୀ ଜମି ଅଧିଗ୍ରହଣ ସମସ୍ୟା ସୃଷ୍ଟି କରିଛି। ପ୍ରକଳ୍ପ ପାଇଁ ଆହୁରି ୮୮.୨୪୭ ଏକର ଜମି ଯୋଗାଇ ଦେବାକୁ ବାକି ରହିଛି। ପ୍ରକଳ୍ପ କାର୍ଯ୍ୟ କେବେ ସରିବ ତାହା ମଧ୍ୟ ଅନିଶ୍ଚିତତା ଭିତରେ ରହିଛି। ସେହିପରି ୧୫୦ କିମି ତାଳଚେର -ବିମଳାଗଡ଼ ରେଳ ପ୍ରକଳ୍ପ ୨୦୦୩-୦୪ରେ ଆରମ୍ଭ ହୋଇଥିଲା। ୧୭ ବର୍ଷ ପରେ ମଧ୍ୟ ଏହା ଅସମ୍ପୂର୍ଣ୍ଣ ହୋଇ ରହିଛି। ଏହି ପ୍ରକଳ୍ପ ପାଇଁ ଅଧା ଜମି ମଧ୍ୟ ଅଧିଗ୍ରହଣ ହୋଇ ନାହିଁ। ଖଣିଜ ସମ୍ପଦ ଭରା ଅନୁଗୋଳ ଜିଲା ପାଇଁ ଏହି ରେଳପଥ ଗୁରୁତ୍ୱ ବହନ କରୁଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ହେଲେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ସମସ୍ୟା ହୋଇଛି। ପ୍ରକଳ୍ପ ପାଇଁ ଆବଶ୍ୟକ ସମୁଦାୟ ୯୮୭.୧୦୫ ଏକର ଜମିରୁ ୪୯୭.୦୬ ଏକର ଜମି ଯୋଗାଇ ଦିଆଯାଇଛି। ଆହୁରି ୪୯୦.୦୪୫ ଏକର ଜମି ଯୋଗାଇ ଦେବାକୁ ବାକି ରହିଛି।

ସେହିପରି ଆଦୌ ରେଳଲାଇନ ନ ଥିବା ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ହେବାକୁ ଥିବା ଜୟପୁର-ନବରଙ୍ଗପୁର ଏବଂ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପ ସ୍ଥାଣୁ ଅବସ୍ଥାରେ ରହିଛି। ଏଥିପାଇଁ ଆବଶ୍ୟକ ହେଉଥିବା ୧୭୭୦.୩୪୯ ଏକର ଘରୋଇ ଜମିରୁ କାଣିଚାଏ ବି ଅଧିଗ୍ରହଣ କରାଯାଇ ନାହିଁ। ତାଳଚେର-ସମ୍ବଲପୁର ଦ୍ୱିତୀୟ ରେଳଲାଇନ, ସାଲେଗାଁଓ- ବୁଢ଼ାପଙ୍କ ତୃତୀୟ ଓ ଚତୁର୍ଥ ରେଳଲାଇନ, ସମ୍ବଲପୁର-ଟିଟିଲାଗଡ଼ ଦ୍ୱିତୀୟ ରେଳଲାଇନ ଏବଂ ଟିଟିଲାଗଡ଼- ବିଜୟନଗରମ୍ ତୃତୀୟ ରେଳଲାଇନ କାମ ମଧ୍ୟ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଜନଗଣନା ପରମ୍ପରା ଭାଙ୍ଗିଛୁ**

### ଆଜିର ମନ୍ତବ୍ୟ

"ବିଚାର ଅପେକ୍ଷାରେ ପଡ଼ିରହିଥିବା ମାମଲା ୫ କୋଟି ଟପିଲାଣି। ବିଚାରପତି ୫୦ ମାମଲା ସମାଧାନ କଲେ ୧୦୦ ନୂଆ ମାମଲା ରୁଜୁ ହେଉଛି।

- କିରେନ୍ ରିଜିଜୁ, ଆଇନ ମନ୍ତ୍ରୀ

# ମୁମ୍ବାଇରେ ୨୬/୧୧ ଭଳି ଆକ୍ରମଣ ଧମକ

## ପାକିସ୍ତାନୀ ନମ୍ବରରୁ ଆସିଥିଲା ହ୍ୱାଟ୍ସଆପ୍ ବାର୍ତ୍ତା

ମୁମ୍ବାଇ,୨୦।୮

ମୁମ୍ବାଇରେ ୨୬/୧୧ ଭଳି ଭୟାବହ ଆକ୍ରମଣ ଘଟାଇବା ଲାଗି ହ୍ୱାଟ୍ସଆପ୍ ବାର୍ତ୍ତା ଜରିଆରେ ଧମକ ଦିଆଯାଇଛି। ମୁମ୍ବାଇ ଟ୍ରାଫିକ ପୋଲିସ କଣ୍ଟ୍ରୋଲ ରୁମ୍ ହେଲ୍ପଲାଇନର ହ୍ୱାଟ୍ସଆପ୍ ନମ୍ବରକୁ ଶୁକ୍ରବାର ରାତି ପ୍ରାୟ ୧୧ଟା ବେଳେ ଏଭଳି ଏକାଧିକ ମେସେଜ୍ ଆସିଛି। ପାକିସ୍ତାନ କୋଡ୍ ଥିବା ଫୋନ୍ ନମ୍ବରରୁ ଏଭଳି ମେସେଜ ଆସିଥିବା



ମୁମ୍ବାଇ ପୋଲିସ କମିଶନର ବିବେକ ଫନ୍‌ସଲ୍‌କର କହିଛନ୍ତି। ଏହି ଖବର ମିଳିବା ପରେ ମୁମ୍ବାଇରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସିଟି ପୋଲିସ ସହ ତଟସୁରକ୍ଷା ବଳ ପକ୍ଷରୁ ଉପକୂଳ ଅଞ୍ଚଳରେ କଡ଼ା ଯାଞ୍ଚ କରାଯାଉଛି। ସିଟି କ୍ରାଇମ୍ ବ୍ରାଞ୍ଚ ଘଟଣାର ତଦନ୍ତ ଚଳାଇଛି। ☞ପୃଷ୍ଠା-୪









## ଅନୁବ୍ରତଙ୍କ ଜାମିନ ଆବେଦନ ଖାରଜ

ଗୋରୁ ଚୋରାଚାଲାଣ ଦୁର୍ନୀତି ମାମଲାରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) ନେତା ଅନୁବ୍ରତ ମଣ୍ଡଳଙ୍କ ଜାମିନ ଆବେଦନକୁ ସିବିଆଇର ସ୍ୱତନ୍ତ୍ର ଅଦାଲତ ଶନିବାର ଖାରଜ କରିଦେଇଛନ୍ତି। ଏଥିସହିତ ତାଙ୍କର ସିବିଆଇ ହାଜତ ସମୟସୀମାକୁ ଅଗଷ୍ଟ ୨୪ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଅନୁବ୍ରତ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ସେ ଜାମିନରେ ବାହାରିଲେ ସାକ୍ଷୀମାନଙ୍କୁ ପ୍ରଭାବିତ କରିବା ସହ ପ୍ରମାଣ ନଷ୍ଟ କରିପାରନ୍ତି। ସେଥିପାଇଁ ତାଙ୍କ ହାଜତ ମିଆଦ ବଢ଼ାଇବା ଲାଗି ସିବିଆଇ ପକ୍ଷରୁ ଆବେଦନ କରାଯାଇଥିଲା।

### ସଂକ୍ଷେପରେ

## ଭାରତକୁ ୭ କଳାକୃତି ଫେରାଇବ ସ୍କଟ୍‌ଲାଣ୍ଡ ମ୍ୟୁଜିୟମ

**ଲଣ୍ଡନ,୨୦।୮:** ସ୍କଟ୍‌ଲାଣ୍ଡର ଗ୍ଲାସ୍‌ଗୋ ମ୍ୟୁଜିୟମ ଭାରତକୁ ୭ ପ୍ରାଚୀନ କଳାକୃତି ଫେରାଇଦେବ। ସେଥିପାଇଁ ଶୁକ୍ରବାର ବ୍ରିଟେନରେ ଥିବା ଭାରତର କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ସୁଜିତ ଘୋଷଙ୍କ ଉପସ୍ଥିତିରେ ମାଲିକାନା ହସ୍ତାନ୍ତର ଉତ୍ସବ କେଲ୍‌ଭିନ୍‌ଗ୍ରୋଭ ଆର୍ଟ ଗ୍ୟାଲେରି ଓ ମ୍ୟୁଜିୟମରେ ଅନୁଷ୍ଠିତ ହୋଇଯାଇଛି। ମ୍ୟୁଜିୟମ ଚଳାଉଥିବା ଦାତବ୍ୟ ସଂଗଠନ ଗ୍ଲାସ୍‌ଗୋ ଲାଇଫ୍ ଉକ୍ତ ପ୍ରାଚୀନ କଳାକୃତି ଫେରାଇବ ବୋଲି ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲା। ଫେରିବାକୁ ଥିବା କଳାକୃତି ମଧ୍ୟରେ ରହିଛି ଚତୁର୍ଦ୍ଦଶ ଶତାବ୍ଦୀର ଇଣ୍ଡୋ-ପର୍ସିଆନ୍ ତଲୱାର ଏବଂ ୟୁପିର କାନପୁର ମନ୍ଦିରରୁ ଚୋରି ହୋଇଥିବା ଏକାଦଶ ଶତାବ୍ଦୀର ପଥର ଖୋଦେଇ ଦ୍ୱାରବନ୍ଧ। ଗ୍ଲାସ୍‌ଗୋ ଲାଇଫ୍ ସହ ବନ୍ଧୁତା ଯୋଗୁ ସେଠାରୁ ଭାରତକୁ ଗୁରୁତ୍ୱପୂର୍ଣ୍ଣ କଳାକୃତି ଫେରିବା ସମ୍ଭବ ହୋଇଛି। ଏହି କଳାକୃତି ଆମ ସଭ୍ୟତା ଐତିହ୍ୟର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଘୋଷ କହିଛନ୍ତି। ଏଥିପାଇଁ ଗ୍ଲାସ୍‌ଗୋ ଲାଇଫ୍, ଗ୍ଲାସ୍‌ଗୋ ସିଟି କାଉନ୍‌ସିଲ ସମେତ ଅନ୍ୟ ସହଯୋଗୀମାନଙ୍କୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି।

## ମଥୁରା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ବେଳେ ୨ ମୃତ

**ମଥୁରା,୨୦।୮:** ମଥୁରାର ବାଙ୍କ ବିହାରୀ ମନ୍ଦିରରେ ଶୁକ୍ରବାର ଜନ୍ମାଷ୍ଟମୀ ଉତ୍ସବ ପାଳନ ବେଳେ ପ୍ରବଳ ଭିଡ଼ ଯୋଗୁ ଶ୍ୱାସରୁଦ୍ଧ ହୋଇ ୨ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ମୃତକ ଦ୍ୱୟ ନିର୍ମଳା ଦେବୀ ଓ ରାମପ୍ରସାଦ ବିଶ୍ୱକର୍ମା ବୋଲି ପୋଲିସ କହିଛି। ଜନ୍ମାଷ୍ଟମୀ ପାଇଁ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଯାତାୟାତରେ କଟକଣା ଲଗାଯିବାରୁ ପ୍ରସ୍ଥାନ ଗେଟ୍ ନିକଟରେ ଜଣେ ଶ୍ରଦ୍ଧାଳୁ ମୂର୍ଚ୍ଛା ଯାଇଥିଲେ। ଆହତ ଓ ଅସୁସ୍ଥ ହୋଇପଡ଼ିଥିବା ଶ୍ରଦ୍ଧାଳୁମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ହୋଟେଲରେ ଆତଙ୍କବାଦୀ ଆକ୍ରମଣ: ୧୩ ନିହତ

**ମୋଗାଦିଶୁ, ୨୦।୮:** ସୋମାଲିଆ ରାଜଧାନୀ ମୋଗାଦିଶୁର ଏକ ହୋଟେଲରେ ଶୁକ୍ରବାର ରାତିରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ଜଣେ ସିକ୍ୟୁରିଟି କମାଣ୍ଡର ଶନିବାର ସୂଚନା ଦେଇଛନ୍ତି। ଆତଙ୍କବାଦୀଙ୍କ ଅଲ୍ କାଏଦା ଲିଙ୍କ୍ ରହିଥିବା ଜଣାପଡ଼ିଛି। ସୋମାଲିଆର ଅଲ୍ ଶବାବ୍ ସଙ୍ଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ଆକ୍ରମଣକାରୀ ଦୁଇଟି କାର୍‌ରେ ଆସି ହୟାତ ହୋଟେଲରେ ବୋମା ପକାଇବା ସହ ଆଖିବୁଜା ଗୁଳିମାଡ଼ କରିଥିଲେ। ଏଥିରେ ହୋଟେଲର ଅଧିକାଂଶ ଭାଗ ନଷ୍ଟ ହୋଇଯାଇଥିବାବେଳେ ୪୦ ଜଣ ଆହତ ହୋଇଛନ୍ତି।

## ବ୍ରାହ୍ମଣଙ୍କ ଉପରେ ବିବାଦୀୟ ମନ୍ତବ୍ୟ: ଭାଜପାନେତା ନିଲମ୍ବିତ

**ଭୋପାଳ, ୨୦।୮:** ମଧ୍ୟପ୍ରଦେଶର ଗ୍ୱାଲିଅର୍-ଚମ୍ବାଲ ଅଞ୍ଚଳର ଭାଜପା ନେତା ପ୍ରୀତମ ସିଂ ଲୋଧିଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ନିକଟରେ ଅବନ୍ତିବାଇ ଲୋଧିଙ୍କ ଜନ୍ମ ବାର୍ଷିକୀ ପାଇଁ ଆୟୋଜିତ ସଭାରେ ଯୋଗ ଦେଇ ପ୍ରୀତମ


ପ୍ରୀତମ ସିଂ ଲୋଧି

କହିଥିଲେ, ଧର୍ମ ଆଳରେ ବ୍ରାହ୍ମଣମାନେ ଲୋକଙ୍କୁ ବୋକା ବନେଇବା ସହ ସେମାନଙ୍କୁ ହଇରାଣ କରୁଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

### ଅବକାରୀ ଦୁର୍ନୀତି ମାମଲା

## ଅଭିଯୁକ୍ତଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ,୨୦।୮:** ଦିଲ୍ଲୀ ଅବକାରୀ ନୀତି ଉଲ୍ଲଂଘନ ଦୁର୍ନୀତି ମାମଲାରେ ସିବିଆଇ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ଘର ସମେତ ୩୧ଟି ସ୍ଥାନରେ ଚଢ଼ାଉ କରିଥିଲା। ଏତଲାରେ ସିସୋଡିଆଙ୍କ ସମେତ ୧୫ ଅଭିଯୁକ୍ତ ରହିଥିବାବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସିବିଆଇ ଅଧିକାରୀମାନେ ଶନିବାର ଜେରା କରିଛନ୍ତି। ଜେରା କରାଯାଇଥିବା ଅଭିଯୁକ୍ତଙ୍କ ନାଁ ତଦନ୍ତକାରୀ ଏଜେନ୍ସି ପ୍ରକାଶ କରିନାହିଁ। ତେବେ ସିସୋଡିଆ ଏବଂ ୩ ଅବକାରୀ ଅଧିକାରୀଙ୍କ ବ୍ୟତୀତ ଏତଲାରେ ଦିନେଶ ଆରୋରା, ପେର୍‌ନଡ ରିକାର୍ଡର ପୂର୍ବତନ କର୍ମଚାରୀ ମନୋଜ ରାୟ, ଇଣ୍ଡୋସ୍ପିରିଟ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସମୀର ମହେନ୍ଦ୍ରୁ ପ୍ରମୁଖଙ୍କ ନାମ ରହିଛି।


ବର୍ଷାରେ ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲାରେ ଥିବା ଚକ୍କି ରେଲୱେ ବ୍ରିଜ୍ ଭାଙ୍ଗିଯାଇଛି।



ଶିମଲାର ଥିଓଗ୍‌ଠାରେ ଭୂସ୍ଖଳନ ଯୋଗୁ ଏକ କାର୍ ଭାଙ୍ଗିରୁଜି ଯାଇଛି।

# ଜଳପ୍ରଳୟ ନେଲା ୨୬ ଜୀବନ

**ଶିମ୍‌ଲା/ଡେରାଡୁନ୍, ୨୦।୮**

**■ହିମାଚଳରେ ବନ୍ୟା, ୨୨ ମୃତ**
**■ଭାଙ୍ଗିଗଲା ରେଲ୍‌ୱେ ବ୍ରିଜ୍**
**■ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା: ୪ ମୃତ**

ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଭୀଷଣ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନ ହୋଇଛି। ୨୪ ଘଣ୍ଟାରେ ଦୁଇ ରାଜ୍ୟରେ ଜଳପ୍ରଳୟ ଅନ୍ୟୂନ ୨୬ ଜଣଙ୍କ ଜୀବନ ନେଲାଣି। କେବଳ ହିମାଚଳ ପ୍ରଦେଶରେ ୨୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି। ଉତ୍ତରାଖଣ୍ଡରେ ୪ ଜଣଙ୍କ ଜୀବନ ଯାଇଛି। ଉଭୟ ରାଜ୍ୟରେ ବହୁସଂଖ୍ୟାରେ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ହିମାଚଳ ପ୍ରଦେଶର କାଙ୍ଗ୍ରା ଜିଲାରେ ଥିବା ଚକ୍କି ରେଲ୍‌ୱେ ବ୍ରିଜ୍ ଭାଙ୍ଗିଯାଇଛି। ଫଳରେ ଯୋଗୀନ୍ଦରନଗର-ପଠାନକୋଟ ରୁଟ୍‌ରେ ଯିବାକୁ ଥିବା ଟ୍ରେନ୍‌ଗୁଡ଼ିକୁ ବାତିଲ କରାଯାଇଛି।

ହିମାଚଳ ପ୍ରଦେଶରେ କାଙ୍ଗ୍ରା, ମଣ୍ଡି, ଚାମ୍ବା ଜିଲା ବ୍ୟାପକ ପ୍ରଭାବିତ ହୋଇଛି। ମଣ୍ଡି ଓ ଚମ୍ବାରେ ବାଦଲଫଟା ବର୍ଷା ହୋଇଛି। ଧର୍ମଶାଳାରେ ବର୍ଷା ପ୍ରାୟ ୬୦ ବର୍ଷର ରେକର୍ଡ ଭାଙ୍ଗିଛି। ଅନ୍ୟୂନ ୧୫ରୁ ୨୦ ଜଣ ପାଣିରେ ଭାସିଯାଇଛନ୍ତି। କେବଳ ମଣ୍ଡି ଜିଲାରେ ଭୂସ୍ଖଳନ ଯୋଗୁ ୧୨ ଜଣଙ୍କ ଜୀବନ ଯାଇଛି। ଅନେକ ସ୍ଥାନରେ ରାସ୍ତାରେ ଥିବା ଗାଡ଼ିଗୁଡ଼ିକ ଭାସିଯାଇଛି। ମଣ୍ଡିରେ ୬ ଜଣ ଥିବା ଏକ କାର୍ ଭାସିଯିବାରୁ ଗାଡ଼ିରେ ଥିବା ଜଣେ ୧୫ ବର୍ଷୀୟା ବାଳିକାଙ୍କ ମୃତଦେହ ଜବତ ହୋଇଛି। ଏହି ୩ ଜିଲାରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଘୋଷଣା କରାଯାଇଛି। ପ୍ରାୟ ୭୪୦ ରାସ୍ତାରେ ବର୍ଷା ଓ ବନ୍ୟା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ହୋଇଛନ୍ତି। ଅଗଷ୍ଟ ୨୮ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେଣୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା କୌଣସି ନଦୀ କିମ୍ବା ଝରଣା ନିକଟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଉତ୍ତରାଖଣ୍ଡରେ ବର୍ଷା ପ୍ରଳୟ ଜାରି ରହିଛି। ଏକାଧିକ ସ୍ଥାନରେ ବାଦଲଫଟା ବର୍ଷା ହୋଇଛି। ୧୦ରୁ ଊର୍ଦ୍ଧ୍ୱ ପାଣିରେ ଭାସି ନିଖୋଜ ଅଛନ୍ତି। ଋଷିକେଶ-ବଦ୍ରିନାଥ, ଋଷିକେଶ-ଗଙ୍ଗୋତ୍ରୀ ଜାତୀୟ ରାଜପଥ ବିଭିନ୍ନ ସ୍ଥାନରେ ଅବରୋଧ ହୋଇଛି। ସୋଙ୍ଗ ନଦୀ ଉପରେ ଥିବା ପୋଲ ଭାସିଯାଇଛି। ମଶୌରି ନିକଟରେ ଥିବା ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କେମ୍ପ୍ଟି ଫଲ୍‌ସରେ ବନ୍ୟାପାଣି ପଶିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଥାନୋ ସମେତ କେତେକ ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆବଶ୍ୟକ ପଡ଼ିଲେ ସେନାର ସହାୟତା ନିଆଯିବ ବୋଲି ସେ କହିଛନ୍ତି।

## ଗିରଫ ହୋଇପାରନ୍ତି ଇମ୍ରାନ



**ଇସ୍‌ଲାମାବାଦ,୨୦।୮(ପି.ଟି.)**

ନିଷିଦ୍ଧ ପାଣ୍ଠି ମାମଲାର ତଦନ୍ତ କରୁଥିବା ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ଆଇଏ) ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଗିରଫ କରିପାରେ। ସମନ ଜାରି ସତ୍ତ୍ୱେ ଇମ୍ରାନ ଏଫ୍‌ଆଇଏରେ ହାଜର ନ ହେବାରୁ ତାଙ୍କୁ ଶୁକ୍ରବାର ପୁନର୍ବାର ନୋଟିସ ଜାରି ହୋଇଛି। ୩ ଥର ନୋଟିସ ପରେ ତାଙ୍କୁ ଗିରଫ କରାଯାଇପାରିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଇମ୍ରାନ୍‌ଙ୍କ ଦଳ ଦ୍ୱାରା ଚାଲୁଥିବା ୫ଟି କମ୍ପାନୀକୁ ଏଫ୍‌ଆଇଏ ଠାବ କରିଛି। ଆମେରିକା, ଅଷ୍ଟ୍ରେଲିଆ, କାନାଡା, ବ୍ରିଟେନ ଏବଂ ବେଲ୍‌ଜିୟମରେ କାର୍ଯ୍ୟ କରୁଥିବା ଏହି କମ୍ପାନୀ ସମ୍ପର୍କରେ ଇମ୍ରାନ ନିର୍ବାଚନ କମିଶନଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରି ନ ଥିଲେ।

## ଲଦାଖରୁ ଅସୁସ୍ଥ ଇସ୍ରାଏଲ୍ ନାଗରିକଙ୍କୁ ଉଦ୍ଧାର କଲା ବାୟୁସେନା

**ଶ୍ରୀନଗର,୨୦।୮**

ଲଦାଖରେ ପାର୍ବତ୍ୟାଞ୍ଚଳ ଅସୁସ୍ଥତାରେ ପୀଡ଼ିତ ହେବା ସହ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଥିବା ଜଣେ ଇସ୍ରାଏଲୀ ନାଗରିକଙ୍କୁ ଭାରତୀୟ ବାୟୁସେନା ଉଦ୍ଧାର କରିଛି। ମର୍ଖା ଉପତ୍ୟକା ନିକଟ ନିମଲିଙ୍ଗ କ୍ୟାମ୍ପ୍‌ରେ ଥିବା ଇସ୍ରାଏଲୀ ନାଗରିକ ନୋଆମ ଗିଲ୍‌ଙ୍କୁ ତୁରନ୍ତ ଉଦ୍ଧାର କରିବା ଲାଗି ଶନିବାର ସକାଳେ ୧୧୪ ହେଲିକପ୍ଟର ୟୁନିଟ୍‌କୁ କଲ୍ ଆସିଥିଲା। ଗିଲ୍‌ଙ୍କ ଅକ୍ସିଜେନ୍ ସ୍ତର ୬୮କୁ ଖସିଯାଇଥିଲା। ୱିଙ୍ଗ କମାଣ୍ଡର ଆଶିଷ କପୁରଙ୍କ ନେତୃତ୍ୱରେ ଚାରି ଜଣିଆ ଟିମ୍ ୨୦ ମିନିଟ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ମିଶନକୁ ହାତକୁ ନେଇଥିଲା। ଜୋର୍‌ରେ ପବନ ବହିବା ସହ ଟର୍ବୁଲେଣ୍ଟ ସ୍ଥିତିରେ ସେମାନେ ୪୫ ମିନିଟରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ୩୦ ମିନିଟ ଖୋଜାଖୋଜି ପରେ ଏକ ସଙ୍କୀର୍ଣ୍ଣ ନଦୀ ଘାଟିରୁ ତାଙ୍କୁ ଠାବ କରାଯାଇଥିଲା। ପ୍ରତିକୂଳ ପାଗ ସତ୍ତ୍ୱେ ବହୁ କଷ୍ଟରେ ତାଙ୍କୁ ଲେହ ଅଣାଯାଇଥିବା ବାୟୁସେନା ମୁଖପାତ୍ର କହିଛନ୍ତି।


ନୂଆଦିଲ୍ଲୀର ବୀରଭୂମିଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସେମାନଙ୍କ ପିତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୮ତମ ଜନ୍ମବାର୍ଷିକୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ପାଖରେ ଜ୍ୱାଇଁ ରବର୍ଟ ଭଦ୍ରା ଉପସ୍ଥିତ ଅଛନ୍ତି।

## ମୁମ୍ବାଇରେ ରହିବାକୁ ୱାରାୱାରାଙ୍କୁ ନିର୍ଦ୍ଦେଶ

**ମୁମ୍ବାଇ,୨୦।୮**

ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଅଭିଯୁକ୍ତ କବି ତଥା ସାମାଜିକ କର୍ମୀ ପି. ୱାରାୱାରା ରାଓଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ସୁପ୍ରିମକୋର୍ଟ ଜାମିନ ମଞ୍ଜୁର କରିଥିଲେ। ସେ ମୁମ୍ବାଇରେ ରହିବା ସହ ବିନା ଅନୁମତିରେ ବାହାରକୁ ନ ଯିବା ଲାଗି ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ଶନିବାର ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ୱାରାୱାରା ତାଙ୍କ ବାସଭବନରେ ବାହାର ଲୋକଙ୍କୁ ଏକାଠି କରିପାରିବେ ନାହିଁ କିମ୍ବା ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ନ ହେବାକୁ ସର୍ତ୍ତ ରଖାଯାଇଛି। ସେହିପରି ମାମଲାର ସହଅଭିଯୁକ୍ତ କିମ୍ବା ଅନୁରୂପ କାର୍ଯ୍ୟ ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ କୌଣସି ପ୍ରକାର ଯୋଗାଯୋଗ ନ କରିବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି। ସୁପ୍ରିମକୋର୍ଟ ଗତ



୧୦ ତାରିଖରେ ୱାରାୱାରାଙ୍କୁ ଜାମିନ ମଞ୍ଜୁର କରିଥିବାବେଳେ ସ୍ୱତନ୍ତ୍ର ଅଦାଲତ ଜାମିନ ସର୍ତ୍ତାବଳୀ ଧାର୍ଯ୍ୟ କରିଛନ୍ତି। ଏନ୍‌ଆଇଏ କୋର୍ଟଙ୍କ ବିନା ଅନୁମତିରେ ସେ ମୁମ୍ବାଇ ବାହାରକୁ ଯାଇପାରିବେ ନାହିଁ। ସେ ଗ୍ରେଟର ମୁମ୍ବାଇସ୍ଥିତ ତାଙ୍କ ବାସଭବନର ସବିଶେଷ ଠିକଣା ଫୋନ୍ ନମ୍ବର କୋର୍ଟରେ ଦାଖଲ କରିବେ। ଏଥିସହିତ ତାଙ୍କ ସହ ରହୁଥିବା ୩ ଜଣ ସମ୍ପର୍କୀୟଙ୍କ ଯୋଗାଯୋଗ ନମ୍ବର ମଧ୍ୟ ଦାଖଲ କରିବାକୁ କୁହାଯାଇଛି।

## ସମ୍ମାନର ହକ୍‌ଦାର ଗର୍ଭବତୀ: ହାଇକୋର୍ଟ

**ନୂଆଦିଲ୍ଲୀ,୨୦।୮**

ପ୍ରତ୍ୟେକ ଗର୍ଭବତୀ ମହିଳା ମାତୃତ୍ୱ ସମୟରେ ସମ୍ମାନ ପାଇବା ପାଇଁ ହକ୍‌ଦାର ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଗର୍ଭବତୀଥିବା ଜଣେ ମହିଳା କଏଦୀଙ୍କ ୩ ମାସିଆ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ବେଳେ ବିଚାରପତି ଅନୁପ କୁମାର ମେଣ୍ଡିରାଓ୍ୱା ଏହା କହିଛନ୍ତି। ସେ ଆଉ ମଧ୍ୟ କହିଛନ୍ତି, ଜେଲ ଭିତରେ ପ୍ରସବ କରିବା କେବଳ ମହିଳାଙ୍କୁ ଘାତକ ଦେଇ ନ ଥାଏ ବରଂ ଏହା ନବଜାତ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ପ୍ରତ୍ୟେକ ଗର୍ଭବତୀ ମହିଳା ସମ୍ମାନ ପାଇବା ପାଇଁ ଯୋଗ୍ୟ ବୋଲି ଭାରତୀୟ ସମ୍ବିଧାନର ଆର୍ଟିକଲ୍ ୨୧ରେ ଉଲ୍ଲେଖ ରହିଛି। ମହିଳା ଜଣକ ରହୁଥିବା ଜେଲ୍‌ରେ ପ୍ରସବ ପାଇଁ କୌଣସି ସୁବିଧା ନ ଥିବାବେଳେ ତାଙ୍କୁ ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲରେ ପ୍ରସବ କରିବା ଲାଗି ରେଫର କରାଯାଇଛି। ହାଇକୋର୍ଟ ୨୦ ହଜାର ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ମହିଳାଙ୍କୁ ୩ ମାସର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଅପହରଣ ଓ ହତ୍ୟା ଉଦ୍ୟମ କରୁଥିବା ଅଭିଯୋଗରେ ମହିଳାଙ୍କୁ ଜେଲ ଦଣ୍ଡ ମିଳିଛି।

## 'କଶ୍ମୀର ସମସ୍ୟା ସମାଧାନ ପାଇଁ ଯୁଦ୍ଧ ବିକଳ୍ପ ନୁହେଁ'

**ଇସ୍‌ଲାମାବାଦ, ୨୦।୮**

ଭାରତ ସହ ପାକିସ୍ତାନ ସ୍ଥାୟୀ ଶାନ୍ତି ଚାହେଁ। କଶ୍ମୀର ପ୍ରସଙ୍ଗ ସମାଧାନ କରିବା ପାଇଁ ଯୁଦ୍ଧ କେବେ ଏକ ବିକଳ୍ପ ନୁହେଁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର କହିଛନ୍ତି। ହାର୍ଭାର୍ଡ ୟୁନିଭର୍ସିଟିର ଏକ ପ୍ରତିନିଧି ଦଳକୁ ସମ୍ବୋଧିତ କଲାବେଳେ


ଶେହବାଜ୍ ଶରିଫ୍

ଶେହବାଜ କହିଥିଲେ, ଜାତିସଂଘର ସଂକଳ୍ପନାମା ଅନୁସାରେ କଶ୍ମୀର ପ୍ରସଙ୍ଗର ସମାଧାନ ସହ କ୍ଷେତ୍ରୀୟ ଶାନ୍ତି ଜଡ଼ିତ। କୂଟନୈତିକ ମାଧ୍ୟମରେ ଭାରତ ସହ ପାକ୍ ଶାନ୍ତିପୂର୍ଣ୍ଣ ସମ୍ପର୍କ ଚାହେଁ। ଉଭୟ ଦେଶ ଆଉ ଏକ ଯୁଦ୍ଧର ପରିଣାମ ଭୋଗିବା ପାଇଁ ଚାହାନ୍ତି ନାହିଁ ବୋଲି ସେ କହିଛନ୍ତି।

## କେଜ୍‌ରିୱାଲ, ସିସୋଡିଆ ଦୋଷମୁକ୍ତ


ଅରବିନ୍ଦ କେଜ୍‌ରିୱାଲ ମନୀଷ ସିସୋଡିଆ ଯୋଗେନ୍ଦ୍ର ଯାଦବ

**ନୂଆଦିଲ୍ଲୀ,୨୦।୮**

### ମାନହାନି ମାମଲା

ଏକ ମାନହାନି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ପୂର୍ବତନ ଏଏପି ନେତା ଯୋଗେନ୍ଦ୍ର ଯାଦବଙ୍କୁ ଦିଲ୍ଲୀର ଏକ ଅଦାଲତ ଶନିବାର ଦୋଷମୁକ୍ତ କରିଛନ୍ତି। ଆଇନଜୀବୀ ତଥା ପୂର୍ବତନ ଏଏପି କର୍ମୀ ସୁରେନ୍ଦ୍ର ଶର୍ମା ସେମାନଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ। ଅଭିଯୋଗ ଅନୁଯାୟୀ ଶର୍ମାଙ୍କୁ ୨୦୧୩ ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ଏଏପି ଟିକେଟ ଦେଇଥିଲା। ପରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣି ଶେଷ ମୁହୂର୍ତ୍ତରେ ତାଙ୍କ ଟିକେଟକୁ ବାତିଲ କରିଦିଆଯାଇଥିଲା। ମିଛ ରିପୋର୍ଟକୁ ନେଇ କେଜ୍‌ରିୱାଲ ତାଙ୍କ ବିରୋଧରେ ଅସମ୍ମାନଜନକ ଶବ୍ଦ ବ୍ୟବହାର କରିଥିବା ଶର୍ମା ଅଭିଯୋଗ କରିଥିଲେ।

# ଜୈବିକ ଆକ୍ରମଣ ଆଶଙ୍କାରେ ତାଇୱାନ

**ତାଇପେଇ, ୨୦।୮**

**■କୋଭିଡ୍ କଟକଣା କଡ଼ାକଡ଼ି**
**■ବିଦେଶୀଙ୍କ ପାଇଁ ବିମାନବନ୍ଦରରେ ବାହାର ଖାଦ୍ୟ ମନା**

ଚାଇନା-ତାଇୱାନ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଥିବାବେଳେ ବେଜିଂ ଏହି ଦ୍ୱୀପରାଷ୍ଟ୍ର ଉପରେ ଜୈବିକ ଅସ୍ତ୍ର ପ୍ରୟୋଗ କରିପାରେ ବୋଲି ତାଇପେଇ ଆଶଙ୍କା କରିଛି। କରୋନା ଭୂତାଣୁ ଚାଇନାର ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରୁ ସୃଷ୍ଟି କରାଯାଇଥିବା ଦାବି କରାଯାଉଥିବାବେଳେ ସେପରି କିଛି ଭାଇରସ୍ ବେଜିଂ ତାଇୱାନ ଆକ୍ରମଣ ପାଇଁ ବ୍ୟବହାର କରିପାରେ। ଅଗଷ୍ଟ ୩ରେ ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ତାଇୱାନ ଗସ୍ତ ପରେ ଚାଇନା ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଛି। ସମରାଭ୍ୟାସ ସହ ବାରମ୍ବାର ବେଜିଂ ଯୁଦ୍ଧବିମାନ ଏବଂ ଜାହାଜ ତାଇୱାନ ବାୟୁସୀମା ଓ ଜଳସୀମା ଲଂଘୁଛି। ଏସବୁ ସହ ଏବେ ତାଇୱାନ କୌଣସି ଭୂତାଣୁ କିମ୍ବା ଜୀବାଣୁ ଆକ୍ରମଣ ସହ ଲଢ଼ିବା ପାଇଁ ମଧ୍ୟ ପ୍ରସ୍ତୁତି କରୁଛି। ଏହାକୁ ଦୃଷ୍ଟିରେ ରଖି ତାଇୱାନ ସରକାର କୋଭିଡ୍ କଟକଣା କଡ଼ାକଡ଼ି କରିଛନ୍ତି। ବିମାନବନ୍ଦରରେ କୋଭିଡ ଟେଷ୍ଟ ବାଧ୍ୟତାମୂଳକ ହୋଇଥିବାବେଳେ ବାହାରୁ ଖାଦ୍ୟସାମଗ୍ରୀ ଆମଦାନୀ ଉପରେ ନଜର ରଖାଯାଇଛି। ବାହାରୁ ଆସୁଥିବା ଯାତ୍ରୀ ସେମାନଙ୍କ ସ୍ୱାସ୍ଥ୍ୟ ରିପୋର୍ଟ ଦେବାକୁ କୁହାଯାଇଛି। ଏକ ଫର୍ମରେ ସେମାନଙ୍କ ପରିଚୟ ଏବଂ କ୍ୱାରାଣ୍ଟାଇନ ଠିକଣା ଦେବାକୁ ପଡୁଛି। ଖାଦ୍ୟ ସାମଗ୍ରୀରେ ସ୍ୱାଇନ୍ ଫ୍ଲୁ, ଏଚ୍୧ଏନ୍୧ ଭାଇରସ୍ ଏବଂ ଅନ୍ୟ ରୋଗସୃଷ୍ଟିକାରୀ ଭୂତାଣୁ ଓ ଜୀବାଣୁ ଥିବା ଆଶଙ୍କାରେ କୌଣସି ଯାତ୍ରୀଙ୍କୁ ତାଇୱାନ ଏୟାରପୋର୍ଟକୁ ଖାଦ୍ୟ ଆଣିବାକୁ ବାରଣ କରାଯାଇଛି। ବିଦେଶୀ ନାଗରିକ ସ୍ଥାନୀୟ ସିମ୍ ନେବା ବାଧ୍ୟତାମୂଳକ। ତାଇୱାନ ସେନା ରସାୟନିକ କିମ୍ବା ଜୈବିକ ଯୁଦ୍ଧର ମୁକାବିଲା କରିବା ପାଇଁ ସ୍ୱତନ୍ତ୍ର ଭାବେ ତାଲିମ ନେଇଛନ୍ତି।



ତାଇୱାନ୍ ଏୟାରପୋର୍ଟରେ ଜଣେ ବିଦେଶୀ ନାଗରିକ ନାମ ପଞ୍ଜୀକରଣ କରୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୦୧,୫୧,୯୫୭ | ୬୪,୭୦,୩୫୭ | ୫୭,୪୧,୭୬,୮୫୦ |
| ଭାରତ | ୪,୪୩,୨୨,୮୯୦ | ୫,୨୭,୨୮୯ | ୪,୩୬,୯୯,୪୩୫ |
| ଓଡ଼ିଶା | ୧୩,୨୪,୭୭୪ | ୯୧୬୨(+୫୩) | ୧୩,୧୨,୯୦୧ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏବେ ବି ୪.୭୨ ଲକ୍ଷ ଜଳବନ୍ଦୀ



ମୟୂରଭଞ୍ଜ ଜିଲା ଜମ୍ବୀରା ନଦୀର ବନ୍ୟା ଜଳ ବାରିପଦା-ରାସଗୋବିନ୍ଦପୁର ମୁଖ୍ୟ ରାସ୍ତାର ବାଛୁରୀପାଳଠାରେ ପ୍ରବାହିତ ହୋଇ ଯାତାୟାତ ବ୍ୟାହତ ହୋଇଛି।

- ସୁବର୍ଣ୍ଣରେଖାରେ ବଡ଼ଧରଣର ବନ୍ୟା ଆଶଙ୍କା
- ୫ ପ୍ରମୁଖ ନଦୀର ଜଳସ୍ତର ବଢୁଛି
- ବନ୍ୟାରେ ୧୮୬୬, ଲଗାଣ ବର୍ଷାରେ ୩୯୧୬ ଘର ଭାଙ୍ଗିଛି

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଉତ୍ତର ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଦୁର୍ବଳ ହୋଇ ଝାଡ଼ଖଣ୍ଡ ଏବଂ ଛତିଶଗଡ଼କୁ ଚାଲିଯାଇଛି। ଫଳରେ ଓଡ଼ିଶାରେ ବର୍ଷା ପରିମାଣ ହ୍ରାସପାଇଛି। ଆସନ୍ତା ସପ୍ତାହେ ଯାଏ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଲଘୁଚାପ ଯୋଗୁ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାର ଭୋଗରାଇରେ ୨୨୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କନ୍ଧମାଳର ଫିରିଙ୍ଗିଆରେ ୨୧୧, ଟିକାବାଲିରେ ୧୯୬, ଚକାପାଦରେ ୧୮୬, ସମ୍ବଲପୁରରେ ୧୮୫.୨, ମୟୂରଭଞ୍ଜର କୁସୁମିରେ ୧୭୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା ନଦୀର ଜଳ ପତ୍ତନ ବୃଦ୍ଧିପାଉଛି। ଫଳରେ ବନ୍ୟା ଆଶଙ୍କା ଦେଖାଦେଇଛି। ଶନିବାର ରାତି ୮ଟାରେ ଝାଡ଼ଖଣ୍ଡର ଗାଲୁଡିହରେ ୧୪ଟି ଗେଟ୍ ଖୋଲାଯିବା ଯୋଗୁ ସୁବର୍ଣ୍ଣରେଖା ନଦୀରେ ବଡ଼ଧରଣର ବନ୍ୟା ଆଶଙ୍କା ଉପୁଜିଛି। ଏନେଇ ସତର୍କ ରହିବାକୁ ମୟୂରଭଞ୍ଜ, ବାଲେଶ୍ୱର ଜିଲାପାଳଙ୍କୁ କୁହାଯାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟର ବନ୍ୟାସ୍ଥିତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍ଆରସି ଜେନା କହିଛନ୍ତି ଯେ, ଲଘୁଚାପ ଅବପାତରେ ପରିଣତ ହୋଇ ଓଡ଼ିଶା ଅତିକ୍ରମ କରିସାରିଛି। ଏବେ ହୀରାକୁଦରେ ୪ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଆବଶ୍ୟକ ସ୍ଥଳେ ଉକ୍ତ ୪ଟି ଗେଟ୍‌କୁ ମଧ୍ୟ ବନ୍ଦ କରି ଦିଆଯାଇପାରେ। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୯୬ ହଜାର ୧୮୬ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ ଲକ୍ଷ ୨ ହଜାର ୬୮୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ମହାନଦୀର ଖଇରମାଳଠାରେ ୫ ଲକ୍ଷ ୯୦ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ବଡ଼ମୂଳଠାରେ ୭ ଲକ୍ଷ ୬୬ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସେହିପରି ମୁଣ୍ଡଳିଠାରେ ୮ ଲକ୍ଷ ୩୫ ହଜାର ୬୭୨ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ମୁଣ୍ଡଳୀ ସମେତ ସବୁ ସ୍ଥାନରେ ଜଳସ୍ତର କ୍ରମଶଃ ହ୍ରାସପାଉଛି ବୋଲି ଏସ୍ଆରସି କହିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ଦ୍ୱାରା ୧୩ ଜିଲାର ୭୩ ବ୍ଲକ୍ ୬୦୭ ପଞ୍ଚାୟତର ୨୨୩୨ ଗ୍ରାମ ପ୍ରଭାବିତ ହୋଇଛି। ୭୬୩ ଗ୍ରାମ ପାଣିଘେରରେ ରହିଥିବା ବେଳେ ୪ ଲକ୍ଷ ୭୨ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ପ୍ରାୟ ୭ ଲକ୍ଷ ୧୩ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଏହି ସବୁ ଅଞ୍ଚଳର ୨୪୮ ରିଲିଫ୍ କେନ୍ଦ୍ରରେ ୧ ଲକ୍ଷ ୪ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବନ୍ୟାରେ ୧୮୬୬ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ଲଗାଣ ବର୍ଷାରେ ୩୯୧୬ ଘର ଭାଙ୍ଗିଯାଇଛି। ସେହିପରି ଲଗାଣ ବର୍ଷାରେ ୮ ଜିଲାର ୫୨ ବ୍ଲକ ୨୬୩ ପଞ୍ଚାୟତ ଅଧୀନ ୫୨୪ ଗ୍ରାମର ୨୬,୯୮୨ ଲୋକ ପ୍ରଭାବିତ ହୋଇଛନ୍ତି। ଏହି ଅଞ୍ଚଳରେ ୧୪ ରିଲିଫ୍ କେନ୍ଦ୍ରରେ ୨ ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି।

ଲଘୁଚାପଜନିତ ବର୍ଷାରେ ରାଜ୍ୟରେ ହାରାହାରି ୪୨.୬ ମିଲିମିଟର ବର୍ଷା ହୋଇଥିବାବେଳେ କନ୍ଧମାଳରେ ସର୍ବାଧିକ ୧୩୫.୫ ମି.ମି., ମୟୂରଭଞ୍ଜରେ ୧୨୫.୨ ମି.ମି., ବୌଦ୍ଧରେ ୯୮.୮ ମି.ମି., ବାଲେଶ୍ୱରରେ ୯୭.୧ ମି.ମି., କଳାହାଣ୍ଡିରେ ସର୍ବାଧିକ ୯୨.୬ ମି.ମି. ବର୍ଷା ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୩ ଲକ୍ଷ ୮୭ ହଜାର ବିଦ୍ୟୁତ୍ ଉପଭୋକ୍ତା କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୩ ଲକ୍ଷ ୬୪ ହଜାର ଲୋକଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୬୩ ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲା ଯାଇଥିବାବେଳେ ୧୧୫ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଚିକିତ୍ସା ଟିମ୍ ମୁତୟନ ହୋଇଛନ୍ତି। ୪୨ ହଜାର ଓଆରଏସ୍ ପ୍ୟାକେଟ୍, ୧ ଲକ୍ଷ ୭୭ ହଜାର ହାଲୋଜିନ୍ ବଟିକା ବଣ୍ଟାଯାଇଛି। ଏହି ସମୟ ମଧ୍ୟରେ ୬୭୦୦ ସାଧାରଣ ରୋଗର ଚିକିତ୍ସା କରାଯାଇଥିବାବେଳେ ୧୨ ସାପ କାମୁଡ଼ା ଘଟଣାର ଚିକିତ୍ସା କରାଯାଇଛି। ଗୋସମ୍ପଦର ସୁରକ୍ଷା ପାଇଁ ବନ୍ୟାଞ୍ଚଳରେ ୧୯୩ ଭେଟେରିନାରି ଟିମ୍ ନିୟୋଜିତ ହୋଇଛନ୍ତି। ୪୦୭ କ୍ୟାମ୍ପ ଆୟୋଜିତ ହୋଇଥିବାବେଳେ ୧୮ ହଜାରରୁ ଊର୍ଦ୍ଧ୍ୱ ପ୍ରାଣୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ୧୦ ଜିଲାକୁ ୬୧୩.୯୮୩ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟାଞ୍ଚଳରେ ୧୬୦ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଥିବାବେଳେ ୯ ପାଇପ୍ ଲାଇନ୍‌କୁ ସ୍ୱାଭାବିକ କରାଯାଇଛି। ୬୧୮ ନଳକୂପକୁ ବିଶୋଧନ କରାଯାଇଛି। ୧ ଲକ୍ଷ ୫୦ ହଜାର ପାଣି ବୋତଲ, ୭ ଲକ୍ଷ ୫୦ ହଜାର ପାଣି ପାଉଚ୍ ବଣ୍ଟାଯାଇଛି। ୧୫୩ ଭ୍ରାମ୍ୟମାଣ ଜଳ ଯୋଗାଣ ଟ୍ୟାଙ୍କର ନିୟୋଜିତ କରାଯାଇଛି ବୋଲି ଏସ୍ଆରସି କହିଛନ୍ତି।

# ବୈତରଣୀରେ କୁମ୍ଭୀର, ଲୋକେ ଭୟଭୀତ



ଆନନ୍ଦପୁର ପଞ୍ଚାୟତଠାରେ ନଦୀରେ ଭାସୁଥିବା କୁମ୍ଭୀର।

ଧାମନଗର,୨୦।୮ (ଡି.ଏନ୍.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଆନନ୍ଦପୁର ପଞ୍ଚାୟତର ନିର୍ମାଣାଧୀନ ବୈତରଣୀ ସେତୁ ନିକଟରେ ଶନିବାର ଅପରାହ୍ନରେ ନଦୀରେ ଏକ କୁମ୍ଭୀର ଦେଖିବାକୁ ମିଳିଛି। କୁମ୍ଭୀରକୁ ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ତେବେ ନଦୀରେ କୁମ୍ଭୀର ଭାସୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।ସ୍ଥାନୀୟ ଯୁବକମାନେ ସେତୁ ଉପରେ ଠିଆ ହୋଇ ବନ୍ୟା ପାଣି ଦେଖୁଥିବା ବେଳେ ଏକ କୁମ୍ଭୀର ନଜରକୁ ଆସିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସେଠାରେ ଶତାଧିକ ଲୋକଙ୍କ ଭିଡ଼ ଜମିଥିଲା। କୁମ୍ଭୀରଟି ଧୀରେ ଧୀରେ ଆନନ୍ଦପୁର ଘାଟରୁ ତଳକୁ ଉତେଇପୁର ଆଡ଼କୁ ନଦୀରେ ଯାଇଥିଲା। ଉତେଇପୁର ଅଞ୍ଚଳରେ ଲୋକେ ଡଙ୍ଗା ସାହାଯ୍ୟରେ ଜାଲ ଧରି ନଦୀରେ କୁମ୍ଭୀର ଖୋଜିଥିଲେ। ଏନେଇ ଧାମନଗର ବନ ବିଭାଗ ପାଖରେ କୌଣସି ଖବର ନ ଥିବା ରେଞ୍ଜର କୁଶ ଚରଣ ସିଂ ପ୍ରକାଶ କରିଛନ୍ତି। ତେବେ ମିଠା ପାଣି ପାଇ କୁମ୍ଭୀର ଉପରକୁ ଉଠି ଆସିଥିବ। ପୁଣି ତଳକୁ ପଳାଇଯିବ ବୋଲି ସେ କହିଛନ୍ତି।

# ମହାନଦୀରେ ଭାସିଗଲା ୨ ଡଙ୍ଗା



ଉଦ୍ଧାର ହୋଇଥିବା ଯାତ୍ରୀମାନେ ବାହାକୁଦ ଘାଟକୁ ଫେରୁଛନ୍ତି।

- ଟୁବି ନିକଟ ଟାପୁରେ ଲାଗିଲା, ୫୦ ଯାତ୍ରୀ ସୁରକ୍ଷିତ
- ପୋଲିସ, ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

ମହାକାଳପଡ଼ା,୨୦।୮(ଡି.ଏନ.ଏ.)

ଶନିବାର ସନ୍ଧ୍ୟାରେ ମହାନଦୀରେ ଏକ ଅଭାବନୀୟ ଘଟଣା ଘଟିଛି। ପାରାଦୀପ ମୂଷାଡିଆରୁ ୫୦ ଜଣ ଯାତ୍ରୀ, ବାଇକ୍ ଓ ସାଇକେଲ ନେଇ ବାହାକୁଦ ଘାଟକୁ ଆସୁଥିବା ଏକ ଡଙ୍ଗାର ମେଶିନ୍ ବେଲ୍ଟ ନଦୀ ମଝିରେ ଛିଡ଼ିଯାଇଥିଲା। ଫଳରେ ଅନ୍ଧକାର ରାତିରେ ଡଙ୍ଗାଟି ପ୍ରଖର ସ୍ରୋତରେ ଭାସିଯାଇଥିଲା। ଏ ସଂକ୍ରାନ୍ତରେ ଖବର ପାଇ ଅନ୍ୟ ଏକ ଡଙ୍ଗାରେ ଥିବା ଲୋକମାନେ ଉଦ୍ଧାର କରିବାକୁ ଯାଇଥିଲେ। କିନ୍ତୁ ସେହି ଡଙ୍ଗାଟି ବି ପ୍ରଖର ସ୍ରୋତରେ ମୁହାଣ ଅଭିମୁଖେ ଭାସିଯାଇଥିଲା। ଖବର ପାଇ ଜମ୍ବୁ ସାମୁଦ୍ରିକ ଥାନା ପୋଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କ ଏକ ଟିମ୍ ହାଇସ୍ପିଡ୍ ବୋଟ୍ ନେଇ ମୁହାଣ ଅଭିମୁଖେ ଯାଇଥିଲେ। ଭାସିଯାଇଥିବା ଡଙ୍ଗା ବଟୀଘର ପଞ୍ଚାୟତ ଟୁବି ନିକଟ ଏକ ଟାପୁରେ ଲାଗିଥିଲା। ସେଠାରେ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଯାତ୍ରୀମାନଙ୍କୁ କୂଳକୁ ଫେରାଇ ଆଣିବାକୁ ଲାଗିପଡିଥିଲେ। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଳ୍ପ କେତେଜଣ ଯାତ୍ରୀ କୂଳକୁ ଫେରିଥିଲେ। ଉଦ୍ଧାର ପ୍ରକ୍ରିୟା ଜାରି ରହିଥିଲା। ମହାକାଳପଡ଼ା ବିଡିଓ ଦେବାଶିଷ ରାଉତ ଓ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ବାହାକୁଦ ଘାଟ ନିକଟରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିଲେ। ଉଦ୍ଧାର ପରେ ଘାଟ ଚଳାଉଥିବା ବୋଟ୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ କହିଛନ୍ତି। ସୂଚନାଥାଉ କି ଡଙ୍ଗାରେ ଥିବା ଯାତ୍ରୀମାନେ ଶ୍ରମିକ ଶ୍ରେଣୀର। ସେମାନେ ମହାକାଳପଡ଼ା ବ୍ଲକ୍ ଅଧୀନ ରାମନଗର, ଖରିନାଶି, ଜମ୍ବୁ ଅଞ୍ଚଳରୁ ପ୍ରତିଦିନ କାମ କରିବାକୁ ପାରାଦୀପ ଶିଳ୍ପାଞ୍ଚଳକୁ ଡଙ୍ଗାରେ ଯାଇଥାନ୍ତି।

# ଏମ୍ସ ୫ମ ମହଲାରୁ ଡେଇଁ ରୋଗୀ ମୃତ

- ସ୍ତ୍ରୀ ଆଗରେ ଡେଇଁପଡ଼ିଲେ ସ୍ୱାମୀ
- ଗୋଡ଼ରେ ଘା' ହେବାରୁ ମେଡିକାଲରେ ହୋଇଥିଲେ ଭର୍ତ୍ତି
- ଦିନେ କି ଦୁଇଦିନ ମଧ୍ୟରେ ଡିସ୍‌ଚାର୍ଜ ହୋଇଥାନ୍ତେ
- ଆତ୍ମହତ୍ୟାର କାରଣ ଅସ୍ପଷ୍ଟ

ଭୁବନେଶ୍ୱର,(ବ୍ୟୁରୋ)୨୦।୮

ରାଜଧାନୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ରେ ଏକ ଦୁଃଖଦ ଘଟଣା ଘଟିଛି। ଶନିବାର ପୂର୍ବାହ୍ନ ୧୧ଟାରେ ମେଡିକାଲର ୫ମ ମହଲାରୁ ଡେଇଁ ଜଣେ ରୋଗୀ ଜୀବନ ହାରିଛନ୍ତି। ସ୍ତ୍ରୀଙ୍କ ଆଗରେ ସ୍ୱାମୀ ଜୀବନ ହାରିବା ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି। ମୃତକ ଜଣଙ୍କ ହେଲେ ଏମ୍ସର ପ୍ଲାଷ୍ଟିକ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିବା ପୁରୀ ଜିଲା ଚନ୍ଦନପୁର ବ୍ଲକ ବୀରପ୍ରତାପପୁର ଅଞ୍ଚଳର ମହେନ୍ଦ୍ର ସ୍ୱାଇଁ। ତେବେ ସେ ତଳକୁ କାହିଁକି ଡେଇଁ ଆତ୍ମହତ୍ୟା କଲେ ତା'ର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ରୋଗ ଯନ୍ତ୍ରଣା ସହ୍ୟ କରି ନ ପାରି ମହେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସ୍ତ୍ରୀ ତାଙ୍କୁ ହୁଇଲ ଚେୟାରରେ ବୁଲାଉଥିବାବେଳେ ମହେନ୍ଦ୍ର ହଠାତ ଚେୟାରରୁ ୫ ମହଲାରେ ଥିବା ବାଲକୋନିରୁ ତଳକୁ ଡେଇଁ ପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ କାଜୁଆଲିଟି ବିଭାଗକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ମହେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାନୁସାରେ, ମହେନ୍ଦ୍ର ଗ୍ରାମରେ ପରିବା ବିକ୍ରି କରୁଥିବାବେଳେ ସ୍ତ୍ରୀ ବନିତା ମନ୍ଦିର ସାମ୍ନାରେ ଦୀପ ବିକ୍ରି କରି ଗୁଜରାଣ ମେଣ୍ଟାନ୍ତି। ହେଲେ କୌଣସି କାରଣରୁ ମହେନ୍ଦ୍ରଙ୍କ ବାମ ଗୋଡ଼ରେ ଘା' ହୋଇଥିଲା। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ଗତ ଜୁଲାଇ ୧୧ ତାରିଖରେ ମହେନ୍ଦ୍ର ଏମ୍ସର ପ୍ଲାଷ୍ଟିକ ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିଲେ। ପ୍ରଥମେ ଅସ୍ତ୍ରୋପଚାର କରାଯିବା ପରେ ଜଙ୍ଘରୁ ମାଂସ ନିଆଯାଇ ବାମ ଗୋଡ଼ ଘା' ସ୍ଥାନରେ ପ୍ଲାଷ୍ଟିକ୍ ସର୍ଜରୀ କରାଯାଇଥିଲା। ଆସନ୍ତା ଦିନେ କିମ୍ବା ୨ଦିନ ମଧ୍ୟରେ ସେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥାନ୍ତେ। ହେଲେ ହଠାତ୍ ମହେନ୍ଦ୍ର ବାହାରକୁ ଟିକେ ପବନ ଖାଇ ଆସିବାକୁ ସ୍ତ୍ରୀଙ୍କୁ କହିଥିଲେ। ସ୍ୱାମୀ ମହେନ୍ଦ୍ରଙ୍କ କଥା ରଖି ବନିତା ହୁଇଲ ଚେୟାରରେ ବୁଲାଉଥିବାବେଳେ ମହେନ୍ଦ୍ର ଚେୟାରରୁ ଉଠି ପଡ଼ି ପଞ୍ଚମ ମହଲାର ବାଲ୍‌କୋନି ବାଡ଼ାରେ ଚଢ଼ିଯାଇଥିଲେ। ଏହି ସମୟରେ ସ୍ତ୍ରୀ ତାଙ୍କ ଶାର୍ଟକୁ ଭିଡ଼ି ଅଟକେଇବାକୁ ଉଦ୍ୟମ କରୁଥିବାବେଳେ ଶାର୍ଟ ଚିରିଯାଇଥିଲା ଏବଂ ମହେନ୍ଦ୍ର ସିଧା ତଳେ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଏମ୍ସ ଜନସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

# ଜଳବାହିତ ରୋଗ: ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ରାଜ୍ୟର ୧୨ଟି ଜିଲାରେ ଏବେ ବନ୍ୟା ପରିସ୍ଥିତି ଲାଗି ରହିଛି। ବନ୍ୟା ପାଣି କମିବା ପରେ ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ବନ୍ୟା ଯୋଗୁ ପାଣି ସଂକ୍ରମିତ ହୋଇଥିବାରୁ ଝାଡ଼ାବାନ୍ତି, ଜଣ୍ଡିସ, ଟାଇଫଏଡ୍ ଭଳି ଜଳବାହିତ ରୋଗ ରୋଗ ବ୍ୟାପିଲେ ଏହାର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ନଳକୂପ ଓ କୁଅକୁ ବିଶୁଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି। ଜନସାଧାରଣଙ୍କୁ ପରାମର୍ଶ ଦେଇ ସେ କହିଛନ୍ତି, ପାଣି ଫୁଟାଇ କିମ୍ବା ପାଣିରେ ହାଲୋଜେନ ବଟିକା ପକାଇ ପିଅନ୍ତୁ। ସବୁବେଳେ ସ୍ୱଚ୍ଛ ପାଣି ପିଇବା ଏବଂ ପର୍ଯ୍ୟାକ୍ରମେ ହାତକୁ ସାବୁନରେ ଧୋଇବା ଉଚିତ। ବନ୍ୟା ପ୍ରଭାବିତ ଅଞ୍ଚଳରେ ବ୍ୟାପକ ଭାବେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସରକାର ସେସବୁ ସ୍ଥାନରେ ସ୍ୱାସ୍ଥ୍ୟ ଦଳକୁ ନିୟୋଜିତ କରିବାକୁ ଯୋଜନା କରୁଛନ୍ତି। ସମ୍ଭାବ୍ୟ ଜଳବାହିତ ରୋଗ ଉପରେ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିଛି। ଲୋକଙ୍କ ଚିକିତ୍ସା ପାଇଁ ବିଭାଗର ରାପିଡ୍ ରେସପନ୍ସ ଟିମ୍(ଆର୍ଆର୍‌ଟି) ଜିଲା ସ୍ତରରେ ନିୟୋଜିତ ହୋଇଛନ୍ତି। ଆବଶ୍ୟକ ପଡ଼ିଲେ ସେମାନେ ରୋଗୀଙ୍କୁ ଡାକ୍ତରଖାନା ନେଇପାରିବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଯୁକ୍ତ୨ ନାମଲେଖା ଅବଧି ବଢ଼ିଲା

## ୩୦ ଯାଏ ନାମଲେଖାଇ ପାରିବେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ୨ ନାମଲେଖା ଅବଧିକୁ ରାଜ୍ୟ ସରକାର ୫ଦିନ ବୃଦ୍ଧି କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଅନୁମୋଦନକ୍ରମେ ପରିବର୍ତ୍ତିତ ନାମଲେଖା କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଛି। ବର୍ତ୍ତମାନ ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ସଂସ୍କୃତରେ ପ୍ରଥମ ପର୍ଯ୍ୟାୟ ନାମଲେଖା ଚାଲିଛି। ଏହା ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବାବେଳେ ୨୫ ତାରିଖରେ ସରିବାର ଥିଲା। କିନ୍ତୁ ଏହାକୁ ପରିବର୍ତ୍ତନ କରାଯାଇଛି। ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ନାମଲେଖା ଅବଧିକୁ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ମନୋନୀତ ହୋଇଛନ୍ତି, ସେମାନଙ୍କ ନାମଲେଖା ପାଇଁ ଆଉ ୫ଦିନ ସୁଯୋଗ ମିଳିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅବଧି ସେପ୍ଟେମ୍ବର ୫ରୁ ୭ ତାରିଖ ରହିଥିଲା। ଏବେ ତାହାକୁ ସେପ୍ଟେମ୍ବର ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ସ୍ପଟ୍ ନାମଲେଖା ସେପ୍ଟେମ୍ବର ୧୫ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା। ତାହା ଏବେ ୧୭ ରୁ ୨୦ ତାରିଖ ମଧ୍ୟରେ ହେବ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଯୁକ୍ତ୨ ନାମଲେଖା ପାଇଁ ୪,୮୦,୭୦୪ ଛାତ୍ରୀଛାତ୍ର ଆବେଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୪,୦୪,୪୦୦ ଛାତ୍ରୀଛାତ୍ର ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ସାଧାରଣ ବର୍ଗରେ ୩,୨୫,୪୩୩ଜଣ ଥିବାବେଳେ ଏସ୍‌ସି ୩୮,୮୪ ଓ ଏସ୍‌ଟିରେ ୩୮,୬୨୩ଜଣ ରହିଛନ୍ତି। ବାକି ଛାତ୍ରୀଛାତ୍ର ଅନ୍ୟ ୪ ବର୍ଗରେ ରହିଛନ୍ତି। ପ୍ରଥମ ଦିନରେ ୫୦ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। କିନ୍ତୁ ରାଜ୍ୟରେ ବନ୍ୟା ସ୍ଥିତି ଜାରି ରହିଥିବାରୁ ନାମଲେଖା ଅବଧି ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ଓଡ଼ିଶା ଅଭିଭାବକ ମହାସଂଘ ମଧ୍ୟ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ଅନୁରୋଧ କରିଥିଲା। ଯୁକ୍ତ୨ ନାମଲେଖା ଅବଧି ବୃଦ୍ଧି କରାଯାଇପାରେ ବୋଲି ପୂର୍ବରୁ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ଏବେ ନାମଲେଖା ଅବଧି ବୃଦ୍ଧିକରାଯାଇଥିବାରୁ ଛାତ୍ରୀଛାତ୍ର ଖୁସିବ୍ୟକ୍ତ କରିବା ସହିତ ସରକାରଙ୍କ ପଦକ୍ଷେପକୁ ସ୍ୱାଗତ କରିଛନ୍ତି।

# ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ନାଁରେ ରାଶନ କାର୍ଡ

ମାଲକାନଗିରି,୨୦।୮(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଜ ସ୍ତ୍ରୀଙ୍କ ନାଁରେ ରାଶନ କାର୍ଡ କରାଇଥିବା ଅଭିଯୋଗ ହୋଇଛି। ଏମିତି କି ମ୍ୟୁନିସିପାଲିଟି ଲ୍ୟାଣ୍ଡ ରାଇଟ୍‌ସରେ ଜମି ପଟ୍ଟା ହାତେଇବା ପାଇଁ ଏହି କାର୍ଡ ବ୍ୟବହାର କରାଯାଇଛି। ମାଲକାନଗିରି ଡେପୁଟି କଲେକ୍ଟର ଲଳିତ ମଣ୍ଡଳଙ୍କ ସ୍ତ୍ରୀ ବିନୋତାରାନି ମଣ୍ଡଳଙ୍କ ନାଁରେ ରାଶନ କାର୍ଡ ରହିଥିବା ଜଣାପଡ଼ିବା ପରେ ତାଙ୍କୁ ପୌର ପରିଷଦ ପକ୍ଷରୁ ନୋଟିସ କରାଯାଇଛି।

ସୂଚନାଯୋଗ୍ୟ, ଯେଉଁ ବ୍ୟକ୍ତି ଦୀର୍ଘ ବର୍ଷ ଧରି ସରକାରୀ ଜାଗାରେ ରହି ଆସୁଛନ୍ତି ତାଙ୍କୁ ସରକାରୀ ନିୟମ ଅନୁଯାୟୀ ମ୍ୟୁନିସିପାଲିଟି ଲ୍ୟାଣ୍ଡ ରାଇଟ୍‌ସରେ ଜମି ପଟ୍ଟା ପ୍ରଦାନ କରାଯିବ। ତେବେ ଏହି ପଟ୍ଟା ପାଇଁ ରାଶନ କାର୍ଡଧାରୀ ୧୦,୮୦୦ ଟଙ୍କା ଖଜଣା ଦେବାର ନିୟମ ଥିବାବେଳେ ଆର୍ଥିକ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ୬୫,୦୦୦ ଟଙ୍କା ଖଜଣା ଆକାରରେ ଦେବାକୁ ପଡ଼ିବ। ମାଲକାନଗିରି ଡେପୁଟି କଲେକ୍ଟରଙ୍କ ସ୍ତ୍ରୀଙ୍କ ନାଁରେ ଡିଏନ୍‌କେ ସହରାଞ୍ଚଳ ବସ୍ତିରେ ଏକ ଜାଗା ରହିଛି। ୨୦୨୦ରେ ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ ନିମନ୍ତେ ନିୟମ ହେବାପରେ ସର୍ଭେ କରାଯାଇଥିଲା। ଏହି ସମୟରେ ବିନୋତାରାନିଙ୍କ ନାମ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ପଟ୍ଟା ପ୍ରଦାନବେଳେ ପୌର ପରିଷଦ ପକ୍ଷରୁ ରାଶନ କାର୍ଡ ମଗଯିବାରୁ ବିନୋତାରାନି ତାହା ଦାଖଲ କରିଥିଲେ। ଉକ୍ତ ସମୟରେ ସେ ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ଥିବା ସତ୍ତ୍ୱେ ଅଧିକ ଖଜଣା ପଇଠରୁ ବର୍ତ୍ତିବା ଲାଗି ରାଶନ କାର୍ଡ ଦେଇଥିଲେ। ତେବେ ରାଶନ କାର୍ଡରେ ସ୍ୱାମୀଙ୍କ ନାମ ନ ରହି ବାପାଙ୍କ ନାଁ ଉଲ୍ଲେଖ ଥିବାରୁ ତାଙ୍କ ପରିଚୟ ସାମ୍ନାକୁ ଆସି ନ ଥିଲା। ଫଳରେ ବିନୋତାରାନିଙ୍କୁ ସ୍ୱଳ୍ପ ଖଜଣାରେ ପଟ୍ଟା ମିଳିଥିଲା। ପରବର୍ତ୍ତୀ ସମୟରେ ସେ ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ବୋଲି ଜଣାପଡ଼ିବା ପରେ ତାଙ୍କୁ ନୋଟିସ କରାଯାଇଛି। ଏ ନେଇ ମାଲକାନଗିରି ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ସେ କହିଛନ୍ତି, ବିନୋତାରାନି ଡେପୁଟି କଲେକ୍ଟରଙ୍କ ସ୍ତ୍ରୀ ବୋଲି ଜଣାପଡ଼ିବା ପରେ ତାଙ୍କ ନାମରେ ହୋଇଥିବା ପଟ୍ଟା ବାବଦକୁ ଅଧିକ ଖଜଣା ଦେବା ପାଇଁ ନୋଟିସ କରାଯାଇଛି। ସେହିପରି ଏ ବିଷୟରେ ଡେପୁଟି କଲେକ୍ଟର ଲଳିତ ମଣ୍ଡଳଙ୍କୁ ପଚାରିବାରୁ ସେ କହିଛନ୍ତି, ବିବାହ ପୂର୍ବରୁ ଶ୍ୱଶୁରଙ୍କ ନାଁରେ ରାଶନ କାର୍ଡ ଥିଲା। ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁଯାୟୀ ବସ୍ତିବାସିନ୍ଦାଙ୍କ ସର୍ଭେ ସମୟରେ ସ୍ତ୍ରୀଙ୍କ ନାମରେ ପଟ୍ଟା ହୋଇଛି। ତେବେ ସ୍ତ୍ରୀଙ୍କୁ କରାଯାଇଥିବା ନୋଟିସ ବିଷୟରେ ଅଧିକ କିଛି ଜାଣି ନ ଥିବା ସେ କହିଛନ୍ତି। ମାଲକାନଗିରିରେ ଏମିତି ଆଉ କେତେଜଣ ସରକାରୀ ପଦବୀରେ ଥିବା ଅଧିକାରୀଙ୍କ ସମ୍ପର୍କୀୟଙ୍କ ନାଁରେ ରାଶନ କାର୍ଡ ରହିଛି ତାହାର ତଦନ୍ତ ନିମନ୍ତେ ବୁଦ୍ଧିଜୀବୀ ଦାବି କରିଛନ୍ତି।



Government Of Odisha/ଓଡ଼ିଶା ସରକାର
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ
Ration Card/ରେସନ କାର୍ଡ

Ration Card No/ ରେସନ କାର୍ଡ ନଂ : 21091311400
Ration Card Type/ ରେସନ କାର୍ଡର ପ୍ରକାର : ଅଗ୍ରାଧିକାର ପରିବାର/PHH
Head of Household/ପରିବାରର ମୁଖ୍ୟ : ବିନୋତାରାନି ମଣ୍ଡଳ

| ମୁଖ୍ୟଙ୍କ ଲିଙ୍ଗ | ତାଙ୍କ ସ୍ୱାମୀ/ସ୍ତ୍ରୀ ଙ୍କ ନାମ | ତାଙ୍କ ପିତାଙ୍କ ନାମ |
|---|---|---|
| ମହିଳା | | ବିମଳ ମଣ୍ଡଳ |

Mobile No/ମୋବାଇଲ୍ ନଂ : 8763129898
NPR Family ID :
Present Address/ ବର୍ତ୍ତମାନର ଠିକଣା
House No. : 00 WARD NO-15
Village/Locality : Nurshry Ro ULB : MALKANGIRI MPL
District : MALKANGIRI
FPS Code and Name /ସୁଲଭ ମୂଲ୍ୟ ଦୋକାନର କୋଡ୍ ଓ ନାମ :
2109W038-MOUSAMI WSHG
Electricity Connection Status/ ବିଦ୍ୟୁତ୍ ସଂଯୋଗ : No
Distribution Company : Consumer Number :
Division :
Gas Connection Status/ ଗ୍ୟାସ ସଂଯୋଗ : No
Consumer Number : Agency :
Old Ration Card No :
Ration Per Month : ୫ କେଜି ଚାଉଳ (ପ୍ରତ୍ୟେକ ପିଛା)
Total Family Members/ପରିବାରର ସଦସ୍ୟ ସଂଖ୍ୟା : 1
Date of issue of card
30/07/2022
FSCW Department, Govt. of Odisha.
Issuing Authority

## ପୌର ପରିଷଦ ପକ୍ଷରୁ ନୋଟିସ

# ଇଂଲିଶ ପ୍ରଫେସରଙ୍କୁ ଆକ୍ରମଣ କଲେ ସ୍ତ୍ରୀ

ଗୋପାଳପୁର,୨୦।୮(ଡି.ଏନ୍.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ କାର୍ଯ୍ୟାଳୟ ପରିସରରେ କବାଟ କିଳି ଇଂଲିଶ ବିଭାଗ ଆସୋସିଏଟ୍ ପ୍ରଫେସରଙ୍କୁ ତାଙ୍କ ସ୍ତ୍ରୀ ଶନିବାର କୌଣସି କାରଣକୁ ନେଇ ପିଟିଥିବାର ଏକ ଭିଡିଓ ଭାଇରାଲ ହୋଇଛି। ଘଟଣାସ୍ଥଳରେ ଉପସ୍ଥିତ ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଅନ୍ୟକର୍ମଚାରୀମାନେ ଉଭୟଙ୍କୁ କବାଟ ଖୋଲିବାକୁ କହିଥିଲେ ମଧ୍ୟ ସେମାନେ ଖୋଲି ନ ଥିଲେ। ପରେ କବାଟ ଖୋଲିବାରୁ ପ୍ରଫେସରଙ୍କୁ ତାଙ୍କ ସ୍ତ୍ରୀ ପିଟୁଥିବା ଦେଖିବାକୁ ମିଳିଥିଲା। ଏହାର କାରଣ ଜଣାପଡ଼ିନଥିବା ବେଳେ ଗୋପାଳପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଙ୍କୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନୂଆ କୋଲ୍ ବ୍ଲକ ଅଞ୍ଚଳ ପାଇଁ ହେବ ବନ୍ୟଜନ୍ତୁ ପରିଚାଳନା ଯୋଜନା

ଭୁବନେଶ୍ୱର,୨୦।୮(ବ୍ୟୁରୋ)-ଖଣି ଖନନ ଯୋଗୁ ରାଜ୍ୟରେ ବନ୍ୟଜନ୍ତୁଙ୍କ ଜୀବନ ବିପନ୍ନ ହେଉଛି। ନୂତନ ଭାବେ ପ୍ରଦାନ କରାଯାଇଥିବା କୋଇଲା ଖଣି ଅଞ୍ଚଳରେ ହାତୀ ସମେତ ବନ୍ୟ ଜୀବଜନ୍ତୁମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏକ ସମନ୍ୱିତ ବନ୍ୟଜନ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଶନିବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନା ଜାତୀୟ ଗାଇଡ୍‌ଲାଇନ ଅନୁଯାୟୀ ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନ କିମ୍ବା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଦ୍ୱାରା ଏକ ନିର୍ଦ୍ଧାରିତ ସମୟରେ ପ୍ରସ୍ତୁତ କରାଯିବ। ବନ୍ୟଜନ୍ତୁ ପରିଚାଳନା ଯୋଜନା ତୁରନ୍ତ ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ବୈଠକରେ ସୂଚନା ଦେଇ କହିଛନ୍ତି ଯେ ଉତ୍କଳ ଇଷ୍ଟ କୋଲ୍, ରାଧିକାପୁର ଇଷ୍ଟ କୋଲ, ରାଧିକାପୁର ୱେଷ୍ଟ କୋଲ ଏବଂ ନୈନୀକୋଲ ବ୍ଲକ ନୂତନ ଭାବେ ଆବଣ୍ଟନ କରାଯାଇଛି। ଏହି ସବୁ କୋଲ୍ ବ୍ଲକ ଅନୁଗୋଳ ବନଖଣ୍ଡ ଓ ଦେବଗଡ଼ ଜିଲା ରିଆମାଳ ବନଖଣ୍ଡ ଅଧୀନରେ ଥିବା ଛେଣ୍ଡିପଦା, କଣିହାଁ, ଝାରପଡ଼ା ଆସୁଛି। ଏହି ସବୁ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଉପରେ ପ୍ରଭାବ ପଡ଼ିବା ଆଶଙ୍କା ରହିଛି। ବନ୍ୟଜନ୍ତୁଙ୍କ ଉପରେ ପଡ଼ିବାକୁ ଥିବା ପ୍ରତିକୂଳ ପ୍ରଭାବକୁ ଏଡ଼ାଇବା ପାଇଁ ତୁରନ୍ତ ବନ୍ୟଜନ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିବାକୁ ଜଙ୍ଗଲ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।


# classifieds Everyday
0674-2580101, 2549302




## BRIDE WANTED

Suitable bride require for brahmin groom for details contact: 7978409094. D-73714

Teli Groom 40/5'8" never married B.Tech(IIT) MS(USA) Ph.D(EU) Senior Lecturer(UK) Father Retired Bank Manager. 7588272410 amar.ncu@gmail.com. D-1277

**IT Engineer working in Pune, Age 34/5'4". Needed slim, Bengali / Kurmi Mahato bride, 25-30, 5'0"-5'4", contact: 7546843576.** D- 1310

## GROOM WANTED

ବୟସ-36, BSNL Department Job ସୁନ୍ଦର ବିଧବା ବ୍ରାହ୍ମଣ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7894489867. D-1317

58 ବୟସ୍କା ଏକାକୀ ରହୁଥିବା ପେନ୍‌ସନ୍ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 8658185147. D-1316

27 ବୟସ୍କା Government ଚାକିରିଆ ଗୋଟିଏ ଶିଶୁ ଥିବା ସୁନ୍ଦର ବ୍ରାହ୍ମଣ ଝିଅଙ୍କୁ any caste ପୁଅ ଦରକାର। 7008080967. D-1309




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

Residential Lavanya project plot at Olatpur (near SVNirtar hospital) for sale by owner. Only genuine buyer call 7978168941. D-1315

Booking open for 2BHK and 3BHK flats at Badagad Canal road, Bhubaneswar. Contact: 9124721060. D-71351

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630. D-1220

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1143

5BHK Triplex 55,00,000/- finishing Hanspal, 3BHK duplex 20,00,000/- Balianta - 8093465134. D-73346

ସ୍ଥିତିବାନ ଘରବାରି ପ୍ଲଟ୍ ପାଚେରି ସହିତ ବିକ୍ରିହେବ। ଉତ୍ତରା ଟଙ୍କପାଣିରୋଡ୍ ପାଖରେ। 9861201010. D-73856

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

Bhubaneswar Gangapada Maharaja କଲେଜକୁ ଲାଗି 1500sqft. plot-12,75,000/- ନେଇ ଘର କରନ୍ତୁ। (40 plot available). 9938016295. D-73298

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

ପୁରୀ ମେରାଇନ୍ ଡ୍ରାଇଭ୍ roadକୁ ଲାଗି commercial, sub plot ଘରବାଡ଼ି ସହିତ ମିଳୁଛି। 9692213354. D-73954

**ଜାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର New Railway Stationରୁ 400mtr ଦୂରତାରେ yellowzone-sqft.-650/-, ବାରଙ୍ଗ-ତ୍ରିଶୁଳିଆ NH sideରେ sqft.-1500/- (SC plot available). 9078371787.** D-73290

**Residential gharabari plot at Brahmanjharilo, Cuttack with boundary wall, electripole, inside Temple on Bank Loan facilities near English Medium High School, 6K.M. from Phulnakhara, 11K.M. from Bhubaneswar. 7809525452.** D-73950

Low cost plot sqft.-180/- to 290/- near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ immediate possession road ସହିତ ମିଳୁଛି। 9692213354. D-73955

**ନଖରା East କଲେଜଠାରୁ 2.5k.m. ଦୂରତାରେ @870/- ପାଚେରି ଥାଇ Govt. Medical ନିକଟରେ ଘରବାରି ପ୍ଲଟ୍ ମିଳୁଛି। 9348152874.** D-73291

## PURCHASE

Required flats independent houses GA plots from direct owner's Bhubaneswar. 6371090682. D-68298




Do you want to construct buildings on your own plot. Contact: 7008268129, 9439143273. D-71352

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73297




Shoproom (10'x10') 2Nos. opposite Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1287

**3 Storey Building at Satyasai Enclave near Amri Hospital, Bhubaneswar with all modern facilities having 7 Rooms, 5 Toilets, Conference Room, suitable for Corporate Office / Company Guest House, Rent: 85,000/- Contact: 8104625041.** D-1298




Refresh your body with best therapist Ashirvad Panchakarma harbal SPA Kesarimall. 8926173473. D-73951

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage, ladies and gents. 7846923244. D-73956

Newly open SPA positively health benefit with expert. Contact: 7749976301. D-73859

Fullbody relax massage refresh your body with trend therapist. 7008773793. D-73635

Newly open full body massage 1099 free massage one. Mo: 9583808247. D-1164




ଘରେ କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି? ବିଳମ୍ବ ନକରି ଯୋଗାଯୋଗ "ଆଷ୍ଟ୍ରୋବାସ୍ତୁ ସମାଧାନ।" 7978736177. D-68297

## AFFIDAVIT

By virtue of an affidavit before the Executive Magistrate, Jagatsinghpur on dtd. 23.03.2022 I have changed my surname from Dhirendra Kumar Behera to Dhirendra Kumar Mohapatra, S/o- Late Natabar Behera of Village/ PO/ P.S./ Dist.- Jagatsinghpur and also my Wife shall be known as Sasmita Mohapatra in place of Sasmita Behera and also my Son will be known and recognised as Biswajeet Mohapatra instead of Biswajeet Behera for all purposes. D-1313

### ଅଧ୍ୟାପକଙ୍କ ଶିକ୍ଷାରେ Ph.D. ଉପାଧି ଲାଭ



ଅଧ୍ୟାପକ ଶ୍ରୀ ନିର୍ମଳ ଚନ୍ଦ୍ର ଦାଶ Education for sustainable development in online learning environment ଉପରେ University of Gubenburgର Associate prof. IRMA BRKOXIC ଙ୍କ ତତ୍ତ୍ୱାବଧାନରେ ଗବେଷଣା କରି ରୟାଲ ଆମେରିକାନ୍ ବିଶ୍ୱବିଦ୍ୟାଳୟ USAରୁ ଶିକ୍ଷାରେ Ph.D. ଲାଭ କରିଛନ୍ତି। ତାଙ୍କର ସନ୍ଦର୍ଭଟି Chalmor University of Technologyର Prof. Magdalena Svanstrom ଏବଂ Dawn Sandersଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଛି। ଏହି ଗବେଷଣାଲବ୍ଧ ସଫଳତା ପାଇଁ ଗବେଷକ ଡଃ ନିର୍ମଳ ଚନ୍ଦ୍ର ଦାଶ ପ୍ରଜ୍ଞାଶୀଳ ଓ ନିଷ୍ଠାପର ଦିଗ୍‌ଦର୍ଶନ ପାଖରେ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗବେଷକ ଦେବଗଡ଼ ଜିଲ୍ଲାର ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ, ବୁଢ଼ାପାଳ ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଡଃ ନିର୍ମଳ ଚନ୍ଦ୍ର ଦାଶ ଅନୁଗୋଳ ଜିଲ୍ଲାର ନୂଆହତା ଗ୍ରାମନିବାସୀ ଶ୍ରୀମତୀ ବାସନ୍ତୀ ଦାଶ ଏବଂ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଦାଶଙ୍କର ଜ୍ୟେଷ୍ଠପୁତ୍ର ଅଟନ୍ତି। ଏହି ସଫଳତା ପାଇଁ ଡଃ ଦାଶ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ତାଙ୍କର ଗାଇଡ୍, ପିତା, ମାତା, ଧର୍ମପତ୍ନୀ-ଜ୍ୟୋତ୍ସ୍ନାରାଣୀ ମିଶ୍ର, ପୁତ୍ର: ଅର୍ପିତ୍, ଝିଅ-ଦେବାଂଶୀ ଏବଂ ସାଙ୍ଗସାଥୀଙ୍କୁ ଶୁଭେଚ୍ଛା ଏବଂ ଧନ୍ୟବାଦ ଅର୍ପଣ କରିଛନ୍ତି। ୧୩୧୪

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହୋଇଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ବାହୁନି
ଘର ଥିଲେ ଛାଉଣି।

ଗୁଣୀ ବ୍ୟକ୍ତିଙ୍କୁ ସମାଜରେ ଆଦର ସମ୍ମାନ ମିଳିଥାଏ, ଯଶ କୀର୍ତ୍ତି ପ୍ରାପ୍ତ ହୋଇଥାଏ। ମୃତ୍ୟୁ ପରେ ମଧ ତାଙ୍କ ଗୁଣଗାନ କରାଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସେହିପରି ଚାଳଘର ଥିଲେ ପ୍ରତିବର୍ଷ ଛାଉଣି ବା ଛପର କରିବା ଆବଶ୍ୟକ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଗାଈ ଭିତରେ ବଉଳା
ବନ୍ଧୁ ଭିତରେ ମଉଳା।

ବଉଳା ଗାଈ ଦୁଧିଆଳି। ଗାଈ ମଧରେ ବଉଳା ଗାଈ ସବୁଠୁ ଉତ୍ତମ ବୋଲି ଜଣାଯାଇଥାଏ। ସେହିପରି ଯେତେ ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ହାଇୱା ସହ ଡ୍ରାଇଭର ଜୀବନ୍ତ ଦଗ୍ଧ



## ବିଦ୍ୟୁତ୍ ତାର ଲାଗି ଜଳିଗଲା

ଟେନ୍‌ସା,୨୦।୮(ଡି.ଏନ୍.ଏ.)
ଶନିବାର ସକାଳେ ସୁନ୍ଦରଗଡ଼ ଜିଲା ଟେନ୍‌ସା-କୋଇଡ଼ା ରାସ୍ତାର ବନଦୁର୍ଗା ମନ୍ଦିର ଘାଟି ତଳେ ଏକ ଅଭାବନୀୟ ଘଟଣା ଘଟିଛି। ୧୧ କେ.ଭି. ବିଦ୍ୟୁତ୍ ତାର ଲାଗି ଏକ ହାଇୱା ଜଳିଯିବା ସହ ଜୀବନ୍ତ ଦଗ୍ଧ ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ ସନ୍ଦୀପ କୁମାର ବିଶ୍ୱକର୍ମା(୩୫)। ଘର ଝାଡ଼ଖଣ୍ଡ ରାଜ୍ୟର ଦେଉଡ଼ିଆରେ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ସକାଳ ୮ଟା ସମୟରେ କୋଇଡ଼ା ଥାନା ଅନ୍ତର୍ଗତ ବନଦୁର୍ଗା ଘାଟି ତଳେ ଓଡି ୦୯କେ-୩୮୩୫ ନମ୍ବରର ହାଇୱାଟି କୌଣସି କାରଣରୁ ଛଡ଼ା ହୋଇଥିଲା। ତେବେ ବର୍ଷା ଯୋଗୁ ଗାଡ଼ି ଡାଲାରେ ପାଣି ଥିବାରୁ ଡ୍ରାଇଭର ଡାଲାଟି ଟେକିଦେଇଥିଲେ। ଫଳରେ ଉପରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଲାଗିଯିବାରୁ ହାଇୱାଟି ଜଳି ଉଠିଥିଲା। ଏ ନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଟେନ୍‌ସା ଫାଣ୍ଡି ଅଧିକାରୀ ଅଶୋକ ବେହେରା ଓ କୋଇଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ବିଦ୍ୟୁତ୍ ବିଭାଗକୁ ଫୋନ କରି ଲାଇନ୍ କଟାଯିବା ସହ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ଏଥିରେ ହାଇୱାର ଅର୍ଦ୍ଧାଧିକ ଅଂଶ ଜଳିଯାଇଛି। ତେବେ ସେତେବେଳକୁ ନିଆଁରେ ଜଳିଯାଇ ଡ୍ରାଇଭର ସନ୍ଦୀପଙ୍କ ମୃତ୍ୟୁ ଘଟିସାରିଥିଲା। ପୋଲିସ ସେଠାରୁ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି। ପରିବାର ଲୋକେ ଆସି ପହଞ୍ଚିଲେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି କୋଇଡ଼ା ଥାନା ଅଧିକାରୀ ଲୋକେଶ୍ୱର ସାହୁ ପ୍ରକାଶ କରିଛନ୍ତି। ହାଇୱା ମାଲିକ କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ବୋଲି ଜଣାଯାଇଛି। ଏ ନେଇ କୋଇଡ଼ା ଥାନାରେ କେସ୍ ନଂ.୧୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ସରକାରୀ କଲେଜରେ ୩୩୪ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର, ୨୦।୮(ବ୍ୟୁରୋ)
ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଡିଗ୍ରୀ ମହାବିଦ୍ୟାଳୟରେ ୩୩୪ଜଣ ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତ ହେବେ। ଏମାନଙ୍କ ମଧ୍ୟରେ ୧୮ଜଣ ଶାରୀରିକ ଶିକ୍ଷା ପ୍ରଶିକ୍ଷକ (ପିଇଟି), ୨୫ଜଣ କନିଷ୍ଠ ଗ୍ରନ୍ଥାଗାରିକ(ଜୁନିୟର ଲାଇବ୍ରେରିଆନ) ଓ ୨୯୧ଜଣ ବିଜ୍ଞାନାଗାର ସହାୟକ ତଥା ଭଣ୍ଡାର ରକ୍ଷକ(ଲାବରେଟୋରି ଆସିଷ୍ଟାଣ୍ଟ-କମ୍-ଷ୍ଟୋର୍ କିପର) ଅଛନ୍ତି। ନବନିଯୁକ୍ତ ଶିକ୍ଷକ ଓ ଅଣଶିକ୍ଷକଙ୍କ ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ଅପରାହ୍ନ ସାଢ଼େ ୫ଟାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ଅବସରରେ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉପସ୍ଥିତ ରହି ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି।

ପ୍ରଥମ ପୃଷ୍ଠାରୁ...

## ଅଟକିଛି ୮ରେଳ...

ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅଟକି ରହିଛି। ଜମି ଯୋଗାଇବାରେ ବିଳମ୍ବ ହେଉଥିବାରୁ କାମ ଆଗେଇ ପାରୁ ନ ଥିବା ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ କହୁଛନ୍ତି। ଏକଥାକୁ ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମଧ ସ୍ୱୀକାର କରିଛନ୍ତି। ଜମି ଅଧିଗ୍ରହଣ ଭୂ-ଅର୍ଜନର ବିଭିନ୍ନ ଧାରା ଅନୁଯାୟୀ କରାଯାଇଥାଏ । ଏହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପାଦନ କରାଯାଏ। ଏଥିଯୋଗୁ ଜମି ଅଧିଗ୍ରହଣ ବିଳମ୍ବ ହେଉଥିବା ନେଇ ମନ୍ତ୍ରୀ ବିଧାନସଭାରେ ଦେଇଥିବା ଉତ୍ତରରେ କହିଛନ୍ତି। ସେହିପରି ଦେବଗଡ଼, ନବରଙ୍ଗପୁର, କନ୍ଧମାଳ, ମାଲକାନଗିରି ଜିଲାରେ ମଧ ରେଳ ସଂଯୋଗ ନାହିଁ। ଏଥିପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ବଜେଟରେ ଅର୍ଥ ବରାଦ କରିବାକୁ ପ୍ରତି ବର୍ଷ କହି ଆସୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ମୁମ୍ବାଇରେ ୨୬/୧୧ ଭଳି ...

ମୁମ୍ବାଇ ଟ୍ରାଫିକ୍ ପୋଲିସ ପାଇଥିବା ହ୍ୱାଟ୍ସଆପ୍ ବାର୍ତ୍ତା ଅନୁଯାୟୀ, ଆକ୍ରମଣ ପାଇଁ ୬ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ମୁମ୍ବାଇକୁ ଉଡ଼ାଇଦେବା ଲାଗି ପ୍ରସ୍ତୁତି ଚାଲିଛି, ଯାହା ୨୬/୧୧ ଆକ୍ରମଣର ସ୍ମୃତିକୁ ମନେ ପକାଇଦେବ। ଏହି ଧମକପୂର୍ଣ୍ଣ ବାର୍ତ୍ତାକୁ ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ଏହାର ତଦନ୍ତ ଲାଗି ସମସ୍ତ ଏଜେନ୍ସିକୁ ଜଣାଇଦିଆଯାଇଥିବା ମହାରାଷ୍ଟ୍ର ଗୃହମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ କହିଛନ୍ତି। ଭାରତର ଫୋନ୍ ନମ୍ବରକୁ ପାକିସ୍ତାନରୁ ହ୍ୟାକ୍ କରାଯାଇଥାଇପାରେ। ଉକ୍ତ ନମ୍ବରକୁ ଖୋଜି ବାହାର କରିବା ଲାଗି କ୍ରାଇମ୍ ବ୍ରାଞ୍ଚ ତଦନ୍ତ ଚଳାଇଛି। ମୁମ୍ବାଇର ବୋରିଭାଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ପୋଲିସ କମିଶନର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୦୮ ନଭେମ୍ବର ୨୬ରେ ପାକିସ୍ତାନର ୧୦ ଜଣ ସଶସ୍ତ୍ର ଆତଙ୍କବାଦୀ ସମୁଦ୍ର ପଥରେ ମୁମ୍ବାଇ ଆସି ଭୟାବହ ଆକ୍ରମଣ ଚଳାଇଥିଲେ। ଏଥିରେ ୧୬୬ ଜଣଙ୍କ ମୃତ୍ୟୁ ହେବା ସହ ୩୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶନିଙ୍କ ପ୍ରଭାବରୁ କାମଗୁଡ଼ିକ ଟିକିଏ ବିଳମ୍ବ ଓ ଝାମେଲା ଭିତରେ ହିଁ ହେବ। ଆଜିର ଯାତ୍ରା, ଶିଳ୍ପ, ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ତଥା ପରିବହନ ପାଇଁ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି । ଗୁରୁତ୍ୱପୂର୍ଣ୍ଣ କାମଟି ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ।

**ବୃଷ** ପାରିବାରିକ ସମସ୍ୟା ରବିଙ୍କ ପ୍ରଭାବରୁ କୌଣସି ବୟସ୍କ ବ୍ୟକ୍ତିଙ୍କ ସହାୟତାରେ ସମାଧାନ ହୋଇଯିବ। କର୍ମକ୍ଷେତ୍ରର ବିଭିନ୍ନ ଘଟଣାବଳୀ ମନକୁ ବାରମ୍ବାର ଆଲୋଡ଼ିତ କରିପାରେ। ରାହୁଙ୍କ କୁପ୍ରଭାବରୁ ଶେଷ ସମୟରେ ନିଷ୍ପତ୍ତି ବଦଳାଇବା ସକାଶେ ମନସ୍ଥ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ।

**ମିଥୁନ** ଚତୁର୍ଥକେନ୍ଦ୍ରସ୍ଥ ସ୍ୱଗୃହୀ ବୁଧଙ୍କ ଶୁଭତ୍ୱ କାରଣରୁ ସ୍ୱାସ୍ଥ୍ୟ ଠିକ୍ ରହିବା ସାଙ୍ଗକୁ ପାରିବାରିକ ଓ କର୍ମକ୍ଷେତ୍ର ମନ୍ଦ ହେବନି। ବନ୍ଧୁମାନଙ୍କ ଦ୍ୱନ୍ଦ୍ୱାତ୍ମକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଆର୍ଥିକ ପରିସ୍ଥିତି ଭଲ ରହିବା ହେତୁ କୌଣସି ନୂତନ ଯୋଜନା ପାଇଁ ମନ ବଳାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ।

**କର୍କଟ** ଏକାଦଶସ୍ଥ ଶୁକ୍ର ଓ ଚନ୍ଦ୍ର ହେତୁ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟରେ କାର୍ଯ୍ୟ ହାସଲ କରିବେ। ନିଜ ଲୋକଙ୍କ ଉପରେ ରାଗି ବିନା କାରଣରେ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ।

**ସିଂହ** ସ୍ୱଗୃହୀ ରବି ଓ ବୁଧଙ୍କ ପ୍ରଭାବରୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। ସାହାଯ୍ୟ ଲାଭ କରି ଅଟକି ରହିଥିବା କାମଟି ହୋଇଯିବ। ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ଚକ୍ଷୁଶୂଳ ହୋଇପାରନ୍ତି।

**କନ୍ୟା** ଗ୍ରହସ୍ଥିତିର ଅନୁକୂଳତା ହେତୁ କୌଶଳ ପ୍ରୟୋଗ କରି କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିପାରିବେ। ଅଷ୍ଟମସ୍ଥ ରାହୁଙ୍କ ଯୋଗୁ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବେ। ଅପୂରଣୀୟ ଆଶା ମନକୁ ବାରମ୍ବାର ଆନ୍ଦୋଳିତ କରିବା କାରଣରୁ ଅଶାନ୍ତ ରହିବେ। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।

**ତୁଳା** ରାଶିରେ ପାପଗ୍ରହ କେତୁ ଅବସ୍ଥାନ କରୁଥିବାରୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ। ପ୍ରତିଯୋଗିତା, ମାଲି ମକଦ୍ଦମା ଓ ବିବାଦୀୟ ଘଟଣାରେ ବିଜୟଲାଭ ଅବଶ୍ୟମ୍ଭାବୀ। ଆବଶ୍ୟକ ସମୟରେ ପାଖରେ ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ବନ୍ଧୁଙ୍କ ସଦ୍ଭାବ ସାଙ୍ଗକୁ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ ଓ ସ୍ନେହ, ସଦିଚ୍ଛା ଲାଭ କରିବେ ।

**ବିଛା** ଚନ୍ଦ୍ର ମଙ୍ଗଳଙ୍କ ସୁପ୍ରଭାବରୁ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। ଅନୁରାଧା ନକ୍ଷତ୍ର ଯୋଗୁ ଅନ୍ୟମନସ୍କ କିମ୍ବା ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହୋଇପାରେ। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚ ବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଆର୍ଥିକ ସ୍ଥିତି ଭଲ ରହିବ। କ୍ରୀଡ଼ା, କଳା, ସାହିତ୍ୟ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ।

**ଧନୁ** ଆଜି ସକାଳୁ ଘର କଥା ଓ ପିଲାଙ୍କ କିଛି ବ୍ୟତିକ୍ରମ ହେତୁ ମନ ଅସ୍ଥିର ରହିବ। ବୁଧଙ୍କ ଶୁଭତ୍ୱ ହେତୁ ଆଜିର ଯାତ୍ରା, ପରିବହନ, ବ୍ୟବସାୟ ମାନ୍ଦା ହେବ ନାହିଁ। ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ବିପରୀତ ମନ୍ତବ୍ୟ ଦେବେ।

**ମକର** ଶୁକ୍ରଙ୍କ ସପ୍ତମସ୍ଥିତି ହେତୁ ଆଜି ସକାଳୁ ସକାଳୁ ଯେଉଁ କାମରେ ବାହାରିଛନ୍ତି ସେଥିରେ ସଫଳତା ଅବଶ୍ୟ ପାଇବେ। ପୁତ୍ରକନ୍ୟାଙ୍କ ହେତୁକ ସୁଖ ମିଳିବ ଓ ପରିବାରରେ ଶାନ୍ତି ଫେରି ଆସିବ। ନିର୍ମାଣ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** ଆଜିର ଗ୍ରହ ସ୍ଥିତି ଭଲଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ଶତଭିଷା ନକ୍ଷତ୍ର ଜାତ ବ୍ୟକ୍ତି ଯେତେ ଭଲ କାମ କଲେ ମଧ ସମାଲୋଚିତ ହୋଇପାରନ୍ତି। ଜଣେ ବନ୍ଧୁଙ୍କୁ ଅନୁରୋଧ କରି ସମସ୍ୟା ସମାଧାନ ସକାଶେ ଚେଷ୍ଟା କରିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆର୍ଥିକ ଉନ୍ନତି ପରିଲକ୍ଷିତ ହେବ।

**ମୀନ** ବୃହସ୍ପତିଙ୍କ ଶୁଭତ୍ୱରୁ କାମଗୁଡ଼ିକର ଅଗ୍ରଗତି ସାଙ୍ଗକୁ ଅର୍ଥ ଓ ସମ୍ମାନ ପାଇବେ। ପୂର୍ବଭାଦ୍ରପଦ୍ ବ୍ୟକ୍ତିମାନେ ମିଥ୍ୟାରୋପର ଅଭିଯୋଗ କ୍ରମେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅବଶ୍ୟ ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବାକୁ ପଡ଼ିବ। ଖର୍ଚ୍ଚ ପରିମାଣ ବୃଦ୍ଧିହେତୁ ମନରେ ସରସତା ରହିବ ନାହିଁ।

# '୨୦୨୪ରେ ଏଏପି, ଭାଜପା ଲଢ଼େଇ'

ନୂଆଦିଲ୍ଲୀ,୨୦।୮

ଅବକାରୀ ନିୟମ ଉଲ୍ଲଂଘନ ଦୁର୍ନୀତି ଅଭିଯୋଗରେ ସିବିଆଇ ଚଢ଼ାଉର ଦିନକ ପରେ ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ସେ ଅଭିଯୋଗ କରିଛନ୍ତି। ଶିକ୍ଷା ଓ ଅବକାରୀ ବିଭାଗ ଦାୟିତ୍ୱରେ ଥିବା ସିସୋଡିଆ ଏକ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି, ତାଙ୍କ ଘରେ ସିବିଆଇ ଚଢ଼ାଉ ପାଇଁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜରିୱାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କରିଥିବା କାର୍ଯ୍ୟ ଏବେ ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ହୋଇଛି। ଏହାକୁ ବନ୍ଦ କରିବା ଲାଗି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିକୁ ଲଗାଇଛି। ଅବକାରୀ ଦୁର୍ନୀତିକୁ ନେଇ କେନ୍ଦ୍ର ସରକାର ବିବ୍ରତ ନୁହନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ମୁଖ୍ୟ ଚ୍ୟାଲେଞ୍ଜର କେଜ୍‌ରିୱାଲ ହେବେ, ଏହା ଭାଜପା ନେତୃତ୍ୱାଧୀନ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ୨୦୨୪ ସାଧାରଣ ନିର୍ବାଚନରେ ଲଢ଼େଇ ଭାଜପା ଏବଂ ଏଏପି ମଧ୍ୟରେ ହେବାକୁ ଯାଉଥିବା ସିସୋଡିଆ କହିଛନ୍ତି।

ଅବକାରୀ ନୀତିରେ କୌଣସି ଭୁଲ୍ ହୋଇନାହିଁ, ଏହା ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହୋଇଛି। ଆଗାମୀ ଦିନରେ ତାଙ୍କୁ ଗିରଫ କରାଯାଇପାରେ। ତେବେ ଏହା ତାଙ୍କ ଦଳକୁ ଭଲ କାର୍ଯ୍ୟ କରିବାରୁ ଅଟକାଇପାରିବ ନାହିଁ ବୋଲି ସିସୋଡିଆ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଅବକାରୀ ଦୁର୍ନୀତି ମାମଲାରେ ସିସୋଡିଆ ଜଣେ ଅଭିଯୁକ୍ତ, କିନ୍ତୁ ଏହାର କିଙ୍ଗ୍‌ପିନ ହେଉଛନ୍ତି ଅରବିନ୍ଦ କେଜ୍‌ରିୱାଲ। ପୂର୍ବରୁ ଏଏପି ବହୁତ ବଡ଼ ଦାବି କରୁଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଛିଡ଼ାହୋଇପାରି ନ ଥିଲା ବୋଲି ଅନୁରାଗ କହିଛନ୍ତି।



ଉପରାଷ୍ଟ୍ରପତି ଜଗ୍‌ଦୀପ ଧନକରଙ୍କୁ ବିଜେଡି ଏମ୍‌ପି ପିନାକୀ ମିଶ୍ର ଏବଂ ସସ୍ମିତ ପାତ୍ର ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରୁଛନ୍ତି।

# 'ନୂଆ ଗାଡ଼ି କିଣିବେନି କି ପାଦ ଛୁଆଁଇବାକୁ ଦେବେନି ମନ୍ତ୍ରୀ'

ପାଟନା,୨୦।୮

## ଆର୍‌ଜେଡି ମନ୍ତ୍ରୀଙ୍କୁ ତେଜସ୍ୱୀଙ୍କ ନିର୍ଦ୍ଦେଶ

ବିହାରରେ ନବଗଠିତ ମହାମେଣ୍ଟ ସରକାରର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ତାଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ମନ୍ତ୍ରୀଙ୍କ ପାଇଁ ୬ଟି ନିର୍ଦ୍ଦେଶାବଳୀ ଜାରି କରିବା ସହ ଏହାକୁ କଡ଼ାକଡ଼ି ପାଳନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆର୍‌ଜେଡି ମନ୍ତ୍ରୀମାନେ ବିଭାଗରେ ନିଜ ପାଇଁ କୌଣସି ନୂତନ ଯାନ କିଣିବେ ନାହିଁ। ସେହିପରି ମନ୍ତ୍ରୀମାନେ ଶ୍ରମିକ, ଶୁଭେଚ୍ଛୁ, ସମର୍ଥକ କିମ୍ବା ତାଙ୍କଠାରୁ ବୟସ୍କ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ପାଦ ଛୁଇଁବାକୁ ଦେବେ ନାହିଁ। ସୌଜନ୍ୟ ଏବଂ ଅଭିବାଦନ ପାଇଁ ନମସ୍କାର ପରମ୍ପରାକୁ ପ୍ରୋତ୍ସାହିତ କରାଯିବ ବୋଲି ତେଜସ୍ୱୀ କହିଛନ୍ତି। ସମସ୍ତଙ୍କ ସହ ଭଦ୍ର ଏବଂ ସୌଜନ୍ୟମୂଳକ ଆଚରଣ କରିବାକୁ ମନ୍ତ୍ରୀମାନଙ୍କୁ ଅନୁରୋଧ କରାଯାଇଛି। ଉପହାର ସ୍ୱରୂପ ଫୁଲ ତୋଡ଼ା ଦେବା ପରିବର୍ତ୍ତେ, ପୁସ୍ତକ-କଲମ ଆଦାନ ପ୍ରଦାନକୁ ଉତ୍ସାହିତ କରାଯିବ। ସମସ୍ତ ବିଭାଗୀୟ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସଙ୍କୋଚତା, ସ୍ୱଚ୍ଛତା ଏବଂ ତୁରନ୍ତ କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରାଯିବ। ସମସ୍ତ ମନ୍ତ୍ରୀ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀ ବିହାର ସରକାର ଏବଂ ସେମାନଙ୍କ ଅଧୀନରେ ଥିବା ବିଭାଗ, କାର୍ଯ୍ୟ ଯୋଜନା ଓ ବିକାଶ କାର୍ଯ୍ୟ ସୋସିଆଲ ମିଡିଆରେ ପ୍ରଚାର କରିବେ। ଯାହା ଦ୍ୱାରା ଜନସାଧାରଣ ମନ୍ତ୍ରୀଙ୍କର ପ୍ରତ୍ୟେକ ପଦକ୍ଷେପ ବିଷୟରେ ସକାରାତ୍ମକ ସୂଚନା ପାଇପାରିବେ। ତେଜସ୍ୱୀଙ୍କ ଏଭଳି ନିର୍ଦ୍ଦେଶ ନେଇ ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଆରମ୍ଭ ହୋଇଛି।

# ଉପରାଷ୍ଟ୍ରପତିଙ୍କୁ ଭେଟିଲେ ବିଜେଡି ଏମ୍‌ପି

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଉପରାଷ୍ଟ୍ରପତି ଜଗ୍‌ଦୀପ ଧନକରଙ୍କୁ ଭେଟିଲେ ବିଜେଡି ଏମ୍‌ପି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶକ୍ରମେ ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ଧନକରଙ୍କୁ ଶନିବାର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନ୍‌ଡିଏ ପ୍ରାର୍ଥୀ ହୋଇଥିବା ଧନକରଙ୍କୁ ସମର୍ଥନ ଦେଇଥିଲା। ଧନକର ହେଉଛନ୍ତି ଦେଶର ଚତୁର୍ଦ୍ଦଶ ଉପରାଷ୍ଟ୍ରପତି। ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ପାଠ କରାଇଥିଲେ। ତେବେ ଧନକରଙ୍କ ସହ ବିଜେଡିର ଏହି ୨ ଏମ୍‌ପି ଦୀର୍ଘ ସମୟ ଧରି ଆଲୋଚନା କରିଥିବା ବେଳେ ତାଙ୍କୁ ପୁଷ୍ପଗୁଚ୍ଛ ସହ ଏକ ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରିଛନ୍ତି।

SCHOOL OF EDUCATION
BERHAMPUR UNIVERSITY
EXTENSION OF DATE FOR SUBMISSION OF APPLICATION FORM FOR B.ED. COURSE - 2022-24

| | |
|---|---|
| The last date of receipt of duly filled-in-application form along with processing-cum-application fee. | 04.09.2022 (Monday) |

For more details visit **www.soebu.in / www.buodisha.edu.in**.
Sd./- Principal

# ଭାଜପା କହିଲେ ଦରି ପକାଇବି: ଶିବରାଜ

**ନୂଆଦିଲ୍ଲୀ, ୨୦।୮:** ଭାଜପା ସଂସଦୀୟ ବୋର୍ଡରୁ ବାହାର ହେବା ନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୁହଁ ଖୋଲିଛନ୍ତି। ମୁଁ ଯୋଗ୍ୟ କି ନୁହେଁ ସେନେଇ ମୋର କୌଣସି ଚିନ୍ତା ନାହିଁ। ଯଦି ଦଳ ମୋତେ ଦରି ପକାଇବା କାମ ଦିଏ ତାହାକୁ ମୁଁ ଖୁସିରେ କରିବି। ରାଜନୀତିରେ କୌଣସି ବ୍ୟକ୍ତିଗତ ଅଭିଳାଷ ରହିବା ଉଚିତ ନୁହେଁ ବୋଲି ଶିବରାଜ କହିଛନ୍ତି। ଏକ ଚ୍ୟାନେଲ କାର୍ଯ୍ୟକ୍ରମରେ ଯୋଗଦେଇ ଶନିବାର ଶିବରାଜ କହିଛନ୍ତି, ଭାଜପା ଏକ ବିରାଟ ପରିବାର। କେତେକ ଏହାର ପ୍ରବାହରେ ଆଗକୁ ଗତି କରନ୍ତି ଏବଂ କେତେକ ବାହାରକୁ ଆସନ୍ତି। କେନ୍ଦ୍ରୀୟ ସ୍ତରରେ ଏକ ଦଳ ଅଛି, ଯାହା କାହାକୁ କ'ଣ କରିବାକୁ ହେବ ତାହା ସ୍ଥିର କରନ୍ତି। ଯେପରି ଆମେ ରାଜ୍ୟରେ ନିଷ୍ପତ୍ତି ନେଉଛୁ। ସେ କହିଛନ୍ତି ଯେଉଁମାନେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଦ୍ୱାରା ସଂସଦୀୟ ବୋର୍ଡରେ ଅନ୍ତର୍ଭୁକ୍ତ ହୋଇଛନ୍ତି ସେମାନେ ଯୋଗ୍ୟ ଅଟନ୍ତି। ବୋର୍ଡରେ ଦେଶର ପୂର୍ବ-ପଶ୍ଚିମ ଏବଂ ଉତ୍ତର-ଦକ୍ଷିଣକୁ ବିଚାରକୁ ନିଆଯାଇ ସଦସ୍ୟଙ୍କୁ ସାମିଲ କରାଯାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୧୭ରେ ଭାଜପା ଏହାର ସଂସଦୀୟ ବୋର୍ଡକୁ ପୁନର୍ଗଠନ କରିଥିଲା ଯେଉଁଥିରେ କିଛି ନୂତନ ଚେହେରାଙ୍କୁ ସାମିଲ କରାଯାଇଥିବାବେଳେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କୁ ବାଦ ଦିଆଯାଇଥିଲା।



ଶିବରାଜ ସିଂ ଚୌହାନ

# ମୟୂରଭଞ୍ଜରେ ବିଜେଡିର ସାଙ୍ଗଠନିକ ପୁନର୍ଗଠନ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

## ଜିଲ୍ଲାଠାରୁ ବ୍ଲକ ପର୍ଯ୍ୟନ୍ତ ଦାୟିତ୍ୱ ବାଣ୍ଟିଲା ଦଳ

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପର୍ଯ୍ୟାୟକ୍ରମେ ଦଳରେ ସାଙ୍ଗଠନିକ ପୁନର୍ଗଠନ କରିଛନ୍ତି। ପ୍ରଥମେ ଦଳର ବରିଷ୍ଠ ପର୍ଯ୍ୟବେକ୍ଷକ ତା'ପରେ ବିଜୁ ଯୁବ ଜନତା ଦଳ ଓ ଶନିବାର ମୟୂରଭଞ୍ଜର ଜିଲ୍ଲା ଏବଂ ବ୍ଲକ କମିଟିର ସାଙ୍ଗଠନିକ ପୁନର୍ଗଠନ କରାଯାଇଛି। ମୟୂରଭଞ୍ଜ-୧ ସାଙ୍ଗଠନିକ ଜିଲ୍ଲାରେ ଆସୁଥିବା ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଉପସଭାପତି, ସାଧାରଣ ସମ୍ପାଦକ, ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ବାରିପଦାରେ କୃଷ୍ଣଚନ୍ଦ୍ର ଦାସ, ବଡ଼ସାହି ଗଣେଶ୍ୱର ପାତ୍ର, ବାଙ୍ଗିରିପୋଷୀ ଅଜେନ କୁମାର ମୁର୍ମୁ, ମୋରଡ଼ା ଆଦିତ୍ୟ ପଣ୍ଡା, ଉଦଳା ଶ୍ରୀନାଥ ସୋରେନଙ୍କୁ ଉପସଭାପତି ନିଯୁକ୍ତି ମିଳିଛି। ସାଧାରଣ ସମ୍ପାଦକ ଭାବେ ଏହି ୫ ନିର୍ବାଚନମଣ୍ଡଳୀରେ ଅନିଲ ପୃଷ୍ଟି, ବୃନ୍ଦାବନ ଦାସ, ଦୁର୍ଗା ଚରଣ ମାରାଣ୍ଡି, କିତିଶ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତିଙ୍କୁ ନିଯୁକ୍ତି ମିଳିଛି। ସମ୍ପାଦକ ଭାବେ ବାରିପଦାରେ ଅନ୍ତର୍ଯ୍ୟାମୀ ବେହେରା, କେଶବ ସାହୁ, ବିଦ୍ୟାନାଥ ସାହୁଙ୍କୁ ନିଯୁକ୍ତି ମିଳିଛି। ବଡସାହିରେ ଅଭିନ୍ନ ସୁନ୍ଦର ପାତ୍ର, ଜତିକାନ୍ତ ସାମଲ, ପ୍ରକାଶ ଚନ୍ଦ୍ର ଦଳେଇ, ବାଙ୍ଗିରିପୋଷୀରେ ଉମେଶ ଚନ୍ଦ୍ର ସିଂ, କମଳାକାନ୍ତ ବାରିକ, ରବୀନ୍ଦ୍ର କର, ମୋରଡ଼ାରେ ସଞ୍ଜୀବ ଦେ, ସତ୍ୟରଞ୍ଜନ କର, ଜଗନ୍ନାଥ ଦାସ ଏବଂ ଉଦଳାରେ ପ୍ରବୀର ଚନ୍ଦ୍ର ସାଇ, ମାନସ ରଞ୍ଜନ ମହାରାଣା, ସୁବାସ ଦଳେଇଙ୍କୁ ନିଯୁକ୍ତି ମିଳିଛି। ସେହିପରି ଏହି ସାଙ୍ଗଠନିକ ଜିଲ୍ଲାରେ ଆସୁଥିବା ବ୍ଲକ ଏବଂ ଏନ୍‌ଏସି ପାଇଁ ମଧ୍ୟ ସଭାପତି ନିଯୁକ୍ତ ହୋଇଛନ୍ତି। ଖୁଣ୍ଟା ବ୍ଲକରେ ସିଦ୍ଧାର୍ଥ ସୋରେନ, ବାରିପଦା ବ୍ଲକରେ ଦିଲୀପ ପାତ୍ର, ବାରିପଦା ମ୍ୟୁନିସିପାଲିଟିରେ କୃଷ୍ଣାନନ୍ଦ ମହାନ୍ତି, ବଡ଼ସାହିରେ ତପନ କୁମାର ପତି, ସାନ୍ତକ ଲେଙ୍କା, ବାଙ୍ଗିରିପୋଷୀରେ ବୀରକିଶୋର ମହାନ୍ତି, କୁଳିଅଣାରେ ଶୁଭ୍ରାଂଶୁ ଶେଖର ଦେଓ, ଶ୍ୟାମାଖୁଣ୍ଟାରେ କନୁଅର ସିଂ, ମୋରଡ଼ାରେ ଜୟପ୍ରକାଶ ରାଉଳ, ଶୁଳିଆପଦାରେ ଦିବ୍ୟଲୋଚନ ଦାସ, ରାସଗୋବିନ୍ଦପୁରରେ ହରେକୃଷ୍ଣ ନାଏକ, ଉଦଳା ବ୍ଲକରେ ଗୋବିନ୍ଦ ନାଏକ, କପ୍ତିପଦାରେ ସୁବାଶ ଚନ୍ଦ୍ର ସାଇ, ଜି.ବି ନଗର ବ୍ଲକରେ ସତ୍ୟବାନ ଉପାଧ୍ୟାୟ, ଉଦଳା ଏନ୍‌ଏସିରେ ବନମାଳି ବେହେରାଙ୍କୁ ନିଯୁକ୍ତି ମିଳିଛି।

ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲ୍ଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଉପସଭାପତି ଭାବେ କରଞ୍ଜିଆରେ ସନ୍ତୋଷ ମହାନ୍ତ, ଯଶୀପୁର ମଙ୍ଗଳ ସିଂ ମୋଦି, ସାରସକଣା ଅମରେନ୍ଦ୍ର କର, ରାଇରଙ୍ଗପୁରରେ ସୁବାସ ମଣ୍ଡଳ ଏବଂ ସ୍ୱରୂପ ବେହେରାଙ୍କୁ ନିଯୁକ୍ତି ମିଳିଛି। ଏହିସବୁ ନିର୍ବାଚନମଣ୍ଡଳୀରେ ବସନ୍ତ ପାଇବାରତୀ, ଖଗେଶ୍ୱର ସାହୁ, ପର୍ମେଶ୍ୱର ବେହେରା, ପଙ୍କଜ ରାଉତ ଏବଂ ସଚିନ ଅଗ୍ରୱାଲଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଉତ୍ତମ ମହାପାତ୍ର, ରାଜେନ୍ଦ୍ର ମଲିକ, ଶ୍ୟାମ ଦାସ, ନିନା ଦାସ, ଗୋପେଶ୍ୱର ଦଳେଇ, ବିପିନ ବିହାରୀ ମହନ୍ତ, ପଙ୍କଜ ମିଶ୍ର, ବିଶ୍ୱନାଥ ସାହୁ, ତ୍ରୈଲୋଚନ ମିଶ୍ର, ମାନସ ରଞ୍ଜନ ଆଚାର୍ଯ୍ୟ, ମହେଶ୍ୱର ନାଏକ, ପ୍ରଭାକର ପରିଡ଼ା, ସୁପାଇ ଟୁଡୁ, ଦୁଲାରାମ ମାରାଣ୍ଡି, ବିଶ୍ୱଜିତ ମହାନ୍ତିଙ୍କୁ ସମ୍ପାଦକ ଭାବେ ଉପରୋକ୍ତ ୫ ନିର୍ବାଚନମଣ୍ଡଳୀ ୱାରି ନିଯୁକ୍ତି ମିଳିଛି। ସେହିପରି ତିରିଂ ବ୍ଲକରେ ବଳଦେବ ହେମ୍ବ୍ରମ, ବହଳଦାରେ ହରେକୃଷ୍ଣ ମଣ୍ଡଳ, ଜାମ୍‌ଦାରେ ସିଦ୍ଧଲାଲ ହେମ୍ବ୍ରମ, ରାଇରଙ୍ଗପୁର ବ୍ଲକରେ ସଚ୍ଚିଦାନନ୍ଦ ମହନ୍ତ, ବିଜାତଳାରେ ମାଝିରାମ ଟୁଡୁ, ବିଶୋଇରେ ଫଗୁରାମ ମାରାଣ୍ଡି, ସାରସକଣାରେ ସମୀର କୁମାର ବେହେରା, କୁସୁମୀରେ ସୁଲୋଚନା ହେମ୍ବ୍ରମ, ଯଶୀପୁରରେ ବିଶ୍ୱେଶ୍ୱର ମହନ୍ତ, ରରୁଆଁରେ ଅମରେଶ ଭଞ୍ଜଦେଓ, ଶୁକ୍ଳିରେ ନରେଶ ଗିରି, କରଞ୍ଜିଆ ବ୍ଲକରେ ସତ୍ୟନାରାୟଣ ମହନ୍ତ, ଠାକୁରମୁଣ୍ଡାରେ ନନ୍ଦକିଶୋର ବାରିକ, ରାଇରଙ୍ଗପୁର ମ୍ୟୁନିସିପାଲିଟିରେ ପ୍ରଭାତ ପଟ୍ଟନାୟକ, କରଞ୍ଜିଆ ଏନ୍‌ଏସିରେ ନିତ୍ୟାନନ୍ଦ ଦାସଙ୍କୁ ସଭାପତି ନିଯୁକ୍ତି ମିଳିଛି।

ODISHA PUBLIC SERVICE COMMISSION
CUTTACK
NOTICE
No.7608/PSC Dt.20.08.2022
(DR - IV) (2PH-01-2022-23)

No. D-138: It is for information of all concerned that **written examination** for recruitment to the post of **Assistant Section Officer**, pursuant to Advt. No. 26 of 2021-22 shall be conducted as per the following **rescheduled programme**.

| Date | First Sitting 09.00 A.M. to 10.30 A.M. (09.00 A.M. to 11.00 A.M. for PwD Candidates) | Second Sitting 11.30 A.M. to 01.00 P.M. (11.30 A.M. to 01.30 P.M. for PwD Candidates) | Third Sitting 02.30 P.M. to 04.30 P.M. (02.30 P.M. to 05.10 P.M. for PwD Candidates) |
|---|---|---|---|
| 27.08.2022 (Saturday) | Paper - I General Awareness | Paper - II (a) Test of Reasoning & Mental ability (b) Mathematics | Paper - III Language (a) English (b) Odia |

The eligible candidates are advised to visit the website of the Commission regularly for update.
Sd./- Secretary

ଓଡ଼ିଶା ଲୋକସେବା ଆୟୋଗ, କଟକ
ବିଜ୍ଞାପନ
No.୭୬୦୮/PSC Dt.୨୦।୦୮।୨୦୨୨

ଏତଦ୍ୱାରା ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ସୂଚିତ କରାଯାଉଅଛି ଯେ ଆୟୋଗର ବିଜ୍ଞାପନ ସଂଖ୍ୟା ୨୬/୨୦୨୧-୨୨ ଅନୁସାରେ ଏ.ଏସ୍.ଓ. ଲିଖିତ ପରୀକ୍ଷା ନିମ୍ନଲିଖିତ ସମୟ ସାରଣୀ କ୍ରମେ ପୁନଃନିର୍ଦ୍ଧାରଣ କରାଗଲା।

| Date | First Sitting 09.00 A.M. to 10.30 A.M. (09.00 A.M. to 11.00 A.M. for PwD Candidates) | Second Sitting 11.30 A.M. to 01.00 P.M. (11.30 A.M. to 01.30 P.M. for PwD Candidates) | Third Sitting 02.30 P.M. to 04.30 P.M. (02.30 P.M. to 05.10 P.M. for PwD Candidates) |
|---|---|---|---|
| 27.08.2022 (Saturday) | Paper - I General Awareness | Paper - II (a) Test of Reasoning & Mental ability (b) Mathematics | Paper - III Language (a) English (b) Odia |

ସମସ୍ତ ପ୍ରାର୍ଥୀ ପରୀକ୍ଷା ସମ୍ପର୍କିତ ପରବର୍ତ୍ତୀ ସୂଚନା ପାଇଁ ନିୟମିତ ଭାବରେ ଆୟୋଗର ୱେବସାଇଟ୍ ଦେଖନ୍ତୁ।
କମିଶନ ଆଦେଶ ଅନୁଯାୟୀ
ସ୍ୱା./- ସଚିବ
ଓଡ଼ିଶା ଲୋକସେବା ଆୟୋଗ
OIPR-12002/11/0140/2223

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
O.A. No. - 154 of 2022
HDFC BANK LIMITED .......................... APPLICANT
VERSUS
AMAR PREET SINGH & ANOTHER ...........DEFENDANT(S)
To,
1. **AMAR PREET SINGH,** aged about 41 years, S/o- Jaspal Singh, At- Vedvyas, Near Gurudwara, P.S.- Brahmani Tarang, Rourkela, Dist- Sundargarh, Pin-769041.
2. **RAMANDEEP KAUR,** aged about 39 years, W/o- Amar Preet Singh, At- Vedvyas, Near Gurudwara, P.S.- Brahmani Tarang, Rourkela, Dist- Sundargarh, Pin-769041.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 154 of 2022** in the court of the Debts Recovery Tribunal, Cuttack for recovery of **Rs. 29,42,294.28/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **28th** day of **July, 2022**.
(MANOJ KUMAR PATNAIK)
REGISTRAR

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA
C-71, SECTOR-7, CDA, CUTTACK, ODISHA
O.A. NO. 276/2021
AXIS BANK LIMITED ...APPLICANT
-Vrs.-
M/s. Purushottam Education & Welfare Trust & others ...DEFENDANTS
To,
1. **Alok Kumar Bagaria (Vice President),** At: B-27, Industrial Estate, Rourkela-769004.
2. **Sarat Kumar Sahu (Vice President),** At: B-27, Industrial Estate, Rourkela-769004. ... DEFENDANTS

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted an **O.A. No. 276/2021** in the Court of the Debts of Recovery Tribunal at Cuttack for recovery of **Rs.98,40,819.36 (Rupees Ninety Eight Lakh Forty Thousand Eight Hundred Nineteen and Thirty Six Paisa only)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an advocate or duly authorised agent, in support of their defence to show cause within **30 days** from the publication or on **09.09.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **21st day of July, 2022.**
Sd/-
Date: 21.07.2022 REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
O.A. No. - 155 of 2022
HDFC BANK LIMITED .......................... APPLICANT
VERSUS
ASLAM ALAM & ANOTHER ...........DEFENDANT(S)
To,
1. **ASLAM ALAM ,** aged about 31 years, S/o- Mohammad Sarif, At- KD- 197, Ward No.03, Kalinagar, Brajaraj Nagar, Near Kali Mandir, Dist- Jharsuguda, Pin-768233.
2. **MOHAMMAD SARIF,** aged about 54 years, S/o- Mohammad Israil, At- KD- 197, Ward No.03, Kalinagar Nagar, Brajaraj Nagar, Near Kali Mandir, Dist- Jharsuguda, Pin-768233.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 155 of 2022** in the court of the Debts Recovery Tribunal, Cuttack for recovery of **Rs. 27,23,731.98/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **28th** day of **July, 2022**.
(MANOJ KUMAR PATNAIK)
REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
O.A. No. - 156 of 2022
HDFC BANK LIMITED .......................... APPLICANT
VERSUS
NRUSINGHA CHARAN BEURA & ANOTHER ...........DEFENDANT(S)
To,
1. **NRUSINGHA CHARAN BEURA,** S/o- Jasobanta Beura, At- Lajpat Nagar, Bhejaput, Damanjodi, Dist- Koraput-763008.
2. **SOUBHAGYA RANJAN BEURA,** S/o- Nrusingha Charan Beura, At- Lajpat Nagar, Bhejaput, Damanjodi, Dist- Koraput-763008.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 156 of 2022** in the court of the Debts Recovery Tribunal, Cuttack for recovery of **Rs. 39,13,972.46/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **28th** day of **July, 2022**.
(MANOJ KUMAR PATNAIK)
REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
O.A. No. - 153 of 2022
HDFC BANK LIMITED .......................... APPLICANT
VERSUS
DEBASIS KUMAR JOSHI & OTHERS ...........DEFENDANT(S)
To,
1. **DEBASISH KUMAR JOSHI,** aged about 53 years, S/o- Himanshu Sekhar Joshi, At- Brahmanpada, Sundargarh Town, Dist- Sundargarh, Pin-770001.
2. **NILAMADHAB JOSHI,** aged about 47 years, S/o- Himanshu Sekhar Joshi, At- Brahmanpada, Sundargarh Town, Dist- Sundargarh, Pin-770001.
3. **SUBHADRA JOSHI,** aged about 54 years, D/o- Nilambar Mishra, At- Brahmanpada, Sundargarh Town, Dist.- Sundargarh, Pin-770001.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 153 of 2022** in the court of the Debts Recovery Tribunal, Cuttack for recovery of **Rs. 28,79,019/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.2022** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **29th** day of **July, 2022**.
(MANOJ KUMAR PATNAIK)
REGISTRAR

FORM NO.-13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A., CUTTACK, ODISHA
O.A. No. - 150 of 2022
HDFC BANK LIMITED .......................... APPLICANT
VERSUS
JAHANGIR ALAM & ANOTHER ......................DEFENDANT(S)
To,
1. **JAHANGIR ALAM,** aged about 32 years, S/o- Fakre Alam, At- Somapali Sadar, Dhankauda, Nr Nooren Masjid, Dist- Sambalpur, Pin- 7681006.
2. **NAVDEEP KUMAR KEDIA,** aged about 37 years, S/o- Bijay Kumar Kedia, At- Balaji Apartment, 1st Floor, B2, Opp. Balaji Mandir Sadar, Dist.- Sambalpur, Pin-768003.

SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 150 of 2022** in the court of the Debts Recovery Tribunal, Cuttack for recovery of **Rs. 32,89,463.23/-** only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on **15.09.22** at **10.30 A.M**. as to why reliefs prayed for should not granted.

Take notice that in case of default the applicant will be heard and determined in their absence.

Given under my hand and seal of this tribunal on this **29th** day of **July, 2022**.
(MANOJ KUMAR PATNAIK)
REGISTRAR

> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। –ଶ୍ରୀମା

# ଜନଗଣନା ପରମ୍ପରା ଭାଙ୍ଗିଛୁ



ଆକାର ପଟେଲ

ଭାରତର ଜନଗଣନା ପୁନର୍ବାର ବିଳମ୍ବ ହୋଇଛି ଓ ଅନିଶ୍ଚୟତା ମଧ୍ୟରେ ରହିଛି। ଜନଗଣନାର ୧୫୦ ବର୍ଷ ଇତିହାସ ମଧ୍ୟରେ ପ୍ରଥମ ଥର ପାଇଁ ଏହା ଠିକ୍ ସମୟରେ ହୋଇପାରି ନାହିଁ। ତେବେ ଦେଖିବା ଏହା ପଛରେ କି କାରଣ ରହିଛି। ୧୮୮୧ରୁ, ଏପରି କି ଯୁଦ୍ଧ ସମୟରେ ଜନଗଣନା ବନ୍ଦ ହୋଇ ନାହିଁ। କାରଣ ଜନଗଣନା ହେଉଛି ଆମର ସର୍ବବୃହତ୍ ତଥ୍ୟ ସଂଗ୍ରହ ପ୍ରକ୍ରିୟା। ଏହା ଭାରତର ଜନସଂଖ୍ୟା ଗଣନା କରିବା ସହ ଲୋକମାନଙ୍କ ଶିକ୍ଷା, ପରିବାରର ସୁଖ ସାଧନ ଏବଂ ସେମାନଙ୍କ ରୋଜଗାରର ସ୍ଥିତି ସମ୍ପର୍କିତ ତଥ୍ୟ ଜଣାଏ। ଜନଗଣନା ବିଳମ୍ବ ହେଲେ ଆମେ ଏହିସବୁ ତଥ୍ୟ ଜାଣିପାରିବା ନାହିଁ। ଫଳରେ ଆକାଂକ୍ଷିତ ଲକ୍ଷ୍ୟ ହାସଲ ଅସ୍ପଷ୍ଟ ହେବ ଓ ଏଥିପାଇଁ ସରକାର ଠିକ୍ ନୀତି ନିର୍ଦ୍ଧାରଣ କରିପାରିବେ ନାହିଁ। କୋଭିଡ୍ ଯୋଗୁ ଜନଗଣନା ହୋଇ ପାରିବ ନାହିଁ ବୋଲି ମୋଦି ସରକାର କହୁଛନ୍ତି। ଏହା ବାସ୍ତବ କାରଣ ନୁହେଁ। ଅତୀତରେ ବି ଦୁଇଟି ବୃହତ୍ ସର୍ଭେ କ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲା। ସେଥିମଧ୍ୟରୁ ଗୋଟିଏ ହେଉଛି କଞ୍ଜ୍ୟୁମର ଏକ୍ସପେଣ୍ଡିଚର ସର୍ଭେ। ଏହା ପ୍ରକାଶ କରିଥିଲା ଯେ, ୨୦୧୨ ତୁଳନାରେ ୨୦୧୮ରେ ଭାରତୀୟମାନେ ଖାଦ୍ୟ ସମେତ ଅନ୍ୟ ସବୁଥିରେ କମ୍ ବ୍ୟୟ କରୁଥିଲେ। ୨୦୧୯ରେ ଏହି ସର୍ଭେର ସବିଶେଷ ବିବରଣୀ ଏକ ଖବରକାଗଜରେ ପ୍ରକାଶ ପାଇବା ପରେ ସରକାରୀ ସ୍ତରରେ ତଥ୍ୟ ପ୍ରକାଶ କରିବାକୁ ସରକାର ମନା କରିଦେଲେ। ଉକ୍ତ ସର୍ଭେ ପ୍ରତି ୫ ବର୍ଷରେ ଥରେ ହୁଏ,ଏହା ଭାରତର ବୃହତ୍ ଅସଂଗଠିତ କ୍ଷେତ୍ରର ଅର୍ଥ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ପ୍ରଦାନ କରେ। ଏବେ ୧୦ ବର୍ଷ ହେଲା ଆମେ ଏ ବିଷୟରେ କୌଣସି ତଥ୍ୟ ପାଇନାହୁଁ। ଅର୍ଥମନ୍ତ୍ରୀଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ ସର୍ଭେ ତଥ୍ୟ ପ୍ରକାଶ କରିବାକୁ ମୋଦି ସରକାରଙ୍କୁ କହିଥିଲେ ମଧ୍ୟ ତାହା ହୋଇପାରିଲା ନାହିଁ। ବିଶେଷକରି ସରକାର ନିଜେ ଖବରର ଉତ୍ସ ହୋଇଥିବାରୁ ଖରାପ ଖବରରୁ ନଜର ହଟାଇବା ଲାଗି ଚେଷ୍ଟା କରିବା ଭାରତୀୟମାନଙ୍କ ପାଇଁ ନିଶ୍ଚିତ ଭାବେ ବିପଜ୍ଜନକ। କିନ୍ତୁ ଦୀର୍ଘଦିନ ହେଲା ସରକାର ଏହା କରିଆସୁଛନ୍ତି। ୨୦୧୯ରେ ସରକାରଙ୍କର ଆଉ ଏକ ସର୍ଭେରୁ ଜଣାପଡ଼ିଥିଲା ଯେ, ୨୦୧୮ରେ ବେରୋଜଗାର ରେକର୍ଡ ସ୍ତର ୬ %ରେ ରହିଥିଲା, ଏପରି କି ସ୍ୱାଧୀନତା ପରେ ଯାହା ଥିଲା ଏହା ତା'ର ଦୁଇଗୁଣ ଅଧିକ। ଏହି ସର୍ଭେ ବିଜ୍‌ନେସ ଷ୍ଟାଣ୍ଡାର୍ଡ ଖବରକାଗଜରେ ପ୍ରକାଶ ପାଇଥିଲେ ବି ସରକାର ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ଅନ୍ୟପଟେ ତଥ୍ୟ ଭୁଲ୍ ବୋଲି କହିବା ପାଇଁ ନୀତି ଆୟୋଗକୁ ପ୍ରେରିତ କରାଯାଇଥିଲା। କିନ୍ତୁ ୨୦୧୯ରେ ନିର୍ବାଚନ ପରେ ସରକାର କୌଣସି ପରିବର୍ତ୍ତନ ନ କରି ସର୍ଭେ ରିପୋର୍ଟ ପ୍ରକାଶ କରିଥିଲେ। ତା'ପରଠାରୁ ବେରୋଜଗାର ହାର କମି ନାହିଁ, ବରଂ ୪ ବର୍ଷ ହେଲା ଅଧିକ ରହିଛି।

ଜାତୀୟ ନାଗରିକ ପଞ୍ଜୀକରଣର ପ୍ରଥମ ସେପାନ କୁହାଯାଉଥିବା ନ୍ୟାଶନାଲ ପପୁଲେଶନ ରେଜିଷ୍ଟର(ଏନ୍‌ପିଆର୍) ବା ଜାତୀୟ ଜନସଂଖ୍ୟା ପଞ୍ଜୀକରଣକୁ ମୋଦି ସରକାର ଜନଗଣନାରେ ସାମିଲ କରିଛନ୍ତି। ବୁଝାପଡୁଛି ଯେ,ଏହା ସରକାର ଏବଂ ତଳସ୍ତରର ଅମଲାତନ୍ତ୍ରୀଙ୍କୁ କ୍ଷମତା ଦେବ ଯେଉଁଥିରେ ସେମାନେ ପ୍ରତ୍ୟେକ ନାଗରିକଙ୍କୁ ସନ୍ଦିଗ୍ଧ ଭାବେ ଚିହ୍ନଟ କରିପାରିବେ। ଏହା ସେମାନଙ୍କ ଭୋଟ ଅଧିକାର ଛଡ଼ାଇନେବ ଏବଂ ଏହା ଏକ ପ୍ରକ୍ରିୟା ଆରମ୍ଭ କରିବ ଯାହା ଜାତୀୟ ନାଗରିକତ୍ୱ ପଞ୍ଜୀକରଣ ତାଲିକା, ଫରେନ୍‌ର ଟ୍ରିବ୍ୟୁନାଲ ଦେଇ ଡିଟେନସନ ସେଣ୍ଟରରେ ଶେଷ ହେବ। ଏହା ସହ ଗଣନକାର ଯଥା ସ୍କୁଲ ଶିକ୍ଷକମାନେ ଏସମ୍ପର୍କରେ ପ୍ରଶ୍ନ ପଚାରିବା ପରେ ବିରୋଧର ସମ୍ମୁଖୀନ ହୋଇପାରନ୍ତି। ଭାରତର ପୂର୍ବତନ ମୁଖ୍ୟ ପରିସାଂଖ୍ୟିକୀବିତ ପ୍ରଣବ ସେନ୍ କହିଛନ୍ତି ଯେ, ଆମର ଏଭଳି କିଛି ସ୍ଥିତି ଆଇପାରେ ଯେଉଁଥିରେ ତୁମେ ଠିକ୍ ଭାବେ ଜନଗଣନା କରିବାକୁ ଅକ୍ଷମ ହୋଇଛ। କିନ୍ତୁ ଯଦି ଜନଗଣନା ଠିକ୍ ଭାବେ କରା ନ ଯାଏ ତେବେ ଆଗାମୀ ୧୦ ବର୍ଷ ପାଇଁ ପରିବାର ସମ୍ପର୍କିତ ସର୍ଭେ ସହଜ ହେବ ନାହିଁ, କାରଣ ସବୁ ପରିବାର ସମ୍ପର୍କିତ ସର୍ଭେ ଜନଗଣନାରେ ଏକ ଢାଞ୍ଚା ଭାବେ ଜନଗଣନା ଉପରେ ନିର୍ଭରକରେ। ଯଦି ଏହା ସମସ୍ୟା ଭିତରକୁ ଚାଲିଯାଏ ତେବେ ଏଥିରେ ବିପଦ ରହିଛି, ଯେଉଁଥିରେ ତୁମେ ପରବର୍ତ୍ତୀ ୧୧ ବର୍ଷ ପାଇଁ ସମସ୍ୟାରେ ରହିବ। କେତେକ ରାଜ୍ୟ ଏନ୍‌ପିଆର୍‌କୁ ଲାଗୁ କରିବାକୁ ମନା କରି ଦେଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବାର ଆଶଙ୍କା ରହିଥିବା ଦର୍ଶାଇ କେରଳ ଏହାକୁ ଲାଗୁ କରିବ ନାହିଁ ବୋଲି କେନ୍ଦ୍ରକୁ କହିଛି। ଏହା ପୂର୍ବରୁ ମଧ୍ୟପ୍ରଦେଶ ଲାଗୁ କରିବ ନାହିଁ ବୋଲି କହିଥିଲା। ମହାରାଷ୍ଟ୍ର ଏହାକୁ ବିରୋଧ କରିଆସୁଛି। ଗଣନକାରଙ୍କୁ କୌଣସି କାଗଜପତ୍ର ନ ଦେଖାଇବା ଲାଗି ପଶ୍ଚିମବଙ୍ଗ ଏହାର ନାଗରିକମାନଙ୍କୁ ପ୍ରେରିତ କରିଥିଲା। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି ଯେ, ସେମାନେ ତାଙ୍କ ଲୋକଙ୍କୁ ଜେଲରେ ରଖିବାକୁ ଅନୁମତି ଦେବେ ନାହିଁ, ବରଂ ଏହା ପରିବର୍ତ୍ତେ ସେମାନେ ନିଜେ ଜେଲ ଯିବେ। ଏହା ସ୍ପଷ୍ଟ ଯେ, ସଂଘୀୟ ସ୍ତରରେ ପ୍ରାପ୍ତ ତଥ୍ୟଗୁଡ଼ିକୁ ଏକାଠି କଲେ ମଧ୍ୟ ତାହା ଅସମ୍ପୂର୍ଣ୍ଣ ରହିବ। ଏହା ସମ୍ଭବତଃ ଜନଗଣନା ବିଳମ୍ବ ହେବାର ସବୁଠୁ ସମ୍ଭାବ୍ୟ କାରଣ। ସରକାର ଆଉ ଏକ ଗଣ ଆନ୍ଦୋଳନ ସୃଷ୍ଟି ହେବାକୁ ଚାହୁଁନାହାନ୍ତି କି ଏନ୍‌ପିଆର୍ ଓ ଏନ୍‌ଆର୍‌ସି ଫାଶରେ ପଶିବାକୁ ଚାହୁଁନାହାନ୍ତି। ଯଦି ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବେ କହିବେ ଯେ, ଏନ୍‌ଆର୍‌ସି ଲାଗୁ ହେବାକୁ ଯାଉନାହିଁ ଏବଂ ଜନଗଣନା ପ୍ରକ୍ରିୟାରେ ଏନ୍‌ଆର୍‌ସି ପ୍ରଶ୍ନଗୁଡ଼ିକ ବନ୍ଦ ହେବ, ତେବେ ଏହା ଆଗେଇଚାଲିବ। ହେଲେ ସେ ଏହା କହିବେ ନାହିଁ।

ଏକ ଦଶନ୍ଧି ପାଇଁ ବିଶ୍ୱସନୀୟ ତଥ୍ୟ ହରାଇବା ହିଁ ଆମ ପାଇଁ ବିପଦ। କିନ୍ତୁ ଅର୍ଥ ବ୍ୟବସ୍ଥା ଏବଂ ଭାରତୀୟମାନଙ୍କ ସ୍ଥିତି ସମ୍ପର୍କରେ କୌଣସି ତଥ୍ୟ ନ ଥାଇ ମଧ୍ୟ ସରକାର ଆରାମରେ ରହିଛନ୍ତି। ବିଶେଷକରି ତଥ୍ୟ ସକାରାତ୍ମକ ହେଉନାହିଁ। ଏହି କାରଣରୁ ୧୮୮୧ରୁ ଠିକ୍ ଭାବେ ଚାଲି ଆସୁଥିବା ଓ ଭାରତର ସ୍ଥିତି ସମ୍ପର୍କରେ ଅବଗତ କରୁଥିବା ଏକ ଜନଗଣନା ପରମ୍ପରାକୁ ଆମେ ଭାଙ୍ଗିଛୁ।

Email:aakar.patel@gmail.com

## su|do|ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 4 | | | | | | | 1 | |
| | | | 2 | 5 | | | 6 | |
| | 8 | | | 3 | | | | 5 |
| | | | | | | | | |
| 1 | | 4 | | 2 | 3 | | | |
| 3 | 5 | | 8 | | 4 | 6 | | |
| 8 | | | 6 | | | | 9 | |
| | | | | 4 | 9 | | | |
| | 2 | | | | | | | 3 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 5 | 3 | 4 | 7 | 1 | 2 |
| 5 | 2 | 7 | 9 | 1 | 8 | 4 | 6 | 3 |
| 4 | 3 | 1 | 7 | 6 | 2 | 5 | 8 | 9 |
| 7 | 9 | 8 | 2 | 5 | 1 | 6 | 3 | 4 |
| 3 | 1 | 6 | 4 | 9 | 7 | 2 | 5 | 8 |
| 2 | 5 | 4 | 6 | 8 | 3 | 1 | 9 | 7 |
| 6 | 4 | 3 | 8 | 2 | 5 | 9 | 7 | 1 |
| 1 | 7 | 5 | 3 | 4 | 9 | 8 | 2 | 6 |
| 9 | 8 | 2 | 1 | 7 | 6 | 3 | 4 | 5 |

ଗତ କାଲିର ଉତ୍ତର

# ତୁମ ଭାରତ ମହାନ୍



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଇଦିନ ତଳେ ଅମୃତ ମହୋତ୍ସବର ଅମୃତ ଲଗ୍ନରେ ଲାଲ୍‌କିଲ୍ଲାରେ ପତାକା ଉତ୍ତୋଳନ କରି ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କରିଥିବା ସମ୍ବୋଧନ ଯେଉଁମାନେ ଶୁଣିଥିବେ, ସେମାନେ ଜାଣିଥିବେ ସମଗ୍ର ବିଶ୍ୱର ସବୁ ଦେଶ ତୁଳନାରେ ଭାରତବର୍ଷ କେମିତି ଭିନ୍ନ ଓ ଅନନ୍ୟ। ତେବେ କେବଳ ଆମ ପ୍ରଧାନମନ୍ତ୍ରୀ କାହିଁକି, ପ୍ରତ୍ୟେକ ଭାରତୀୟଙ୍କ ପାଇଁ ତ ପ୍ରତିକ୍ଷଣରେ ଅନୁଚ୍ଚାରିତ ଭାବେ ଝରି ପଡ଼ିଥାଏ ଯେଉଁ ତିନିଟି ଶବ୍ଦର ଅମୃତମୟ ଆବେଦନ, ତାହା ହେଉଛି– ମେରା ଭାରତ ମହାନ୍। ନିଜ ଗର୍ଭରୁ ଜନ୍ମ ନେଇଥିବା ଶିଶୁଟି ଯେତେ କୁତ୍ସିତ କଦାକାର ହେଲେ ବି ସେ ଯେମିତି ମା' ପାଇଁ ଜଗତର ସୁନ୍ଦରତମ ସୃଷ୍ଟି, ସେମିତି ଯାବତୀୟ ସ୍ଖଳନ ସତ୍ତ୍ୱେ ବି ଜଣେ ମା' ତା' ସନ୍ତାନ ପାଇଁ ଚିରକାଳ ଅନନ୍ୟା। ସୁତରାଂ, 'ମୋ ଭାରତ ମହାନ୍' ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ୱତଃସ୍ଫୂର୍ତ୍ତ ସ୍ୱାଭାବିକ ଉଚ୍ଚାରଣ। ଅବଶ୍ୟ ଏ କଥା ଭିନ୍ନ ଯେ ନିଜ ଜନ୍ମଦାତ୍ରୀଙ୍କ ମହନୀୟ ତ୍ୟାଗକୁ ବିସ୍ମରି ଯାଇ ବୃଦ୍ଧାବସ୍ଥାରେ ତାଙ୍କୁ ପରିତ୍ୟାଗ କରୁଥିବା କିଛି କୁଳାଙ୍ଗାର ସନ୍ତାନଙ୍କ ପରି ନିଜ ଜନ୍ମଭୂମିର ଛାତି ଉପରେ ଛିଡ଼ା ହୋଇ ସବୁଯାକ ପ୍ରତିଷ୍ଠା ଓ ପ୍ରତିପତ୍ତି ଅର୍ଜନ କଲାପରେ କିଛି ଭାରତୀୟ ଏ କଥା କହିବାକୁ ପଛାନ୍ତି ନାହିଁ– ''ଏ ଦେଶରେ ଅସହିଷ୍ଣୁତା ଯେମିତି ବଢ଼ି ଚାଲିଛି, ତହିଁରେ ଏ ଦେଶ ଛାଡ଼ି ଅନ୍ୟ ଦେଶରେ ରହିବାକୁ ମୋ ପତ୍ନୀ କହୁଛି।''

ତେବେ ନିଜ ମାଆଙ୍କୁ ନିଜେ ମହାନ୍ କହିଲେ ଯେଉଁ ସୁଖ ନ ଥାଏ, ତା'ଠାରୁ କାହିଁ କେତେ ଅଧିକ ଖୁସି ମିଳେ ଯେତେବେଳେ ଅନ୍ୟ କେହି କହନ୍ତି–''ତୁମ ଭାରତ ମହାନ୍'। ଠିକ୍ ସେଦିନର ସେଇ ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର ଏଇ ଭୂମିର ଅନ୍ୟତମ ଶାସକ ପୁରୁଙ୍କୁ ପରାସ୍ତ କରି ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଓ ଜାତୀୟତାବୋଧ ନିକଟରେ ମଥାନତ କରି କହିଥିଲେ, ''ଆପଣଙ୍କ ଭାରତ ମହାନ୍''। ଏହାର ବହୁବର୍ଷ ପରେ ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମ ମହାସଭାରେ ବିଶ୍ୱର ବହୁ ପ୍ରାଜ୍ଞପ୍ରବୁଦ୍ଧଙ୍କ ଆଗରେ ଧର୍ମର ଯେଉଁ ଭିନ୍ନ ପରିଭାଷା ପେସ୍ କରିଥିଲେ, ତାହା ପ୍ରତ୍ୟକ୍ଷ କରି ଅବଶିଷ୍ଟ ବିଶ୍ୱ ଏକ ସଙ୍ଗେ ଗାଇ ଉଠିଥିଲା– 'ତୁମ ଭାରତ ମହାନ୍'। ପ୍ରକୃତରେ ନିଜ ମା' ହେଉ କି ମାତୃଭୂମି, ଏ ଦୁହିଁଙ୍କର ପ୍ରଶଂସା ଅନ୍ୟ ମୁହଁରୁ ଶୁଣିଲେ ସନ୍ତାନର କର୍ଣ୍ଣ ମନ ଧନ୍ୟ ହୋଇଯାଏ।

ଅଥଚ ଅନ୍ୟପକ୍ଷରେ ନିଜ ଜନନୀ ଓ ଜନ୍ମଭୂମିଙ୍କ ନିନ୍ଦାଗାନ କାନରେ ପଡ଼ିଲେ କେମିତି ହୁଅନ୍ତା କାହାର ଅନୁଭବ! କେଇଦିନ ତଳେ ଚାଇନା ଓ ତାଇୱାନ୍‌ର ସମ୍ପର୍କ ତିକ୍ତ ହୋଇଥିଲା। ଦୁଇ ଦେଶର ପ୍ରେକ୍ଷାପଟରେ ଭାରତର ସମ୍ଭାବ୍ୟ ଭୂମିକାକୁ ନେଇ ଏକ ସଙ୍କେତଧର୍ମୀ ଆଲେଖ୍ୟ ଘୂରି ବୁଲୁଥିଲା ସାମାଜିକ ଗଣମାଧ୍ୟମରେ। ଆଲେଖ୍ୟଟିର ଅନ୍ତର୍ନିହିତ ବାର୍ତ୍ତା ଥିଲା ଚିନ୍ତା ଉଦ୍ରେକକାରୀ। କର୍ମନିଯୁକ୍ତି ପାଇଁ ତାଇୱାନ୍‌ରେ ରହୁଥିବା ଜଣେ ଭାରତୀୟ ଯୁବକ ଲକ୍ଷ୍ୟ କଲେ ଯେ ତାଇୱାନ୍ ନାଗରିକଙ୍କର ଭାରତୀୟମାନଙ୍କ ପାଇଁ ଭଲ ଧାରଣା ନାହିଁ, ଶ୍ରଦ୍ଧା ବା ସମ୍ମାନ ତ ଦୂରର କଥା। ସେ ଏହାର କାରଣ ଜାଣିବାକୁ ବ୍ୟଗ୍ର ହୋଇ ଉଠିଲେ। ବହୁଦିନ ଚେଷ୍ଟା କରି ବିଫଳ ହେଲା ପରେ ଶେଷରେ ତାଙ୍କର ଜଣେ ତାଇୱାନ୍ ସହକର୍ମୀଙ୍କ ସହ ଘନିଷ୍ଠ ହୋଇ ଯାହା ଜାଣିଲେ, ତାହା ଏତେ ଯୁକ୍ତିଯୁକ୍ତ ଥିଲା ଯେ ସେହି ଅବଧାରଣାକୁ ପ୍ରତିହତ କରିବା ଥିଲା ତାଙ୍କ ପାଇଁ ସାଧ୍ୟାତୀତ। ''ଯେଉଁ ଦେଶର ବତିଶ କୋଟି ଜନତାଙ୍କୁ ମାତ୍ର ଦଶ ହଜାର ବ୍ରିଟିଶର୍ ଦୁଇଶହ ବର୍ଷ ଯାଏଁ ଶାସନ କରିପାରନ୍ତି, ପୁଣି ଜେନେରାଲ ଡାୟରଙ୍କ ପରି ଜଣେ ଫିରିଙ୍ଗୀ କମାଣ୍ଡରଙ୍କ ଆଦେଶରେ ଫିରିଙ୍ଗୀ ସେନାରେ କର୍ମରତ ଶହେଜଣ ଭାରତୀୟ ସୈନ୍ୟ ଗୁଳି ମାରି ତେରଶହ ନିରସ୍ତ୍ର ଭାରତୀୟଙ୍କୁ ହତ୍ୟା କରିପାରନ୍ତି ଓ ମୋଗଲ ଶାସନ କାଳରେ ଛୋଟ ଚାକିରି ଓ କିଛି ଟଙ୍କା ବିନିମୟରେ ନିଜ ଧର୍ମ ପରିବର୍ତ୍ତନ କରିପାରନ୍ତି, ସେଭଳି ଦେଶ ଓ ତାହାର ନାଗରିକମାନଙ୍କ ପାଇଁ ଆମ ଦେଶର ବା ଆମ ନାଗରିକମାନଙ୍କର ସାମାନ୍ୟ ସମ୍ମାନ ନାହିଁ।'' ନିଜ ଦେଶ ବିରୋଧରେ କି ନିଷ୍ଠୁର ସତ୍ୟର ନିର୍ମମ ଅବତାରଣା! ଅଥଚ ଏହା ଅତିରଞ୍ଜିତ ବା ଅସତ୍ୟ ନୁହେଁ ଯେ, ଏହାକୁ ସେକାଳର ବା ଏକାଳର କୌଣସି ଦେଶପ୍ରେମୀ ଭାରତୀୟ ପ୍ରତିବାଦ ବା ପ୍ରତିହତ କରିବେ, କରିପାରିବେ!



ନାଗରିକମାନଙ୍କ ଗଣ ଚରିତ୍ର ନୁହେଁ, ଜଣେ ନାଗରିକଙ୍କର ଚରିତ୍ର ମଧ୍ୟ ଗୋଟିଏ ଦେଶର କପାଳରେ କଳାର କାଳିମା ବୋଲି ଦେଇପାରେ। ଏ ସମ୍ପର୍କରେ ଏକ ବଳିଷ୍ଠ ଦୃଷ୍ଟାନ୍ତ। ଜଣେ ହଙ୍ଗେରୀ ନାଗରିକ ଭାରତ ପରିଭ୍ରମଣରେ ଆସି ଦିନେ ଏକ ଦାମିକା ସାଇକେଲରେ ଭୁବନେଶ୍ୱରରୁ ପୁରୀ ଯାଉଥିଲା ବେଳେ ଅଚାନକ ତାଙ୍କ ସାଇକେଲଟିରୁ ପବନ ବାହାରିଗଲା। ସେ ଚାଲି ଚାଲି ଆଗକୁ ବଢୁଥିଲା ବେଳେ ଜଣେ ଅଳ୍ପ ପଢୁଆ ସ୍ଥାନୀୟ ଯୁବକ ତାଙ୍କ ସମସ୍ୟା ବୁଝିଲା ଓ ନିକଟରେ ଥିବା ତାଙ୍କ ଘରକୁ ଯାଇ ସାଇକେଲରେ ପବନ ଭରିଦେବା ପାଇଁ ପ୍ରସ୍ତାବ ବାଢ଼ିଲା। ମୁଖ୍ୟ ରାସ୍ତାରୁ ବାଟ ଭାଙ୍ଗି ଯୁବକଟି ସହ ତାଙ୍କ ଗାଁ ଆଡ଼କୁ ମୁହାଁଇଲେ ବିଦେଶୀ। ଗାଁ ଭିତରେ ଗୋଟିଏ ଘର ପିଣ୍ଡାରେ ବିଦେଶୀଙ୍କୁ ବସାଇ ସେ ଘର ପଛକୁ ସାଇକେଲ ନେଇ ପମ୍ପ ଦେବାକୁ ଗଲା ଯେ ଗଲାପୁତ୍ର ଆଉ ବାହୁଡ଼ି ନ ଆସିଲା। ଦୀର୍ଘ ଚାରିଘଣ୍ଟା ଅପେକ୍ଷା କରି ନିଜ ସାଇକେଲଟିକୁ ଫେରି ପାଇବାର କୌଣସି ସମ୍ଭାବନା ନ ଦେଖି ସେ ମୁଖ୍ୟ ରାସ୍ତାକୁ ଫେରିଆସିଲେ ଓ ଜଣେ ବୟସ୍କ ଉଚ୍ଚଶିକ୍ଷିତ ଓଡ଼ିଆଙ୍କ ନିକଟରେ ନିଜର ଦୁର୍ଦ୍ଦଶା ବଖାଣି ପଚାରୁଥିଲେ– ''ଇଜ୍ ଦିସ୍ ଇଓର ଇଣ୍ଡିଆ?'' ପ୍ରଶ୍ନଟିଏ ତ ନୁହେଁ, ପ୍ରତ୍ୟେକ ଭାରତୀୟଙ୍କ ଛାତିରେ ହାତୁଡ଼ିର ପ୍ରଚଣ୍ଡ ପ୍ରହାର ଯେମିତି!

ଆମରି ମାଟିରେ ସେମିତି ଆଉ ଏକ କଥା। ନେଦରଲାଣ୍ଡର ବାସିନ୍ଦା ପତ୍ନୀପତି ଦୁହେଁ ଭାରତ ଭ୍ରମଣରେ ଆସି ଓଡ଼ିଶାର ଏକ ଗ୍ରାମ୍ୟ ମେଳା ବୁଲି ଦେଖୁଥିଲା ବେଳେ କେହି ଦୁର୍ବୃତ୍ତ ତାଙ୍କ ମୋଟରସାଇକେଲରୁ ସବୁତକ ତେଲ ଚୋରାଇ ନେଇଥିଲା। ମେଳାସ୍ଥଳରୁ ପ୍ରାୟ ଛଅକିମି ଚାଲି ଚାଲି ଆସି ନିକଟସ୍ଥ ଛୋଟ ସହରର ପେଟ୍ରୋଲ ଟାଙ୍କିରେ ପହଞ୍ଚି ଦେଖିଲେ ଟାଙ୍କିରେ ତେଲ ନାହିଁ। ବିବ୍ରତ ବିଦେଶୀ ଦମ୍ପତି ସେଇ ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଭେଟି ତାଙ୍କ ସହାୟତା ଲୋଡ଼ିବାରୁ ସେ କଳାବଜାରରେ ପେଟ୍ରୋଲ ବିକୁଥିବା ଜଣେ ଦୋକାନୀଠୁଁ ତେଲ କିଣିନେବାକୁ ପରାମର୍ଶ ଦେଲେ। ହଠାତ୍ ଗମ୍ଭୀର ହୋଇ ଉଠିଲେ ବିଦେଶୀ ଓ ପରବର୍ତ୍ତୀ ପେଟ୍ରୋଲ ଟାଙ୍କି ସେଠାରୁ କେତେ ଦୂର ବୋଲି ବ୍ୟବସାୟୀଙ୍କୁ ପଚାରିଲେ। ସେଠାରୁ ବାର କିମି ଶୁଣିଲା ପରେ ତାଙ୍କ ଜିମାରେ ବାଇକ୍‌ଟି ରଖି ହାତରେ ଗୋଟିଏ ଜାର୍ ଧରି ଅନ୍ୟ ଟାଙ୍କି ଉଦ୍ଦେଶ୍ୟରେ ପତ୍ନୀପତି ଦୁହେଁ ଚାଲିବାକୁ ଲାଗିଲେ; ଆଶ୍ଚର୍ଯ୍ୟ ଚକିତ ବ୍ୟବସାୟୀଙ୍କୁ ଏ କଥା କହି– ''କାହାରି ଉଚିତ ପ୍ରାପ୍ୟଠାରୁ ବେଶି ବା କମ୍ ନ ଦେବା ପାଇଁ ଆମ ଦେଶ ଆମକୁ ଶିକ୍ଷା ଦେଇଛି। ବିଦେଶ ମାଟିରେ ଏ ଶିକ୍ଷାର ଅବମାନନା କଲେ ଆମ ଦେଶର ଅସମ୍ମାନ ହେବନି? ଦେଶର ସମ୍ମାନ ଆଗରେ ଚବିଶ କିମି ଚାଲିବା କେଉଁ ବଡ଼କଥା ଯେ!'' ଆଶ୍ଚର୍ଯ୍ୟରେ ଆଖି ଯୋଡ଼ିକ ଖୋସି ହୋଇ ଯାଇଥିଲା ସେଦିନ ସେଇ ବ୍ୟବସାୟୀଙ୍କର। ତାଙ୍କ ପାଟିରୁ ବାହାରି ପଡ଼ିଥିଲା– ''କେତେ ମହାନ୍ ତୁମର ଦେଶ!''

'ମୋ ଭାରତ ମହାନ୍' ବୋଲି ଗଳା ଫଟାଇ ସ୍ଲୋଗାନ ଦେଲେ ଅବା ଇଟାବାଲି ବୋହୁଥିବା ଟ୍ରକ୍ ପଛରେ ବଡ଼ ବଡ଼ ଅକ୍ଷରରେ ଲେଖିଦେଲେ ଭାରତ ମହାନ୍ ହୋଇଯାଏ ନାହିଁ। ସେଥିପାଇଁ ଆମ ଦେଶର ପୁରୁ ଓ ବିବେକାନନ୍ଦଙ୍କ ପରି ବା ନେଦରଲାଣ୍ଡର ସେହି ଦମ୍ପତିଙ୍କ ପରି ନିଜକୁ ଗଢ଼ିବାକୁ ହୁଏ, ଯାହା ନିଜ ଢୋଲ ନିଜେ ପିଟିବା ବଦଳରେ ଆମକୁ ଦେଖି ବିଦେଶୀଏ କହନ୍ତେ– 'ତୁମ ଭାରତ ମହାନ୍'!!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ସ୍ଥାପତ୍ୟର ଅଗ୍ରଧାବିକା

ବ୍ୟକ୍ତିତ୍ୱ



ମାରିନା ତବସୁମ୍

ଘର, କାର୍ଯ୍ୟାଳୟ, ଷ୍ଟୁଡିଓଠାରୁ ଆରମ୍ଭ କରି ସର୍ବସାଧାରଣ ସୌଧ ନିର୍ମାଣ ଲାଗି ସ୍ଥପତିଙ୍କ ଉପସ୍ଥିତି ନିତାନ୍ତ ଜରୁରୀ। କେଉଁଠି ବାସ୍ତୁଶାସ୍ତ୍ର ଦେଖାଯାଇ ଏସବୁ ନିର୍ମାଣ ହେଉଛି ତ ଆଉ କେଉଁଠି ବିଶୁଦ୍ଧ ପରିବେଶ ଉପଯୋଗୀ ନିର୍ମାଣକୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ କେତେକ ସୃଜନଶୀଳ ସ୍ଥପତି ଅଛନ୍ତି ଯେଉଁମାନେ ଲାଭଖୋର ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ଜାବୁଡ଼ି ନ ଧରି ନୂଆ କିଛି ଭେଟି ଦେବାକୁ ଅହରହ ଚେଷ୍ଟା କରୁଛନ୍ତି। ବାଂଲାଦେଶର ମାରିନା ତବସୁମ୍ ଏଭଳି ଚେହେରାର ଜଣେ ବ୍ୟକ୍ତି, ଯିଏକି ପରିବେଶ ଓ ଜଳବାୟୁକୁ ଦୃଷ୍ଟିରେ ରଖି ନକ୍ସା ଆଙ୍କୁଛନ୍ତି। ତାଙ୍କ ସୃଜନାତ୍ମକ ପରିକଳ୍ପନାରେ ଗଢ଼ିଉଠୁଥିବା ସୌଧ ଅନ୍ତର୍ଜାତୀୟ ସ୍ତରର ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଥମ ଦକ୍ଷିଣ ଏସୀୟ ଭାବେ ସେ ଲିସବନ୍ ଟ୍ରଏନାଲ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ ପାଇବା ଲାଗି ଯୋଗ୍ୟ ବିବେଚିତ ହୋଇଛନ୍ତି। ସମକାଳୀନ ବିଷୟବସ୍ତୁ, ନିର୍ଦ୍ଦିଷ୍ଟ ସଂସ୍କୃତି ଓ ଭୌଗୋଳିକ ସ୍ଥିତିକୁ ଦେଖି ତବ୍‌ସୁମ୍ କାର୍ଯ୍ୟ ଜାରି ରଖିବା ତାଙ୍କ କ୍ୟାରିୟରକୁ ଅଧିକ ଆକର୍ଷଣୀୟ କରିପାରିଛି ବୋଲି ପୁରସ୍କାରର ବିଚାରକମଣ୍ଡଳୀ ଉକ୍ତ ସମ୍ମାନ ଘୋଷଣା କରିବା ଅବସରରେ ଏଭଳି ପ୍ରଶଂସାସୂଚକ ମନ୍ତବ୍ୟ ଦେଇଛନ୍ତି।

ମାରିନା ତବସୁମ୍ ୧୯୬୯ରେ ବାଂଲାଦେଶ ରାଜଧାନୀ ଢାକାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପରିବାର ବଙ୍ଗ ବିଭାଜନ ପରେ ୧୯୪୭ରେ ଢାକା ଚାଲିଯାଇଥିଲେ। ପିତା କର୍କଟ ରୋଗ ବିଶାରଦ ହୋଇଥିଲେ ହେଁ ଝିଅ ପିଲାଦିନୁ ଥିଲେ ସୃଜନମନସ୍କ। ହୋଲି କ୍ରସ୍ ଗର୍ଲସ ସ୍କୁଲ ଓ କଲେଜରୁ ସେ ପଢ଼ା ଶେଷ କରିବା ପରେ ୧୯୯୪ରେ ବାଂଲାଦେଶ ୟୁନିଭର୍ସିଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ଆର୍କିଟେକ୍‌ଚରରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୯୫ରେ ସେ କାସେଫ୍ ଚୌଧୁରୀଙ୍କ ସହ ମିଶି 'ଅର୍ବାନା' ନାମରେ ଏକ ସ୍ଥାପତ୍ୟ ସଂସ୍ଥା ପ୍ରତିଷ୍ଠା କରିଥିଲେ। ୧୦ ବର୍ଷ ସେହିଠାରେ ବିଭିନ୍ନ ପ୍ରକାର ପ୍ରକଳ୍ପର ନକ୍ସା ଆଙ୍କିଥିଲେ। ଏହି ଦଶନ୍ଧି ଭିତରେ ସେ ଅର୍ଜନ କରିଥିବା ଅଭିଜ୍ଞତାକୁ ପାଥେୟ କରି ୨୦୦୫ରେ ନିଜସ୍ୱ ଫାର୍ମ ଗଢ଼ିଲେ ଓ ତାହାର ନାମ ଦେଇଥିଲେ 'ମାରିନା ତବସୁମ୍ ଆର୍କିଟେକ୍ଟସ'। ଏହାର ପ୍ରମୁଖ ସ୍ଥପତି ଭାବେ ସେ ନୂଆ ଧରଣର ପରିକଳ୍ପନା କରି ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେଲେ। ତାଙ୍କ ସୃଜନାତ୍ମକ କାର୍ଯ୍ୟକୁ ଦେଖି ବାଂଲାଦେଶର ବିଆର୍‌ଏସି ବିଶ୍ୱବିଦ୍ୟାଳୟ ୨୦୦୫ରେ ତବ୍‌ସୁମ୍‌ଙ୍କୁ ଭିଜିଟିଂ ପ୍ରଫେସର ନିଯୁକ୍ତ କରିଥିଲା। ସେଠାରେ ସେ ସମକାଳୀନ ଦକ୍ଷିଣ ଏସୀୟ ସ୍ଥାପତ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ପଢ଼ାଇଲେ। ଢାକାସ୍ଥିତ ଅନ୍ୟତମ ଘରୋଇ ବିଶ୍ୱବିଦ୍ୟାଳୟ 'ୟୁନିଭର୍ସିଟି ଅଫ୍ ଏସିଆ ପାସିଫିକ୍'ରେ ଅଣ୍ଡରଗ୍ରାଜୁଏଟ୍ ଷ୍ଟୁଡିଓ ପାଠ୍ୟକ୍ରମ ପଢ଼ାଇବା ସହ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଓ ସମ୍ମିଳନୀରେ ସ୍ଥାପତ୍ୟ କଳା ଉପରେ ସନ୍ଦର୍ଭ ଉପସ୍ଥାପନ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସମ୍ମାନ ସ୍ୱରୂପ ତାଙ୍କୁ ୨୦୧୫ରୁ 'ବେଙ୍ଗଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଆର୍କିଟେକ୍‌ଚର ଲାଣ୍ଡସ୍କେପ୍‌ସ ଆଣ୍ଡ୍ ସେଟଲ୍‌ମେଣ୍ଟସ' ଏକାଡେମିକ୍ ପ୍ରୋଗ୍ରାମ୍‌ର ନିର୍ଦ୍ଦେଶକ ରଖାଯାଇଆସିଛି। ବାଂଲାଦେଶର ସିଭିଲ୍ ଏଭିଏଶନ ଅଥରିଟି (ସିଏଏ) କାର୍ଯ୍ୟ ଲାଗି ଭାରତର ଶ୍ରେଷ୍ଠ ସ୍ଥପତି ବିଜୟ ଜୈନଙ୍କୁ ନିମନ୍ତ୍ରଣ କରିବା ଲାଗି ୨୦୧୩ରେ ପ୍ରସ୍ତାବ ଦେଇ ସ୍ଥାପତ୍ୟ କଳା ପ୍ରତି ଥିବା ତାଙ୍କ ଗଭୀର ଅନୁରାଗକୁ ବ୍ୟକ୍ତ କରିଥିଲେ।

ତବସୁମ୍ ନୂଆ ପିଢ଼ିର ସ୍ଥାପତ୍ୟ ଭାବନାର ଅନ୍ୟତମ ପ୍ରମୁଖ ବିନ୍ଧାଣି। ସେ କହନ୍ତି ବଜାରଭିତ୍ତିକ ସୌଧ ପରିକଳ୍ପନାରେ କେବଳ ଲାଭଖୋର ମନୋବୃତ୍ତି ନୁହେଁ, ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନୁକୂଳ ହୋଇପାରୁଥିବା ପ୍ରକଳ୍ପକୁ ଛିଡ଼ା କରାଇପାରିଲେ ସ୍ଥପତିର ନକ୍ସା ବାସ୍ତବ ରୂପ ନେଇଥାଏ। ମଣିଷର ଜୀବନ୍ତ ଅଭ୍ୟାସ ଓ ଚାହିଦାକୁ ଦେଖି ପୁନଃଭାବନା ଜାଗ୍ରତ ହେବା ଆବଶ୍ୟକ। ବିଶ୍ୱକୁ ବଦଳାଇବା କ୍ଷେତ୍ରରେ ସୂକ୍ଷ୍ମ ପରିବର୍ତ୍ତନ ମୁଖ୍ୟ ହାତଯନ୍ତ୍ରଟି ମଧ୍ୟ ପାଲଟିଯାଇପାରେ। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱତାପନକୁ ଦୃଷ୍ଟିରେ ରଖି ସ୍ଥପତିମାନେ ନିଜସ୍ୱ ଚିନ୍ତା ଖଟାଇବା ଦରକାର। ପ୍ରତ୍ୟେକ ପ୍ରକଳ୍ପ ଲାଗି ପ୍ରଚୁର ଗବେଷଣା ଓ ସୂଚନାକୁ ଏକତ୍ର କରାଯିବା ଆବଶ୍ୟକ ହୋଇପଡ଼ିଲାଣି। ତେଣୁ ସେ ସଂଗ୍ରହାଳୟ, ଗୋଷ୍ଠୀ କେନ୍ଦ୍ର ହେଉ ବା ଘରୋଇ ଆବାସସ୍ଥଳୀ ଯାହା କିଛି ପାଇଁ ନକ୍ସା ଦେଇଥାଆନ୍ତି, ସେଥିରେ ପରିବେଶ ଉପଯୋଗୀ ଚିନ୍ତାକୁ ସନ୍ନିବେଶିତ କରିଥାଆନ୍ତି। ବାଂଲାଦେଶର 'ବେ ଅର୍ ରୁଫ୍ ମସ୍କ' ପ୍ରକଳ୍ପ ତାଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ସୂଚାଇଥାଏ। ସେଥିପାଇଁ ସେ ୨୦୧୬ରେ ସ୍ଥାପତ୍ୟ କ୍ଷେତ୍ରରେ ଆଗା ଖାଁ ପୁରସ୍କାର ପାଇଥିଲେ। ତବସୁମ୍ ଏବେ ଦକ୍ଷିଣ–ପୂର୍ବ ବାଂଲାଦେଶର କକ୍ସ ବଜାର ନିକଟ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଲାଗି ଖୁବ୍ କମ୍ ଅର୍ଥ ବ୍ୟୟରେ ମୋବାଇଲ ମଡ୍ୟୁଲାର ହାଉସ୍ ନିର୍ମାଣ ଲାଗି କାର୍ଯ୍ୟ କରୁଛନ୍ତି। ଏପରି କି ସ୍ଥାନାନ୍ତରିତ ହୋଇପାରୁଥିବା ବାଉଁଶ କୁଡ଼ିଆ ନିର୍ମାଣ କରି ଯୋଗାଇ ଦେବାରେ ତାଙ୍କର ଅବଦାନ ରହିଛି। ଏଭଳି ମାନବୀୟ କାର୍ଯ୍ୟ ସହ ପରିବେଶ ଉପଯୋଗୀ ସ୍ଥାପତ୍ୟ ଶିଳ୍ପ ସକାଶେ ଉପାଦେୟ ନକ୍ସା ଦେବାରେ ତବସୁମ୍ ଅଗ୍ରଧାବିକା ପାଲଟିଯାଇଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କେରଳର ଦମ୍ପତି ଶିବ ସ୍ୱାମୀ ଓ ମହାଲକ୍ଷ୍ମୀ ଅସହାୟ ପିଲାମାନଙ୍କ ଶିକ୍ଷା ପାଇଁ ସବୁକିଛି ସମର୍ପଣ କରିଦେଇଛନ୍ତି। କୋଏମ୍ବାଟୁରର ପଚପଲୟମ୍‌ରେ ରହୁଥିବା ଏହି ଦମ୍ପତି 'କଲଭି ଥୁନାଇ' ସଂସ୍ଥା ଗଢ଼ି ଏବେ ସୁଦ୍ଧା ୧୦୦୦ରୁ ଊର୍ଦ୍ଧ୍ୱ ଅସହାୟ ପିଲାଙ୍କୁ ମାଗଣାରେ ଶିକ୍ଷା ପ୍ରଦାନ କରିସାରିଲେଣି। ସେମାନଙ୍କ ମଧ୍ୟରୁ ୩୫୦ ଜଣ ବି ଚାକିରି କରିଛନ୍ତି। ୨୦୧୪ରେ ଉଭୟେ ଏହି ସଂସ୍ଥା ଗଢ଼ିଥିଲେ। ଏଠାରେ ପିଲାମାନଙ୍କ ସ୍କୁଲ୍ ଟାସ୍କ କରାଇବା, ବିଷୟ ଉପରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ସହ ଅନ୍ୟ କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଆଯାଉଛି। ଏଠାରେ ଚତୁର୍ଥରୁ ଦ୍ୱାଦଶ ଯାଏ ପିଲାଙ୍କୁ ପଢ଼ାଯାଉଛି। ଏବେ ମୋଟ ୧୩୬ ଜଣ ପିଲା ପଢୁଛନ୍ତି। ଦୁଇଟି ବ୍ୟାଚ୍‌ରେ ଶିକ୍ଷା ଦିଆଯାଉଛି। ପିଲାମାନେ ୪ଟାରୁ ୮ଟା ଯାଏ ଓ ଅନ୍ୟମାନେ ୯ଟାରୁ ୧୨ଟା ଯାଏ ପଢୁଛନ୍ତି। ଏଥିପାଇଁ ୧୧ ଜଣଙ୍କୁ ସବୈତନିକ ନିଯୁକ୍ତି ଦିଆଯାଇଛି। ସ୍କୁଲ ନିର୍ମାଣଠାରୁ ଆରମ୍ଭ କରି ଅନ୍ୟ ସବୁ କାର୍ଯ୍ୟରେ ଏ ବାବଦରେ ସେମାନେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି। ଯେଉଁ ପିଲାମାନେ ପଢାଛାଡ଼ି ଅନ୍ୟ କାର୍ଯ୍ୟ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ବି ସାମିଲ କରୁଛନ୍ତି ଏହି ଦମ୍ପତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଅଗଷ୍ଟ ୧୯୯୭

- ଆସାମ ରାଜ୍ୟପାଳ ଭାବେ ଭାରତୀୟ ପଦାତିକ ବାହିନୀର ପୂର୍ବତନ ଉପମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସିହ୍ନା ନିଯୁକ୍ତ।
- ସଙ୍ଗୀତ ସାମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କୁ 'ରାଜୀବ ଗାନ୍ଧୀ ସଦ୍‌ଭାବନା ପୁରସ୍କାର' ପ୍ରଦାନ।
- ଚୀନ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଷ୍ଟେଟ୍ କାଉନ୍‌ସିଲ ପକ୍ଷରୁ ବିଦେଶୀ ପାଣ୍ଠି ବିନିଯୋଗରେ ପ୍ରତିଷ୍ଠିତ ଟେଲିଭିଜନ ଓ ରେଡିଓ କେନ୍ଦ୍ର ଉପରେ କଟକଣା ଜାରି।

# ପାଠକ ଶ୍ରେଷ୍ଠ ବିଚାରକ

## ଗୌରବ ଫେରାଇ ଅଣାଯାଉ

ମହାଶୟ,

ଆଗରୁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ଯଥେଷ୍ଟ ସୁନାମ ଥିଲା। ବିଶେଷକରି ମାଟ୍ରିକ ଓ ଯୁକ୍ତ ୨ରେ ଛାତ୍ରୀଛାତ୍ରମାନେ ଟପ୍ପର ସ୍ଥାନ ଅଧିକାର କରୁଥିଲେ। ରାଜ୍ୟ ସରକାର ଏଥିରେ ଅନୁପ୍ରାଣୀତ ହୋଇ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଉଦ୍ୟମ ଆରମ୍ଭ କଲେ। ମାତ୍ର ପରିତାପର ବିଷୟ, ଏବେ ବେସରକାରୀ ବିଦ୍ୟାଳୟ ପିଲାଏ ଉପରୋକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଟପ୍ପର ସ୍ଥାନର ଅଧିକାରୀ ହେଉଛନ୍ତି। ସେଥିପାଇଁ ଅଭିଭାବକମାନଙ୍କ ମନରେ ନାନା ପ୍ରଶ୍ନବାଚୀ ଉଙ୍କି ମାରୁଛି। ତାହାଛଡ଼ା କେନ୍ଦ୍ରୀୟ ବିଦ୍ୟାଳୟଗୁଡିକର ସ୍ଥିତି ଯଥେଷ୍ଟ ଉନ୍ନତ। ଉକ୍ତ ବିଦ୍ୟାଳୟଗୁଡ଼ିକରେ ଦକ୍ଷ ଶିକ୍ଷକମାନେ ଭରପୂର ହୋଇ ରହିଛନ୍ତି। ଶିକ୍ଷାର ପରିବେଶ ମଧ୍ୟ ମନ୍ଦ ନୁହେଁ। ଏତେ ସତ୍ତ୍ୱେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳାଫଳ ଉନ୍ନତ ପରିଲକ୍ଷିତ ନ ହେବା ଦୁର୍ଭାଗ୍ୟର କଥା। ତେବେ ପୂର୍ବ ଗୌରବକୁ ଫେରାଇ ଆଣିବା ନିମନ୍ତେ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିରହ ମିଳନ ଶୁଭଇ ଛଳନା ସମ
ତଥାପି ତୋ ରୂପେ ଲୋଲୁପ ପରାଣ ମମ
ତଥାପି ରସନା ଡାକିବାକୁ ଖୋଜେ ତୋତେ
''ଜୀବନ ଦୋସର ପରାଣର ପ୍ରିୟତମ।''
(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ହ୍ରାସ ପାଉଛି ସିନେୱାର୍ଲଡର ଶେୟାର

ନୂଆଦିଲ୍ଲୀ: ବିଶ୍ୱର ୨ୟ ସର୍ବବୃହତ୍ ସିନେମା ଅପରେଟର ଆମେରିକାର ସିନେୱାର୍ଲଡର ଶେୟାର ହ୍ରାସ ପାଉଛି। ଫଳରେ କମ୍ପାନୀ ନିଜକୁ ଦେବାଳିଆ ଘୋଷଣା କରିବା ପାଇଁ ସରକାରଙ୍କ ନିକଟରେ ଆବେଦନ କରିବାକୁ ଯୋଜନା କରୁଛି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ରିପୋର୍ଟ ଅନୁସାରେ କମ୍ପାନୀ ଆମେରିକା ଏବଂ ବ୍ରିଟେନରେ ବ୍ୟାଙ୍କରପ୍ସି ପ୍ରୋସେସ ଉପରେ ପରାମର୍ଶ ଦେବା ପାଇଁ କ୍ରିକ୍‌ଲ୍ୟାଣ୍ଡ ଏବଂ ଏଲିସ ଏଲ୍‌ଏଲ୍‌ପିର ଆଇନଜୀବୀ ଏବଂ ଏଲିକ୍ସାପାର୍ଟର୍ସଙ୍କୁ ପରାମର୍ଶଦାତା ନିଯୁକ୍ତ କରିଛି। କ୍ରମାଗତ ଭାବେ ସିନେୱାର୍ଲଡ ଗ୍ରୁପ୍‌ର କମ୍ପାନୀ ପିଏଲ୍‌ସିର ଶେୟାର ଖସି ୮୨%ରେ ପହଞ୍ଚିଛି।

# ଅଗଷ୍ଟ ୨୫ରୁ ‘ପ୍ରୋପ୍ୟାକ୍ ଓଡ଼ିଶା’




### ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ ସହ ୩୬ତମ ପ୍ରତିଷ୍ଠା ଦିବସ ପାଳନ କରିବ ଓସ୍‌ମି

**ଭୁବନେଶ୍ୱର,୨୦।୮**

ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓସ୍‌ମି) ର ୩୬ତମ ପ୍ରତିଷ୍ଠା ଦିବସକୁ ସ୍ୱତନ୍ତ୍ର ଢଙ୍ଗରେ ପାଳନ କରିବା ଲକ୍ଷ୍ୟରେ ଶନିବାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ବାଣୀବିହାର ନିକଟସ୍ଥ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍-୨୦୨୨ ସାଙ୍ଗକୁ ପ୍ରୋପ୍ୟାକ୍ ଓଡ଼ିଶା ଭଳି ଏକ ଜାତୀୟ ସ୍ତରର ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଉଛି ବୋଲି ସଂଘ ପକ୍ଷରୁ କୁହାଯାଇଥିଲା। ଅଗଷ୍ଟ୨୫ରୁ ୨୮ପର୍ଯ୍ୟନ୍ତ ସ୍ଥାନୀୟ ଜନତା ମଇଦାନଠାରେ ହେବାକୁ ଥିବା ଏହି ଜାତୀୟସ୍ତରୀୟ ପ୍ରଦର୍ଶନୀରେ ସାରା ଭାରତରୁ ପ୍ୟାକେଜିଂ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ୪୦ରୁ ଅଧିକ ଶିଳ୍ପ ସଂସ୍ଥା ଅଂଶଗ୍ରହଣ କରିବାକୁ ଥିବା ବେଳେ ଇରାନର ଏକ ବହୁଦେଶୀୟ କମ୍ପାନୀ ମଧ୍ୟ ଉକ୍ତ ପ୍ରଦର୍ଶନୀରେ ସାମିଲ ହେଉଛି। ସେହିଭଳି ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୦୦ରୁ ଅଧିକ ଏସ୍‌ଏମ୍‌ଇ ଅନୁଷ୍ଠାନ ଉକ୍ତ ପ୍ରଦର୍ଶନୀରେ ଭାଗ ନେବେ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଓସ୍‌ମିର ମହାସଚିବ ସାତ୍ୱିକ ସ୍ୱାଇଁ କହିଛନ୍ତି, ଆମେ ଆମର ୩୬ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ୨ଟି କାର୍ଯ୍ୟକ୍ରମ ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍‌ଏସଏମଇ ମିଟ୍-୨୦୨୨ ସମ୍ପର୍କରେ ଘୋଷଣା କରି ଅତ୍ୟନ୍ତ ଉଲ୍ଲସିତ। ଜାତୀୟ ଓ ଅନ୍ତର୍ଜାତୀୟ ବ୍ରାଣ୍ଡଗୁଡ଼ିକ ସହ ଯୋଡ଼ିହେବା ଓ ଏକ ବ୍ୟାପକ ବର୍ଗଙ୍କୁ ନିଜ ଉତ୍ପାଦ ଓ ସେବା ପ୍ରଦର୍ଶିତ କରିବାରେ ଏହି ୨ କାର୍ଯ୍ୟକ୍ରମ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରିବ। ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍ ୨୦୨୨ରେ ଏହି କ୍ଷେତ୍ର ଉପରେ ଗଭୀର ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ଏବଂ ବିଭିନ୍ନ ପ୍ରସଙ୍ଗ ଉପରେ ସାରଗର୍ଭକ ଆଲୋଚନା ହେବ। ଓଡ଼ିଶାର ଏସ୍‌ଏମ୍‌ଇ ବ୍ୟତୀତ ବହୁ ଜାତୀୟ ସ୍ତରର ସଂସ୍ଥା ଓ କିଛି ବହୁଦେଶୀୟ କମ୍ପାନୀ ଏଥିରେ ଅଂଶଗ୍ରହଣ କରିବେ। ଓଡ଼ିଶା ସରକାର ପ୍ୟାକେଜିଂ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ଏହା ସରକାରଙ୍କ ପାଇଁ ଅନ୍ୟତମ ଗୁରୁତ୍ୱ କ୍ଷେତ୍ର। ସେହି ପରିପ୍ରେକ୍ଷୀରେ ଓସ୍‌ମି ପକ୍ଷରୁ ପ୍ରୋପ୍ୟାକ୍ ଓଡ଼ିଶା-୨୦୨୨ର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ବିଶେଷକରି ପ୍ୟାକେଜିଂ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯିବ। କାରଣ ଏହି କ୍ଷେତ୍ରରେ ବ୍ୟାପକ ସୁଯୋଗ ରହିଥିବା ବେଳେ ଆଗକୁ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଅପରପକ୍ଷରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଥିବା ଏଭଳି ଏକ ପ୍ରଦର୍ଶନୀ ଅଂଶଗ୍ରହଣକାରୀ ଶିଳ୍ପସଂସ୍ଥାଗୁଡ଼ିକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ସହ ସେମାନଙ୍କ ଉତ୍ପାଦ ଓ ସେବାକୁ ପ୍ରଦର୍ଶିତ କରିବା, ପରସ୍ପର ସହ ଯୋଡ଼ିହେବା ଓ ଚିନ୍ତାଧାରା ଆଦାନପ୍ରଦାନ କରିବାର ଏକ ବୃହତ୍ ମଞ୍ଚ ସାବ୍ୟସ୍ତ ହେବ। ଏହା ରାଜ୍ୟର ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ନୂଆ ବ୍ୟବସାୟ ଓ ନେଟ୍‌ୱର୍କିଂ ସୁଯୋଗକୁ ପ୍ରଦର୍ଶିତ କରିବ ଏବଂ ନୂଆ ବଜାର ଓ ପ୍ରଦର୍ଶନକାରୀଙ୍କ ପାଇଁ ବ୍ୟବସାୟ ସ୍ରୋତ ମଧ୍ୟ ସୃଷ୍ଟି କରିବ। ଉକ୍ତ ସମ୍ମିଳନୀରେ ସଂଘର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ଉପାଧ୍ୟକ୍ଷ ଜଗଦୀଶ ମିଶ୍ର, ମହିଳା ଶାଖାର ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାନ୍ତି, ମହାସଚିବ ସାତ୍ୱିକ ସ୍ୱାଇଁ, ଅର୍ଥସଚିବ ଆଦିକନ୍ଦ ରାଉତ, ଜଏଣ୍ଟ ସେକ୍ରେଟାରି ଏକ୍‌ଜିକ୍ୟୁଟିଭ ଦେବ ମିଶ୍ର, ଚନ୍ଦନା ଦାସ, ସାହିଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଶୁଭଲକ୍ଷ୍ମୀ ସମବାୟ ସମିତିକୁ ସମ୍ମାନିତ କରିଛି ବେଦାନ୍ତ

**ଭୁବନେଶ୍ୱର,୨୦।୮**

ଆଜାଦୀ କା ଅମୃତ ମହୋତ୍ସବ ଅବସରରେ କେନ୍ଦ୍ର ସରକାର ‘ହର୍ ଘର୍ ତ୍ରିରଙ୍ଗା’ ନାମରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରିବାକୁ କହିଥିଲେ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମ ସହଯୋଗରେ ଭାରତର ବୃହତ୍ ଗ୍ରାମୀଣ ମହିଳା ସମବାୟ ସମିତି ‘ଶୁଭଲକ୍ଷ୍ମୀ ସମବାୟ ସମିତି’ର ସଦସ୍ୟାମାନେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଜନସାଧାରଣଙ୍କ ପାଇଁ ଜାତୀୟ ପତାକା ପ୍ରସ୍ତୁତ କରିଥିଲେ। ଅପରପକ୍ଷରେ ବେଦାନ୍ତ ଆଲୁମିନିୟମର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ଘର ଘର ବୁଲି ଲୋକମାନଙ୍କୁ ତ୍ରିରଙ୍ଗା ବଣ୍ଟନ କରିଥିଲେ। ଏହି ପତାକାଗୁଡ଼ିକୁ ଶୁଭଲକ୍ଷ୍ମୀ ମହିଳା ସମିତି ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ସମିତିର ସଦସ୍ୟାଙ୍କ ଅବଦାନକୁ ସମ୍ମାନ ଜଣାଇ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ସେମାନଙ୍କୁ ସମ୍ମାନିତ କରିଥିଲା। ଏପରିକି କମ୍ପାନୀ ପରୋକ୍ଷ ଭାବେ ସମିତିକୁ ସହଯୋଗ କରିବା ସହ ଆର୍ଥିକ ଅଭିବୃଦ୍ଧି ହାସଲ କରାଯାଇଥିଲା। ବେଦାନ୍ତ ଆଲୁମିନିୟମ ଦ୍ୱାରା ପ୍ରୋତ୍ସାହନରେ ଗୋଷ୍ଠୀର ବିକାଶ ପାଇଁ ଶୁଭଲକ୍ଷ୍ମୀ ମହିଳା ସମବାୟ ସମିତି ସ୍ଥାୟୀ ଜୀବିକା ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ କରୁଛି। ୨୦୦୮ରେ ମାତ୍ର ୧୦ ଜଣ ସଦସ୍ୟାଙ୍କୁ ନେଇ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନରେ ଆଜି ୪୧୦୦ରୁ ଅଧିକ ମହିଳା ସଦସ୍ୟ ଅଛନ୍ତି। ବର୍ତ୍ତମାନ ଏହି ସମବାୟ ସମିତି ୭୨ ଗ୍ରାମରେ ନିଜର ଉପସ୍ଥିତି ବଜାୟ ରଖିଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଜାତୀୟ ପତାକାକୁ ଅତି ଯତ୍ନର ସହ ଏହି ମହିଳାମାନେ ସିଲେଇ କରିଥିଲେ। ଫଳରେ ସମିତିର ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ପତାକା ଝାରସୁଗୁଡ଼ାର ହଜାର ହଜାର ଘର ଉପରେ ଉଡୁଥିବା ଦେଖି ଆମେ ଗର୍ବିତ। ସେହିଭଳି ଆମେ ସ୍ଥାନୀୟ ଗୋଷ୍ଠୀର ଉନ୍ନତି ପାଇଁ ସର୍ବଦା ପ୍ରତିଶ୍ରୁତିବଦ୍ଧ।



**ଜନ୍ମଦିନର ଶୁଭେଚ୍ଛା**



**ରିଙ୍କୁ**
ନୂଆ ହିନ୍ଦୋଳ, ଢେଙ୍କାନାଳ
ଜନ୍ମଦିନର ଅନେକ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ତୁମ ଉପରେ ସର୍ବଦା ରହିଥାଉ। ତୁମର ନିଜ କାମ ପ୍ରତି ନିଷ୍ଠା ଏବଂ ଭଲପାଇବା ଆମ ସମସ୍ତଙ୍କ ପାଇଁ ପ୍ରେରଣା ହେଉ, ଈଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମର ସବୁ ସ୍ୱପ୍ନ ସେ ପୂରଣ କରନ୍ତୁ।
ଧ-୭୪୦୦୫

# ରିଅଲ୍‌ମିର ନୂତନ ଉତ୍ପାଦ ଉନ୍ମୋଚିତ

**ନୂଆଦିଲ୍ଲୀ,୨୦।୮**

ରିଅଲ୍‌ମିର ନୂତନ ଉତ୍ପାଦଗୁଡ଼ିକ ନିକଟରେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏହାର ହିୟରେବୁଲ୍ସ ପୋର୍ଟଫୋଲିଓରେ ରିଅଲ୍‌ମି ଟେକ୍‌ଲାଇଫ୍ ବଡ୍‌ସ ଟି୧୦୦ ସହ ନୂତନ ସ୍ମାର୍ଟଫୋନ୍ ରିଅଲ୍‌ମି ୯ଆଇ ୫ଜିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ରିଅଲ୍‌ମି ଇଣ୍ଡିଆର ସିଇଓ ମାଧବ ସେଠ୍ କହିଛନ୍ତି, ଆମେ ଚଳିତ ବର୍ଷ ଭାରତରେ ଏକ ୫ଜି ଡେମୋକ୍ରାଟାଇଜରରେ ପରିଣତ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛୁ ଏବଂ ରିଅଲ୍‌ମି ୯ଆଇ ୫ଜି ହେଉଛି ସେହି ଦିଗରେ ଏକ ପ୍ରମୁଖ ପଦକ୍ଷେପ।

# ଭିଆଇଟିର ୩୭ତମ ସମାବର୍ତ୍ତନ ଉତ୍ସବ



ଭିଆଇଟିର ୩୭ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଅତିଥିମାନେ ସମ୍ମାନିତ କରୁଛନ୍ତି।

**ନୂଆଦିଲ୍ଲୀ,୨୦।୮**

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି) ର ୩୭ ତମ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ଏବଂ ଆମେରିକାର କନ୍‌ସଲ୍ ଜେନେରାଲ ଜୁଡିଥ୍ ରବିନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଶିକ୍ଷାନୁଷ୍ଠାନ ଓ କୃତୀ ଛାତ୍ରଙ୍କ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆମେରିକାର ନ୍ୟାଶନାଲ୍ ସାଇନ୍ସ ଫାଉଣ୍ଡେଶନ (ଏନ୍‌ଏସ୍‌ଏଫ୍)ର ନିର୍ଦ୍ଦେଶକ, ଡ.ସେଥୁରାମନ୍ ପଞ୍ଚନାଥନ୍‌ଙ୍କୁ ଡକ୍ଟର ଅଫ୍ ଫଲୋସଫି (Honoris Causa) ପ୍ରଦାନ କରାଯାଇଛି। ଉକ୍ତ ସମାବର୍ତ୍ତନ ଉତ୍ସବରେ ମୋଟ ୮୩୮୩ ଜଣ ସ୍ନାତକୋତ୍ତର, ଉଚ୍ଚ ସ୍ନାତକୋତ୍ତର ଏବଂ ଅନୁସନ୍ଧାନ ବର୍ଗରେ ଡିଗ୍ରୀ ହାସଲ କରିଥିଲେ। ଏ ସମ୍ପର୍କରେ ଭିଆଇଟିର ପ୍ରତିଷ୍ଠାତା କୁଳପତି ଡ. ଜି. ବିଶ୍ୱନାଥନ୍ କହିଛନ୍ତି, ୨୦୨୨ ଏକାଡେମିକ୍ ର୍ୟାଙ୍କିଙ୍ଗ୍ ଅଫ୍ ୱାର୍ଲ୍ଡ ୟୁନିଭର୍ସିଟିରେ ଭାରତର ଶ୍ରେଷ୍ଠ ୩ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏବଂ ବିଶ୍ୱର ଶ୍ରେଷ୍ଠ ୬୦୧-୭୦୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭିଆଇଟି ସ୍ଥାନିତ ହୋଇଛି। ଶିକ୍ଷା ଏବଂ ଅନୁସନ୍ଧାନ କ୍ଷେତ୍ରରେ ଅଧିକରୁ ଅଧିକ ବିନିଯୋଗ କରିବାକୁ ସେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଆହ୍ୱାନ କରିଛନ୍ତି। ସେହିଭଳି ଭିଆଇଟିର ଉପାଧ୍ୟକ୍ଷ ଶଙ୍କର ବିଶ୍ୱନାଥନ୍, ଡ. ସେକର ବିଶ୍ୱନାଥନ୍ ଏବଂ ଜି.ଭି. ସେଲ୍‌ଭାମଙ୍କ ସମେତ ଭିଆଇଟିର ସମସ୍ତ କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଚଳିତ ବର୍ଷ ବଢ଼ିବ ଖାଦ୍ୟଶସ୍ୟ ଉତ୍ପାଦନ

- କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି
- କୃଷି ଉତ୍ପାଦନ ଜରିଆରେ ମୁଦ୍ରାସ୍ଫୀତିର ସୁଧାର ଆଣିବାକୁ ଲକ୍ଷ୍ୟ



ନରେନ୍ଦ୍ର ସିଂ ତୋମାର

**ନୂଆଦିଲ୍ଲୀ,୨୦।୮**

ଚଳିତ ବର୍ଷ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବ ବର୍ଷଠାରୁ ରେକର୍ଡ ପରିମାଣରେ ବୃଦ୍ଧି ପାଇବ ବୋଲି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁସାରେ ୨୦୨୨-୨୩ ରେ ଦେଶର ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ସାଙ୍ଗକୁ ଘରୋଇ ବଜାରରେ ମଧ୍ୟ ଏହାର ଚାହିଦା ବଢ଼ିବ। ଫଳରେ ଦେଶର ମୁଦ୍ରାସ୍ଫୀତି କିଛି ପରିମାଣରେ ସୁଧାର ସାଙ୍ଗକୁ ଅର୍ଥନୈତିକ କାରବାରରେ ମଧ୍ୟ ଭଲ ଫଳାଫଳ ପ୍ରଦାନ କରିବ। ସରକାରୀ ରିପୋର୍ଟ ଅନୁସାରେ ୨୦୨୧-୨୨ ରେ ଚାଉଳ, ଗହମ ଏବଂ ଡାଲି ସମେତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଉତ୍ପାଦନ ରେକର୍ଡ ୩୧୫.୭ ନିୟୁତ ଟନ୍ ଛୁଇଁବ। ସେହିପରି ୨୦୨୦-୨୧ ତୁଳନାରେ ଏହା ୪.୯୮ ନିୟୁତ ଟନ୍ ଅଧିକ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଖାଦ୍ୟ ଏବଂ କୃଷି ସଂସ୍ଥାନ (ଏଫ୍‌ଏଓ)ର ଖାଦ୍ୟ ଦର ସୂଚକାଙ୍କ ୨୦୨୨ରେ ୧୩.୮%କୁ ବୃଦ୍ଧି ପାଇଛି। ସେହିଭଳି ଖାଦ୍ୟଶସ୍ୟ, ତୈଳ ଏବଂ ଦୁଗ୍ଧଜାତ ସାମଗ୍ରୀ ଦର ବୃଦ୍ଧି ଫଳରେ ବିଶ୍ୱ ବଜାରରେ ଖାଦ୍ୟ ଦର ବୃଦ୍ଧି ପାଇଛି। ଘରୋଇ ବଜାର ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଅନ୍ତର୍ଜାତୀୟ ବଜାରରେ ବର୍ଦ୍ଧିତ ଦରର ଲାଭ ଉଠାଇବା ପାଇଁ ଗହମ ଏବଂ ଚିନି ଉତ୍ପାଦନକାରୀମାନେ ସେମାନଙ୍କ ରପ୍ତାନି ପରିମାଣ ବଢ଼ାଇଦେବା ଫଳରେ ଘରୋଇ ବଜାରରେ ଏସବୁ ସାମଗ୍ରୀ ଦର ବଢ଼ିଥିଲା। ଘରୋଇ ବଜାରରେ ଯୋଗାଣ ଅଭାବ ସ୍ଥିତି ଉପୁଜିଥିଲା। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ରପ୍ତାନି ଉପରେ ମଧ୍ୟ କଟକଣା ଲାଗୁ କରିଥିଲେ। ତେବେ ରପ୍ତାନି କଟକଣା ପୂର୍ବରୁ ଅର୍ଥାତ୍ ଜାନୁୟାରୀ-ଏପ୍ରିଲରେ ଦେଶର ହାରାହାରି ଗହମ ରପ୍ତାନି ପରିମାଣ ୯୦୩,୬୯୦ ଟନ୍ ଥିଲା, ଯାହାକି ୨୦୨୧ ତୁଳନାରେ ଅନେକ ମାତ୍ରାରେ ଅଧିକ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ୨୦୨୧ରେ ଦେଶରୁ ମୋଟ ୫୧୫,୨୬୭ ଟନ୍ ଗହମ ରପ୍ତାନି ହୋଇଥିଲା। ଟଙ୍କାର ବିନିମୟ ମୂଲ୍ୟ ଖସିବା ସମୟରେ ଅନ୍ତର୍ଜାତୀୟ ବଜାରରେ ଖାଇବା ତେଲର ବର୍ଦ୍ଧିତ ଦର ଆମଦାନୀ ବିଲ୍ ବଢ଼ାଇଥିଲା। ଖାଦ୍ୟ ମୁଦ୍ରାସ୍ଫୀତି ଉପରେ ଏହାର ପ୍ରଭାବ ପଡ଼ିଥିବା ରେଟିଂ ଏଜେନ୍ସି କ୍ରିସିଲ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ ମଧ୍ୟ ଉଲ୍ଲେଖ କରାଯାଇଛି। ତେବେ ୨୦୨୧-୨୨ରେ ଉତ୍ପାଦନ ହେବାକୁ ଥିବା ୩୧୫.୭ ନିୟୁତ ଟନ୍ ଖାଦ୍ୟଶସ୍ୟ ୨୦୧୬-୧୭ରୁ ୨୦୨୦-୨୧ ପର୍ଯ୍ୟନ୍ତ ୫ ବର୍ଷରେ ଦେଶର ହାରାହାରି ଖାଦ୍ୟଶସ୍ୟ ଉତ୍ପାଦନ ତୁଳନାରେ ୨୫ ନିୟୁତ ଟନ୍ ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ରେକର୍ଡ ୧୩୦.୨୯ ନିୟୁତ ଟନ୍ ଚାଉଳ ଏବଂ ୧୦୬.୮୪ ନିୟୁତ ଟନ୍ ଗହମ ଉତ୍ପାଦନ ହେବ ବୋଲି କୃଷି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ତେବେ ତୈଳବୀଜ ଉତ୍ପାଦନ ରେକର୍ଡ ୩୭.୭ ନିୟୁତ ଟନ୍ ହେବ ବୋଲି ମନ୍ତ୍ରଣାଳୟ ଅନୁମାନ କରିଛି। ସେହିଭଳି ୨୦୨୧-୨୨ରେ ୨୭.୬୯ ନିୟୁତ ଟନ୍ ଡାଲି ଉତ୍ପାଦନ ହେବ ବୋଲି ଅନୁମାନ କରାଯାଇଛି। ଗତ ୫ ବର୍ଷର ହାରାହାରି ବାର୍ଷିକ ଉତ୍ପାଦନ ତୁଳନାରେ ଏହା ୩.୮୭ ନିୟୁତ ଟନ୍ ଅଧିକ ରହିବ। ନରେନ୍ଦ୍ର ମୋଦି ସରକାରଙ୍କ ଚାଷୀ ଅନୁକୂଳ ନୀତି, କୃଷକମାନଙ୍କ କଠିନ ପରିଶ୍ରମ ଏବଂ ବୈଜ୍ଞାନିକମାନଙ୍କ ଉଦ୍ୟମ ଯୋଗୁ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ହେବ ବୋଲି କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ଛତିଶଗଡ଼, ଆସାମ, କର୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ହରିୟାଣା ଭଳି ଚାଉଳ ଉତ୍ପାଦନକାରୀ ରାଜ୍ୟରେ କମ୍ ବିହନ ବୁଣାଯାଇଛି। ଏଥିମଧ୍ୟରୁ ଅଧିକାଂଶ ରାଜ୍ୟରେ ଏ ବର୍ଷ ଅଭାବୀ ବର୍ଷା ଦେଖାଦେଇଛି।

# ଏସ୍‌ବିଆଇଓଏର ୪୪ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୨୦।୮**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ (ଏସ୍‌ବିଆଇଓଏ) ର ୪୪ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଭୁବନେଶ୍ୱର ମଣ୍ଡଳ ସଂଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଂଘର ପ୍ରତିଷ୍ଠାତା ଏନ୍.ଏନ୍. ଦାସ ଓ ପି. ଭି.ଏସ୍. ମୂର୍ତ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରତିଷ୍ଠା ଉତ୍ସବର ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କ୍ୟାପିଟାଲ ହସ୍ପିଟାଲ ସହାୟତାରେ ଏକ ରକ୍ତଦାନ ଶିବିର ମଧ୍ୟ ଏସ୍‌ବିଆଇର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନେଟ୍‌ୱାର୍କ-୧ର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗାନ, ନେଟ୍‌ୱର୍କ-୨ର ମହା ପ୍ରବନ୍ଧକ ଉତ୍ତମ କୁମାର ହାଜରା ଚୌଧୁରୀ, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ଭୁବନେଶ୍ୱର ଅଧିକାରୀ ସଂଘର ସଭାପତି ଅମିତାଭ ଦାସ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶୋୟୀଙ୍କ ସମେତ ସଂଘର ପୂର୍ବତନ ନେତୃବୃନ୍ଦ ଓ ଅନ୍ୟମାନେ ଉତ୍ସାହ ସହକାରେ ଶିବିରରେ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିରରୁ ୭୦ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ଜଣାପଡ଼ିଛି।

# ହୋଣ୍ଡା ଆକ୍ଟିଭାର ପ୍ରିମିୟମ ଏଡିଶନ ଉନ୍ମୋଚିତ

### ସର୍ବଭାରତୀୟ ଡିଲର୍ ପଏଣ୍ଟ ଗୁଡିକରେ ଏହା ଉପଲବ୍ଧ

**ନୂଆଦିଲ୍ଲୀ,୨୦।୮**




ଦେଶର ପ୍ରମୁଖ ୨ଚକିଆ ଯାନ ନିର୍ମାତା କମ୍ପାନୀ ‘ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍’ର ବହୁ ପ୍ରତୀକ୍ଷିତ ତଥା ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ହୋଣ୍ଡା ଆକ୍ଟିଭାର ପ୍ରିମିୟମ ଏଡିଶନ ନିକଟରେ ଉନ୍ମୋଚନ କରାଯାଇଥିଲା। ଏପରିକି ଗତ ୨ ଦଶନ୍ଧି ଧରି ଭରସାଯୋଗ୍ୟ ଓ ଅଦମ୍ୟ ଆକର୍ଷଣ ଜରିଆରେ ନିୟୁତାଧିକ ଗ୍ରାହକଙ୍କୁ ଉଲ୍ଲସିତ କରୁଥିବା ହୋଣ୍ଡା ଆକ୍ଟିଭାର ସମ୍ପୂର୍ଣ୍ଣ ନୂଆ ୨୦୨୨ ଆକ୍ଟିଭା ପ୍ରିମିୟମ ଏଡିଶନର ବଜାର ପ୍ରବେଶ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତସୁସି ଓଗାତା କହିଛନ୍ତି, ସାମ୍ନାରୁ ନେତୃତ୍ୱ ନେଇ ହୋଣ୍ଡା ଆକ୍ଟିଭା ଏହାର ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତୀକରଣ ଆକର୍ଷଣ ସହ ଦେଶର ସବୁ ବୟସ ବର୍ଗର ଚାଳକଙ୍କ ଆବଶ୍ୟକତା ପୂରଣ କରୁଛି। ଗତ ୨ ଦଶନ୍ଧିରେ ଆକ୍ଟିଭା ବ୍ରାଣ୍ଡରେ କେବଳ ପ୍ରଯୁକ୍ତି ଅଭ୍ୟୁଦୟ ହୋଇନାହିଁ ବରଂ ଏହାର ଡିଜାଇନ ଆକର୍ଷଣରେ ମଧ୍ୟ ଉନ୍ନତି ହୋଇଛି। ଏହା ପ୍ରତି ନୂଆ ଅପଡେଟ୍ ସହ ଆହୁରି ଆକର୍ଷଣୀୟ ଓ ଟ୍ରେଣ୍ଡି ହୋଇପାରିଛି। ୨୦୨୨ ପ୍ରିମିୟମ ଏଡିଶନ ସହ ଆମେ ସମ୍ପୂର୍ଣ୍ଣ ନୂଆ ଅବତାରରେ ଆକ୍ଟିଭାକୁ ଆଣିଥିବାରୁ ଉଲ୍ଲସିତ। ଏହାର ଗ୍ରାହକମାନଙ୍କୁ ସୁବର୍ଣ୍ଣ ସ୍ପର୍ଶ ସହ ଅତୁଳନୀୟ ସମୃଦ୍ଧିର ପ୍ରତିଶ୍ରୁତି ପ୍ରଦାନ କରୁଛି। ଆକ୍ଟିଭା ପ୍ରିମିୟମ ଏଡିଶନ ୩ଟି ଆକର୍ଷଣୀୟ ରଙ୍ଗ-ମ୍ୟାଟ୍ ସାଙ୍ଗ୍ରିଆ ରେଡ୍ ମେଟାଲିକ୍, ମ୍ୟାଟ୍ ମାର୍ସଲ୍ ଗ୍ରିନ୍ ମେଟାଲିକ୍ ଓ ପର୍ଲ ସାଇରନ୍ ବ୍ଲୁ ରଙ୍ଗରେ ଉପଲବ୍ଧ ହେଉଛି। ସମ୍ପୂର୍ଣ୍ଣ ନୂଆ ଆକ୍ଟିଭା ପ୍ରିମିୟମ ଏଡିଶନ କେବଳ ଡିଲକ୍ସ ଭାରିଆଣ୍ଟରେ ଉପଲବ୍ଧ ହେବ ଏବଂ ଏହାର ମୂଲ୍ୟ (ଏକ୍ସ ଶୋ’ରୁମ୍, ଦିଲ୍ଲୀ) ୭୫,୪୦୦ ଟଙ୍କା ରହିଛି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଡକ୍ଟର ରବୀନ୍ଦ୍ରନାଥ ମହାନ୍ତି**
ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୭।୧୦।୧୯୩୮
ତିରୋଧାନ: ୧୧।୦୮।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ଆଦର୍ଶ, ତ୍ୟାଗ, ନିଷ୍ଠା, ଶ୍ରଦ୍ଧା ସବୁବେଳେ ଆମ ଚଲାପଥରେ ସହାୟକ ହେଉ, ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୧୯୪୪

**ତୋରି ସ୍ମୃତିରେ**



**୰ ଅଧ୍ୟାପକ ଜୟପ୍ରକାଶ ମିଶ୍ର (ନୁନୁ)**
(୧୨.୪.୬୨ - ୨୧.୮.୯୫)
ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ - ବୋଉ ଓ ଆତ୍ମୀୟ ସ୍ୱଜନ
ଧ-୭୩୮୪୮

## ସଂକ୍ଷେପରେ

### ରି-ଆଡ୍‌ମିଶନ ଫି'କୁ ନେଇ ଛାତ୍ରଙ୍କ ମଧ୍ୟରେ ଧସ୍ତାଧସ୍ତି

#### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୨୦।୮:** ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଶନିବାର ରି-ଆଡ୍‌ମିଶନ ଫି'କୁ ନେଇ ଛାତ୍ର ଅଶାନ୍ତି ଦେଖାଦେଇଛି। ରାଧାକ୍ରିଷ୍ଣନ ହଷ୍ଟେଲର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଜଣେ ଛାତ୍ର ଓ ଅନ୍ୟଜଣେ ଏନ୍‌ସିସି କ୍ୟାଡେଟ ତଥା ଲୋକାଲ ଛାତ୍ରଙ୍କ ମଧ୍ୟରେ ରି-ଆଡ୍‌ମିଶନ ଫି' ବାନ୍ଧିବା ସମୟରେ ଉତ୍ତେଜନା ଦେଖାଦେଇଥିଲା। ଏନ୍‌ସିସି କ୍ୟାଡେଟ ଜଣକ ନିଜର କେତେଜଣ ସାଙ୍ଗଙ୍କୁ ଆଣି ହଷ୍ଟେଲ ଅନ୍ତେବାସୀଙ୍କୁ ଟାର୍ଗେଟ କରିଥିଲେ। ପୋଲିସ ପହଞ୍ଚି ଉଭୟ ପକ୍ଷ ସହ ଆଲୋଚନା ଓ ବୁଝାମଣା କରିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

### ବିଲରୁ ମୁଣ୍ଡ, ନାଳରୁ ଗଣ୍ଡି ଉଦ୍ଧାର

#### ୧୭ରୁ ନିଖୋଜ ଥିଲେ ଯୁବକ

**ପାତ୍ରପୁର, ୨୦।୮(ଡି.ଏନ.ଏ):** ଜରଡ଼ା ଥାନା ଖାରିଆଗୁଡା ଫାଣ୍ଡି ପଲାସପୁର ଗ୍ରାମର ବୃନ୍ଦାବନ ଯାନୀ(୫୫)ଙ୍କୁ କେହି ହତ୍ୟାକରି ମୁଣ୍ଡଗଣ୍ଡି ଅଲଗା କରି ଫିଙ୍ଗିଦେଇଛନ୍ତି। ୧୭ ତାରିଖ ସନ୍ଧ୍ୟାରେ ବୃନ୍ଦାବନ ଚଣାବାଡ଼ିକୁ ବୁଲିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଶନିବାର ତାଙ୍କ କଟା ମୁଣ୍ଡ ବିଲରେ ପଡିଥିବା ଜଣେ ମଇଁଷି ଚରାଳି ଦେଖି ଗାଁ ଲୋକଙ୍କୁ ଡାକିଥିଲେ। ଗ୍ରାମବାସୀଙ୍କଠାରୁ ପୋଲିସ ଖବର ପାଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭାତ୍ରାଙ୍କ ସହ ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି।

### ଛତୁ ତରକାରି ଖାଇ ପରିବାରର ୫ ଗୁରୁତର

**ସମ୍ବଲପୁର,୨୦।୮(ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ମନ୍ଦଲିଆରେ ଶନିବାର ଛତୁ ତରକାରି ଖାଇ ଗୋଟିଏ ପରିବାରର ୫ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଜିଲା ସଦର ଡାକ୍ତଖାନାରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଗୋବର୍ଦ୍ଧନ ଦାସ, ସ୍ତ୍ରୀ ବିଶାଖା, ପୁଅ ବିଶାଳ, ବୋହୂ ଛାୟା ଓ ପୁଅ ବିରାଟ। ଗୋବର୍ଦ୍ଧନ ମହାନଦୀ କୂଳରେ ଫୁଟିଥିବା ଛତୁ ତୋଳି ଘରକୁ ଆଣିଥିଲେ। ଘରେ ରୋଷେଇ କରି ପରବାର ସଦସ୍ୟମାନେ ମଧ୍ୟାହ୍ନ ଭୋଜନରେ ଖାଇଥିଲେ। ଅପରାହ୍ନ ୪ଟା ସମୟରେ ବାନ୍ତି ହୋଇ ଜଣକ ପରେ ଜଣେ ଗୁରୁତର ହୋଇପଡିଥିଲେ। ଏହା ଜାଣିବା ପରେ ସମ୍ପର୍କୀୟମାନେ ସେମାନଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ। ଗୋବର୍ଦ୍ଧନ କହିବା ଅନୁଯାୟୀ ପ୍ରତିବର୍ଷ ଏଭଳି ବାହାରେ ହେଉଥିବା ଛତୁ ଆଣି ଖାଇଥାଉ। ଶନିବାର ମଧ ଛତୁ ତରକାରି କରି ଖାଇଥିଲୁ। କିଛିଘଣ୍ଟା ପରେ ଏଭଳି ଅବସ୍ଥା ହୋଇଥିବା ସେ କହିଥିଲେ।

### ଚେନ୍ନାଇରେ ଆଇଆଇଟି ଛାତ୍ରୀ ମୃତ

**ସମ୍ବଲପୁର,୨୦।୮(ବ୍ୟୁରୋ):** ସମ୍ବଲପୁର ଅଇଁଠାପାଲି ଥାନା ଏସ୍‌ଆର୍‌ଆଇଟି କଲୋନୀ ନିବାସୀ ଆଇଆଇଟି ଛାତ୍ରୀ ମେଘାଶ୍ରୀ ପ୍ରଧାନଙ୍କ ମୃତଦେହ ଚେନ୍ନାଇସ୍ଥିତ ଆବୁଡ଼ି ସେକ୍ସନ ରେଳଧାରଣାରୁ ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ଶନିବାର ତାଙ୍କ ମୃତଦେହ ସମ୍ବଲପୁର ଅଣାଯାଇ ରାଜଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏସ୍‌ଆର୍‌ଆଇଟି କଲୋନୀରେ ରହୁଥିବା ସ୍ୱର୍ଗତ ଡା. ମୋହନ ପ୍ରଧାନଙ୍କ କନ୍ୟା ହେଉଛନ୍ତି ମେଘାଶ୍ରୀ। ସେ ଚେନ୍ନାଇ ଆଇଆଇଟି ଛାତ୍ରୀ ଥିଲେ। ଅଗଷ୍ଟ ୧୬ରେ ସେ ଆଇଆଇଟି ମାଡ୍ରାସରେ ପୋଷ୍ଟ ଡକ୍ଟରାଲରେ ଗବେଷଣା କରିବା ପାଇଁ ଯୋଗଦାନ କରିଥିଲେ। ଭଡ଼ାଘର ପାଇଁ ସେଠାରେ ଖୋଜାଖୋଜି କରୁଥିଲେ। ଅଗଷ୍ଟ ୧୭ରେ ଶେଷଥର ପାଇଁ ସେ ପରିବାରବର୍ଗଙ୍କ ସହିତ କଥା ହୋଇ ଭଡ଼ାଘର ଖୋଜିବାକୁ ଯାଉଥିବା କହିଥିଲେ। ପରେ ତାଙ୍କ ସହ ପରିବାର ଲୋକଙ୍କ ଯୋଗାଯୋଗ ହୋଇପାରି ନ ଥିଲା। ୧୮ରେ ଚେନ୍ନାଇର ଆଭାଡ଼ି ରେଲୱେ ପୋଲିସ ପରିବାରକୁ ମେଘାଶ୍ରୀଙ୍କ ମୃତଦେହ ରେଳଧାରଣାରୁ ମିଳିଥିବା ସୂଚନା ଦେଇଥିଲା।

# ଚାଇନାକୁ ଯାଇଛି ୫ ଶହ କୋଟି

ନୂଆଦିଲ୍ଲୀ, ୨୦।୮




## ଋଣ ଆପ୍ ଠକେଇ

- ରାକେଟର ପର୍ଦ୍ଦାଫାଶ କଲା ଦିଲ୍ଲୀ ପୋଲିସ
- ୨ ମାସରେ ଗିରଫ ହେଲେଣି ୨୨
- ବ୍ଲାକ୍‌ମେଲ୍ କରି ମାଗୁଥିଲେ ଟଙ୍କା

ମୋବାଇଲରେ ଉପଲବ୍ଧ ଇନ୍‌ଷ୍ଟାଣ୍ଟ ଲୋନ୍ ଆପ୍ଲିକେଶନ ଜରିଆରେ ଲୋକଙ୍କୁ ଠକୁଥିବା ଏକ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ଏହି ର୍‍ୟାକେଟ ସହ ଚାଇନା ଲିଙ୍କ୍ ଥିବା ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌ର ଇଣ୍ଟେଲିଜେନ୍ସ ଫ୍ୟୁଜନ ଆଣ୍ଡ ଷ୍ଟ୍ରାଟେଜିକ୍ ଅପରେଶନ୍‌ସ(ଆଇଏଫ୍‌ଏସ୍‌ଓ) ୟୁନିଟ୍ ପକ୍ଷରୁ ଶନିବାର କୁହାଯାଇଛି। ୨ ମାସ ମଧ୍ୟରେ ଏଥିରେ ସମ୍ପୃକ୍ତ ୨୨ ଜଣଙ୍କୁ ଗିରଫ କରାଗଲାଣି। ଅଭିଯୁକ୍ତମାନେ ଋଣ ଗ୍ରହୀତାଙ୍କ ବ୍ୟକ୍ତିଗତ ଫଟୋ ଓ ଭିଡିଓ ହାସଲ କରି ବ୍ଲାକମେଲିଂ ଜରିଆରେ ଟଙ୍କା ଆଦାୟ କରୁଥିଲେ। ସେଥିରୁ ୫ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା ହେବା ପରେ ଏହାକୁ ହାୱାଲା ରୁଟ୍ ଏବଂ କ୍ରିପ୍ଟୋକରେନ୍ସି କ୍ରୟ ମାଧ୍ୟମରେ ଚାଇନାକୁ ପଠାଯାଇଛି।

ଗିରଫ ଅଭିଯୁକ୍ତମାନେ ଚାଇନା ନାଗରିକଙ୍କ ତରଫରୁ କାର୍ଯ୍ୟ କରୁଥିଲେ। ଦିଲ୍ଲୀ ପୋଲିସ ନିକଟରେ ସେମାନଙ୍କ ବିରୋଧରେ ଶତାଧିକ ଅଭିଯୋଗ ରହିଥିବା ସାଇବର ସେଲ ଡିସିପି କେ. ପି. ଏସ୍. ମାଲହୋତ୍ରା କହିଛନ୍ତି। ଉଚ୍ଚ ସୁଧହାରରେ ସମସ୍ତ ଟଙ୍କା ଶୁଝିବା ପରେ ମଧ ସେମାନେ ଲୋକଙ୍କ ଫଟୋ, ଭିଡିଓ ସଂଗ୍ରହ ସହ ବ୍ଲାକ୍‌ମେଲ କରି ଟଙ୍କା ମାଗୁଥିଲେ। ଶତାଧିକ ଆପ୍ ଜରିଆରେ ଏହି ର୍‍ୟାକେଟ ଚାଲୁଥିଲା। ଗୁଗଲ ପ୍ଲେ କିମ୍ବା ଅନ୍ୟ ଆପ୍ ଷ୍ଟୋରରୁ ଆପ୍ଲିକେଶନ ଡାଉନଲୋଡ ପରେ ତାହା ୟୁଜର୍ସଙ୍କ କଣ୍ଟାକ୍ଟ, ଚାଟ୍, ମେସେଜ୍, ଫଟୋ, ଭିଡିଓ ଆଦିର ଆକ୍‌ସେସ୍ ପାଇଁ ଅନୁମତି ମାଗିଥାଏ। ଅନୁମତି ପରେ ସେହି ଆପ୍ ସହଜରେ ବ୍ୟକ୍ତିଗତ ତଥ୍ୟ ହାସଲ କରି ସେଗୁଡ଼ିକୁ ଚାଇନା ଓ ହଂକଂ ସର୍ଭରରେ ଅପ୍‌ଲୋଡ କରିଥାଏ। ଏହି ଆପ୍‌ଗୁଡ଼ିକ ଜରିଆରେ ଜଣେ ବ୍ୟକ୍ତିଙ୍କୁ ୫ରୁ ୧୦ ହଜାର ଟଙ୍କା ଋଣ ଦେଇ ଅସାଧୁ ଉପାୟରେ ଲକ୍ଷାଧିକ ଟଙ୍କା ଆଦାୟ କରାଯାଇଛି। ନକଲି ନାଁରେ ଖୋଲା ଯାଇଥିବା ଆକାଉଣ୍ଟରେ ପ୍ରତିଦିନ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଯାଇଥିବା ଜଣାପଡ଼ିଛି। ଏହାର ନେଟୱର୍କ ଦିଲ୍ଲୀ, କର୍ଣ୍ଣାଟକ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟକୁ ବ୍ୟାପିଛି। ଚଢ଼ାଉବେଳେ ପୋଲିସ ସେମାନଙ୍କଠାରୁ ୫୧ଟି ମୋବାଇଲ ଫୋନ, ୨୫ଟି ହାର୍ଡଡିସ୍କ, ୯ ଲାପ୍‌ଟପ୍, ୧୯ ଡେବିଟ୍/କ୍ରେଡିଟ୍ କାର୍ଡ, ୩ଟି କାର୍ ଓ ନଗଦ ୪ ଲକ୍ଷ ଟଙ୍କା ଜବତ କରିଛି। ଚଢ଼ାଉ ପରେ ଆପ୍‌ର କଲ୍ ସେଣ୍ଟରଗୁଡ଼ିକୁ ଭାରତରୁ ପଡ଼ୋଶୀ ଦେଶ ପାକିସ୍ତାନ, ନେପାଳ ଓ ବାଂଲାଦେଶକୁ ନିଆଯାଇଥିବା ମାଲ୍‌ହୋତ୍ରା କହିଛନ୍ତି। ଏଥିରେ ସମ୍ପୃକ୍ତ କେତେଜଣ ଚାଇନା ନାଗରିକଙ୍କ ପରିଚୟ ମିଳିଛି। ସେମାନଙ୍କୁ ଠାବ କରି ଗିରଫ କରିବା ଲାଗି ଉଦ୍ୟମ ଜାରି ରହିଛି।

## ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

ହିଞ୍ଜିଳିକାଟୁ/ଶେରଗଡ଼, ୨୦।୮(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ମହିରକଣା ଗାଁରେ ଶୁକ୍ରବାର ରାତିରେ ପାରିବାରିକ କଳହରୁ ସ୍ତ୍ରୀଙ୍କୁ ପିଟି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତା ଜଣକ ହେଲେ ଦାମ ନାୟକଙ୍କ ସ୍ତ୍ରୀ ଅନିତା(୨୬)। ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ସ୍ୱାମୀ ଦାମଙ୍କୁ ଗିରଫ କରିଛି। ମହିରକଣା ଗ୍ରାମର ଦାମ ଜଣେ ଟ୍ରାକ୍ଟର ଡ୍ରାଇଭର। ସେ ୧୦ ବର୍ଷ ପୂର୍ବେ ଶେରଗଡ଼ ବ୍ଲକ ଲକ୍ଷ୍ମୀପୁର ଗାଁର ଅନୀତାଙ୍କୁ ବିବାହ କରିଥିଲେ। ସେମାନଙ୍କ ୩ ପୁଅ ଅଛନ୍ତି। ବିବାହର କିଛି ବର୍ଷ ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହେଉଥିଲା। ଶୁକ୍ରବାର ପୁଣି ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିପାଇଁ ଅନିତାଙ୍କ ମା' ପରି ଓ ଭାଇ ମୁନା ଆସି ଉଭୟଙ୍କୁ ବୁଝାଶୁଝା କରି ଫେରିଯାଇଥିଲେ। ରାତି ପ୍ରାୟ ୧୦ରେ ପୁଣି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଦାମ ଫୋନ୍ କରି ଅନିତାଙ୍କ ମା'ଙ୍କୁ ଏ ବିଷୟରେ ଜଣାଇବା ସହ ରାଗିଯାଇ ଗାଁ ଦାଣ୍ଡରେ ଅନିତାଙ୍କୁ ପିଟିଥିଲେ। ଅନିତା ପାଟି କରୁଥିଲେ ସୁଦ୍ଧା କେହି ସହାୟତା କରି ନ ଥିଲେ। ଝିଅ ଉପରେ ଆକ୍ରମଣ ହେଉଥିବା ଜାଣି ରାତିରେ ତାଙ୍କ ମା' ଓ ଭାଇ ଲକ୍ଷ୍ମୀପୁରରୁ ମହିରକଣା ଆସିଥିଲେ। ସେତେବେଳେ ଅନିତା ମୁମୂର୍ଷୁ ଅବସ୍ଥାରେ ଗାଁ ଦାଣ୍ଡରେ ପଡ଼ିଥିଲେ ଏବଂ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଅନିତାଙ୍କ ଭାଇ ଶେରଗଡ଼ ଥାନାକୁ ଜଣାଇଥିଲେ। ଶେରଗଡ଼ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦାମଙ୍କୁ ଧରି ଥାନାକୁ ନେଇଥିଲା।




# ଖରିଫ ଫସଲର ସ୍ଥିତି, ପ୍ରାଣୀଧନ ସୁରକ୍ଷା ସମୀକ୍ଷା ବୈଠକ

- ୨୭ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ ଦ୍ୱାରା ଏନ୍‌ଡିଆର୍‌ଏଫ୍/ ଏସ୍‌ଡିଆର୍‌ଏଫ୍‌ର ମାର୍ଗଦର୍ଶିକା ଅନୁସାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଯୁଗ୍ମ ଫସଲ କ୍ଷୟକ୍ଷତିର ଆକଳନ କରାଯିବ। ଅଗଷ୍ଟ ୨୭ ସୁଦ୍ଧା କ୍ଷୟକ୍ଷତି ରିପୋର୍ଟ ଦାଖଲ କରିବା ପାଇଁ କ୍ଷେତ୍ର କୃଷି ବିଭାଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠାରେ ବନ୍ୟାଜଳ ଛାଡ଼ି ନ ଥିବ ଏବଂ କ୍ଷୟକ୍ଷତିର ଆକଳନ ସମ୍ଭବ ହେଉ ନ ଥିବ ସେ କ୍ଷେତ୍ରରେ ଅଗଷ୍ଟ ୩୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। କ୍ଷତିଗ୍ରସ୍ତ ଉଠା ଜଳସେଚନ ପଏଣ୍ଟଗୁଡ଼ିକର ରିପୋର୍ଟ ମଧ ଦାଖଲ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବନ୍ୟାରେ ଖରିଫ ଫସଲର ସ୍ଥିତି, ମତ୍ସ୍ୟ ଓ ପ୍ରାଣୀଧନର ସୁରକ୍ଷା ନିମନ୍ତେ ନିଆଯାଉଥିବା ପଦକ୍ଷେପ ଓ ବିଭିନ୍ନ ଜିଲାରେ ବନ୍ୟାର ସ୍ଥିତି ସମ୍ପର୍କରେ ଶନିବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ପ୍ରଭାବିତ ଅଞ୍ଚଳରେ ସଅଳ କିସମର ଧାନ ବିହନର ଆବଶ୍ୟକତା ଏବଂ ଅଣଧାନ ଫସଲ ଯଥା ଡାଲି,ତୈଳବୀଜ, ପନିପରିବା ବିହନର ଆବଶ୍ୟକତା ଆକଳନ କରି ସଂପୃକ୍ତ ନିର୍ଦ୍ଦେଶାଳୟଗୁଡ଼ିକୁ ଜଣାଇବା ପାଇଁ କୁହାଯାଇଛି। ବନ୍ୟା ଯୋଗୁ କୃଷି ସାମଗ୍ରୀ ବିହନ, ସାର ଏବଂ କୀଟନାଶକ ଔଷଧ ଗଚ୍ଛିତ ରଖିବାରେ କୌଣସି ଅସୁବିଧା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ କ୍ଷେତ୍ର ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ପୁରୀ ଜିଲାର ଉଭୟ ସରକାରୀ ଓ ବେସରକାରୀ ମତ୍ସ୍ୟ ଫାର୍ମଗୁଡ଼ିକର କ୍ଷୟକ୍ଷତିର ଆକଳନ କରିବା ପାଇଁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଣୀଧନର ସୁରକ୍ଷା କ୍ଷେତ୍ରରେ ଚିକିତ୍ସା ଓ ଟିକାକରଣ ଆଦି କ୍ଷେତ୍ରରେ ୧୫ ଦିନ ପାଇଁ ୟୁଜର୍ସ ଫି ଛାଡ଼ କରାଯାଇଥିବା ବେଳେ ପ୍ରଭାବିତ ଅଞ୍ଚଳରେ ଗୋଖାଦ୍ୟ ଯୋଗାଇ ଦିଆଯାଉଛି। ଅଦ୍ୟାବଧି ଓମ୍‌ଫେଡ୍‌ର ଗୋଖାଦ୍ୟ ପ୍ଲାଣ୍ଟରୁ ୮୨୨.୬୪ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଉଦ୍ଦିଷ୍ଟ ବ୍ଲକଗୁଡ଼ିକୁ ଯୋଗାଇ ଦିଆଯାଇଛି। ଅବଶିଷ୍ଟ ୪୧.୨୮ ମେଟ୍ରିକ୍ ଟନ୍ ଗୋଖାଦ୍ୟ ପଠାଯାଇଛି। ଅତିରିକ୍ତ ଗୋଖାଦ୍ୟର ବାସ୍ତବିକ ଆକଳନ ପାଇଁ ମନ୍ତ୍ରୀ ସ୍ୱାଇଁ କ୍ଷେତ୍ର ଅଧିକାରୀମାନଙ୍କୁ କହିଛନ୍ତି।




## ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକଙ୍କ ମୃତ୍ୟୁ

ପରଜଙ୍ଗ, ୨୦।୮(ଡି.ଏନ୍.ଏ.)

### ଶୁଦ୍ଧିକ୍ରିୟା ଚିନ୍ତାରେ ପରିବାର

- ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରୁ ଡେଇଁବା ଘଟଣା
- ରହିବାକୁ ଘର ନାହିଁ, ଖାଇବାକୁ ମିଳୁନି
- ଘରର ୫ ସଦସ୍ୟ ମାନସିକ ରୋଗୀ

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟର ୫ ମହଲା କୋଠାରୁ ଡେଇଁପଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିବା ପରଜଙ୍ଗ ଥାନା ଡମସାହିର ଚନ୍ଦନ ନାଏକ (୩୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ଶନିବାର ମୃତ୍ୟୁ ଘଟିଛି। ଘରର ଏକମାତ୍ର ରୋଜଗାରିଆ ପୁଅଙ୍କ ଏଭଳି ମୃତ୍ୟୁରେ ଦୋହଲିଯାଇଛି ପରିବାର। ରହିବା ପାଇଁ ଘର ନାହିଁ। ଦିନକୁ ଦି ଓଳି ଠିକ୍ ଭାବେ ଖାଇବାକୁ ମିଳୁନାହିଁ। ୫ ଝିଅପୁଅ ହରାଇଛନ୍ତି ମାନସିକ ଭାରସାମ୍ୟ। ଏଭଳି ସ୍ଥିତିରେ ମୃତ ଚନ୍ଦନଙ୍କ ଶୁଦ୍ଧିକ୍ରିୟା କିପରି ହେବ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମା' ସୁକୁମାରୀ।

ଦାରିଦ୍ର୍ୟର ଯନ୍ତ୍ରଣା କେତେ ଯେ କରୁଣ ହୋଇପାରେ, ତାହାକୁ ଅଙ୍ଗେ ନିଭାଇଛନ୍ତି ତଉଲିଆଙ୍କ ପରିବାର। ସ୍ତ୍ରୀ ସୁକୁମାରୀ, ୪ ପୁଅ, ୩ ଝିଅଙ୍କୁ ନେଇ ତଉଲିଆ ନାଏକଙ୍କ ବଡ଼ ପରିବାର। ତଉଲିଆଙ୍କ ପକ୍ଷେ ଏତେଜଣଙ୍କ ଅଭାବ ପୂରଣ କରିବା କାଠିକର ପାଠ ହୋଇପଡ଼ିଥିଲା। ଏପରି କି ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଘର ମଧ କରିପାରିଲେ ନାହିଁ। ପଲିଥିନ ଘେରା ଝାଟିମାଟି କୁଡ଼ିଆରେ ଭାଗ୍ୟକୁ ଆଦରି ପଡ଼ିରହିଲେ। ତେବେ ରହିବା ଏବଂ ଖାଇବା ଚିନ୍ତାରେ ମାନସିକ ସ୍ଥିତି ହରାଇ ବସିଲେ ପରିବାରର ଜଣେ ପରେ ଜଣେ ସଦସ୍ୟ। ୪ ପୁଅଙ୍କ ମଧ୍ୟରୁ କାବୁଲି, କାଳିଆ, ସୁନୀଲ ଏବଂ ୩ ଝିଅଙ୍କ ମଧ୍ୟରୁ ବିବାହିତା ବଡ଼ଝିଅ, ଅବିବାହିତା ସାନଝିଅଙ୍କ ମାନସିକ ସ୍ଥିତି ଠିକ୍ ନାହିଁ। ଏହି କାରଣରୁ ବଡ଼ଝିଅ ଶାଶୁଘର ଛାଡ଼ି ବାପଘରେ ରହୁଛନ୍ତି। ବିବାହିତ ବଡ଼ପୁଅ କାବୁଲିଙ୍କୁ ଶ୍ୱଶୁର ଘର ଲୋକେ ଚିକିତ୍ସା କରାଉଛନ୍ତି। ଇତିମଧ୍ୟରେ ମାସେ ତଳେ ଘର ମୁରବି ତଉଲିଆଙ୍କ ମୃତ୍ୟୁ ହୋଇଯାଇଥିଲା। ଏକମାତ୍ର ରୋଜଗାରିଆ ପୁଅ ଚନ୍ଦନ ଏକ ସିମେଣ୍ଟ ଦୋକାନରେ କାମ କରି ସମସ୍ତଙ୍କ ଦାୟିତ୍ୱ ତୁଲାଇ ଆସୁଥିଲେ। ତେବେ ଦୁର୍ଭାଗ୍ୟବଶତଃ ଦୋକାନରେ ଦୁର୍ଘଟଣା ଘଟିଲା। ସିମେଣ୍ଟ ବସ୍ତା ମାଡ଼ି ବସିବାରୁ ତାଙ୍କର ଏକ ଗୋଡ଼ ଭାଙ୍ଗିଗଲା। ସାହିପଡ଼ିଶା ତାଙ୍କର ଚିକିତ୍ସା କରାଇଥିଲେ ହେଁ ଚନ୍ଦନ ଆଉ ଆଗପରି କାମଦାମ କରିପାରିଲେ ନାହିଁ। ଘର ଚଳାଇବା ଚିନ୍ତାରେ ମାନସିକ ରୋଗୀ ପାଲଟିଗଲେ। ମା' ସୁକୁମାରୀ ତାଙ୍କୁ କପିଳାସ ଦେଓଗାଁରେ ରହୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇ ଦେଇଥିଲେ। ତେବେ ଚନ୍ଦନ ସେଠାରେ ବ୍ଲେଡ୍‌ରେ ହାତଗୋଡ଼ କାଟି ଆତ୍ମହତ୍ୟା ଉଦ୍ୟମ କରି ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଗତ ୧୩ ତାରିଖ ଭୋର୍ ସମୟରେ ମା' ଶୌଚ ହେବାକୁ ଯାଇଥିବା ବେଳେ ମେଡିକାଲର ୫ ମହଲା କୋଠାରୁ ତଳକୁ ଡେଇଁପଡ଼ିଥିଲେ ଚନ୍ଦନ।




# ଗର୍ଭବତୀ ସ୍ତ୍ରୀଙ୍କୁ ତଣ୍ଟିଚିପି ହତ୍ୟା

ସମ୍ବଲପୁର,୨୦।୮(ବ୍ୟୁରୋ)

## ୪ଦିନ ପରେ ମାଟିତଳୁ ମୃତଦେହ ଜବତ

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଗଇଲଗୁଡି ଗ୍ରାମର ମଙ୍ଗଳୁ ଶବର ନିଜ ଗର୍ଭବତୀ ସ୍ତ୍ରୀ ପଦ୍ମିନୀଙ୍କ ତଣ୍ଟି ଚିପି ହତ୍ୟା କରିଛନ୍ତି। ମାମଲାକୁ ଚପାଇଦେବାକୁ ଚେଷ୍ଟାକରି ସେ ଜଙ୍ଗଲ ଭିତରେ ପୋତି ଦେଇଥିବା ମୃତଦେହ ୪ଦିନ ପରେ ଜବତ ହୋଇଛି। ଯୁଯୁମୁରା ଅତିରିକ୍ତ ତହସିଲଦାର ମମତା ନନ୍ଦଙ୍କ ଉପସ୍ଥିତିରେ ଗଳିତ ମୃତଦେହ ମିଳିବା ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କ ସହ ସାଇଣ୍ଟିଫିକ ଟିମ୍ ତଦନ୍ତ କରିଥିଲେ। ପଦ୍ମିନୀଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ମଙ୍ଗଳୁଙ୍କୁ କୋର୍ଟ ଚାଲାଣ କରିଛି। ଗଇଲଗୁଡି ଗ୍ରାମର ମଙ୍ଗଳୁ ଓ ପଦ୍ମିନୀଙ୍କ ଗୋଟିଏ ପୁଅ ଓ ୩ ଝିଅ ଅଛନ୍ତି। ପଦ୍ମିନୀ ପୁଣି ଥରେ ଗର୍ଭବତୀ ଥିବାର ଜାଣିବା ପରେ ଗର୍ଭନଷ୍ଟ କରିବାକୁ ଉଭୟେ ସ୍ଥିର କରିଥିଲେ। ଉଦ୍ୟମ ପରେ ବି ଗର୍ଭ ନଷ୍ଟ ନ ହେବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା। ଅଗଷ୍ଟ ୧୫ରେ ଦମ୍ପତି ଜଙ୍ଗଲକୁ ଗୋରୁ ଚରାଇବାକୁ ଯାଇଥିଲେ। ସେଠାରେ ଗର୍ଭନଷ୍ଟ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ନିଶାସକ୍ତ ମଙ୍ଗଳୁ ପଦ୍ମିନୀଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ଜଙ୍ଗଲରେ ଛାଡି ଘରକୁ ଫେରି ଆସିଥିଲେ। ପୁଣି ରାତିରେ ସେ ଜଙ୍ଗଲକୁ ଯାଇ ଉଠାଇବାକୁ ଚେଷ୍ଟା କରିଥିଲେ ମଧ ପଦ୍ମିନୀ ଉଠିପାରି ନ ଥିଲେ। ସାରା ରାତି ଜୀବନ ସହ ସଂଗ୍ରାମ କରି ତାଙ୍କର ମୃତ୍ୟୁ ଘଟିଥିଲା। ମାମଲାକୁ ଚପାଇବା ପାଇଁ ପରଦିନ ଅଗଷ୍ଟ ୧୬ରେ ମଙ୍ଗଳୁ ଘରୁ କୋଦାଳ ନେଇ ମାଟି ଖୋଳି ପଦ୍ମିନୀଙ୍କ ମୃତଦେହ ପୋତି ଦେଇଥିଲେ। ୧୮ ତାରିଖରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳ ଓ ଗ୍ରାମକୁ ଯାଇ ତଦନ୍ତ କରିବା ପରେ ହତ୍ୟା କରାଯାଇଥିବା ଜଣାପଡିଥିଲା। ପୋଲିସ ୧୯ ତାରିଖରେ ମଙ୍ଗଳଙ୍କୁ ଗିରଫ କରିଥିଲା। ପଚରାଉଚୁରା ବେଳେ ସେ ହତ୍ୟା କରିଥିବା ସ୍ୱୀକାର କରିଥିଲେ।


ଅଭିଯୁକ୍ତଙ୍କୁ ହତ୍ୟାକାଣ୍ଡ ସ୍ଥଳକୁ ନିଆଯାଉଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୧/୨୦୨୨ (୮+୮=୧୬ ପୃଷ୍ଠା) Bhubaneswar, Sunday, August 21/2022 Page 16 | ପୃଷ୍ଠା-୧



**ମା' ହେଲେ ସୋନମ**

ବଲିଉଡ୍ ଅଭିନେତ୍ରୀ ସୋନମ କପୁର ଶନିବାର ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି।

୦୨ ୦୮

**ପ୍ରମୋଦ ଭଗତଙ୍କୁ ୩ ପଦକ**

ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ତିନୋଟି ପଦକ ଜିତିଛନ୍ତି।





ଲଗାଣ ବର୍ଷା ଯୋଗୁ କେନ୍ଦୁଝର ଜିଲା ଜୁଡ଼ିଆ ଘାଟିରେ ଶନିବାର ଭୂସ୍ଖଳନ ହୋଇ ରାସ୍ତାରେ ପଥର ପଡ଼ିଛି।

# ବିଚାର ବ୍ୟବସ୍ଥା ଉପରେ ଅନାସ୍ଥା ଗଣତନ୍ତ୍ରକୁ ବିପଦ: ସିଜେଆଇ

ବିଜୟୱାଡ଼ା,୨୦।୮(ଆଇଏଏନ୍ଏସ୍)



ସିଜେଆଇ ଏନ୍.ଭି. ରମନା

ଜନସାଧାରଣ ଯଦି ବିଚାର ବ୍ୟବସ୍ଥା ଉପରୁ ବିଶ୍ୱାସ ଓ ଆସ୍ଥା ହରାଇବସନ୍ତି, ତେବେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା କହିଛନ୍ତି। ଆସନ୍ତା ୨୬ ତାରିଖରେ ଅବସର ଗ୍ରହଣ କରିବାକୁ ଥିବା ସିଜେଆଇ ଜଷ୍ଟିସ୍ ରମନା ଶନିବାର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ କହିଛନ୍ତି, ବିଚାର ବ୍ୟବସ୍ଥା ଉପରୁ ଯେପରି ଲୋକଙ୍କ ଆସ୍ଥା ନ ତୁଟେ, ତାହା ନିଶ୍ଚିତ କରାଇବା ଜରୁରୀ।

ବିଜୟୱାଡ଼ା କୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ ପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ, ରାଜ୍ୟ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ଅନ୍ୟ ବିଚାରପତିମାନଙ୍କ ଉପସ୍ଥିତିରେ ସିଜେଆଇ ରମନା ବିଚାର ବ୍ୟବସ୍ଥା ପ୍ରତି ଆସ୍ଥା ହ୍ରାସ ପାଉଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଦେଶର ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ରମନା ତାଙ୍କର ଦେଢ଼ବର୍ଷର କାର୍ଯ୍ୟକାଳ ମଧ୍ୟରେ ଖାଲିଥିବା ବିଚାରପତି ପଦବୀ ପୂରଣ କରିବା ☞ପୃଷ୍ଠା-୨

# ବର୍ଷା ବିପ୍ଲବ: ୬ ମୃତ

## କାନ୍ଥ ଭୁଶୁଡ଼ି ୨ ଭଉଣୀଙ୍କ ସମେତ ୪ ମୃତ

ବିଶୋଇ/ରାଇରଙ୍ଗପୁର/କେନ୍ଦୁଝର/ବାଲିଆପାଳ, ୨୦।୮(ଡି.ଏନ.ଏ./ସ୍ୱ.ପ୍ର.)

ଲଘୁଚାପଜନିତ ପ୍ରବଳ ବର୍ଷା ଲାଗିରହିବାରୁ ଶୁକ୍ରବାର ରାତିରେ ଉତ୍ତରଓଡ଼ିଶାରେ ବ୍ୟାପକ କ୍ଷତି ଘଟିବା ସହ ୪ଜଣଙ୍କ ଜୀବନଯାଇଛି। ମୃତକଙ୍କ ମଧ୍ୟରେ ୨ଭଉଣୀ, ଜଣେ ବୃଦ୍ଧା ଓ ଜଣେ ୪ବର୍ଷର ଶିଶୁ ଅଛନ୍ତି। ଦୁଇ ଭଉଣୀ ମୟୂରଭଞ୍ଜ ଜିଲା ବିଶୋଇ ଥାନା ଲୁହାକାନି ପଞ୍ଚାୟତର ଭୋଲବେଡା ଗ୍ରାମର ହୋଇଥିବା ବେଳେ ମହିଳାଜଣକ କେନ୍ଦୁଝର ଜିଲା ମହାଦେଇଯୋଡା ପଞ୍ଚାୟତ ଟିକରପଡା ଗ୍ରାମ ଓ ଶିଶୁଟି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମର ବୋଲି ଜଣାପଡିଛି।

ଭୋଲବେଡା ଗ୍ରାମର ଅନିଲ ଗିରି, ସ୍ତ୍ରୀ ରିତା ଓ ଦୁଇ ଝିଅ ରଶ୍ମିତା (୧୨) ଓ ନୀହାରିକା (୫) ଝାଟିମାଟି ଘରେ ଶୋଇଥିଲେ। ବର୍ଷା ଲାଗି ରହିଥିବା ବେଳେ ରାତି ପ୍ରାୟ ସାଢେ ୨ଟା ବେଳେ ତାଙ୍କ ଘରର କାନ୍ଥ ହଠାତ୍ ଭୁଶୁଡି ପଡିଥିଲା। ଘଟଣାସ୍ଥଳରେ ଅନିଲ ଓ ତାଙ୍କ ସ୍ତ୍ରୀ ରିତା ସାମାନ୍ୟ ଆହତ ହୋଇଥିବା ବେଳେ ଦୁଇ ଝିଅ କାନ୍ଥ ତଳେ ଚାପି ହୋଇଯାଇଥିଲେ। ମାତାପିତା ପଡୋଶୀଙ୍କ ସାହାଯ୍ୟରେ ୨ ଝିଅଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ☞ପୃଷ୍ଠା-୨

## ନଦୀ ପାରିବେଳେ ଭାସିଗଲେ ଯୁବତୀ

ଝରିଗାଁ, ୨୦।୮(ସ୍ୱ.ପ୍ର.)

ନଦୀ ପାର ହେବାବେଳେ ଭାସିଯାଇ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଚା ପଞ୍ଚାୟତ ଅଧୀନ ଗବାଗୁଡା ଗ୍ରାମ ଜାନୀ ସାହିର ମନସାଇ ଜାନୀଙ୍କ ଝିଅ ତୁଳାବତୀ(୨୦)। ନଦୀ ଘାଟର ୫ କିମି ଦୂରରୁ ତାଙ୍କ ମୃତଦେହ ମିଳିଛି।

ସୂଚନାନୁଯାୟୀ, ଶୁକ୍ରବାର ସକାଳୁ ତୁଳାବତୀ ନଦୀ ପାର ହୋଇ ନିଜ ଚାଷ ଜମିକୁ ଯାଇଥିଲେ। ଅପରାହ୍ନରେ ସେ ଏକା ନଦୀ ପାର ହୋଇ ଘରକୁ ଫେରୁଥିଲେ। ଏହି ସମୟରେ ଉପର ମୁଣ୍ଡରେ ଲଗାଣ ବର୍ଷା ହେତୁ ନଦୀରେ ହଠାତ୍ ପାଣି ମାଡ଼ି ଆସିଥିଲା। ଫଳରେ ତୁଳାବତୀ ନଦୀପାଣିରେ ଭାସି ଯାଇଥିଲେ। ଝିଅ ଘରକୁ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା। ଝିଅ ନଦୀରେ ଭାସିଯାଇଥିବା ସନ୍ଦେହକରି ଶନିବାର ସକାଳୁ ପରିବାର ଲୋକେ ନଦୀକୂଳ ଖୋଜାଖୋଜି କରିଥିଲେ। ପ୍ରାୟ ୫ କିମି ଦୂରରେ ରହିଥିବା ଏକ ବୁଦା ମଧ୍ୟରେ ତୁଳାବତୀଙ୍କର ମୃତଦେହ ପରିବାର ଲୋକେ ଦେଖି ☞ପୃଷ୍ଠା-୨

## ନାବାଳକଙ୍କ ଉପରେ ଖସିଲା ପାଇଖାନା ଛାତ

କୋରାପୁଟ,୨୦।୮(ସ୍ୱ.ପ୍ର.)

ଲଗାଣ ବର୍ଷା ଯୋଗୁ ପାଣି ଖାଇ ଦୁର୍ବଳ ହୋଇପଡିଥିବା ଏକ ପାଇଖାନା କାନ୍ଥ, ଛାତ ଭୁଶୁଡ଼ି ପଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋରାପୁଟ ସହର ଉପକଣ୍ଠ ଗାନ୍ଧୀନଗର ନୂଆସାହିର ସୁମନ୍ତ କୁମାର ଭତ୍ରାଙ୍କ ବଡ଼ ପୁଅ ପ୍ରିୟାଂଶୁ (୯)।

ସୂଚନାନୁଯାୟୀ ପ୍ରିୟାଂଶୁ ବିକାଶ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପଢୁଥିଲେ। ଶନିବାର ସକାଳୁଆ ସ୍କୁଲ ଥିବାରୁ ଭୋର ୫ଟାରେ ଶୌଚ ହେବାକୁ ସେ ପାଇଖାନା ଯାଇଥିଲେ। ହଠାତ୍ ତାଙ୍କ ଉପରେ ପାଇଖାନାର କାନ୍ଥ ସହ ଛାତ ଭୁଶୁଡ଼ି ପଡ଼ିଥିଲା। ଶବ୍ଦ ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଓଡ୍ରାଫ ଟିମ୍‌କୁ ଖବର ଦେଇଥିଲେ। ଓଡ୍ରାଫ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ପ୍ରିୟାଂଶୁଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ କୋରାପୁଟ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ୨୭ରେ ଏଏସ୍‌ଓ ପରୀକ୍ଷା

କଟକ ଅଫିସ,୨୦।୮

ବନ୍ୟା ଯୋଗୁ ଘୁଞ୍ଚିଥିବା ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ଲିଖିତ ପରୀକ୍ଷା ଆସନ୍ତା ୨୭ ତାରିଖରେ ହେବ। ଏନେଇ ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ଦିନ ୩ଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ହେବ। ସେହିପରି ଦ୍ୱିତୀୟ ସିଟିଂ ପରୀକ୍ଷା ପୂର୍ବାହ୍ନ ସାଢେ ୧୧ଟାରୁ ଅପରାହ୍ନ ୧ଟା, ତୃତୀୟ ସିଟିଂ ପରୀକ୍ଷା ଅପରାହ୍ନ ସାଢେ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ହେବ। ତେବେ ଭିନ୍ନକ୍ଷମ ପରୀକ୍ଷାର୍ଥୀମାନଙ୍କୁ ପ୍ରତି ସିଟିଂରେ ଅଧ ଘଣ୍ଟା ଲେଖାଏଁ ଅଧିକ ସମୟ ଦିଆଯିବ। ପ୍ରଥମ ସିଟିଂରେ ଜେନେରାଲ ଆୱାରନେସ୍, ଦ୍ୱିତୀୟ ସିଟିଂରେ ରିଜନିଂ ଆଣ୍ଡ୍ ମେଣ୍ଟାଲ ଆବିଲିଟି ଓ ଗଣିତ ପରୀକ୍ଷା, ତୃତୀୟ ସିଟିଂରେ ଇଂଲିଶ ଓ ଓଡ଼ିଆ ପରୀକ୍ଷା ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୭୯୬ଟି ଏଏସ୍‌ଓ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏହାପରେ ଓପିଏସ୍‌ସି କର୍ତ୍ତୃପକ୍ଷ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରି ଲିଖିତ ପରୀକ୍ଷା ପାଇଁ ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ କରିଥିଲେ। ହେଲେ ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏହି ପରୀକ୍ଷା ଘୁଞ୍ଚାଇ ଦିଆଯାଇଥିଲା।

DSPL-146



ବନ୍ୟା ପରବର୍ତ୍ତୀ
ସ୍ୱାସ୍ଥ୍ୟ ସତର୍କତା

- ନଈ, ନାଳ, ଝରଣା, ପୋଖରୀ, ଗାଡିଆ, ଚୂଆ ଆଦିର ଦୂଷିତ ପାଣି ପିଅନ୍ତୁ ନାହିଁ। ବନ୍ୟା ଜଳରେ ବୁଡିଯାଇଥିବା ନଳକୂଅ କିମ୍ବା ବନ୍ୟାଜଳ ପଶିଥିବା କୂଅପାଣି ବିଶୋଧନ ନହେବା ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ନାହିଁ।
- ବିଶୋଧିତ ପାଇପ୍ ପାଣି କିମ୍ବା ୧ ଲିଟର ପରିଷ୍କାର ପାଣିରେ ଗୋଟିଏ ହାଲାଜୋନ୍ ବଟିକା (୪ ମି.ଗ୍ରା) ପକାଇ ଅଧଘଣ୍ଟା ପରେ ପିଅନ୍ତୁ।
- ଏହି ବିଶୋଧିତ ପାଣିକୁ ଭାତ ପଖାଳିବା ଏବଂ ଚୁଡା,ମୁଢି ଇତ୍ୟାଦି ଜଳଖିଆ ଖାଇବାରେ ବ୍ୟବହାର କରନ୍ତୁ।
- ବାସି,ପଚାସଢା କିମ୍ବା ମାଛି ବସିଥିବା ଖାଦ୍ୟ ଖାଆନ୍ତୁ ନାହିଁ।
- ଖାଦ୍ୟ ପରଷିବା ଓ ଖାଇବା ପୂର୍ବରୁ ଏବଂ ଶୌଚ ପରେ ହାତକୁ ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ।
- ତରଳ ଝାଡା ହେଲେ ଓ.ଆର.ଏସ୍ ଦ୍ରବଣ ପିଅନ୍ତୁ। ପିଲାମାନଙ୍କୁ ତରଳ ଝାଡା ହେଲେ ଆବଶ୍ୟକ ପରିମାଣର ଓ.ଆର.ଏସ୍ ଦ୍ରବଣ ସହିତ ଜିଙ୍କ୍ ବଟିକା ଦିଅନ୍ତୁ।
- ବାହାରେ ଜମି ରହିଥିବା ପାଣି କିମ୍ବା ନଦୀ /ନାଳ ପାଣିରେ ବାସନକୁସନ କିମ୍ବା ହାତମୁହଁ ଧୁଅନ୍ତୁ ନାହିଁ। କେବଳ ବିଶୋଧିତ ନଳକୂପ, କୂପ କିମ୍ବା ପାଇପ୍ ପାଣିକୁ ଏହି କାର୍ଯ୍ୟରେ ବ୍ୟବହାର କରନ୍ତୁ।
- ସାପକାମୁଡା ରୋଗୀକୁ ତୁରନ୍ତ ଡାକ୍ତରଖାନକୁ ନେଇ ଚିକିତ୍ସା କରାନ୍ତୁ।

- ତରଳଝାଡା, ଜ୍ୱର, ପରିସ୍ରା / ଆଖି ହଳଦିଆ ଦେଖାଦେଲେ ତୁରନ୍ତ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।
- ବନ୍ୟାଞ୍ଚଳରେ ହାଲାଜୋନ୍ ବଟିକା,ଓ.ଆର.ଏସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧ ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ସମସ୍ତ ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ବିନାମୂଲ୍ୟରେ ଉପଲବ୍ଧ।

ବନ୍ୟା ପରବର୍ତ୍ତୀ ସମୟରେ କୋଭିଡ୍ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ କଡାକଡି ପାଳନ କରନ୍ତୁ।

facebook.com/HFWOdisha
http://www.health.odisha.gov.in/
@HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

OIPR-10003/13/0062/2223

# ସ୍ୱପ୍ନ ଦେଖେ ବୁଢ଼ିଆଣୀ

**ଅଧ୍ୟୟନରେ ଦାବି**



ୱାଶିଂଟନ୍, ୨୦।୮

ମଣିଷ ଶୋଇବାବେଳେ ସ୍ୱପ୍ନ ଦେଖିଥାଏ। ଆମ ଭଳି ବୁଢ଼ିଆଣୀ ମଧ୍ୟ ସ୍ୱପ୍ନ ଦେଖିଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡ଼ିଛି। ଆମେରିକା-ୟୁରୋପର କେତେକ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ଅଧ୍ୟୟନ ରିପୋର୍ଟରେ ଏପରି ଦାବି କରାଯାଇଛି। ବୁଢ଼ିଆଣୀମାନେ ମଣିଷ ଭଳି ଆଖିପତା ପକାଇପାରିଥାନ୍ତି। ଏପରି କି ଶୋଇବାବେଳେ ସେମାନେ ସ୍ୱପ୍ନ ମଧ୍ୟ ଦେଖିଥାନ୍ତି ବୋଲି ଜର୍ମାନୀ, ଇଟାଲୀ ୟୁନିଭର୍ସିଟି ଏବଂ ଆମେରିକାର ହାର୍ଭାର୍ଡ ୟୁନିଭର୍ସିଟି ଗବେଷକମାନେ ଦାବି କରିଛନ୍ତି। ପ୍ରୋସିଡିଂସ୍ ଅଫ୍ ଦ ନ୍ୟାଶନାଲ ଏକାଡେମୀ ଅଫ୍ ସାଇନ୍ସେସ୍ (ପିଏନ୍ଏସ୍)ରେ ଏହି ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି।

ରିସର୍ଚ୍ଚରେ ଭାଗ ନେଇଥିବା ଗବେଷକମାନେ ଇନ୍‌ଫ୍ରାରେଡ୍ କ୍ୟାମେରା ସହାୟତାରେ ବୁଢ଼ିଆଣୀ ଏବଂ ସମାନ ପ୍ରଜାତିର ଜୀବଙ୍କ ଉପରେ ରାତିରେ ଅଧ୍ୟୟନ କରିଥିଲେ। ବିଶେଷକରି ଜମ୍ପିଂ ସ୍ପାଇଡର ଶୋଇବାବେଳେ କଡ଼ ଲେଉଟାଇବା, ଆଖିଡୋଳା ଏପଟ ସେପଟ କରିବା, ସ୍ୱପ୍ନରେ ଚମକିବା ପରି ଶରୀରରେ ଝଟକା ଲାଗିବା ଆଦି ଘଟଣା ଜଣାପଡ଼ିଥିଲା। ସ୍ୱପ୍ନବେଳେ ମଣିଷ ଶରୀରର ବ୍ୟବହାର ବୁଢ଼ିଆଣୀ ସହ ମିଶୁଥିବା ଗବେଷକମାନେ ଜାଣିବାକୁ ପାଇଥିଲେ। ସେମାନଙ୍କ ନିଦ ମଧ୍ୟ ମଣିଷ ଭଳି ର୍ୟାପିଡ୍ ଆଇ ମୁଭ୍‌ମେଣ୍ଟ (ଏକ ପର୍ଯ୍ୟାୟ ନିଦ) ବା ରେମ୍ ଦେଇ ଗତି କରିଥାଏ। ସାଧାରଣତଃ ମଣିଷ ଏହି ପର୍ଯ୍ୟାୟ ନିଦରେ ଥିବାବେଳେ ସ୍ୱପ୍ନ ଦେଖିଥାଏ। ଏହି ଅବସ୍ଥାରେ ଶରୀରର ମାଂସପେଶୀ ନିଷ୍କ୍ରିୟ ହୋଇ ବିଶ୍ରାମ ନେଇଥାଏ। ସ୍ପାଇଡର ସହ ମଧ୍ୟ ସମାନ କଥା ଘଟିଥାଏ। ସ୍ୱପ୍ନ ଦେଖିବାବେଳେ ବୁଢ଼ିଆଣୀ ଶରୀର ଥରିବାକୁ ଲାଗିଥାଏ ବୋଲି ଜର୍ମାନୀ ୟୁନିଭର୍ସିଟି ଅଫ୍ କୋନ୍‌ଷ୍ଟାଞ୍ଜର ବାୟୋଲୋଜିଷ୍ଟ ଡାନିଏଲା ରୋସ୍‌ଲର କହିଛନ୍ତି।

# ମହିଳାଶୂନ୍ୟ ତୁକୁଟୋଲି

■ଗୁଣି ସନ୍ଦେହରେ ୨ ମହିଳାଙ୍କୁ ହତ୍ୟା କରିଥିଲେ

■୧୯ ମହିଳାଙ୍କୁ ମିଳିଛି ଆଜୀବନ ଜେଲଦଣ୍ଡ



**ରାଞ୍ଚି:** ଝାଡ଼ଖଣ୍ଡର ଗୁମଲା ଜିଲା କରୋନ୍ଦାଜୋର୍ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଦିବସୀ ବସ୍ତି ତୁକୁଟୋଲିରେ ଏବେ ବିରାଜୁଛି ଶ୍ମଶାନର ନୀରବତା। ପ୍ରାୟ ୨୪ ଆଦିବାସୀ ପରିବାର ବସବାସ କରୁଥିବା ଏହି ଅନାମଧ୍ୟେୟ ଗ୍ରାମ ଝାଡ଼ଖଣ୍ଡର ଅନ୍ୟ ଆଦିବାସୀ ବସତିଗୁଡ଼ିକଠାରୁ ପୃଥକ୍ ନୁହେଁ। ତଥାପି ୯ ବର୍ଷ ତଳର ଏକ ଘଟଣାର ପରିଣତି ଏବେ ଉକ୍ତ ବସ୍ତିର ଭିନ୍ନତାକୁ ଦର୍ଶାଉଛି। ଦାଣ୍ଡରେ ଶୁଣାଯାଉନି ମହିଳାଙ୍କ ବାର୍ତ୍ତାଳାପ। ମନେହେଉଛି ସତେ ଯେମିତି ତୁକୁଟୋଲି ମହିଳାଶୂନ୍ୟ ହୋଇଯାଇଛି। ଭର୍ନୋ ଥାନା ଅଧୀନ ତୁକୁଟୋଲିର ସାମ୍ପ୍ରତିକ ଅସ୍ୱାଭାବିକ ସ୍ଥିତି ପଛର କାରଣ ହେଉଛି ଏକ ଅଦାଲତୀ ରାୟ। ଅଗଷ୍ଟ ୪ରେ ଏକ ସ୍ଥାନୀୟ କୋର୍ଟ ଗାଁର ୧୯ ମହିଳାଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ଆଖପାଖର ୨ ମହିଳା ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ୨୦୧୩ ଜୁନ୍ ୧୧ରେ ଏହି ୩୦ରୁ ୭୦ ବର୍ଷୀୟା ମହିଳାମାନେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ହତ୍ୟାକାରୀ ଓ ହତ୍ୟାର ଶିକାର ହୋଇଥିବା ମହିଳା ପରସ୍ପର ସହ ପରିଚିତ ଥିଲେ। ଅଭିଯୁକ୍ତମାନେ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ପୁରୁଷମାନେ ଘଟଣା ସମ୍ପର୍କରେ କିଛି କହିବାକୁ ମଙ୍ଗୁନାହାନ୍ତି । ତଥାପି କେତେଜଣ ମୁହଁ ଖୋଲିଛନ୍ତି। ୨୫ ବର୍ଷୀୟ ଯୋଗିନ୍ଦର ନାଗ୍‌ଙ୍କ ମତରେ, ଏପରି ହେବାର ନ ଥିଲା। ଗାଁ ମହିଳାମାନେ ଅନ୍ୟ ୨ ଜଣଙ୍କୁ ପିଟିମାରି ନ ଥାନ୍ତେ କି ଦଣ୍ଡ ଭୋଗି ନ ଥାନ୍ତେ। ଏହି ସଙ୍କଟରୁ ଆମେ କିପରି ମୁକୁଳିବୁ ତାହା ଜଣାନାହିଁ ବୋଲି ଥରି ଥରି କହୁଥିଲେ ଯୋଗିନ୍ଦର। ଦିନ ମଜୁରିଆ ଯୋଗିନ୍ଦରଙ୍କ ମା' କରିଆ ଦେବୀ, ୨ ବଡ଼ ଭାଉଜ ମଙ୍ଗରି ଓ ଚିନ୍ତାମଣି ଦେବୀ ମଧ୍ୟ କୋର୍ଟ ଆଦେଶ ପରେ ଜେଲ ଯାଇଛନ୍ତି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ସଦ୍ୟତମ ଉପଲବ୍ଧ ତଥ୍ୟ ଅନୁସାରେ ୨୦୦୧ରୁ ୨୦୨୦ ମସିହା ଭିତରେ ଗୁଣିଗାରେଡ଼ି କରିବା ଅଭିଯୋଗରେ ଭାରତରେ ୫୯୦ଜଣଙ୍କୁ ହତ୍ୟା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା।

ଘଟଣାଦିନ ସକାଳେ ବ୍ରିଜାନିଆ ଇନ୍ଦିୱର ଓ ଇଗ୍‌ନେସିଆ ଇନ୍ଦିୱର ତୁକୁଟୋଲିର ଆଖଡ଼ାକୁ ଯାଇଥିବାବେଳେ ଏକ ନିମ୍ବ ଗଛତଳେ ମହିଳାମାନେ ଦୁହିଁଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ମୃତା ଦୁଇ ମହିଳାଙ୍କ ବିରୋଧରେ ଅଭିଯୋଗ ଥିଲା ମାସକ ପୂର୍ବରୁ ଦୁହେଁ ଗୁଣି ଗାରେଡ଼ି କରି ୪୦ ବର୍ଷୀୟ ଅଗଷ୍ଟିନ୍ ଇନ୍ଦିୱରଙ୍କୁ ଜୀବନରେ ମାରି ଦେଇଥିଲେ। କଥାକଥିତ ଡାହାଣୀ ଦ୍ୱୟଙ୍କୁ ମରଣାନ୍ତକ ଆକ୍ରମଣ ଖବର ପବନ ବେଗରେ ବ୍ୟାପିବାରୁ ଗାଁ ଲୋକେ ରୁଣ୍ଡ ହୋଇଥିଲେ। ଉଦ୍ଧାର କରି ସିସାଇ ହସ୍ପିଟାଲକୁ ଚିକିତ୍ସା ପାଇଁ ନେବାବେଳେ ବାଟରେ ଆଖି ବୁଜିସାରିଥିଲେ ଦୁହେଁ। ଥାନାରେ ଅଭିଯୋଗ କରାଯିବାର ଦିନକ ପରେ ସମସ୍ତ ୧୯ ମହିଳା ଅଭିଯୁକ୍ତଙ୍କୁ ଭର୍ନୋ ପୋଲିସ ଗିରଫ କରିଥିଲା। ଇଗ୍‌ନେସିଆଙ୍କ ୫ ସନ୍ତାନଙ୍କ ମଧ୍ୟରୁ ସବା ବଡ଼ ୨୨ ବର୍ଷୀୟ ଏଡ୍‌ୱିନ୍ କହିଛନ୍ତି, ମା'ଙ୍କୁ ହତ୍ୟାବେଳେ ସେ ନାବାଳକ ଥିଲେ। ଏବେ ତାଙ୍କର କିଛି ମନେପଡୁନାହିଁ। ସେ ଯାହା ହେଉ ନା କାହିଁକି, ସେଦିନର ଘଟଣା ପୂରା ଗାଁଟାକୁ ବରବାଦ କରିଦେଇଛି। ଆଉ କେତେଜଣ ଗ୍ରାମବାସୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ସବୁକିଛି ନିମିଷକେ ଘଟିଥିଲା। ମହିଳା ମଣ୍ଡଳ ସଦସ୍ୟାମାନେ ନିୟମିତ ବୈଠକ ପାଇଁ ଏକତ୍ରିତ ହୋଇଥିଲେ। ସେମାନେ ଜଣପିଛା ୫ରୁ ୧୦ ଟଙ୍କା ଜମା କରି ଏକ ପାଣ୍ଠି କରନ୍ତି, ଯହିଁରୁ ଅଭାବୀ ମହିଳା ଧାର ନେଇ ନିଜ କାମ ଚଳାନ୍ତି। ସେମାନେ ବି ସେ ଦିନ ଭାବି ନ ଥିଲେ ଯେ, ତାଙ୍କ ହାତରେ ଦୁଇଜଣ ମହିଳାଙ୍କ ଜୀବନ ଯିବ ବୋଲି। ରବିବାର ଥିବାରୁ ଅଧିକାଂଶ ପୁରୁଷ ଚର୍ଚ୍ଚକୁ ଏବଂ ଅନ୍ୟମାନେ ବିଲକୁ ଯାଇଥିଲେ। ଅନ୍ୟଥା ସେମାନଙ୍କ ଘରର ସ୍ତ୍ରୀ ଲୋକମାନେ ଆଜି ଜେଲରେ ନ ଥାନ୍ତେ।

# ମା' ହେଲେ ସୋନମ



**ନୂଆଦିଲ୍ଲୀ:** ମା' ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନମ କପୁର। ଶନିବାର ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତେବେ ମା' ହେବାର ଖବର ସୋନମ ନିଜେ ଇନ୍‌ଷ୍ଟାଗ୍ରାମ ଜରିଆରେ ନିଜ ଫ୍ୟାନ୍ସଙ୍କୁ ଜଣାଇଛନ୍ତି। ପୋଷ୍ଟ ଶେୟାର କରି ପରିବାର, ବନ୍ଧୁ, ଡାକ୍ତର, ନର୍ସ ଓ ପ୍ରଶଂସକମାନଙ୍କ ସହଯୋଗ ଓ ଭଲପାଇବା ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମ ଜୀବନର ନୂଆ ଯାତ୍ରା ଆରମ୍ଭ ହୋଇଛି। ଆଗକୁ ଅନେକ ପରିବର୍ତ୍ତନ ଘଟିବ ବୋଲି ସୋନମ କହିଛନ୍ତି। ବଲିଉଡ୍‌ର ବହୁ କଳାକାର ସୋନମଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ସୋନମ ଗର୍ଭବତୀ ଥିବା କଥା ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇଥିଲେ। ସୋନମ ଲଣ୍ଡନରେ ତାଙ୍କ ବେବି ସାୱାର ପାଳିଥିବାବେଳେ ଗର୍ଭବତୀ ଥିବାବେଳେ ନାୟିକା ଜଣକ ଫଟୋଶୁଟ୍ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ୨୦୧୮ ମେ ୮ରେ ସୋନମ ଲଣ୍ଡନରେ ରହୁଥିବା ଶିଳ୍ପପତି ଆନନ୍ଦ ଆହୁଜାଙ୍କୁ ବିବାହ କରିଥିଲେ। ୨୦୧୯ରେ ରିଲିଜ୍ ହୋଇଥିବା ହିନ୍ଦୀ ଫିଲ୍ମ ଦ ଜୋୟା ଫ୍ୟାକ୍ଟର'ରେ ସୋନମ ଶେଷଥର ପାଇଁ ବଡ଼ ପରଦାରେ ଦେଖାଯାଇଥିଲେ। ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନୟ କରିଥିଲେ ଟଲିଉଡ୍ ଅଭିନେତା ଦୁଲକର ସଲମାନ। ଏଥିସହ 'ଏକେ ଭିଏସ୍ ଏକେ'ରେ ସୋନମ ଏକ କମିଓ ଭୂମିକାରେ ଅଭିନୟ କରିଥିଲେ।

# ଭୁଲ୍ ଢଙ୍ଗରେ ବ୍ୟାଣ୍ଡେଜ୍ କରି କର୍ମଚାରୀ ନିଲମ୍ବିତ

ଭୋପାଳ

ମଧ୍ୟ ପ୍ରଦେଶ ମୋରେନାରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଜଣେ ଡ୍ରେସରଙ୍କୁ ନିଲମ୍ବନ କରାଯାଇଛି। ତେବେ ନିଲମ୍ବନ ପଛର କାରଣ ଜାଣି ପାଠକଙ୍କୁ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ। ଜଣେ ମହିଳା ଡ୍ରେସିଂ ପାଇଁ ମୋରେନା ସରକାରୀ ଡାକ୍ତରଖାନା ଆସିଥିବାବେଳେ ପୂର୍ବରୁ କରାଯାଇଥିବା ବ୍ୟାଣ୍ଡେଜ୍‌କୁ ଡାକ୍ତର କାଢ଼ିଥିଲେ। ଗଜ୍ କପଡ଼ା ଓ ତୁଳା ବାହାର କରିବା ସମୟରେ ସେଥିରୁ ଏକ କଣ୍ଡୋମ୍ ପ୍ୟାକେଟ ବାହାରିଥିଲା। ଡାକ୍ତର ଜଣକ ଘଟଣା ସମ୍ପର୍କରେ ମହିଳାଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଣ୍ଡରେ ଆଘାତ ଲାଗିବା ପରେ ସେ ପୋରସା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ଯାଇ ବ୍ୟାଣ୍ଡେଜ୍ କରିଥିଲେ। ସେ ସମୟରେ ଡା. ଧର୍ମେନ୍ଦ୍ର ରାଜପୁତ ଏମର୍ଜେନ୍ସି ଡ୍ୟୁଟିରେ ଥିବାବେଳେ ଅନନ୍ତ ରାମ ୱାର୍ଡ ବଏ ମଧ୍ୟ ଡ୍ୟୁଟିରେ ଥିଲେ। ସେଠାରେ ଅନନ୍ତ ମହିଳାଙ୍କ ମୁଣ୍ଡରେ ପଟି ବାନ୍ଧିବାବେଳେ ତୁଳା ସହିତ କିଛି ଜରି ପ୍ୟାକେଟ ପଟିରେ ଦେଉଥିବାର ମହିଳା ଅନୁଭବ କରିଥିଲେ। କିନ୍ତୁ ଏ ନେଇ କୌଣସି ପ୍ରଶ୍ନ କରି ନ ଥିବା ମହିଳା କହିଥିଲେ। ଘଟଣା ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଅଭିଯୋଗ ହେବା ପରେ ଉକ୍ତ ଡ୍ରେସର ଅନନ୍ତଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଘଟଣା ସହ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।



# ସ୍ଥାନାନ୍ତର ହେଉଛି ୨ ମହଲା କୋଠା

**ଚଣ୍ଡିଗଡ଼:** ପଞ୍ଜାବ ସାଙ୍ଗ୍‌ରୁରର ଶୁଖ୍‌ୱିନ୍ଦର ସିଂ ସୁଖି ନାମକ ଜଣେ କୃଷକ ତାଙ୍କ ୨ ମହଲା କୋଠାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏକ୍ସପ୍ରେସ୍‌ୱେ ନିର୍ମାଣ କାର୍ଯ୍ୟ ପାଇଁ ଏହି ବଙ୍ଗଳାକୁ ନିଜ ଅବସ୍ଥିତିଠାରୁ ପ୍ରାୟ ୫୦୦ ଫୁଟ ଦୂରକୁ ନିଆଯିବ। ସ୍ଥାନୀୟ ନିର୍ମାଣ ଶ୍ରମିକଙ୍କ ସାହାଯ୍ୟକ୍ରମେ ୧.୫ କୋଟି ଟଙ୍କାରେ ତିଆରି ଏହି ଘରର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା କୋଠାଟିକୁ ୨୫୦ ଫୁଟ ଦୂରକୁ ନିଆଯାଇଛି। ସୁଖ୍‌ୱିନ୍ଦର ସାଙ୍ଗ୍‌ରୁରର ରୋଶାନୱାଲା ଗ୍ରାମରେ ଥିବା ନିଜ ଜମିରେ ଏହି ଘର ନିର୍ମାଣ କରିଥିଲେ। ଘର ତିଆରି ହୋଇଥିବା ଜମିଟି ଦିଲ୍ଲୀ-ଅମୃତସର-କଟରା ଏକ୍ସପ୍ରେସ୍ ୱେ ପ୍ରୋଜେକ୍ଟ ଅଧୀନରେ ଆସୁଥିବା କାରଣରୁ ଏହାର ସ୍ଥାନାନ୍ତର କରାଯାଉଛି। ଘର ଭାଙ୍ଗିବା ପାଇଁ ପଞ୍ଜାବ ସରକାର ସୁଖ୍‌ୱିନ୍ଦରଙ୍କୁ କହିଥିବାବେଳେ ସେ ଘର ସ୍ଥାନାନ୍ତର କରିବାର ନିଷ୍ପତ୍ତି ନେଇଥିଲେ। ନିଜ ସ୍ୱପ୍ନର ଘରକୁ ଭାଙ୍ଗି ଆଉ ଏକ ନୂଆ ଘର ତିଆରି କରିବା ପାଇଁ ସେ ଇଚ୍ଛୁକ ନୁହନ୍ତି।

**ପ୍ରଥମ ପୃଷ୍ଠାରୁ...**

## କାନ୍ଥ ଭୁଶୁଡ଼ି ୨ ଭଉଣୀଙ୍କ...

ନେଇଯାଇଥିଲେ। ସେଠାରେ ଡାକ୍ତର ୨ଜଣ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବିଶୋଇ ପୋଲିସ ଓ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ରଶ୍ମିତା ଜାମରଡ଼ିହାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ନୀହାରିକା ଭୋଳବେଡା ଅଙ୍ଗନୱାଡ଼ି କେନ୍ଦ୍ରରେ ପଢୁଥିଲେ। ୨ ଝିଅଙ୍କୁ ହରାଇ ଅନିଲଙ୍କ ପରିବାର ଭାଙ୍ଗିପଡିଛନ୍ତି।

କେନ୍ଦୁଝରେ ସଦର ବ୍ଲକ ମହାଦେଇଯୋଡା ପଞ୍ଚାୟତ ଟିକରପଡା ଗ୍ରାମର ବେହେରା ସାହିରେ ଦୃତିକା ବେହେରା(୭୦) ଓ ତାଙ୍କ ସ୍ୱାମୀ କୁଲିଆ ବେହେରା(୭୫) ଶୋଇଥିବା ବେଳେ ରାତି ପ୍ରାୟ ୩ଟା ବେଳେ ଘର କାନ୍ଥ ଭୁଶୁଡି ପଡିଥିଲା। ଘଟଣାସ୍ଥଳରେ ଦୃତିକାଙ୍କ ମୃତ୍ୟୁ ହୋଇଥିବା ବେଳେ କୁଲିଆଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ସେ ଚିକିତ୍ସାଧୀନ ଥିବା ଜଣାପଡିଛି।

ସେହିପରି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମଧୁପୁରା ୟୁଜି ଏମ୍‌ଇ ବିଦ୍ୟାଳୟ ପାଖରେ ଥିବା ବଡ଼ ଶାଗୁଆନ ଗଛ ଭାଙ୍ଗି ପାଚେରି ଉପରେ ପଡିଥିଲା। ଫଳରେ ସ୍କୁଲ ପାଚେରି ଭୁଶୁଡି ଅନ୍‌ସାର ଅଲ୍ଲୀଙ୍କ ଘର ଉପରେ ପଡ଼ିଥିଲା। ଘରେ ଶୋଇଥିବା ଅବସ୍ଥାରେ ଅନ୍‌ସାର ଅଲ୍ଲୀଙ୍କ ୩ ଜଣ ପିଲା ବଡ଼ ପୁଅ ସେକ ଆରାନ (୮), ମଝିଆ ଝିଅ ମିନା ଖାତୁନ ଓ ୪ ବର୍ଷର ସାନ ଝିଅ ସାମିନା ଖାତୁନ କାନ୍ଥ ତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସାନ ଝିଅ ସାମିନା ଖାତୁନ ଗୁରୁତର ଥିବାରୁ ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ସଙ୍କଟାପନ୍ନ ଅବସ୍ଥାରେ କଟକ ନେବା ବାଟରେ ସାମିନାଙ୍କ ମୃତ୍ୟୁ ହୋଇଯାଇଥିଲା। ବଡ଼ପୁଅ ଓ ମଝିଆଁ ଝିଅକୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ବାଲେଶ୍ୱର ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ପହଞ୍ଚି ଗୁରୁତର ଦୁଇପିଲାଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହିତ ବାପା ଅନ୍‌ସାର ଅଲ୍ଲୀଙ୍କୁ ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଆବାସ ଯୋଜନାରେ ଘର ପାଇବା ପାଇଁ ତାଲିକାରେ ନାମ ନ ଥିଲେ ସ୍ୱତନ୍ତ୍ର ଭାବରେ ଆବାସ ଯୋଜନାରେ ଘର ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ଦାଶ କହିଛନ୍ତି। ଏନେଇ ବାଲିଆପାଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୭/୨୨) ରୁଜୁ ହୋଇଛି।

## ନଦୀ ପାରିବେଳେ...

ଝରିଗାଁ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଝରିଗାଁ ଥାନା ଏଏସ୍‌ଆଇ ଅଶୋକ କୁମାର ପାଳ ପୋଲିସ ଟିମ୍ ସହ ସେଠାରେ ପହଞ୍ଚିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ ହାବିଲଦାର ଭୋଳାନାଥ ମାଝି, ପ୍ରଶାନ୍ତ କୁମାର ସାହୁ, ଅଜିତ କୁମାର ଭୋଇ, ଧନୁର୍ଦ୍ଧର ରାଉତ, ନୃପରାଜ ଶବର, ସୁରଥ ଜାନୀ, ମଣିଲାଲ ବାଛାଡ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତୁଳାବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ଝରିଗାଁ ଥାନାରେ କେସ୍ ନଂ. ୨୮/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବିଚାର ବ୍ୟବସ୍ଥା ଉପରେ...

ଓ ଅଦାଲତଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ଜୋର୍ ଦେଇଆସିଛନ୍ତି। ତାଙ୍କ ସମୟରେ ୨୫୦ ହାଇକୋର୍ଟ ବିଚାରପତି ନିଯୁକ୍ତି ପାଇଛନ୍ତି। ସୁପ୍ରିମକୋର୍ଟରେ ୧୨ ଜଣ ବିଚାରପତି ନିଯୁକ୍ତ ହୋଇଥିବାବେଳେ ବିଭିନ୍ନ ହାଇକୋର୍ଟରେ ୧୫ ଜଣ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଛନ୍ତି। ବିଚାର ବ୍ୟବସ୍ଥାରେ ମହିଳା, ପଛୁଆ ବର୍ଗଙ୍କ ସମେତ ସମାଜର ସବୁ ବର୍ଗଙ୍କୁ ଯେପରି ଉପଯୁକ୍ତ ପ୍ରତିନିଧିତ୍ୱ ମିଳିବ ତାହା ଉପରେ ସିଜେଆଇ ଗୁରୁତ୍ୱ ଦେଇଥିଲେ। ସାରା ଦେଶରେ ବିଚାର ବ୍ୟବସ୍ଥାର ଉନ୍ନତି ଲାଗି ସେ ପ୍ରଧାନମନ୍ତ୍ରୀ, ଏକାଧିକ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତିମାନଙ୍କ ଆଗରେ ପ୍ରସଙ୍ଗ ଉଠାଇଥିଲେ।

କେତେକ ରାଜ୍ୟ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିବାରୁ କେନ୍ଦ୍ର ସରକାର କୋର୍ଟ ବିଲ୍ଡିଂ ନିର୍ମାଣ ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପାଣ୍ଠି ଯୋଗାଇଦେବାକୁ ଜଷ୍ଟିସ ରମନା କହିଥିଲେ। ତାଙ୍କ ପ୍ରସ୍ତାବକୁ କେନ୍ଦ୍ରରୁ ବିରୋଧ କରାଯାଇଥିଲେ ହେଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ମୁଖ୍ୟମନ୍ତ୍ରୀମାନେ ସମର୍ଥନ ଜଣାଇଥିଲେ। ସେଥିପାଇଁ ସିଜେଆଇ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଦେଶର ବିଚାର ବ୍ୟବସ୍ଥାରେ ସବୁଠୁ ବଡ଼ ସମସ୍ୟା ହେଲା ବହୁସଂଖ୍ୟାରେ ମାମଲା ଦୀର୍ଘଦିନ ବିଚାର ଅପେକ୍ଷାରେ ପଡ଼ିରହିବା। ଏଥିପାଇଁ ବହୁତ କାରଣ ଦାୟୀ। ତେବେ ତ୍ୱରିତ୍ ନ୍ୟାୟ ପ୍ରଦାନ ଉଭୟ ବିଚାରପତି ଓ ଆଇନଜୀବୀମାନଙ୍କ ଦାୟିତ୍ୱ ବୋଲି ସିଜେଆଇ ସ୍ମରଣ କରାଇଦେଇଛନ୍ତି। ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ନ୍ୟାୟପାଳିକାର ମୁଖ୍ୟ ଲକ୍ଷ୍ୟ। ତେଣୁ ସର୍ବନିମ୍ନ ସମୟ ମଧ୍ୟରେ ନ୍ୟାୟ ସୁନିଶ୍ଚିତ କରିବା ଲାଗି ସେ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହିତ ବିଚାର ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଭିନ୍ନ ପଦକ୍ଷେପକୁ ଆଇନଜୀବୀମାନେ ସମର୍ଥନ ଯୋଗାଇଦେବା ଆବଶ୍ୟକ। ଆପଣମାନେ ଦାୟିତ୍ୱସମ୍ପନ୍ନ ଏବଂ ସମାଜର ସମ୍ମାନଜନକ ପଦପଦବୀରେ ରହିଛନ୍ତି। ତେଣୁ ସମାଜରେ ପରିବର୍ତ୍ତନ ଆଣିବାରେ ଆପଣମାନେ ରୋଲ ମଡେଲ ସାଜିବା ଆବଶ୍ୟକ ବୋଲି ସିଜେଆଇ ଆଇନଜୀବୀମାନଙ୍କୁ କହିଛନ୍ତି।

କୋର୍ଟ ବିଲ୍ଡିଂ ନିର୍ମାଣ ବିଳମ୍ବ ହେବା ଲାଗି ରାଜ୍ୟ ବିଭାଜନ ଗୋଟିଏ କାରଣ ହୋଇଥିବାବେଳେ ଆର୍ଥିକ ସମସ୍ୟା ଯୋଗୁ ସରକାର ଠିକ୍ ସମୟରେ ପାଣ୍ଠି ନ ଯୋଗାଇବା ଏବଂ ଠିକାଦାରମାନେ ଉପଯୁକ୍ତ ଭାବେ କାର୍ଯ୍ୟ କରି ନ ପାରିବା ଅନ୍ୟତମ କାରଣ। ବିଜୟୱାଡ଼ା କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୫୮ କୋଟି ଟଙ୍କା ଆକଳନ କରାଯାଇଥିବାବେଳେ ବିଳମ୍ବ ଯୋଗୁ ଏହା ୧୦୦ କୋଟିରେ ପହଞ୍ଚିଥିଲା। କେବଳ ବିଲ୍ଡିଂ ନିର୍ମାଣ କରିଦେଲେ ହେବ ନାହିଁ, ଏହାକୁ ବିଚାରପତି ଓ ଆଇନଜୀବୀମାନେ ସଫଳତାର ସହ କାର୍ଯ୍ୟରେ ଲଗାଇବା ଆବଶ୍ୟକ ବୋଲି ସିଜେଆଇ କହିଛନ୍ତି।

**ରାଜ୍ୟ ଖବର**

# ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ

ଭୁବନେଶ୍ୱର, ୨୦।୮ (ବ୍ୟୁରୋ)

ସମଗ୍ର ବିଶ୍ୱରେ ଅନ୍ୟତମ ସର୍ବାଧିକ ମାରାତ୍ମକ ସଂକ୍ରାମକ ରୋଗ ହେଉଛି ମ୍ୟାଲେରିଆ, ଯାହା ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରକାଶିତ ବିଶ୍ୱ ମ୍ୟାଲେରିଆ ରିପୋର୍ଟ ୨୦୨୧ ଅନୁଯାୟୀ, ୨୦୨୦ରେ ବିଶ୍ୱବ୍ୟାପୀ ୨୪୧ ନିୟୁତ ଲୋକ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୬,୨୭,୦୦୦ ଜଣଙ୍କର ମୃତ୍ୟୁ ଘଟିଥିଲା। ଓଡ଼ିଶାରେ ପୂର୍ବରୁ ମ୍ୟାଲେରିଆ ସଂକ୍ରମଣ ଅଧିକ ରହିଆସୁଥିଲା। କିନ୍ତୁ ୨୦୧୬ରୁ ୨୦୨୧ ମଧ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୯୪% ହ୍ରାସ ପାଇଛି। ମ୍ୟାଲେରିଆ ନିରାକରଣ ନିମନ୍ତେ ଓଡ଼ିଶା ନିର୍ଦ୍ଦିଷ୍ଟ ଅଞ୍ଚଳଭିତ୍ତିକ ଆଭିମୁଖ୍ୟ କାର୍ଯ୍ୟକାରୀ କରିଆସୁଛି। ଫଳରେ ଗତ ଚାରିବର୍ଷ ମଧ୍ୟରେ ରାଜ୍ୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାରେ ଯଥେଷ୍ଟ ହ୍ରାସ ପରିଲକ୍ଷିତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ଭିବିଡିସି)ର ରାଜ୍ୟ ଶାଖା ପକ୍ଷରୁ ୨୦୧୭ରେ ଅଧିକ ମ୍ୟାଲେରିଆ ସଂକ୍ରମିତ ଜିଲାଗୁଡ଼ିକରେ 'ଦମନ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ନିୟମିତ ରକ୍ତନମୁନା ଯାଞ୍ଚ, ଦୀର୍ଘସ୍ଥାୟୀ କୀଟନାଶକଯୁକ୍ତ ମଶାରି ବଣ୍ଟନ ଓ ବ୍ୟବହାରଗତ ପରିବର୍ତ୍ତନ ସମ୍ପର୍କିତ ସୂଚନାର ପ୍ରସାର ଆଦି ସମ୍ମିଳିତ ଆଭିମୁଖ୍ୟ ପୋଷଣ କରାଯାଇଥିଲା। ଫଳସ୍ୱରୂପ ୨୦୧୭ରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରାୟ ୩.୫ ଲକ୍ଷ ଥିବାବେଳେ ୨୦୨୧ରେ ପ୍ରାୟ ୨୫ ହଜାରକୁ ହ୍ରାସ ପାଇଛି। ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ରୋଗ ନିରୂପଣ ଓ ଚିକିତ୍ସା ସେବାକୁ ବ୍ୟାପକ କରି ଓଡ଼ିଶା ସମଗ୍ର ଦେଶରେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ କରିବାରେ ଉଲ୍ଲେଖନୀୟ ଅବଦାନ ରଖୁଛି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ସଚେତନତା ବୃଦ୍ଧି, ମ୍ୟାଲେରିଆଜନିତ ଅସୁସ୍ଥତା ଏବଂ ମୃତ୍ୟୁକୁ ରୋକିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୦୩୦ ସୁଦ୍ଧା ମ୍ୟାଲେରିଆମୁକ୍ତ ଭାରତ ପାଇଁ ଅଭିଯାନ ଚଳାଇଛି।

# ଅସୁସ୍ଥ ହୋଇ ଆଶ୍ରମ ସ୍କୁଲ ଛାତ୍ରଙ୍କ ମୃତ୍ୟୁ

ମାଲକାନଗିରି, ୨୦।୮ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ସଦର ବ୍ଲକ ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ର ସନିଆ ଦୋରା ଶୁକ୍ରବାର ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଆଖି ବୁଜିଦେଇଛନ୍ତି। ସନିଆଙ୍କ ମା', ବାପା ନ ଥିବାରୁ ଦାଦା ପାଣ୍ଡ୍ରିପାଣି ଆଶ୍ରମ ବିଦ୍ୟାଳୟରେ ତାଙ୍କର ନାମ ଲେଖାଇଥିଲେ। ଶୁକ୍ରବାର ତାଙ୍କର ପେଟବ୍ୟଥା ହେବାରୁ ସେ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କର୍ତ୍ତୃପକ୍ଷ ତାଙ୍କୁ କିଛି ଔଷଧ ଦେଇ ଚୁପ୍ ରହିଯାଇଥିଲେ। ଶନିବାର ସକାଳେ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ପାଣ୍ଡ୍ରିପାଣି ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅଣଦେଖା ଏବଂ ପରେ ପାଣ୍ଡ୍ରିପାଣି ଡାକ୍ତରଖାନାରେ ୫ ଘଣ୍ଟା ଧରି ରଖି ଚିକିତ୍ସାରେ ଅବହେଳା କରାଯିବା ଯୋଗୁ ସନିଆଙ୍କ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ସୁରେଶ, ସମ୍ପର୍କୀୟା ସବିତା ଗୌଡ଼, ଗ୍ରାମ ମୁଖ୍ୟ ନରସିଂହ କବାସୀ ଅଭିଯୋଗ କରିଛନ୍ତି। ସୁରେଶ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଗୋଲାପ ପୂଜାରୀ କହିଛନ୍ତି, ସନିଆଙ୍କ ପେଟବ୍ୟଥା ହେଉଥିବା ଜାଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଏହାପରେ ସେ ଛାତ୍ରାବାସକୁ ଆସି ସୁସ୍ଥ ଥିବା କହିଥିଲେ। ପରେ ପୁଣି ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ପଠାଯିବା ସହ ଏ ବିଷୟରେ ଛାତ୍ରଙ୍କ ଅଭିଭାବକଙ୍କୁ ଫୋନ୍‌ରେ ଅବଗତ କରାଯାଇଥିଲା। ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିବା ପାଇଁ ଡାକ୍ତରଖାନା ଯିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ଖବର ପାଇଥିଲେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଏଥିସହ ଘଟଣା ବିଷୟରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିବା ସେ ପ୍ରକାଶ କରିଛନ୍ତି।

# ବ୍ୟାରେଜ ଉପରୁ ନଦୀକୁ ଡେଇଁଲେ ଯୁବତୀ

କଣିହାଁ/ପବିତ୍ରନଗର, ୨୦।୮ (ଡି.ଏନ୍.ଏ.)

ଖୋଲା ଥିଲା ସମଲ ବ୍ୟାରେଜ୍ ଗେଟ୍। ବର୍ଷାକୁ ଦେଖି ବ୍ରାହ୍ମଣୀରୁ ହେଉଥିଲା ଜଳ ନିଷ୍କାସନ। ପୋଲ ଉପରେ ପୂର୍ବପରି ଥିଲା ଲୋକଙ୍କ ଆତଯାତ। ହେଲେ ହଠାତ୍ ଘଟିଯାଇଥିଲା ଏକ ଅଘଟଣ। ନିକଟସ୍ଥ ଗାଁରୁ ଚାଲି ଚାଲି ଆସୁଥିବା ଜଣେ ଯୁବତୀ ବ୍ୟାରେଜ ଉପରୁ ଡେଇଁପଡ଼ିଥିଲେ ପାଣିଭରା ନଦୀକୁ। ଉଚ୍ଛୁଳା ନଈରେ ଉବୁଟୁବୁ ହେଉଥିବା ଦେଖି ଉଦ୍ଧାର ପାଇଁ ଧାଇଁଆସିଥିଲେ ୪ ଜଣ ମତ୍ସ୍ୟଜୀବୀ। ବ୍ରିଜ୍ ଉପରୁ ମଧ୍ୟ ବଢ଼ିଥିଲା ସାଧାରଣ ଲୋକଙ୍କ ସହାୟତାର ହାତ। ସମସ୍ତଙ୍କ ଉଦ୍ୟମ ଶେଷରେ ହୋଇଥିଲା ସଫଳ। ଅଥଳ ଜଳରୁ ଉଦ୍ଧାର ହୋଇ କୂଳକୁ ଆସିଥିଲେ ସମ୍ପୃକ୍ତା ଯୁବତୀ। ବଞ୍ଚିଯାଇଥିଲା ଏକ ବହୁମୂଲ୍ୟ ଜୀବନ। ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ଶନିବାର ସକାଳେ ଘଟିଥିବା ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ସମ୍ପୃକ୍ତା ଯୁବତୀଙ୍କ ଘର ସମଲ ବ୍ୟାରେଜ୍‌ଠାରୁ ଅଧ କିଲୋମିଟର ଦୂରରେ। ସକାଳ ପ୍ରାୟ ୭ଟା ବେଳେ ସେ ବ୍ୟାରେଜ୍ ଉପରେ ଯାଉଥିବା ବେଳେ ହଠାତ୍ ନଦୀକୁ ଡେଇଁପଡ଼ିଥିଲେ। ଗେଟ୍ ଖୋଲାଥିବାରୁ ନଦୀର ପ୍ରଖର ସ୍ରୋତରେ



ନଦୀକୁ ଡେଇଁ ପଡ଼ିଥିବା ଯୁବତୀଙ୍କୁ ଉଦ୍ଧାର ପରେ ଆମ୍ବୁଲାନ୍ସ ନିକଟକୁ ନିଆଯାଉଛି।

## ■ ମତ୍ସ୍ୟଜୀବୀଙ୍କ ପାଇଁ ହୋଇଗଲା ଜୀବନ ରକ୍ଷା

ସେ ବୁଡ଼ିଯାଉଥିବା ଦେଖି ବ୍ରିଜ୍ ଉପରେ ଅଟୋ ନେଇ ଯାଉଥିବା ଜୟନ୍ତ ସାହୁ ପାଟି କରିଥିଲେ। ତାଙ୍କ ପାଟି ଶୁଣି ସେଠାରେ ଥିବା ଲୋକମାନେ ଧାଇଁଆସିଥିଲେ। ତୁରନ୍ତ ବ୍ୟାରେଜ ଗେଟ୍ ବନ୍ଦ କରାଯିବା ପରେ ସମଲ ଗ୍ରାମର ମତ୍ସ୍ୟଜୀବୀ ପରମାନନ୍ଦ ପଲେଇ, ବାବୁନା ସାମଲ, ଭ୍ରମର ସେଠୀ ଓ ବାଇଗଣ ବେହେରା ଯୁବତୀଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ୨ ଜଣ ଡଙ୍ଗା ନେଇ ଯୁବତୀଙ୍କ ନିକଟରେ ପହଞ୍ଚିଥିବା ବେଳେ ଅନ୍ୟ ଦୁଇଜଣ ବ୍ୟାରେଜ୍ ଗେଟ୍ ଦେଇ ତଳକୁ ଯାଇ ରଶି ସାହାଯ୍ୟରେ ତାଙ୍କୁ ଟାଣି ଆଣିବାରେ ସକ୍ଷମ ହୋଇଥିଲେ। ଗେଟ୍ ନିକଟରେ କିଛି ସମୟ ବସାଇବା ପରେ ତାଙ୍କୁ ଡଙ୍ଗା ଜରିଆରେ କୂଳକୁ ଆଣିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ଓ କଣିହାଁ ଅଗ୍ନିଶମ ବିଭାଗ କର୍ମଚାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ଯୁବତୀଙ୍କୁ କୂଳରୁ ଆମ୍ବୁଲାନ୍ସ ଯାଏ ଆଣି ନିକଟସ୍ଥ ତାଳଚେର ମଣ୍ଡାପାଳ ମେଡିକାଲକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସା ପରେ ମଧ୍ୟାହ୍ନରେ ଯୁବତୀ ଜଣକ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବ୍ୟାରେଜ୍ ଉପରେ ଉପସ୍ଥିତ ଲୋକଙ୍କ ସହ ମତ୍ସ୍ୟଜୀବୀଙ୍କ ଏପରି ଉଦ୍ୟମକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି।

## ଚୋରା ଗଞ୍ଜେଇ ଚାଲାଣ, ୪ ମହିଳା ଗିରଫ

**କଟକ ଅଫିସ:** ଗଞ୍ଜେଇ ଚାଲାଣ ଅଭିଯୋଗରେ ଏକ ଗ୍ୟାଙ୍ଗର ୪ ଜଣ ମହିଳାଙ୍କୁ ବାଦାମବାଡି ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରଛି। ସେମାନେ ହେଲେ ପଶ୍ଚିମବଙ୍ଗ ଅଞ୍ଚଳର ମୁଜୁଫା ବିବି, ନୁରଜାହାନ ବିବି, ଆଗଲିମା ବିବି ଓ ମେରା ବିସିସ। ସେମାନଙ୍କଠାରୁ ୬୧ କେଜି ୫୫୦ ଗ୍ରାମ୍ ଗଞ୍ଜେଇ, ୧୭,୫୦୦ ଟଙ୍କା ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଶୁକ୍ରବାର ଅପରାହ୍ନରେ କଟକ ଲିଙ୍କ୍‌ରୋଡ୍‌ସ୍ଥିତ ବିଏସ୍‌ଏନ୍‌ଏଲ୍ ଅଫିସ ବସ୍‌ଷ୍ଟପ ନିକଟରେ ୪ ଅଭିଯୁକ୍ତ ମହିଳା ଗଞ୍ଜେଇ ଭର୍ତ୍ତି ୫ଟି ଜରିବସ୍ତା ଧରି ଛିଡା ହୋଇଥିଲେ। ବାଦାମବାଡି ପୋଲିସ ପହଞ୍ଚି ମହିଳାମାନଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୨୩୨/୨୨) ରୁଜୁ ହୋଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଭାରତ ବିକାଶ ପରିଷଦ ପକ୍ଷରୁ ଜାତୀୟସ୍ତରୀୟ ସାମୂହିକ ସଙ୍ଗୀତ ଏବଂ କୁଇଜ୍ ପ୍ରତିଯୋଗିତା, ରାଜଧାନୀ କଳାସଂସଦ, ୟୁନିଟ୍-୩, ପୂର୍ବାହ୍ନ ୯ଟା ୩୦।
- ରାଜ୍ୟସ୍ତରୀୟ 'ମା ଭକ୍ତଙ୍କ' ସମ୍ମିଳନୀ, ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଳୁଚରଣ ମହାପାତ୍ର ଗବେଷଣା କେନ୍ଦ୍ର ,ପୂର୍ବାହ୍ନ ୧୦ଟା।
- ପ୍ରଜ୍ଞା ପ୍ରତିଭା ପୁରସ୍କାର, ଭଞ୍ଜ କଳା ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘର ୨ ଦିନିଆ ପ୍ଲାଟିନମ୍ ଜୁବିଲି, ଓଡେଶା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟ ଆସର, ରାଜଧାନୀ କଳାସଂସଦ, ଅପରାହ୍ନ ୫ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ, ବିଶ୍ୱବିଦ୍ୟାଳୟ ପରିସର, ସନ୍ଧ୍ୟା ୬ଟା।

କଟକ
- ମଧୁମେହ ଚିକିତ୍ସକ ସଂଘ ଆର୍‌ଏସ୍‌ଏସ୍‌ଡିଆଇର ବାର୍ଷିକ ସମ୍ମିଳନୀ, ପ୍ରମୋଦ ହୋଟେଲ, ପୂର୍ବାହ୍ନ ୯ଟା ୩୦।
- ପୂର୍ବାଞ୍ଚଳ ଶାନ୍ତି କମିଟିର ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, କନକ ଦୁର୍ଗାମଣ୍ଡପ, ଶ୍ରୀରାମ ବଜାର, ୪୨ ମୌଜା, ପୂର୍ବାହ୍ନ ୧୧ଟା।
- ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀ ପକ୍ଷରୁ ସଂସ୍କୃତ ଦିବସ ସମାରୋହ, ଓଏଏସ୍‌ଏମ୍‌ଇ ସଭାଗୃହ, ଖପୁରିଆ, ଅପରାହ୍ନ ୪ଟା।
- ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ୧୪ତମ ଶ୍ରଦ୍ଧାଞ୍ଜଳି ସମାରୋହ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, କଲେଜ ଛକ, ସନ୍ଧ୍ୟା ୭ଟା।

ପୁରୀ
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ପାଳନ, ବାଘା ଆଖଡ଼ା ମଠ, ପୂର୍ବାହ୍ନ ୧୦ ଘଟିକା।
- ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା।
- ଜମି ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ଜମିପଟ୍ଟା ଦାବିରେ ବୈଠକ, ମତିଆପଦ ଛକ, ପୂର୍ବାହ୍ନ ୧୧ଟା।
- ଗୀତାଂଶ ଉତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ଥ୍ରୋ ବଲ୍‌ର ଉଦ୍‌ଯାପନୀ ଉତ୍ସବ, ଝାଡେଶ୍ୱରୀ କ୍ଲବ, ଅପରାହ୍ନ ୪ଟା
- ଶିଶୁ ସଙ୍କଳନ 'ସେଇ ବାଘ ଛୁଆଟି' ଶୁଭ ଉନ୍ମୋଚନ ଉତ୍ସବ, ଜିଲା ସଂସ୍କୃତି ଭବନ, ଅପରାହ୍ନ ୫ଟା।

ସାକ୍ଷୀଗୋପାଳ
- ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବିଶ୍ୱ ବରିଷ୍ଠ ଦିବସ, ପାନ୍ଥ ନିବାସ ପରିସର, ଅପରାହ୍ନ ୩ଟା।

## କ୍ଷମା ମାଗିଲେ ବାବୁସାନ
# 'ଆଉ ଏଭଳି ଭୁଲ୍ ହେବନି'

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଓଲିଉଡ ଅଭିନେତା ବାବୁସାନ୍ ମହାନ୍ତି ଶନିବାର ଏକ ଭିଡିଓ ଜାରି କରିଛନ୍ତି, ଯେଉଁଥିରେ ସେ ନିକଟରେ ଘଟିଥିବା ଘଟଣାକୁ ନେଇ ଅନୁତାପ ପ୍ରକାଶ କରୁଛନ୍ତି। ଭିଡିଓ ମାଧ୍ୟମରେ ସେ ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ସହ ଏଭଳି ଭୁଲ୍ ଆଉ କେବେ ହେବ ନାହିଁ ବୋଲି କହୁଥିବା ଦେଖିବାକୁ ମିଳୁଛି। ଏଥିସହ ସେ କହିଛନ୍ତି, ସ୍ତ୍ରୀ ତୃପ୍ତି ଓ ଶ୍ୱଶୁର ଲଳିତଙ୍କ ନାଁରେ କେସ୍ ହୋଇଛି। ଏଥିପାଇଁ ତାଙ୍କ ପରିବାର ବହୁ କଷ୍ଟ ପାଉଛନ୍ତି। ସେମାନଙ୍କର



କୌଣସି କ୍ଷତି ହେବାକୁ ଦେବିନି ବୋଲି ସେ ଉକ୍ତ ଭିଡିଓରେ ପ୍ରତିଶ୍ରୁତି ରଖିଛନ୍ତି।

### ସେଲିବ୍ରିଟି ପାରିବାରିକ ବିବାଦ

ଫଳରେ ସେଲିବ୍ରିଟି ପରିବାରରେ ଉପୁଜିଥିବା ବିବାଦ ଭିନ୍ନ ମୋଡ଼ ନେଇଛି।

ଉଲ୍ଲେଖଯୋଗ୍ୟ, ଜୁଲାଇ ୨୩ରେ ବାବୁସାନ୍, ସ୍ତ୍ରୀ ତୃପ୍ତି ଶତପଥୀ ଓ ଅଭିନେତ୍ରୀ ପ୍ରକୃତିଙ୍କ ମଧ୍ୟରେ ଉପୁଜିଥିବା ବିବାଦ ପଦାକୁ ଆସିଥିଲା। ପ୍ରକୃତିଙ୍କ ସହ ବାବୁସାନ୍ ଭୁବନେଶ୍ୱର ବିମାନବନ୍ଦରକୁ ଯାଉଥିବାବେଳେ ଭୁବନେଶ୍ୱର ସତ୍ୟନଗରଠାରେ ତୃପ୍ତି ସେମାନଙ୍କୁ ଅଟକାଇଥିଲେ। ବାବୁସାନଙ୍କ ଶାର୍ଟ କଲର ଧରି ଗାଡିରୁ ବାହାରକୁ ଟାଣି ଆଣିବାକୁ ଚେଷ୍ଟା କରିଥିଲେ। ପ୍ରକୃତିଙ୍କୁ ମଧ୍ୟ ଟଣାଓଟରା କରିବା ସହ ମାଡ଼ ମାରିଥିଲେ। ତେବେ ତୃପ୍ତିଙ୍କ ଏଭଳି ଅଶୋଭନୀୟ ଆଚରଣ ପାଇଁ ପ୍ରକୃତିଙ୍କ ମା' କୃଷ୍ଣପ୍ରିୟା ଖାରବେଳନଗର ଥାନାରେ ତୃପ୍ତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପରେ ତୃପ୍ତି ମଧ୍ୟ ପ୍ରକୃତି ଓ ବାବୁସାନଙ୍କ ବିରୋଧରେ ଏତଲା ଦେଇଥିଲେ। ଏନେଇ ପୋଲିସ ୩ ପୃଥକ୍ ମାମଲା ରୁଜୁ କରିଥିଲା। ଏପରି କି ବାବୁସାନଙ୍କ ନାଁରେ ନିର୍ଯାତନା ମାମଲା ରୁଜୁ ହୋଇଥିବାବେଳେ ଏହା ହାଇକୋର୍ଟରେ ପହଞ୍ଚିଥିଲା।



ପୁରୀ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଶ୍ରୀପୁରୁଷୋତ୍ତମ ବାଟିକାରେ ଶନିବାର ଉଦ୍‌ଘାଟିତ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

# ଭଜନ ଗାଇଲେ ରାଜ୍ୟପାଳ

ପୁରୀ ଅଫିସ,୨୦।୮

ପୁରୀରେ ଆୟୋଜିତ ଶ୍ରୀମଦ୍ ଭାଗବତ କଥା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ଯୋଗଦେଇ ଏକ ସୁନ୍ଦର ଭଜନ ଗାନ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ରାଜ୍ୟପାଳଙ୍କ ଭଜନ ଗାନ ଶୁଣି ଶ୍ରୋତାମାନେ ମୁଗ୍ଧ ହୋଇଯାଇଥିଲେ। ପୁରୀ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଶ୍ରୀପୁରୁଷୋତ୍ତମ ବାଟିକା ପରିସରରେ ଚଳିତ ମାସ ୨୦ ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଶ୍ରୀଭାଗବତ କଥା ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଶନିବାର ରାଜ୍ୟପାଳ ଗଣେଶୀ ଲାଲ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭଗବାନଙ୍କଠାରୁ ଭକ୍ତ ଅଧିକ ମହତ୍ତ୍ୱପୂର୍ଣ୍ଣ। ମାତ୍ର ଭକ୍ତ ନିଜ ଭକ୍ତିର ପରାକାଷ୍ଠା ଜାଣିବା ଦରକାର। ଭଗବାନ ଅନେକ ସମୟରେ ଭକ୍ତକୁ ନିଜଠାରୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିଛନ୍ତି। ସେହିଭଳି ଭଗବାନଙ୍କ ସମ୍ମୁଖରେ ମା' ଓ ତାହାର ମମତାର ମୂଲ୍ୟ ଅତୁଳନୀୟ। ସ୍ୱୟଂ ଭଗବାନ ମଧ୍ୟ ମା'ର ସ୍ନେହ ମମତା ପାଇଁ ଧରାପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। ସେହିଭଳି ମନୁଷ୍ୟ ନିଜ ଆଧ୍ୟାତ୍ମିକ ଚେତନାର ବିକାଶ କରିବା ଦିଗରେ ଶତପ୍ରଚେଷ୍ଟା କରିବାର ଆବଶ୍ୟକତା ରହିଥିବା ରାଜ୍ୟପାଳ ମତପୋଷଣ କରିଛନ୍ତି। ଆହୁରି ସେ କହିଛନ୍ତି, ଭଗବତ ଚିନ୍ତନ, ସ୍ମରଣ ଓ ଶ୍ରବଣ ଉପରେ ଗୁରୁତ୍ୱ ଦେଇ ଆଧ୍ୟାତ୍ମିକତାର ପ୍ରାପ୍ତି ହୋଇପାରିବ। ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ଡ. ନରେଶଚନ୍ଦ୍ର ଶାସ୍ତ୍ରୀ ଭାଗବତର ସୃଷ୍ଟି, ଭାଗବତର ଶ୍ରବଣ, ମନ୍ଥନ, ଭକ୍ତି, ଜ୍ଞାନର ଆଲୋଚନା, ଭାଗବତ କଥାମୃତର ଅନୁପାଳନ ଓ ସମାଜରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟ ଆଳତି କରିବା ସହ ପୂଜା କାର୍ଯ୍ୟରେ ମଧ୍ୟ ରାଜ୍ୟପାଳ ସମ୍ୟକ୍ ଅଂଶଗ୍ରହଣ କରିଥିଲେ। 'ମା'ତାରାଣୀ ଦୟା କି ଜୀୟେ' ଭଜନକୁ ସୁଲଳିତ କଣ୍ଠରେ ଗାନ କରି ରାଜ୍ୟପାଳ ସମସ୍ତଙ୍କୁ ବିମୋହିତ କରିଥିଲେ। ସେହିପରି ରାଜ୍ୟପାଳଙ୍କ ପୁଅ ମନୀଷ ସିଂଘାଲ ମଧ୍ୟ ଭଜନ ଗାଇ ସମସ୍ତଙ୍କ ମନ ମୋହିଥିଲେ। ତୀର୍ଥ କଥା ମଣ୍ଡଳ ଦିଲ୍ଲୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟ ପଓନ ଅଗ୍ରୱାଲ, ଦୀନେଶ ଗର୍ଗ, ନବୀନ ଗର୍ଗ, ବଜରଙ୍ଗ ଜୈନ, ଅଭିଷେକ ଗୋୟଲ ପ୍ରମୁଖ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ଅପରାହ୍ନ ୩ଟା ୪୫ରେ ରାଜ୍ୟପାଳ ପୁରୀସ୍ଥିତ ରାଜଭବନରେ ପହଞ୍ଚିଥିବା ବେଳେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସେ ପୁରୁଷୋତ୍ତମ ବାଟିକା ଗସ୍ତ କରି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ଜାତୀୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନ ୫ଟାରେ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ।

## ନୟାଗଡ଼, ଅନୁଗୋଳ ଜିଲାରେ 'ଅହିଂସା ରଥ'

ଭୁବନେଶ୍ୱର,୨୦।୮

ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀଙ୍କ ଅବଦାନକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅହିଂସା ରଥ' ରାଜ୍ୟ ପରିକ୍ରମା କରୁଛି। ଶନିବାର ଏହା ଅନୁଗୋଳ ଏବଂ ନୟାଗଡ଼ ଜିଲାରେ ପହଞ୍ଚିଛି। ପୁରୀ ପରିକ୍ରମା ପରେ ନିରାକାରପୁରଠାରେ ଜିଲା ପରିଷଦ ସଭାପତି ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲା ଯୋଜନା ବୋର୍ଡ ସଭାପତି, ସ୍ଥାନୀୟ ଜନପ୍ରତିନିଧି ଓ ଜନସାଧାରଣ ଭବ୍ୟ ସ୍ୱାଗତ ଜଣାଇଥିଲେ। 'ଅହିଂସା ରଥ' ନିରାକାରପୁର, ଚମ୍ପାଗଡ଼, ଚାନ୍ଦପୁର, ଗୋପାଳପୁର, ବଳଭଦ୍ରପୁର, ରଣପୁର, ହାଇସ୍କୁଲ, ଗୋଡ଼ିପଡ଼ା ପଞ୍ଚାୟତ ଅଫିସ୍, ଶରଣକୂଳ ଅଡିଟୋରିୟମ୍, ଓରପଡ଼ା ଓଡ଼ଗାଁ ଆଦି ସ୍ଥାନ ପରିକ୍ରମା ସମୟରେ ବାଜି ରାଉତ, ମହାତ୍ମା ଗାନ୍ଧୀଙ୍କ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଦାରିଦ୍ର୍ୟ ଓ ସାମାଜିକ ଅବିଚାରକୁ ମଧ୍ୟ ହିଂସା ଭାବରେ ଅଭିହିତ କରି ଦାରିଦ୍ର୍ୟ ଦୂରୀକରଣ ଏବଂ ଶାନ୍ତି ବଳରେ ସ୍ୱାଧୀନତାର ମୂଲ୍ୟ ଅଧିକ ପ୍ରତିଷ୍ଠିତ ହେବା ସହିତ ପ୍ରଗତି ହାସଲ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ବାର୍ତ୍ତା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏଥିସହ ସ୍କୁଲ ପିଲାମାନେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଅନୁଗୋଳ ଜିଲା କିଶୋର ନଗରଠାରେ ବ୍ଲକ ଅଧ୍ୟକ୍ଷ, ସ୍ଥାନୀୟ ସରପଞ୍ଚ ଜିଲା ପରିଷଦ ସଦସ୍ୟବୃନ୍ଦ ଏବଂ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ 'ଅହିଂସା ରଥ'କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାମ



@ ହାପି



@ ସତ୍ୟଜିତ୍



@ ସତ୍ୟରଞ୍ଜନ




@ ଉମା



@ ରିଙ୍କୁ

## ସାପ କାମୁଡ଼ାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଟାଙ୍ଗୀ(ଖୋର୍ଦ୍ଧା),୨୦।୮(ଡି.ଏନ୍.ଏ.):** ଚାନ୍ଦପୁର ଥାନା ଅଧୀନ ଚାନ୍ଦପୁର ପଞ୍ଚାୟତ ଗୋପବନ୍ଧୁ ନଗରରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ଏହି ଗ୍ରାମର ହାଡୁବନ୍ଧୁ ମହାନ୍ତି (୫୭)। ହାଡୁବନ୍ଧୁ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଶୁକ୍ରବାର ରାତିରେ ଶୋଇଥିବା ବେଳେ ଏକ ସାପ ସେମାନଙ୍କୁ କାମୁଡ଼ି ଦେଇଥିଲା। ଚିକିତ୍ସା ଲାଗି ଉଭୟଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ହାଡୁବନ୍ଧୁଙ୍କ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ମାଟ୍ରିକ ସାର୍ଟିଫିକେଟ ଦେବାକୁ ପିଲାଙ୍କଠୁ ଟଙ୍କା ଆଦାୟ

ଗୋପ,୨୦।୮(ଡି.ଏନ୍.ଏ.)

ଗୋପ ବ୍ଲକ ଅଧୀନ ଦିହୁଡା ନୀଳକଣ୍ଠେଶ୍ୱର ନୋଡାଲ ସ୍କୁଲରେ ଶନିବାର ମାଟ୍ରିକ୍ ସାର୍ଟିଫିକେଟ୍ ପାଇଁ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କଠାରୁ ୧୦୦ ଟଙ୍କା ଆଦାୟ ହୋଇଛି। ଏଥିସହ ନବମ ଶ୍ରେଣୀରେ ଅଧ୍ୟୟନରତ ଶିକ୍ଷାର୍ଥୀଙ୍କ ନାମ ରେଜିଷ୍ଟ୍ରେଶନ ଫି ବାବଦକୁ ଅଧିକ ୧୨୦ ଟଙ୍କା ଲେଖାଏଁ ନିଆଯାଉଥିବା ଶନିବାର ଅଭିଯୋଗ ହୋଇଛି। ଏପରି ଅଭିଯୋଗ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ପହଞ୍ଚିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନା ମୁତାବକ, ଗୋପ ବ୍ଲକ ୭ ପଞ୍ଚାୟତରେ କୁଶଭଦ୍ରା ଓ ଧନୁଆଁ ନଦୀ ବନ୍ୟାରେ ଲୋକେ ଜଳବନ୍ଦୀ ହୋଇ



ସ୍କୁଲ ପରିସର ବନ୍ୟାପାଣିରେ ପଶି ଅଭିଭାବକମାନେ ଅଭିଯୋଗ ଜଣାଉଛନ୍ତି।

ରହିଛନ୍ତି। ଏହା ମଧ୍ୟରେ ଶନିବାର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଦିହୁଡା ନୀଳକଣ୍ଠେଶ୍ୱର ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ଶନିବାର ମାଟ୍ରିକ୍ ପାସ୍ କରିଥିବା ୩୦ଜଣ ଛାତ୍ରୀଛାତ୍ରଙ୍କୁ ଡାକିଥିଲେ। ଏଥିସହ ୯ମ ଶ୍ରେଣୀର ୨୨ଜଣ ପିଲାଙ୍କୁ ନାମ ରେଜିଷ୍ଟ୍ରେଶନ ପାଇଁ ଡାକିଥିଲେ। ପିଲାମାନେ ବନ୍ୟା ସମୟରେ ଡଙ୍ଗା ସାହାଯ୍ୟରେ ଆସି ସ୍କୁଲରେ ପହଞ୍ଚିଥିଲେ। ପ୍ରଧାନ ଶିକ୍ଷକ ସାହୁ ମାଟ୍ରିକ୍ ସାର୍ଟିଫିକେଟ୍ ପାଇଁ ୧୦୦ ଟଙ୍କା ଏବଂ ନାମ ରେଜିଷ୍ଟ୍ରେଶନ ଫି ବାବଦକୁ ୧୬୦ ଟଙ୍କା ପରିବର୍ତ୍ତେ ୨୮୦ ଟଙ୍କା ନେଉଥିବା ଅଭିଭାବକ ଅଭିଯୋଗ କରିଥିଲେ।

- ଡଙ୍ଗାରେ ଆସିଲେ ଛାତ୍ରୀଛାତ୍ର
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ କହିଲେ ଶିକ୍ଷାମନ୍ତ୍ରୀ

ବନ୍ୟା ସମୟରେ ଛାତ୍ରୀଛାତ୍ରଙ୍କୁ ସ୍କୁଲକୁ ଡାକିବା ଏବଂ ଅଧିକ ଟଙ୍କା ଆଦାୟ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ବାବଦରେ ଗଣମାଧ୍ୟମ ପ୍ରତିନିଧି ଜାଣି ସେଠାରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତିରେ ସ୍କୁଲର ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ପିଲାଙ୍କୁ ସାର୍ଟିଫିକେଟ୍ ବାଣ୍ଟୁଥିବାର ଦେଖିବାକୁ ପାଇଥିଲେ। ସେ ସମୟରେ ଅନ୍ୟ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ନ ଥିବା ଜଣାପଡିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ କର୍ମଚାରୀ ଜଣକ ହାତଖର୍ଚ୍ଚ ପାଇଁ ଟଙ୍କା ନେଉଥିବା ସାହୁ କହିଛନ୍ତି।

## ୩ରେ ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ

ଭୁବନେଶ୍ୱର, ୨୦।୮ (ବ୍ୟୁରେ)

ଓଡ଼ିଆ ସାହିତ୍ୟ ଓ ସାମାଜିକ ସଙ୍ଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ ସେପ୍ଟେମ୍ବର ୩ରେ ଓଡ଼ିଶା ଜର୍ନାଲିଜମ୍ ଆୱାର୍ଡ ପ୍ରଦାନ କରାଯିବ। ଚଳିତ ବର୍ଷ ୭ଜଣ ସାମ୍ବାଦିକଙ୍କୁ ଏହି ସମ୍ମାନ ମିଳିବ। ଦିଲ୍ଲୀର କନ୍‌ଷ୍ଟିଟ୍ୟୁଶନ କ୍ଲବର ସ୍ପିକର ହଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ। ଟାଇମ୍ସ ଅଫ୍ ଇଣ୍ଡିଆର ଭୁବନେଶ୍ୱର ବ୍ୟୁରୋ ଚିଫ୍ ଅଶୋକ କୁମାର ପ୍ରଧାନ, ଫାଇନାନ୍‌ସିଆଲ ଏକ୍ସପ୍ରେସ୍‌ର ସହକାରୀ ସମ୍ପାଦକ ସନ୍ଦୀପ ଦାସ, ଚଳଚ୍ଚିତ୍ର ସାମ୍ବାଦିକ ସୂର୍ଯ୍ୟ ଦେଓ, ନ୍ୟୁଜ୍୭ର ଉପସ୍ଥାପିକା ମୌସୁମୀ ମହାନ୍ତି, ଓଟିଭିର ମାଲକାନଗିରି ପ୍ରତିନିଧି ଜିତେନ୍ଦ୍ର ବେଉରା, ସମାଜ ଏବଂ କଳିଙ୍ଗ ଟିଭିର କୋଲକାତା ପ୍ରତିନିଧି ପ୍ରମୋଦ କୁମାର ମହାନ୍ତି ଏବଂ ସମ୍ବାଦ ଓ କନକ ଟିଭିର ପଟ୍ଟାଙ୍ଗୀ ପ୍ରତିନିଧି ପ୍ରଶାନ୍ତ କୁମାର ଦାଶଙ୍କୁ ସମ୍ମାନିତ କରାଯିବ। ଏହି ଅବସରରେ ମିଶନର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ଲୋଗୋ ଉନ୍ମୋଚନ କରାଯିବ ବୋଲି ଏହାର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସୂଚନା ଦେଇଛନ୍ତି।




ଗୁଜରାଟ ଦଙ୍ଗା ସମୟରେ ୯ ମୁସଲମାନଙ୍କୁ ହତ୍ୟା ଓ ବିଲ୍‌କିସ୍ ବାନୋଙ୍କ ଗଣବଳାତ୍କାର ମାମଲାରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ୧୧ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ପ୍ରତିବାଦରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।



ଟ୍ରାଫିକ୍ ପାଟ୍ରୋଲିଂ ପାଇଁ ଭୁବନେଶ୍ୱର ଟ୍ରାଫିକ ପୋଲିସକୁ ୩ଟି ଦ୍ରୁତଗତି ସମ୍ପନ୍ନ ଦୁଇଚକିଆ ଯାନ ପ୍ରଦାନ କରାଯାଇଛି। ଶନିବାର କମିଶନରେଟ ପୋଲିସ ମୁଖ୍ୟାଳୟଠାରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଓଡ଼ିଶା ବିଧାନସଭାରେ ସଦ୍‌ଭାବନା ଦିବସ

ଭୁବନେଶ୍ୱର,୨୦।୮(ବ୍ୟୁରୋ): ଓଡ଼ିଶା ବିଧାନସଭା ପକ୍ଷରୁ ସଦ୍‌ଭାବନା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଧାନସଭା ପରିସରରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ବିଧାନସଭାର ସମସ୍ତ ଅଧିକାରୀ ଓ କର୍ମଚାରୀ ଦେଶର ଶାନ୍ତି, ଜାତୀୟ ସଂହତି ଓ ସାଂପ୍ରଦାୟିକ ସଦ୍‌ଭାବ ବଜାୟ ରଖିବା ନିମନ୍ତେ ଶପଥ ନେଇଥିଲେ। ସଚିବ ଦାଶରଥୀ ଶତପଥୀ ଏହି ଶପଥପାଠ କରାଇଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ମୃତିରେ ଦେଶର ଶାନ୍ତି ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମତିଥିରେ ଏହି ଦିବସ ପାଳନ କରାଯାଏ।

### ଶ୍ମଶାନରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଭୁବନେଶ୍ୱର,(ବ୍ୟୁରୋ)/ବାରଙ୍ଗ, (ଡି.ଏନ୍.ଏ.),୨୦।୮: ଚନ୍ଦକା ଥାନା ଅନ୍ତର୍ଗତ ଗିରିଙ୍ଗାପୁଟ ଶ୍ମଶାନ ନିକଟରୁ ଶନିବାର ସକାଳେ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ସେହିବାଟ ଦେଇ ଯାଉଥିବାବେଳେ ଶିଶୁପୁତ୍ର କାନ୍ଦୁଥିବା ଦେଖି ତାକୁ ଉଦ୍ଧାର କରି ଚନ୍ଦକା ଥାନାରେ ଜିମା ଦେଇଥିଲେ। ପରେ ଚନ୍ଦକା ଥାନା ପୋଲିସ ନବଜାତ ଶିଶୁକୁ ଚାଇଲ୍ଡ ଲାଇନକୁ ବିଭାଗକୁ ହସ୍ତାନ୍ତର କରିଥିଲେ। ଏହାପରେ ଚାଇଲ୍ଡ ଲାଇନ ବିଭାଗ କୋଲଥିଆ ଶୁଭଦ୍ରା ମହତାବ ଶିଶୁ ଆଶ୍ରମରେ ହସ୍ତାନ୍ତର କରିଥିଲେ। ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ଶିଶୁପୁତ୍ରଟିକୁ ପାଇଥିବା ମହିଳା ଓ ଜଣେ ୧୫ ବର୍ଷିୟା ଝିଅ ନିଜର ପୁଅ ବୋଲି ଦାବି କରୁଛନ୍ତି। ଏହି ଘଟଣାରେ ଜଣେ ନାବାଳିକାଙ୍କ ସମ୍ପୃକ୍ତି ରହିଥିବାରୁ ଚାଇଲ୍ଡ ଲାଇନ ଘଟଣାକୁ ଗୁରୁତର ସହ ନେଇ ମାମଲାରେ ଚନ୍ଦକା ଥାନା ପୋଲିସ, ଡିସିପି, ଅତିରିକ୍ତ ସିଓଡବ୍ଲ୍ୟୁ ଓ ଡିସିପିଓଙ୍କୁ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ସୂଚନାନୁସାରେ ଶନିବାର ସକାଳେ ଗିରିଙ୍ଗାପୁଟ ଗାଁମୁଣ୍ଡ ଏକ ନବଜାତ ଶିଶୁପୁତ୍ରଟି ପଡ଼ିଥିଲା। ସେହି ବାଟରେ ଆସୁଥିବା ଜଣେ ମହିଳା ଏହି ପୁତ୍ରର କାନ୍ଦ ଶୁଣି ତାକୁ ଉଠାଇ ନେଇ ମେଣ୍ଢାଶାଳ ଫାଣ୍ଡିରେ ପହଞ୍ଚି ପୋଲିସ ଅଧିକାରୀଙ୍କୁ ଜଣାଇ ପିଲାଟିକୁ ନିଜେ ରଖିବେ ବୋଲି କହିଥିଲେ। ହେଲେ ଏହାର କିଛି ସମୟ ପରେ ଅନ୍ୟ ଜଣେ ମହିଳା ଆସି ଉକ୍ତ ପୁତ୍ର ସନ୍ତାନର ମା' ବୋଲି ଦାବି କରି ତାକୁ ନେବାକୁ ଜିଦ୍ ଧରିଥିଲେ। ଉଭୟ ଉଭୟଙ୍କ ଜିଦ୍‌ରେ ରହିବାରୁ ଫାଣ୍ଡି ପୋଲିସ ସେମାନଙ୍କୁ ଆଣି ଚନ୍ଦକା ଥାନାରେ ହସ୍ତାନ୍ତର କରିଥିଲେ।

### ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ

ଭୁବନେଶ୍ୱର,(ବ୍ୟୁରୋ)୨୦।୮: ଘରକୁ ଫେରୁଥିବାବେଳେ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ କେତେଜଣ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଲିଙ୍ଗରାଜ ଥାନା ଅଞ୍ଚଳରେ ଏଭଳି ଘଟଣା ଦେଖିବାକୁ ମିଳିଥିବାବେଳେ ଆହତ ଯୁବକ ଜଣକ ହେଲେ ଓଲଟାଉନ୍ ରାମେଶ୍ୱର ଅଞ୍ଚଳର ସ୍ୱରୂପ ମହାପାତ୍ର । ଏଥିସହ ଆକ୍ରମଣକାରୀ ଆହତ ଯୁବକଙ୍କ ବୁଲେଟକୁ ପଥରରେ ଛେଚି ଚୁରମାର କରି ଦେବା ସହ ତାଙ୍କଠାରୁ ସୁନା ଚେନ,୧୦ ହଜାର ଟଙ୍କା, ମୋବାଇଲ ଫୋନ୍ ନେଇ ଫେରାର ହୋଇଯାଇଥିବା ସେ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ଆକ୍ରମଣ କରିଥିବା ଯୁବକଙ୍କ ବିରୋଧରେ ପୋଲିସ କୋହଳ ଦଫା ଲଗାଇଛି ବୋଲି ସ୍ୱରୁପ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି।
ଅଭିଯୋଗ ମୁତାବକ, ସ୍ୱରୂପ ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ବୁଲେଟରେ ଓଲଟାଉନ ସ୍ଥିତ ଘରକୁ ଫେରୁଥିଲେ । ସେହି ସମୟରେ ବ୍ୟବସାୟ ଟଙ୍କା ନେବା ଦେବାକୁ ନେଇ ଜୀବନ ସାହାଣୀଙ୍କ ସହ ବଚସା ହୋଇଥିଲା। ପରେ ଜୀବନ ଓ ତାଙ୍କର ୫ ସହଯୋଗୀ ମିଶି ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡକୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ପକେଟରୁ ୧୦ ହଜାର ଟଙ୍କା, ସୁନା ଚେନ୍, ମୋବାଇଲ ଲୁଟ୍ କରିବା ସହ ବୁଲେଟକୁ ପଥରରେ ଛେଚି ଚୁରମାର କରିଦେଇଛନ୍ତି । ଏ ନେଇ ସେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁକରିବା ସହ ତଦନ୍ତ ଚଳାଇଛି। ଘଟଣା ବିଷୟରେ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଆହତ ସ୍ୱରୂପଙ୍କ ନାମରେ ଆପରାଧିକ ମାମଲା ରହିଛି। ସେ ଗତ ୨ ବର୍ଷ ତଳେ ଏୟାରପୋର୍ଟ ଥାନା ହାଜତରୁ ଫେରାର ହୋଇଯାଇଥିଲେ। ଏପରିକି ଆକ୍ରମଣର ଶିକାର ହୋଇଥିବା ଯୁବକ ଓ ଆକ୍ରମଣ କରିଥିବା ଯୁବକଙ୍କ ନାମରେ ବିଭିନ୍ନ ଥାନରେ ଆପରାଧିକ ମାମଲା ରହିଥିବା ଜଣାପଡିଛି। ଆଇନ ଅନୁଯାୟୀ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ସ୍ୱଚ୍ଛ ନ ରହିଲେ ଜରିମାନା ଗଣିବେ ରାଜଧାନୀବାସୀ

## ଘରୋଇ ପାଇଁ ୫ଶହ, ବ୍ୟବସାୟୀଙ୍କୁ ୫ ହଜାର

ଭୁବନେଶ୍ୱର, ୨୦।୮(ବ୍ୟୁରେ)

ଏଣିକି ମନଇଚ୍ଛା ଯେ କୌଣସି ସ୍ଥାନରେ ଅଳିଆ ପକାଇ ପାରିବେ ନାହିଁ ରାଜଧାନୀବାସୀ। ଏଥିସହିତ ନିଜ ଘର ବା ଦୋକାନ ଆଖପାଖ ୫ମିଟର ପରିମିତ ଅଞ୍ଚଳକୁ ନିଜେ ସଫା ରଖିବାକୁ ପଡିବ। ନଚେତ୍ ସେମାନଙ୍କୁ ଜରିମାନା ଗଣିବାକୁ ପଡିବ ବୋଲି ଶନିବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ସ୍ୱଚ୍ଛ ରହିବାକୁ ଜନସାଧାରଣଙ୍କୁ କିଛିଟା ସହଜ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଆଖପାଖ ସଫା ସୁତରା ରଖିବା, ଅଳିଆ ଆବର୍ଜନା ଗଦା ନ କରିବା ଏବଂ ଡଷ୍ଟବିନ୍ ବ୍ୟବହାର କରିବା ସହିତ ଓଦା ଓ ଶୁଖିଲା ଅଳିଆକୁ ସଫେଇ ଗାଡ଼ିକୁ ପ୍ରଦାନ କରିବାକୁ କୁହାଯାଇଛି। ଏହି ନିୟମକୁ ପାଳନ ନ କଲେ ଘରୋଇ ଭାବେ ୫ଶହ ଟଙ୍କା ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ବା ଦୋକାନୀଙ୍କଠାରୁ ୫ହଜାର ଟଙ୍କା ଜରିମାନା ଆଦାୟ କରିବ ବିଏମ୍‌ସି। ପୂର୍ବରୁ କେବଳ ବ୍ୟବସାୟୀଙ୍କୁ ୫ମିଟର ପର୍ଯ୍ୟନ୍ତ ଅଞ୍ଚଳ ସଫା ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏବେ ଗୃହକର୍ତ୍ତାଙ୍କୁ ମଧ୍ୟ ଏଥିରେ ସାମିଲ କରାଯାଇଛି।



ଏହି ପରିପ୍ରେକ୍ଷୀରେ ଶନିବାର ମେୟର ସୁଲୋଚନା ଦାସ କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ରାସ୍ତାକଡ଼ ଦୋକାନକୁ ପରିଦର୍ଶନ କରି ସ୍ୱଚ୍ଛତା ଅବଲମ୍ବନ କରିବାକୁ କହିଥିଲେ। ଏଥିସହିତ ଡଷ୍ଟବିନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟିର ମାନ୍ୟତା ପାଇଥିଲେ ବି ଅନେକ ସମୟରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ସମାଲୋଚନାର ଶିକାର ହେଉଛି। ତେଣୁ ଭୁବନେଶ୍ୱରକୁ ଏକ ସ୍ୱଚ୍ଛ ସହର ଭାବେ ପରିଗଣିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ମାତ୍ର ଅଧିକାଂଶ ଲୋକ ବା ବ୍ୟବସାୟୀ ଏହାକୁ ଗ୍ରହଣ କରୁନାହାନ୍ତି। ପ୍ରତିଦିନ ବିଏମ୍‌ସିର ସ୍ୱତନ୍ତ୍ର ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ବ୍ୟବସାୟୀମାନଙ୍କୁ ସଚେତନ କରୁଛନ୍ତି। ସେହିପରି ଆବଶ୍ୟକ ପଡିଲେ ସମ୍ପୃକ୍ତ ଦୋକାନକୁ ସିଲ୍ ମଧ୍ୟ କରାଯାଉଛି। ଏହାସତ୍ତ୍ୱେ ବହୁ ବ୍ୟବସାୟୀ ନିୟମକୁ ଅଣଦେଖା କରୁଛନ୍ତି। ତେଣୁ ବିଏମ୍‌ସି ଜରିମାନା ଲାଗୁ ଭଳି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଅପରପକ୍ଷେ 'ମୋ ଭୁବନେଶ୍ୱର, ସ୍ୱଚ୍ଛ ଭୁବନେଶ୍ୱର' କ୍ୟାମ୍ପେନ ଅନ୍ତର୍ଗତ ଏକ ଭିଡିଓ ପ୍ରସ୍ତୁତ କରାଯାଇ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରୟାସ କରୁଛି ବିଏମ୍‌ସି।

## ଗାଁରେ ବୁଲୁଛି ଦନ୍ତା, ଲୋକେ ଆତଙ୍କିତ

ବାରଙ୍ଗ,୨୦।୮(ଡି.ଏନ୍.ଏ.)

ଜଙ୍ଗଲରୁ ବାଟବଣା ହୋଇ ଏକ ଦନ୍ତାହାତୀ ବାରଙ୍ଗସ୍ଥିତ ଏକ ଗାଁରେ ପଶିଯାଇଛି। ଫଳରେ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଶନିବାର ସକାଳେ ଦନ୍ତାଟି ନେତଲଗାଁରେ ପଶି ଉତ୍ପାତ କରିଛି। ପାଚେରି ଭାଙ୍ଗିବା ସହ ବାଡିରେ ପଶି ବିଭିନ୍ନ ଗଛ ଭାଙ୍ଗି ନଷ୍ଟ କରିଛି। ଗାଁର ଯୁବକମାନେ ଏକାଠି ହୋଇ ଦନ୍ତାକୁ ଘଉଡାଇବାରୁ ଗାଁମୁଣ୍ଡ ପଳାସବଣରେ ଦନ୍ତାଟି ଲୁଚି ରହିଛି। ଦନ୍ତାକୁ ଦେଖିବା ପାଇଁ ଦିନତମାମ ଦେଖଣାହାରୀଙ୍କ ଭିଡ଼ ଲାଗିରହିଛି। ଦନ୍ତାଟି ଖାଦ୍ୟ ଅନ୍ୱେଷଣରେ ଚନ୍ଦକା ଜଙ୍ଗଲରୁ ବାହାରି ଆସି ଫେରିବାବେଳେ ପାଣିଥିବାରୁ ବାଟବଣା ହୋଇ ନେତଲ ଗ୍ରାମରେ ଫସି ରହିଛି। ଶନିବାର ସକାଳେ ଦନ୍ତାଟି ନେତଲ ଗାଁରେ ପଶି ଉତ୍ପାତ କରିବାରୁ ଗ୍ରାମର ଯୁବକମାନେ ଏକାଠି ହୋଇ କୋଠାଉପରେ ଛିଡା ହୋଇ ହୋହଲ୍ଲା କରିଥିଲେ। ଦନ୍ତାଟି ଗାଁରୁ ବାହାରି ପଳାସବଣରେ ଲୁଚିଥିଲା। ବନ ବିଭାଗ ଓ ଗୋଡିସାହି ଫାଣ୍ଡି ପୋଲିସ ଆସି ଦନ୍ତାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ମଦର୍ସ ପବ୍ଲିକ ସ୍କୁଲ ବିଜେତା



## ଆଦିତ୍ୟ ମେମୋରିଆଲ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଲୟୋଲା ସ୍କୁଲ ଓ ଆଦିତ୍ୟ ମେମୋରିଆଲ ଫାଉଣ୍ଡେଶନ ପକ୍ଷରୁ ଶନିବାର ଏକ୍ସଆଇଏମ୍‌ବି ପ୍ରେକ୍ଷାଳୟରେ ଆଦିତ୍ୟ ମେମୋରିଆଲ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ତଥା ଅନ୍ୟ ରାଜ୍ୟର ୨୫ଟି ବିଦ୍ୟାଳୟରୁ ମୋଟ ୧୯୫ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। କୁଇଜ୍ ମାଷ୍ଟର ଅନୁରାଗ ସାମନ୍ତରାଏ ଏବଂ ଅନିରୁଦ୍ଧ ଚୌଧୁରୀଙ୍କ ପ୍ରଶ୍ନବାଣକୁ ଅତି ବୁଦ୍ଧିମତ୍ତାର ସହ ଛାତ୍ରୀଛାତ୍ର ସାମ୍ନା କରିଥିଲେ। ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶ୍ନ ରହିଥିଲା। ଉକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଅତି ଉତ୍ସାହର ସହ ଦର୍ଶକମାନେ ଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ ତଥା ମହିଳା ଉଦ୍ୟୋଗୀ ନୈନା ଦାଶ, ଅଭିନେତା ପ୍ରୀତିରାଜ ଶତପଥୀ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଭଲ ମଣିଷ ହୋଇ ବଞ୍ଚିବା ପାଇଁ ପ୍ରେରଣା ଦେଇଥିଲେ। ଲୟୋଲା ସ୍କୁଲ ଅଧ୍ୟକ୍ଷ ଫାଦର ଭିକ୍ଟର ଏଫ୍. ମିସ୍‌କୁଇଥ୍ ଛାତ୍ରୀଛାତ୍ରଙ୍କୁ ନିଜ ଜୀବନକୁ ଅର୍ଥପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରତିଯୋଗିତାର ଏକାଧିକ ପର୍ଯ୍ୟାୟ ଅତିକ୍ରମ କରି ଭୁବନେଶ୍ୱରର ମଦର୍ସ ପବ୍ଲିକ ସ୍କୁଲ ବିଜେତା ହୋଇଥିଲା। ପୁରସ୍କାର ସ୍ୱରୂପ ନଗଦ ୧୨,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଦିଲ୍ଲୀ ପବ୍ଲିକ ସ୍କୁଲ ରାଞ୍ଚି ପ୍ରଥମ ରନର୍ସ ଅପ୍ ହୋଇ ୭,୫୦୦ ଟଙ୍କା ପୁରସ୍କାର ପାଇଥିବାବେଳେ ୟୁନିଟ୍-୮ ଡିଏଭି ପବ୍ଲିକ ସ୍କୁଲ ଦ୍ୱିତୀୟ ରନର୍ସ ଅପ୍ ହୋଇ ୫ହଜାର ଟଙ୍କା ପୁରସ୍କାର ପାଇଥିଲା। ସମସ୍ତ ସେମିଫାଇନାଲିଷ୍ଟଙ୍କୁ ୨,୫୦୦ ଟଙ୍କାର ନଗଦ ପୁରସ୍କାର ମୁମ୍ବାଇର ଉମା ଚରଣ ରଥଙ୍କ ଦ୍ୱାରା ଦିଆଯାଇଥିଲା। ଏହି ପ୍ରତିଯୋଗିତାରେ ସକ୍ରିୟ ଅଂଶଗ୍ରହଣ କରିଥିବା ଦର୍ଶକଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ଫଟୋଗ୍ରାଫି ବିଚାରକଙ୍କ ତଦନ୍ତ ପାଇଁ ଚିଠି

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଓଡ଼ିଶା ଲଳିତ କଳା ଏକାଡେମୀ ରାଜ୍ୟସ୍ତରୀୟ ୪୦ତମ ଚିତ୍ରକଳା ପ୍ରଦର୍ଶନୀ ଓ ପୁରସ୍କାର ପାଇଁ ଶିଳ୍ପୀଙ୍କଠାରୁ କଳାକୃତି ଓ ଦରଖାସ୍ତ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଫଟୋଗ୍ରାଫି ଚୟନ ପାଇଁ ମନୋନୀତ ହୋଇଥିବା ବିଚାରକଙ୍କୁ ନେଇ ଆର୍ଟିଷ୍ଟ ଗ୍ରୁପ୍ ଅଫ୍ ଓଡ଼ିଶା ପ୍ରଶ୍ନ ଉଠାଇଛି। ଏସମ୍ପର୍କରେ ଶନିବାର ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଏହି ଚିଠିରେ ଉଲ୍ଲେଖ କରାଯାଇଛି ଯେ, କଳାକୃତିଗୁଡ଼ିକର ଫଟୋଗ୍ରାଫି ଆଲୋକର ପ୍ରତିଫଳନ, ବର୍ଣ୍ଣିକା ଭେଦ, କଳାର ସଂଯୋଗିକ ଉପକଣିକା, ଆକାର, ପାରମ୍ପରିକ କଳା ଓ ପ୍ରଚଳିତ କଳାର ରୂପାୟନ ସମ୍ପର୍କରେ ଅନୁଧ୍ୟାନ କରିବା ଓ ଭିନ୍ନତା ପରିପ୍ରକାଶ କରିବାର ଦୂରଦୃଷ୍ଟି ଏବଂ ଜ୍ଞାନ ବିଚାରକଙ୍କ ପାଖେ ରହିବା ଆବଶ୍ୟକ। ହେଲେ ଯେଉଁମାନଙ୍କୁ କଳାକୃତିଗୁଡ଼ିକର ଫଟୋଗ୍ରାଫି ବିଚାରକ ଭାବେ ନିଯୁକ୍ତି ଦିଆଯାଇଛି ସେମାନେ ବର୍ଷବର୍ଷ ଧରି କୌଣସି ଚିତ୍ରକଳା ପ୍ରଦର୍ଶନୀ ଓ ଶିଳ୍ପୀ ଶିବିରରେ ଅଂଶ ଗ୍ରହଣ କରିନାହାନ୍ତି। ଏମିତି କି ବିଚାରକମାନେ ଜାତୀୟ ଓ ଅନ୍ତର୍ଜାତୀୟ ଶିଳ୍ପୀ ଶିବିର ଓ ପ୍ରଦର୍ଶନୀ ସ୍ୱଚକ୍ଷୁରେ ଦେଖିଛନ୍ତି କି ନାହିଁ ବୋଲି ପ୍ରଶ୍ନ କରାଯାଇଛି। ରାଜ୍ୟ ସ୍ତରୀୟ ବିଚାରକ ଭାବେ ସେମାନେ କିଭଳି ନିଯୁକ୍ତି ପାଇଲେ ସେ ନେଇ ଲଳିତ କଳା ଏକାଡେମୀ ପକ୍ଷରୁ ଉତ୍ତର ଆଶା କରିବା ସହ ତଦନ୍ତ ନେଇ ଚିଠିରେ ପ୍ରକାଶ କରାଯାଇଛି।

# ଜ୍ୟୋତିରଞ୍ଜନ ମିଶ୍ର ହେଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ରାଜ୍ୟ ସରକାର ଶନିବାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଓଡ଼ିଶା ୱାକଫ୍ ବୋର୍ଡର ସିଇଓ ତଥା ସର୍ଭେ କମିଶନର ଭାବେ କାର୍ଯ୍ୟରତ ବରିଷ୍ଠ ଓଏଏସ୍ ଅଫିସର ସୟେଦ ମହମ୍ମଦ ଅକ୍‌ଦାସଙ୍କୁ କଟକ ସ୍ଥିତ ରାଜସ୍ୱ ଡିଭିଜନ କମିଶନରଙ୍କ ଅଫିସ୍‌ରେ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନର ଭାବେ ନିଯୁକ୍ତି ମିଳିଛି। ସେହିପରି କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସଚିବ ବରିଷ୍ଠ ଓଏଏସ୍ ଅଫିସର ତୁଷାରକାନ୍ତ ମହାନ୍ତିଙ୍କୁ ଅତିରିକ୍ତ ଭାବେ ଓଡ଼ିଶା ୱାକଫ୍ ବୋର୍ଡ ସିଇଓ ଓ ୱାକଫ୍ ସର୍ଭେ କମିଶନର ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ଓଡ଼ିଶା ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି ହୋଇଛନ୍ତି। ବାଲେଶ୍ୱର ଅତିରିକ୍ତ ଜିଲାପାଳ ଭବେଶ କୁମାର ନାଏକଙ୍କୁ ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଭୁବନେଶ୍ୱରକୁ ବଦଳି କରାଯାଇଛି। ପୂର୍ବତନ ବିରୋଧୀ ଦଳ ନେତାଙ୍କ ବ୍ୟକ୍ତିଗତ ସଚିବ ତରଣୀସେନ ନାଏକଙ୍କୁ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନରେ ଯୁଗ୍ମ ସଚିବ କରାଯାଇଛି। ହୀରାକୁଦ ଡ୍ୟାମ୍ ପ୍ରୋଜେକ୍ଟର ପୂର୍ବତନ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଫିସର ଦରିଦ୍ରଭଞ୍ଜନ ଏମ୍ଏମ୍ ପାତ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ସଚିବ ଭାବେ ବଦଳି ହୋଇଛନ୍ତି। ସେହିପରି ସମବାୟ ବିଭାଗର ଯୁଗ୍ମ ସଚିବ ବିନୋଦ କୁମାର ସେନାପତିଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। କୋଟପାଡ଼ର ପୂର୍ବତନ ବିଡିଓ ଦାଶରଥି ସରବୋ ସୁନ୍ଦରଗଡ଼ ଉପଜିଲାପାଳ ଭାବେ ଦାୟିତ୍ୱ ପାଇଛନ୍ତି।

# ମହିଳା ଇଞ୍ଜିନିୟରଙ୍କ ଝୁଲନ୍ତା ମୃତଦେହ ଜବତ

## ଆତ୍ମହତ୍ୟା ସନ୍ଦେହ

ଭୁବନେଶ୍ୱର,(ବ୍ୟୁରୋ)୨୦।୮

ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାରସ୍ଥିତ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳା ଇଞ୍ଜିନିୟରଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଭଦ୍ରକର ଶ୍ୱେତା ଉତ୍କଳ କୁମାରୀ ଓରଫ ଲୋରି (୨୬)। ସେ ଭୁବନେଶ୍ୱରରେ ରହି ସ୍ଥାନୀୟ ଏକ କମ୍ପାନୀରେ ସପ୍ଟୱେର ଇଞ୍ଜିନିୟର ଭାବେ କାମ କରୁଥିଲେ। ଚନ୍ଦ୍ରଶେଖରପୁର ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଅଧିକ ତଦନ୍ତ ଚଳାଇଛି। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।
ପୋଲିସ ସୂଚନାନୁସାରେ, ଶନିବାର ସକାଳେ କେତେଜଣ ସାଙ୍ଗ ଶ୍ୱେତାଙ୍କୁ ଫୋନ୍ କରିଥିଲେ। ମାତ୍ର ସେ ନ ଉଠାଇବାରୁ ଇନ୍‌ଫୋସିଟି ଗ୍ରୀନ୍ ଆପାର୍ଟମେଣ୍ଟସ୍ଥିତ ତାଙ୍କ ଘରକୁ ଯାଇଥିଲେ। ସେହି ସମୟରେ କବାଟ ଭିତରପଟୁ ବନ୍ଦ ଥିବା ଓ ବାରମ୍ବାର ଡାକିବା ସତ୍ତ୍ୱେ ଶ୍ୱେତା ନ ଖୋଲିବାରୁ ସେମାନଙ୍କ ମନରେ ସନ୍ଦେହ ହୋଇଥିଲା। ତେଣୁ ସେମାନେ ଶ୍ୱେତାଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ଚନ୍ଦ୍ରଶେଖରପୁର ଥାନାକୁ ଫୋନ କରି ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର କବାଟ ଭାଙ୍ଗି ଭିତରକୁ ପଶିଥିଲା। ସେତେବେଳକୁ ଶ୍ୱେତା ଫ୍ୟାନ୍‌ରେ ଓଢଣୀ ଦ୍ୱାରା ଝୁଲୁଥିବା ଦେଖିବାକୁ ମିଳିଥିଲା। ପୋଲିସ ତାଙ୍କୁ ତଳକୁ ଓହ୍ଲାଇଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଆତ୍ମହତ୍ୟାର କାରଣ ଖୋଜୁଛି।

## ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଭୁବନେଶ୍ୱର,୨୦।୮(ବ୍ୟୁରୋ)

ଡିଷ୍ଟ୍ରିକ୍ଟ ସେଣ୍ଟର ଓନର୍ସ ଆସୋସିଏଶନ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ଦୁର୍ଗାପୂଜା ପାଇଁ ପବିତ୍ର ଜନ୍ମାଷ୍ଟମୀ ତିଥିରେ କୁଆଖାଇ ନଦୀରୁ ମା'ଙ୍କ ମୂର୍ତ୍ତି ଗଢିବା ପାଇଁ ମାଟି ଅନୁକୂଳ ହୋଇଯାଇଛି। କର୍ତ୍ତା ଭାବରେ ମନୋଜ କୁମାର ପାତ୍ର ମୃତ୍ତିକା ଆନୟନ କାର୍ଯ୍ୟ କରିଥିଲେ। ମୁଖ୍ୟ ପୂଜକ ଭାବେ ମଧୁସୂଦନ ପଣ୍ଡା ଓ ବନବିହାରୀ ପଣ୍ଡା ପୂଜା ସମ୍ପନ୍ନ କରିଥିଲେ। ଆସୋସିଏଶନ ଉପଦେଷ୍ଟା ଦାମୋଦର ପ୍ରଧାନୀ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ଯୁଗ୍ମ ସମ୍ପାଦକ ଯୋଗେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ଅଭୟ ନାୟକ ଉପସ୍ଥିତ ଥିଲେ।

# ଡୁମୁଡୁମା, ଖଣ୍ଡଗିରିବାରିରୁ ହଟିଲା ଜବରଦଖଲ



ଭୁବନେଶ୍ୱର, ୨୦।୮ (ବ୍ୟୁରେ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଘାଟିକିଆ ମୌଜାର ଖଣ୍ଡଗିରିବାରି ଓ ଡୁମୁଡୁମା ଅଞ୍ଚଳରୁ ଶନିବାର ଜବରଦଖଲ ଉଚ୍ଛେଦ ହୋଇଛି। ବିଡିଏର ଉଚ୍ଛେଦକାରୀ ଦଳ ଖଣ୍ଡଗିରିବାରିର ପ୍ଲଟ ନଂ.୮୮୪୨ରୁ ଦୁଇଟି ଆଜିବେଷ୍ଟସ୍ ଘର, ୨ଟି ଟିଣ ନିର୍ମିତ ଘର (ଗୋଟିଏ କବାଡିଆ ଏବଂ ଗୋଟିଏ କାଠ ଦୋକାନ), ୨ଟି ଶୌଚାଳୟ ଏବଂ ୨୫୦ଫୁଟର ଏକ ପାଚେରୀକୁ ଭାଙ୍ଗି ଦେଇଛନ୍ତି। ସେହିପରି ଡୁମୁଡୁମା ମୌଜାର ଫେଜ୍-୭ରେ ହାଉସିଂ ବୋର୍ଡ ଯୋଜନା ଅଧୀନରେ ନିର୍ମିତ ଘରକୁ ହୋଇଥିବା ରାସ୍ତାକୁ ଜବରଦଖଲ କରାଯାଇଥିଲା। ରାସ୍ତା ଉପରେ ଜବରଦଖଲ କରାଯାଇ ନିର୍ମିତ ହୋଇଥିବା ସିଟୁ ପାର୍ଟି ଅଫିସର ଗୋଟିଏ ଆଜବେଷ୍ଟସ୍ ଘରକୁ ମାଟିରେ ମିଶାଇ ଦିଆଯାଇଛି। ଏହାସହ ଗୋଟିଏ କାଠ ଦୋକାନ ଘରକୁ ମଧ୍ୟ ବିଡିଏ ପକ୍ଷରୁ ଉଚ୍ଛେଦ କରାଯାଇଛି। ବିଡିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ ପାତ୍ର, ବିଡିଏ ଲିଆସନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜୋନ୍ ଏସିପି ରଜତ କୁମାର ରଏ, ଖଣ୍ଡଗିରି ଥାନା ଆଇଆଇସି ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର କଲ୍ୟାଣ ସମିତି ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୯ମ ବାର୍ଷିକ ଉତ୍ସବ 'ଉଚ୍ଛ୍ୱାସର ରଙ୍ଗ'ର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ନୃତ୍ୟ ନୈବେଦ୍ୟର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।




କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ପକ୍ଷରୁ ଶନିବାର ଅନୁଷ୍ଠିତ 'ନବମ ମଡେଲ ୟୁନାଇଟେଡ୍ ନେସନ୍ସ'ରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ, କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

# କରୋନା ଔଷଧକୁ ଆୟୁଷ ମନ୍ତ୍ରାଳୟର ମାନ୍ୟତା

**ବାରଙ୍ଗ,୨୦।୮(ଡି.ଏନ୍.ଏ.)**

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ପରୀକ୍ଷା କରାଯାଇଥିବା କରୋନା ଔଷଧକୁ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ମାନ୍ୟତା ମିଳିଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅର୍ନ୍ତଗତ ଆଇଟିଆର୍‌ସ୍ କମିଟି ଦ୍ୱାରା ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ମିତ 'ଏନ୍‌ଏଓକ୍ୟୁ୧୯' ନାମକ କରୋନା ଔଷଧର ଗୁଣବତ୍ତାକୁ ପରୀକ୍ଷା କରି ଅଳ୍ପରୁ ମଧ୍ୟମ ଲକ୍ଷଣଯୁକ୍ତ କରୋନା ରୋଗୀଙ୍କ କ୍ଷେତ୍ରରେ ଫଳପ୍ରଦ ହୋଇଥିବାରୁ କରୋନା ଚିକିତ୍ସାରେ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରିଛନ୍ତି। ଶ୍ରୀଶ୍ରୀ ତତ୍ତ୍ୱଙ୍କର ଦୀର୍ଘଦିନର ଅଭିଜ୍ଞତା ଆଧାରରେ ପ୍ରସ୍ତୁତ କରୋନା ଔଷଧ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଅନୁସନ୍ଧାନ ଚିକିତ୍ସାଳୟ କଟକ, ଏମ୍ସ ଯୋଧପୁର, ଏମ୍ସ ଋଷିକେଶ ଏବଂ ବିଆର୍‌ଏମ୍‌ଏସ୍ କୋଇଡାରେ ପରୀକ୍ଷାମୂଳକ ଭାବେ ରୋଗୀମାନଙ୍କୁ ଦିଆଯାଇ ସଫଳ ମିଳିପାରିଛି। ୨୦୨୧ ମସିହାରେ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଅନୁସନ୍ଧାନ ଚିକିତ୍ସାଳୟ କୋଭିଡ୍ କେୟାର ସେଣ୍ଟର ଭାବେ ସରକାରୀ ଅନୁମତି ମିଳିବାପରେ ଶ୍ରୀଶ୍ରୀ ତତ୍ତ୍ୱଙ୍କ ଦ୍ୱାରା ପ୍ରସ୍ତୁତ ଔଷଧ 'ଏନ୍‌ଏଓକ୍ୟୁ୧୯' ସହିତ ଏକ ଔଷଧ ପ୍ରୟୋଗ କରି ସୁଫଳ ମିଳିଥିଲା। ଏହି ଏନ୍‌ଏଓକ୍ୟୁ୧୯ ଔଷଧ ୧୯ପ୍ରକାର ଜଡିବୁଟିରୁ ହିଁ ପ୍ରସ୍ତୁତ ହୋଇଛି। ଏହା ଆମ ଶରୀରରେ ଇମ୍ୟୁନିଟକୁ ବଢାଇଥାଏ। ସାଧାରଣ ଥଣ୍ଡା ଜ୍ୱର, କାଶ ଆଦି ରୋଗରେ ଏହା ଉପକାର ମିଳିଥାଏ। ଶ୍ରୀଶ୍ରୀ ତତ୍ତ୍ୱ ଓ ଶ୍ରୀଶ୍ରୀ ଆଡଭାନ୍ସ ରିସର୍ଚ୍ଚଙ୍କ ମିଳିତ ସହଯୋଗରେ ଏହି ନୂତନ ଔଷଧ ଏନ୍‌ଏଓକ୍ୟୁ୧୯ର ବେଙ୍ଗାଲୁରୁ ଏଫ୍‌ଡିଆର୍‌ରେ ପ୍ରଥମ ପରୀକ୍ଷା କରାଯାଇଥିଲା। ଏହାର ଫଳାଫଳ ଅତ୍ୟନ୍ତ ଉତ୍ସାହଜନକ ଥିଲା। ଏହି ଔଷଧ ପରୀକ୍ଷା କରିବାରେ ଶ୍ରୀ ଶ୍ରୀ ଆୟୁର୍ବେଦ ଚିକିତ୍ସାଳୟ, କଟକର ଡା. ସଞ୍ଜୀବ କୁମାର ଦାସ, ଡ. ଦୁର୍ଗାପ୍ରସାଦ ଦାସ ,ଡ.ପ୍ରଦୀପ କୁମାର ପଣ୍ଡାଙ୍କ ମୁଖ୍ୟ ଭୂମିକା ଥିଲା। ଏହି ଔଷଧ ସ୍ୱଳ୍ପ ମୂଲ୍ୟରେ ରୋଗୀଙ୍କୁ ଦିଆଯାଇ ଅଳ୍ପଦିନ ମଧ୍ୟରେ ପ୍ରଭାବ ପରିଲକ୍ଷିତ ହୋଇଥିଲା। ଏହି ଗବେଷଣାର ସଫଳତା ପାଇଁ ଗୁରୁଦେବ ଶ୍ରୀ ରବିଶଙ୍କରଙ୍କ ଆଶୀର୍ବାଦ ଓ ଶ୍ରୀଶ୍ରୀ ତତ୍ତ୍ୱ ମୁଖ୍ୟ ଅରବିନ୍ଦ ବଟସ୍ୱୀ, ପ୍ରଶାସନିକ ଅଧିକାରୀ ଡା.ସନ୍ଧ୍ୟା ସାଧନା, ବିଶ୍ୱବିଦ୍ୟାଳୟ ଡାଇରେକ୍ଟର ଅପରେସନ ଗୌରବ ବର୍ମା, କୁଳପତି ପ୍ରଫେସର ବି.ଆର୍. ଶର୍ମାଙ୍କୁ ଧନ୍ୟବାଦ ଦିଆଯାଇଛି।

## ୨୫୪ ଗ୍ରାମ ବ୍ରାଉନସୁଗାର ଜବତ, ବେପାରୀ ଗିରଫ

**ଭୁବନେଶ୍ୱର,୨୦।୮ (ବ୍ୟୁରୋ):**

ବାଲେଶ୍ୱରରୁ ବ୍ରାଉନସୁଗାର ଆଣି ରାଜଧାନୀର ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ଜଣେ ବେପାରୀଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲେଶ୍ୱର ଜିଲାର ସରୁଖ ଅଲିଖା। ତାଙ୍କଠାରୁ ପୋଲିସ ୨୫୪ ଗ୍ରାମର ବ୍ରାଉନସୁଗାର, ଗୋଟିଏ ବାଇକ, ୨ ମୋବାଇଲ ଓ ୩ଶହ ଟଙ୍କା ଜବତ କରିଛି। ସରୁଖ ଅନେକ ଦିନ ହେବ ଏହି ବେଆଇନ ବେପାର ଚଳାଇ ଆସୁଛନ୍ତି। ଖଣ୍ଡଗିରୀ ଅଞ୍ଚଳର ସେଖ ରାଜା, କ୍ୟାପିଟାଲ ଥାନା ଅଞ୍ଚଳର ସଞ୍ଜୟ ନାଏକ ଓ ରବି ନାଏକ, ନୟାପଲ୍ଲୀ ଥାନା ଅଞ୍ଚଳର ନୀଳ ପଟ୍ଟନାୟକ ଓ ରାଜା ପଟ୍ଟନାୟକଙ୍କୁ ବ୍ରାଉନସୁଗାର ବିକ୍ରି କରୁଥିବାରୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ସରୁଖ ବାଇକ୍‌ରେ ହଳଦିପଡିଆ ବସ୍ତିକୁ ବ୍ରାଉନସୁଗାର ନେଇ ଯାଉଥିବା ଖବରପାଇ ପୋଲିସ ଚଢ଼ାଉ କରିଧରିଥିଲା।

# ଶିଳ୍ପୀ ସୁଚରିତାଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ



**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

କଳିଙ୍ଗ ଆର୍ଟ ଗ୍ୟାଲେରୀଠାରେ ଚିତ୍ରଶିଳ୍ପୀ ସୁଚରିତ ନାଥଙ୍କ ଏକକ ଚିତ୍ରକଳା ପ୍ରଦର୍ଶନୀ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ପ୍ରଦର୍ଶନୀକୁ ବୁଲି ଦେଖିବା ସହ ସୁଚରିତାଙ୍କ ଚିତ୍ରକଳାର ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଡ. ମୁକେଶ ମାହାଲିଙ୍ଗ, ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ, ଏସବିଆଇର ପୂର୍ବତନ ସିଜିଏମ୍ ସୁବ୍ରତ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋଲକ ବିହାରୀ ନାଥ, ନବଘନ ପାଣି, ବି.ବି. ପାଣି, କେସି ଦାସ, ଡ. ସୁରେଶ ପାଢ଼ୀ, ସୁବାସ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶନୀରେ ମୋଟ ୫୦ ଚିତ୍ରକଳା ସ୍ଥାନ ପାଇଛି। ଏହା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

# ପରିଚୟ ମାଗିବାରୁ ଥାନା ଭିତରେ ପୋଲିସଙ୍କୁ ମାଡ଼

**ଭୁବନେଶ୍ୱର,୨୦।୮(ବ୍ୟୁରୋ):**

ଥାନା ଭିତରେ ପୋଲିସ କର୍ମଚାରୀଙ୍କୁ ମାଡ଼। ଏଭଳି ଘଟଣା ରାଜଧାନୀ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ଦେଖିବାକୁ ମିଳିଛି। ଡିସିଓ ଦାୟିତ୍ୱରେ ଥିବା ଜଣେ ପୋଲିସ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଓ ଜଣେ ଠିକାଦାର ଗିରଫ ହୋଇଛନ୍ତି। ସେମାନେ ହେଲେ ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ରହୁଥିବା ବିଜୟ କୁମାର ପାଣି (୪୮) ଓ ଖୋର୍ଦ୍ଧା ଜିଲା ନବୀନବାଗ ଅଞ୍ଚଳର ଆଶୁତୋଷ ମିଶ୍ର (୪୨)। ସେମାନଙ୍କଠାରୁ ଗୋଟିଏ କାର୍ ଜବତ କରାଯାଇଛି । ଏନେଇ ପୋଲିସ ଏକ ମାମଲା(ନଂ. ୨୧୦/୨୨) ରେ ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତଦ୍ୱୟ ନନ୍ଦନ ବିହାର ପେଟ୍ରୋଲ ପମ୍ପ ନିକଟରେ ଜଣେ ହାଇୱା ଡ୍ରାଇଭରଙ୍କୁ ଆକ୍ରମଣ କରିବା ସହିତ ଗାଳିଗୁଲଜ କରିଥିଲେ। ଏହି ସମୟରେ କଣ୍ଟ୍ରୋଲ ରୁମରୁ ଖବର ପାଇ ପିସିଆର-୨୨ ରେ କାର୍ଯ୍ୟରତ କର୍ମଚାରୀ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରି ରାତି ୨.୧୫ ରେ ପୋଲିସ ଜିମାରେ ଦେଇଥିଲେ। ସେତେବେଳେ ଡ୍ୟୁଟି ଚାର୍ଜ ଅଫିସର ଭାବେ କାର୍ଯ୍ୟରତ ଥିବା ଏଏସ୍‌ଆଇ ଅଜୟ ଲେଙ୍କା ଅଭିଯୁକ୍ତଦ୍ୱୟଙ୍କୁ ସେମାନଙ୍କ ପରିଚୟ ମାଗିଥିଲେ। ହେଲେ ପରିଚୟ ଦେବା ବଦଳରେ ଅଭିଯୁକ୍ତଦ୍ୱୟ ଚାର୍ଜ ଅଫିସରଙ୍କୁ ଗାଳିଗୁଲଜ କରିବା ସହ ତଣ୍ଟି ଚିପି ଜୀବନରୁ ମାରିଦେବା ପାଇଁ ଆକ୍ରମଣ କରିଥିଲେ। ଏପରିକି ଏଏସ୍‌ଆଇ ଅଜୟଙ୍କୁ ଏକ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇ ଆହତ ହୋଇଥିଲେ। ଏହା ଦେଖି ତୁରନ୍ତ ଅନ୍ୟ କର୍ମଚାରୀ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲେ।

## ୨ ଗିରଫ, କାର ଜବତ





ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୮ତମ ଜୟନ୍ତୀରେ କଂଗ୍ରେସ ଭବନସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମାଲ୍ୟାର୍ପଣ କରୁଛନ୍ତି। ନିକଟରେ ଅଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

# ଏସ୍‌ଆଇ ଲିଖିତ ପରୀକ୍ଷାରେ ବିଭ୍ରାଟ

**ଭୁବନେଶ୍ୱର, ୨୦।୮(ବ୍ୟୁରୋ):**

ରାଜ୍ୟର ବିଭିନ୍ନ କେନ୍ଦ୍ରରେ ଶନିବାର ସିପିଏସ୍‌ଇ -୨୦୧୮ ସବ୍‌ଇନ୍ସପେକ୍ଟର(ଏସ୍‌ଆଇ) ପରୀକ୍ଷା ଅନ୍‌ଲାଇନରେ ହୋଇଛି। ହେଲେ ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳର ଏକ ପରୀକ୍ଷା କେନ୍ଦ୍ରରେ ବିଭ୍ରାଟ ଦେଖାଦେଇଛି। ଅନଲାଇନ୍ ପରୀକ୍ଷା ବେଳେ ସଫ୍ଟୱେର ସମସ୍ୟା ଯୋଗୁ କାହାର ପ୍ରଶ୍ନପତ୍ର ଖୋଲି ନ ଥିଲା ତ କାହାର ଆନସର୍ ଅପସନ୍ ପୂର୍ବରୁ ସିଲେକ୍ଟ ହୋଇ ରହିଥିଲା। ୩ଟି ସିଟିଂରେ ହେବାକୁ ଥିବା ପରୀକ୍ଷାର ପ୍ରଥମ ସିଟିଂରେ ଏଭଳି ଅବ୍ୟବସ୍ଥା ପରେ ଅସନ୍ତୋଷ ପ୍ରକାଶ କରିଥିଲେ ପରୀକ୍ଷାର୍ଥୀ। ସେଣ୍ଟର କର୍ତ୍ତୃପକ୍ଷ ଏଥିପାଇଁ କିଛି ସମୟ ନେଇଥିଲେ ବି ତ୍ରୁଟିକୁ ସୁଧାରି ପାରି ନ ଥିଲେ। ଅନ୍ୟପଟେ ପରବର୍ତ୍ତୀ ସିଟିଂର ପିଲାମାନେ ସେଣ୍ଟରରେ ପହଞ୍ଚିଥିଲେ। ପରୀକ୍ଷାରେ ପୁଣି ତ୍ରୁଟି କଥା ଜଣାପଡ଼ିବା ପରେ ପରୀକ୍ଷାର୍ଥୀ ରାଗିଯାଇ ନାରାବାଜି ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏନେଇ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ଅଧ୍ୟକ୍ଷ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ, ସଫ୍ଟୱେର ଜନିତ ବୈଷୟିକ ତ୍ରୁଟି ଯୋଗୁ କେତେକ ସ୍ଥାନରେ ପ୍ରାର୍ଥୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି, ଏଥିପାଇଁ ଆମେ ଅତ୍ୟନ୍ତ ଦୁଃଖିତ । ଏହି ପରୀକ୍ଷା ପରିଚାଳନା କରିବା ଦାୟିତ୍ୱ ଏକ କେନ୍ଦ୍ରୀୟ ସରକାରୀ ସଂସ୍ଥାକୁ ଟେଣ୍ଡର ଭିତ୍ତିରେ ଦିଆଯାଇଛି । ଏହାର ପୁନଃ ଯାଞ୍ଚ କରାଯିବା ପରେ ଯେଉଁ ପିଲାମାନେ ପରୀକ୍ଷା ଦେଇପାରି ନାହାନ୍ତି ସେମାନଙ୍କୁ ପୁନଃ ପରୀକ୍ଷା ଦେବା ନିମନ୍ତେ ନିଷ୍ପତ୍ତି ସମ୍ପର୍କରେ ଇ-ମେଲ୍ ଜରିଆରେ ଖୁବ୍ ଶୀଘ୍ର ପ୍ରାର୍ଥୀଙ୍କୁ ଜଣାଇ ଦିଆଯିବ। ପ୍ରାର୍ଥୀମାନଙ୍କ ହିତକୁ ଦୃଷ୍ଟିରେ ରଖି ପଦକ୍ଷେପ ଦିଆଯିବ ବୋଲି ସେ କହିଛନ୍ତି।


**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA
DIST.: MALKANGIRI (ODISHA), PIN-764 051
PHONES: 06861-232581(O) / 232641 (R), FAX- 06861-232541
E mail- <unit.head_balimela@yahoo.com>
REGD OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING,
VANIVIHAR CHOUK, JANAPATH, BHUBANESWAR-22
Tel.: 91-0674-2542983, 2542802, 25425526, 2542826, Fax: 254102, TELEGRAM: HYDROPOWER
E-MAIL: ohpc.co@gmail.com/md@ohpcltd.com, WEB: www.ohpcltd.com

NOTICE INVITING TENDER No.BHEP/C&P-III/CW-6A (Vol-II)/24/ 2022-23, Dtd.19.08.2022

No.CAD-1563:- Sealed tender in single part is invited from Authorized Dealers/ Registered Agencies / Reputed Suppliers for supply of the following materials as detailed below.

| Sl. No. | Description of work | Cost of tender paper (Non-refundable) in Rs. | EMD in shape of D.D. only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of bids. |
|---|---|---|---|---|---|---|
| 1 | Procurement of Electrical Consumable Materials as per the Scope of Supply | Rs.2000/- + GST @ 18% = Rs.2360/- | Declaration Form is to be submitted as per Form-VI & Clause No.4.2 | 24.08.2022 | 07.09.2022 upto 12.00 P.M. | 07.09.2022 at 12.30 P.M. |

For details of the tender documents, terms & conditions, please visit our website www.ohpcltd.com
Sd./- Unit Head, BHEP, Balimela
OIPR-04019/11/0036/2223



**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in
No.CAD-1526
**INVITATIONS FOR BIDS (IFB)**
**Bid Identification No.1006** dated. 19.08.2022

1. Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover system conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration certificate along with payment receipt up to July 2022, GST Certificate for the item of works as indicated in the table below.

| Sl No. | Name of Work | Estimated Cost (in Rs.) | EMD (in Rs) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | Providing power supply to AHP over 20.21 Acres land at Lumbini Vihar, Chandrasekharpur, Bhubaneswar | 44,23,221.00 | Deposit of "Bid Security Declaration" | 6000.00+ 18% GST | 60 (Sixty) days |

**2.** The Bid documents will be available in the website: https://tendersodisha.gov.in from **23.08.2022 to 01.09.2022** up to **17.00 Hours**. **3.** Bids shall be received only "On line" on or before 01.09.2022 up to 17.00 Hours. The bidder must possess compatible Digital Signature Certificate (DSC) of Class-III. **4.** Other details can be seen in the bidding documents. **5.** The authority reserves the right to cancel any or all bids without assigning any reason. **6.** Any addendum/corrigendum/cancellation shall only be uploaded in the website: https://tendersodisha.gov.in

OIPR-13033/11/0225/2223
Sd./- Executive Engineer
Division-IV, BDA. BBSR



**OFFICE OF THE COLLECTOR & DISTRICT MAGISTRATE, BHADRAK**
**(ST & SC Dev. Section)**
dwobhadrak@gmail.com, 06784-240335/241415

**No. 952/SSD** **NOTIFICATION** **Date: 20.08.2022**

V-13: It is informed to the candidates who have applied for engagement as Initial Appointee in the post of TGT Arts and Sanskrit Teachers under ST & SC Development Department Schools of Bhadrak District in pursuance to this office Advertisement No. 1805/SSD Dtd.29.12.2021 & Corrigendum to the Advt. vide No. 418/SSD Dtd.05.04.2022 are hereby informed that, the **Final list of eligible candidates and Final list rejected candidates with reasons** have been prepared by the District Selection Committee, Bhadrak after necessary rectification and compliance of objections received within date line and the same have been hoisted in the district website **www.bhadrak.nic.in** along with the Admit Cards of the eligible candidates. The Written Examination for the above posts is scheduled at Zilla School, Bhadrak, At: Bhadrak High School Rd., Buddha Vihar, District: Bhadrak, Odisha on Dt.28.08.2022 (Sunday) at 10.30 A.M. to 12.00 Noon.

**Sd/- District Welfare Officer, Bhadrak**



**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/22-23/008

**TP Central Odisha Distribution Limited invites open tender from eligible Bidders for the following:**

| Sl No | Tender Description | Tender Enquiry No. | Tender Fee incl of GST (Rs)* | EMD (Rs. Lakh)** | Last date & time of payment of Tender Fee |
|---|---|---|---|---|---|
| 1 | Rate contract for supply of Safety Materials | TPCODL/P&S/ 1000000262/2022-23 | 5,000/- | 1.0 | 02/09/2022, 17.00 Hrs. |
| 2 | Rate contract for Civil Works | TPCODL/P&S/ 1000000266/2022-23 | 5,000/- | 1.0 | 02/09/2022, 17.00 Hrs. |
| 3 | AMC for Battery chargers | TPCODL/P&S/ 1000000265/2022-23 | 5,000/- | 0.5 | 02/09/2022 17.00 Hrs. |
| 4 | Supply of Advance Van Mounted Fully Automatic Cable Fault Locator suitable upto 33KV Cable | TPCODL/P&S/ 1000000268/2022-23 | 5,000/- | 2.0 | 02/09/2022, 17.00 Hrs. |
| 5 | Supply of Cloth Materials along with TPCODL Logo for Corporate uniform AT TPCODL. | TPCODL/P&S/ 1000000261/2022-23 | 5,000/- | 2.0 | 30/08/2022. 17.00 Hrs. |
| 6 | Corrigendum -1 Supply of 75 High Configuration Laptops at TPCODL | TPCODL/P&S/ 1000000199/2022-23 | 5,000/- | 0.5 | 27/08/2022, 17.00 Hrs. |
| 7 | Cyber Security Solution & Implementation at TPCODL DC | TPCODL/P&S/ 1000000267/2022-23 | 5,000/- | 8.5 | 29/08/2022, 17.00 Hrs. |
| 8 | SITC of Backup and Restore Software at TPCODL, Odisha | TPCODL/P&S/ 1000000269/2022-23 | 5,000/- | 0.5 | 02/09/2022, 17.00 Hrs. |
| 9 | Rate Contract for providing Vehicle Service for disconnection squad for 2 Years | TPCODL/P&S/ 1000000264/2022-23 | 5,000/- | 2.0 | 31/08/2022, 17.00 Hrs. |
| 10 | Rate Contract for providing Vehicle and Man power Services for disconnection squad for 2 Years | TPCODL/P&S/ 1000000271/2022-23 | 5,000/- | 2.0 | 31/08/2022, 17.00 Hrs. |

For further details of Tenders, please visit Vendor Zone/Tender Section on TPCODLwebsite https://tpcentralodisha.com.Future communication/corrigendum to tender documents, if any, shall be available on website.



**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 18/ET/SBP/ENGG/ 2022-23, ତା:16.08.2022

1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 18-eT-SDENW-SBP-22
**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 140 ଟନ୍ BD କ୍ରେନ୍‌ର ରକ୍ଷଣାବେକ୍ଷଣ ନିମନ୍ତେ କ୍ରେନ୍ ସେଡ୍ ର ବ୍ୟବସ୍ଥା ପାଇଁ ସିଭିଲ୍ ଇଂଜିନିୟରିଙ୍ଗ୍ କାର୍ଯ୍ୟ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,97,10,888.64, EMD(ଟଙ୍କାରେ):₹2,48,600/-

2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-DENC-SBP-22
**କାର୍ଯ୍ୟର ନାମ :** 01 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ବରଗଡ଼ ରୋଡ଼ ଅଧୀନସ୍ଥ ହୀରାକୁଦଠାରେ ସିନିୟର ସେକ୍ସନ ଇଂଜିନିୟର (P.Way)/ଷ୍ଟୋର/ସମ୍ବଲପୁରଙ୍କ ଷ୍ଟୋରରେ ଫାର୍ମର ଟ୍ରକ୍ ଏବଂ ଟ୍ରେଲରଗୁଡ଼ିକରୁ P.Way ସାମଗ୍ରୀ ଏବଂ ଫିଟିଙ୍ଗଗୁଡ଼ିକର ଖଲାସ ଏବଂ ବିଭିନ୍ନ ଟ୍ରାକ୍ ସମ୍ପର୍କିତ ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡ଼ିକ ପାଇଁ ସମ୍ବଲପୁର ମଣ୍ଡଳର ଭିତର ଏବଂ ବାହାର ବିଭିନ୍ନ ସ୍ଥାନଗୁଡ଼ିକରୁ P.Way ସାମଗ୍ରୀଗୁଡ଼ିକର ପରିବହନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,00,02,592/-, EMD(ଟଙ୍କାରେ):₹2,00,100/-

କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ (କ୍ରମ ସଂ. 1 ପାଇଁ), 12(ବାର) ମାସ (କ୍ରମ ସଂ. 2 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) :** ତା.12.09.2022 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-396/N/22-23



GOVERNMENT OF ODISHA No. A-458
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com

**e-Procurement Notice No. ACE, RBB - 16/2022-23**

1. Type of Work : Flood Control Works & System Improvement
2. Total No. of Works : 04 (Four) Nos.
3. Amount put to Tender : Rs.690.18 lakhs to 431.17 lakhs
4. Period of Completion : 11 (Eleven) to 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID) - 34/2022-23 | 690.18 | From 26.08.2022, 10.00 A.M. to 12.09.2022, 5.00 P.M. |
| | ACE, RBB (BEID) - 35/2022-23 | 514.24 | |
| | ACE, RBB (BEID) - 36/2022-23 | 438.02 | |
| | ACE, RBB (BEID) - 37/2022-23 | 431.17 | |

Date of Opening of the Technical Bid : 13.09.2022 at 11.30 A.M.
Further details can be seen from the Govt. website **www.tendersodisha.gov.in**.
**Sd./- Additional Chief Engineer**
OIPR-32411/11/0024/2223 **Rushikulya Bahuda Basin, Berhampur**



**ROURKELA DEVELOPMENT AUTHORITY**
RDA
**UDITNAGAR, ROURKELA- 769012**
No.1402 RDA, Dt.20.08.2022

Applications are invited from the General Public / Private Agencies / Office in prescribed form obtainable from this office on payment of Rs.1000/- (Rupees one thousand) only from 22.08.2022 to 30.08.2022 along with EMD for allotment of the Commercial spaces available in VSS Market, (First Floor), Chhend & New Bus Stand, Gandhi Road (Second Floor) under RDA, Rourkela on as is where is basis. Applications will be received in the Office of the RDA during the office hour along with required EMD for each shop/ commercial space from 22.08.2022 to 03.09.2022 by 5.00 P.M. The allotments will be made as per open highest bidding on interest free Security Deposits and monthly licence fee basis on 07.09.2022 at 10.30 A.M. in the Conference Hall of RDA, Rourkela as per detailed below: The applicants are intimated to attend the auction along with original ID and copy of the same on the date and time fixed above without any further intimation. Please note that, the successful bidders shall construct the shop of his own cost & the cost incurred thereon shall be added to the Security Deposit as per Govt. schedule of rate.

| Sl. No. | Name of the Market Complex | Commercial spaces / open space | No. of com. space / open space | Size of commercial spaces / open space | EMD in Rs. with application form | Initial bidding Amount in Rs. | Licence fee per month per sft. |
|---|---|---|---|---|---|---|---|
| 1 | VSS Market, Chhend First Floor | VSO-6 | 1 | 2103 sft. | 1,10,000/- | 11,00,000/- | Rs.8/- per sft. monthly licence fee |
| 2 | VSS Market, Chhend First Floor | VSO-6(A) | 1 | 5475.37 sft. Stair Case-247.92 sft = 5723.29 sft. | 2,86,165/- | 28,61,645/- | Rs.8/- per sft. monthly licence fee |
| 3 | VSS Market, Chhend First Floor | VSO-5 | 1 | 1104.13 sft. | 55,207/- | 5,52,065/- | Rs.8/- per sft. |
| 4 | VSS Market, Chhend | Pindi (Open space) | 1 | 94 sft. | 10,000/- | 94,000/- | Rs.8/- per sft. monthly licence fee |
| 5 | VSS Market, Chhend | ATM Counter only for ATM counter | 1 | 90 sft. | 20,000/- | 2,00,000/- | Rs.10/- per sft. monthly licence fee |
| 6 | New Bus Stand, Gandhi Road (Second Floor) | CS-7 | 1 | 3854 sft. | 1,92,700/- | 19,27,000/- | Rs.8/- per sft. monthly licence fee |

1. The allotment will be made on the basis of open bidding, where more than one application received for one Shop/commercial space / open space. The authority will decide the required Security Deposit of the shop/ commercial space / open space in case of single applicant. The other terms & conditions of allotment will be incorporated in the allotment letter and licence agreement.
2. The successful bidder has to pay 50% of the bid amount of Security Deposit on the next day and the rest 50% of the bid amount including EMD shall be deposited within 15 (Fifteen) days. The allotment order will be issued only after receipt of the full amount. In case of any default, the application of highest bidder / applicant shall be liable for rejection and in that event EMD along with 10% of the deposited amount will be forfeited and the shop / commercial space will be given to 2nd / 3rd highest bidder or subsequent bidder.
3. The authority reserves the right to cancel any or all the applications at any time without assigning any reason thereof and the authority has right to cancel the allotment at any time for violation of conditions of allotment.

Sd./- Secretary
Rourkela Development Authority



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1564 OSIC GST No. 21AAACO2101M1Z1
**TENDER CALL NOTICE**
Tender Notice No.3556/RE/OSIC Dt.19.08.2022
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. **(1)** Supply & Maintenance of Sanitation Items and Sanitation works in the urban areas under the NAC, Remuna, **(2)** Construction of MS Framed Welcome gate in respect of Remuna NAC and **(3)** Supply & Installation of "I Love Remuna" and "Supply, fitting & Fixing of Roof Top LED/ Glow Sign Board in top of the NAC building for both in English & Odiya Languages works under the NAC, Remuna. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.
Sd/-
OIPR-14073/11/0062/2223 GENERAL MANAGER(O)



**OFFICE OF THE ASSISTANT DIRECTOR OF TEXTILES, NAYAGARH**
At-Khandapada Road, PO/Dist: Nayagarh, Pin-752069.
Phone No. 06753-252015, e-mail- adtexngr@yahoo.com
**QUOTATION CALL NOTICE**
**Order No. 1693 ADTex. Dated 19.08.2022**
*No. PP-33:-* Two numbers of different Sealed Quotations i.e. **1-Frame Loom, 2- Weaving Accessories** for the year 2021-22 & four numbers of different Sealed Quotations i.e. **1-Frame loom, 2-Weaving Accessories for Broad Loom, 3- Weaving Accessories & 4-Tool Kits for Tie & Dye Making and Weaving** for the year 2022-23 are invited from registered suppliers/ manufacturers firms having valid GST IN and up to date income tax for supply of the said items. The separate envelope with name of quoted with year should be **superscribed** & sealed quotations with all complete documents in a prescribed format in all respect should reach the undersigned on or before 06.09.2022 by 5.30 P.M. through registered post / speed post only. The quotations will be opened on 07.09.2022 at 11.30 A.M. in the office of the undersigned. For more details, please visit the website of NIC.,Nayagarh www.nayagarh.nic.in/ www.sadhacodisha.org/ www.boyanika.com. The Quotationer or their authorized representatives should remain present on that day with samples of different items failing which the quotation of the concerned agency will not be entertained for consideration. If Bidders not quoted all times for a particular Quotation shall not be considered. The authority reserves the right to reject or accept any/ all quotations without assigning any reason thereof.
Sd./- Assistant Director of Textile
OIPR-31019/11/0002/2223 Nayagarh(I/C)

ସରିଛି ସ୍କୁଲ୍ ପାଠପଢ଼ା। ଏକ ନୂଆ ଆଶା ଆଉ ଭବିଷ୍ୟତର ଲକ୍ଷ୍ୟ ନେଇ କଲେଜରେ ପାଦ ଥାପିବାକୁ ପ୍ରସ୍ତୁତ ଛାତ୍ରୀଛାତ୍ର। ଏହା ସଭିଙ୍କ ଜୀବନର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟ, ଯେଉଁଠୁ ନିର୍ମାଣ ହୋଇଥାଏ ଉତ୍ତମ ଭବିଷ୍ୟତର ଭିତ୍ତିଭୂମି। ତେଣୁ ନିଜ ଭବିଷ୍ୟତକୁ ସୁଦୃଢ଼ କରିବାକୁ ହେଲେ କଲେଜ ସମୟରେ ବିଭିନ୍ନ ଦିଗ ପ୍ରତି ବିଶେଷ ସଜାଗ ରହିବା ଗୁରୁତ୍ୱପୂର୍ଣ୍ଣ...



# ଏଇଠୁ ଆରମ୍ଭ କଲେଜ ଜୀବନ



ଆଉ ଦିନ କେଇଟା ପରେ ଆରମ୍ଭ ହେବ କଲେଜ ଲାଇଫ୍। କେହି କେହି ସ୍କୁଲ୍‌ର ଆବଦ୍ଧ ଜୀବନରୁ ବାହାରି କଲେଜରେ ମୁକ୍ତ ବିହଙ୍ଗ ଭଳି ନୂଆ ଅନୁଭବର ଆନନ୍ଦ ନେବାକୁ ଉତ୍କଣ୍ଠିତ ତ ଆଉ କେହି ଏହିଠାରୁ ଉତ୍ତମ ଭବିଷ୍ୟତର ଭିତ୍ତିଭୂମି ଗଢ଼ିବାର ସ୍ୱପ୍ନକୁ ନେଇ ସଜାଗ। ତେବେ କଲେଜ ଯିବା ପରେ ବିଭିନ୍ନ କାରଣରୁ ଅନେକ ଶିକ୍ଷାର୍ଥୀ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେବା ଏବଂ ଲକ୍ଷ୍ୟ ହାସଲରୁ ବଞ୍ଚିତ ହେଉଥିବାର ନଜିର ରହିଛି। ତେଣୁ ପ୍ରଥମେ କଲେଜ ଯିବାକୁ ଥିବା ଛାତ୍ରୀଛାତ୍ର ନିଜ କଲେଜ ଜୀବନକୁ ସଫଳ କରିବା ଲାଗି କେତୋଟି ଦିଗ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ...

➔ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଅନେକ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷାରେ ଖରାପ କରିଥାଆନ୍ତି। ଏହାର ମୂଳ କାରଣ ହେଉଛି ସ୍କୁଲ୍ ଭଳି କଲେଜରେ ନା ଥାଏ ଅଧ୍ୟାପିକା ଅଧ୍ୟାପକଙ୍କ ଆକଟ, ଅନୁଶାସନ କିମ୍ବା ବିଭିନ୍ନ କଟକଣାର ଭୟ ନା ସମସ୍ତ କ୍ଲାସ୍ ଆଟେଣ୍ଡ କରିବା ବାଧ୍ୟତାମୂଳକ। ଏମିତିକି ଏଠାରେ ହୋମ୍‌ୱାର୍କ କରିବାର ବି ନ ଥାଏ ଚାପ। ଏଣୁ ଅନେକ ଛାତ୍ରୀଛାତ୍ର ରେଗୁଲାର କ୍ଲାସ୍ କରିବା, ପ୍ରତିଦିନ ପଢ଼ା ଯାଇଥିବା ପାଠକୁ ଘରେ ଯାଇ ପଢ଼ିବା କିମ୍ବା ଅଭ୍ୟାସ କରିବା ଆଦିରେ ଅବହେଳା କରିବସନ୍ତି। ତେଣୁ କଲେଜ ଜୀବନ ଆରମ୍ଭରୁ ହିଁ ନିଜ ଭବିଷ୍ୟତର ଲକ୍ଷ୍ୟ ପ୍ରତି ଯତ୍ନଶୀଳ ହେବା ସହ ପଢ଼ା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ।

➔କଲେଜ ଆସିବା ପରେ ଅନେକ ଛାତ୍ରୀଛାତ୍ର କ୍ଲାସ୍ ଆରମ୍ଭ ହେବା ପୂର୍ବରୁ ସାଙ୍ଗସାଥୀଙ୍କ ସହ ଗପିବା, ଡେରିରେ କ୍ଲାସ୍‌ରେ ପହଞ୍ଚିବା ଅବା କ୍ଲାସ୍ ବନ୍ଦ କରି ବୁଲିବା ଆଦି କରୁଥିବା ଦେଖିବାକୁ ମିଳିଥାଏ। ଫଳରେ କ୍ଲାସରେ ପଢ଼ାଯାଇଥିବା ପାଠ ଭଲ ଭାବେ ବୁଝି ପାରନ୍ତି ନାହିଁ, ଯାହାର ପ୍ରଭାବ ସେମାନଙ୍କ ପରୀକ୍ଷାଫଳରେ ଦେଖିବାକୁ ମିଳିଥାଏ। ମନେରଖନ୍ତୁ, ସମୟାନୁବର୍ତ୍ତୀ ହେବା ବିଦ୍ୟାର୍ଥୀର ଏକ ଭଲ ଲକ୍ଷଣ। ତେଣୁ କ୍ଲାସ୍‌ରେ ଠିକ୍ ଟାଇମ୍‌ରେ ପହଞ୍ଚନ୍ତୁ ଏବଂ ଧ୍ୟାନର ସହିତ ପଢ଼ାଯାଉଥିବା ପାଠକୁ ବୁଝନ୍ତୁ।

➔କଲେଜ ଆସିବା ପରେ ଅନେକ ଛାତ୍ରୀଛାତ୍ର ଯେଉଁ କ୍ଲାସ୍ ତାଙ୍କୁ ବୋର୍ ଲାଗେ କିମ୍ବା ଇଚ୍ଛା ନ ହୁଏ ତାହାକୁ ଆଟେଣ୍ଡ ନ କରି ପରବର୍ତ୍ତୀ ସମୟରେ ସାଙ୍ଗଙ୍କଠାରୁ ନୋଟ୍ ଆଣି ପଢ଼ିନିଅନ୍ତି। ଏମିତିକି କେହି କେହି ନିଜ ପ୍ରାକ୍ଟିକାଲ୍ ରେକର୍ଡ ମଧ୍ୟ ସାଙ୍ଗମାନଙ୍କ ଦ୍ୱାରା କରାଇଥାଆନ୍ତି। ହେଲେ ଧୀରେ ଧୀରେ ଅନ୍ୟ ଉପରେ ନିର୍ଭର କରିବାର ଏହି ଗୁଣ ଅଭ୍ୟାସରେ ପରିଣତ ହୋଇଯାଏ, ଯାହାକି ଭବିଷ୍ୟତରେ ଅସୁବିଧାର ସମ୍ମୁଖୀନ କରାଇଥାଏ। କେବଳ ଏତିକି ନୁହେଁ, ସେହିପରି କ୍ଲାସ୍ ଆଟେଣ୍ଡ କଲେ ସୁଦ୍ଧା ଲାଷ୍ଟ ବେଞ୍ଚରେ ବସି ପଢ଼ାଯାଉଥିବା ସମୟରେ ଗପିବା, ଅନ୍ୟମନସ୍କ ରହିବା, ମୋବାଇଲ୍‌ରେ ଖେଳିବା, ଚାଟ୍ କରିବା ଆଦି ଯୋଗୁ କେତେକ ଶିକ୍ଷାର୍ଥୀ ପାଠକୁ ଅବହେଳା କରୁଥିବାର ଦେଖିବାକୁ ମିଳିଥାଏ। କେହି କେହି ଟ୍ୟୁଶନ୍‌ରେ ସବୁ ପାଠ ପଢ଼ା ଯାଉଥିବାରୁ କଲେଜରେ କ୍ଲାସ୍ ଆଟେଣ୍ଡ କରିବା ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ମଧ୍ୟ ଭାବନ୍ତି। ହେଲେ ମନେରଖନ୍ତୁ, କ୍ଲାସ୍‌ରୁମ୍ ଟିଚିଂ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଠାରେ ପାଠକୁ ଭଲ ଭାବେ ବୁଝିବା ଏବଂ ଶୁଣିବା ଦ୍ୱାରା ମନେରଖିବା ସୁବିଧା ହୋଇଥାଏ। ତା'ଛଡା ଅଧ୍ୟାପିକା ଅଧ୍ୟାପକଙ୍କୁ ପଚାରି ଡାଉଟ୍ କ୍ଲିଅର କରିବା ମଧ୍ୟ ସହଜ ହୋଇଥାଏ।

➔ସାଧାରଣତଃ କଲେଜଗୁଡ଼ିକ ଘରଠାରୁ ଦୂର ହୋଇଥିବାରୁ ଅନେକଙ୍କୁ ହଷ୍ଟେଲ କିମ୍ବା ମେସ୍‌ରେ ରହିବାକୁ ହୋଇଥାଏ। ଏମିତିରେ କେତେଜଣ



ପରିବାରର ଆକଟ ନ ଥିବାରୁ ସାଙ୍ଗମାନଙ୍କ ସହିତ ବୁଲିବା, ମଜା ମସ୍ତି କରିବା, ଅଧିକ ରାତିଯାଏଁ ପାର୍ଟି କରିବା, ଲେଟ୍ ନାଇଟ୍ ଫିଲ୍ମ ଦେଖିବା, ଅନ୍ୟମାନଙ୍କୁ ହଇରାଣ କରିବା, ଅସାମାଜିକ ପିଲାଙ୍କ ସହିତ ମିଶିବା ଏବଂ ସର୍ବୋପରି ପାଠପଢ଼ା ଲାଗି ଘରୁ ମିଳୁଥିବା ଖର୍ଚ୍ଚକୁ ଅଯଥା ନଷ୍ଟ କରୁଥିବା ଦେଖିବାକୁ ମିଳେ। ଯେଉଁମାନେ କି ନିଜ ଅବହେଳା ଲାଗି ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ ହୁଅନ୍ତି। ହେଲେ ଯେଉଁମାନେ ପାଠପଢ଼ା ପ୍ରତି ଅଧିକ ଯତ୍ନଶୀଳ ହେବା ସହ ପରିବାରଠାରୁ ଦୂରରେ ରହୁଥିବାରୁ ଏକାକୀ ଦୈନନ୍ଦିନ ଜୀବନରେ ଟାଇମ୍ ମ୍ୟାନେଜ୍‌ମେଣ୍ଟର କଳା ଭଲ ଭାବେ ଶିଖିଯାଆନ୍ତି, ସେମାନେ ସଫଳ ହୁଅନ୍ତି।

➔କଲେଜ ଆସିବା ପରେ ଅନେକ ଭଲ ଶିକ୍ଷାର୍ଥୀ ମଧ୍ୟ କୁସଙ୍ଗରେ ପଡ଼ି ଖରାପ ବାଟକୁ ଯାଉଥିବାର ନଜିର ରହିଛି। ସାଙ୍ଗମାନଙ୍କ ସହ ମିଶି ସେମାନେ କେବେକେବେ ମଜାମସ୍ତିରେ ମଦ, ସିଗାରେଟ୍, ଡ୍ରଗ୍ସ ଭଳି ବିଭିନ୍ନ ନିଶାଦ୍ରବ୍ୟ ସେବନ କରିବାକୁ ଷ୍ଟାଇଲ୍ ବୋଲି ଭାବିଥା'ନ୍ତି ତ ଆଉ କେହି ସାଙ୍ଗସାଥୀଙ୍କ ଚାପ (ପିଅର ପ୍ରେସର୍)ରେ ଏସବୁ ବଦଭ୍ୟାସକୁ ଆପଣାଇ ନିଅନ୍ତି। ହେଲେ ଏହି ବଦଭ୍ୟାସ ଯୋଗୁ ସେମାନେ କେବେକେବେ ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବାକୁ ମଧ୍ୟ ପଛାନ୍ତି ନାହିଁ। ହେଲେ ଏହା କ୍ୟାରିଅର୍ ଉପରେ ନକାରାତ୍ମକ ପ୍ରଭାବ ପକାଏ। ତେଣୁ ଯଥାସମ୍ଭବ ଏଥିରୁ ଦୂରେଇ ରୁହନ୍ତୁ ଏବଂ କେବଳ ପାଠପଢ଼ାରେ ମନୋନିବେଶ କରନ୍ତୁ।

➔ନୂଆ ନୂଆ କଲେଜରେ ସିନିୟରମାନଙ୍କ ଡରରେ ଅନେକେ ନିଜ ଭିତରେ ଥିବା କଳାକୁ ଚାପିଦିଅନ୍ତି ଏବଂ କଲେଜରେ ହେଉଥିବା ବିଭିନ୍ନ ଫଙ୍କଶନ୍‌ରେ ଭାଗନେବାଠୁ ଦୂରେଇ ରୁହନ୍ତି। କିନ୍ତୁ ଯଦି ଆପଣଙ୍କ କୌଣସିରେ ରୁଚି ଥାଏ, ତାହାକୁ ପ୍ରଦର୍ଶନ କରିବାର ଏହା ହେଉଛି ସବୁଠୁ ଭଲ ସୁଯୋଗ। ତେଣୁ ଏ ମୌକା ହାତଛଡ଼ା କରନ୍ତୁ ନାହିଁ।

## କ'ଣ କୁହନ୍ତି ଏମାନେ...



**ପୁନମ୍ ରାଉତରା(ଛାତ୍ରୀ, ପୁରୀ)–** ସ୍କୁଲ୍ ସମୟ ସବୁବେଳେ ନିଆରା। ବହୁ ହସଖୁସିରେ ପିଲାବେଳ କଟିଛି। ମାଟ୍ରିକ୍ ପରୀକ୍ଷା ପରେ ଏବେ ସାଙ୍ଗମାନେ ଯିଏ ଯୁଆଡ଼େ ଅଲଗା ହୋଇଯିବେ। ସେଥିପାଇଁ ଦୁଃଖ ଲାଗୁଛି। ହେଲେ ବି ଆମକୁ ସମୟ ସହ ଆଗକୁ ବଢ଼ିବାର ଅଛି। କଲେଜର ନୂଆ ଅନୁଶାସନରେ ଏବେ ନିଜକୁ ଗଢ଼ିବାର ସମୟ। ନୂଆ ସାଙ୍ଗ ସହ ମିଶି ପାଠ ପଢ଼ିବି। ତେଣୁ କଲେଜ ଲାଇଫ୍‌ରେ ଭରପୂର ମସ୍ତି କରିବି। ସର୍ବୋପରି ଏସବୁ ଆଳରେ ପାଠ ପଢାକୁ ଆଦୌ ଅବହେଳା ନ କରି ନିଜର ବେଷ୍ଟ ରେଜଲ୍ଟ ପାଇଁ ଚେଷ୍ଟା କରିବି।



**ବିଶ୍ୱଜିତ୍ ମହାପାତ୍ର (ଯୁକ୍ତ ୨ ବିଜ୍ଞାନ, ଡିପିଏସ୍ କଳିଙ୍ଗା, ଫୁଲନଖରା, କଟକ)–** ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଯୁକ୍ତ ଦୁଇକୁ ନେଇ ଅଧିକ ଆଶାବାଦୀ ଅଛି। ତେଣୁ ପାଠ ପଢା ଉପରେ ବିଶେଷ ଧ୍ୟାନ ଦେବି। କଲେଜରେ ସ୍କୁଲ୍ ଭଳି କଡା ଅନୁଶାସନ କିମ୍ବା ଶିକ୍ଷକଙ୍କ ଆକଟ ନ ଥିବାରୁ ଅନେକ ପିଲା କ୍ଲାସ୍ କରିବା ବଦଳରେ ଏଣେତେଣେ ବୁଲନ୍ତି। ଯାହାଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ରେଜଲ୍ଟ ଉପରେ ପଡିଥାଏ। ଏସବୁଠାରୁ ନିଜକୁ ନିବୃତ ରଖି ନିଜ ଲକ୍ଷ୍ୟ ପଥରେ ଆଗେଇ ଯିବି।

ୟୁଥ୍ ଆଲର୍ଟ

# ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ...



**ପାଣି ପିଇବା ଲାଗି ସାଧାରଣତଃ ଆମେ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରିଥାଉ। ବିଶେଷକରି ବାହାରକୁ ଯିବା ବେଳେ ନେବାକୁ ସୁବିଧା ହେଉଥିବାରୁ ଏହାର ଚାହିଦା ସର୍ବାଧିକ। ହେଲେ ଆପଣ ଜାଣନ୍ତିକି, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ ...**

▶ପ୍ଲାଷ୍ଟିକ୍‌ରେ ରହିଛି ଫ୍ଲୋରାଇଡ୍, ଆର୍ସେନିକ୍ ଏବଂ ଆଲୁମିନିୟମ ଭଳି ଅନେକ ହାନିକାରକ ଉପାଦାନ। ତେଣୁ ଏହି ବୋତଲରେ ଅଧିକ ସମୟ ପାଣି ରଖିବା ଦ୍ୱାରା ଏସବୁ ଉପାଦାନ ନିର୍ଗତ ହୋଇ ସେଥିରେ ମିଶିଥାଏ। ଏହି ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ।

▶ବାରମ୍ବାର ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ଏହିସବୁ ହାନିକାରକ ରାସାୟନିକ ପଦାର୍ଥ ମଣିଷର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଫଳରେ ଏହା ଅନେକ ରୋଗର କାରଣ ହୋଇଥାଏ। ବିଶେଷକରି ଏଥିରେ ଥିବା ଥାଲେଟ୍ସ ନାମକ କେମିକାଲ ଲିଭର କ୍ୟାନ୍ସରର କାରଣ ସାଜିଥାଏ। କେବଳ ଏତିକି ନୁହେଁ, ଏହା ଦ୍ୱାରା ମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

▶କେବଳ ଏତିକି ନୁହେଁ, ପ୍ଲାଷ୍ଟିକ୍ ବୋତଲରେ ପାଣି



ରଖି ପିଇବା ଦ୍ୱାରା ଶରୀରକୁ ବାଇଫେନିଲ୍-ଏ ନାମକ ଏକ ମାରାତ୍ମକ ଏଷ୍ଟ୍ରୋଜେନ୍ ମିମିକିଙ୍ଗ୍ କେମିକାଲ୍ ଯାଇଥାଏ। ଏହା ମେଦବହୁଳତା, ଡାଇବେଟିସ୍, ପ୍ରଜନନ ସମସ୍ୟା ଭଳି ଅନେକ ରୋଗର କାରଣ ସାଜିଥାଏ।

▶ପ୍ଲାଷ୍ଟିକ୍ ବୋତଲରେ ପାଣି ଅଧିକ ସମୟ ରହିବା ଏବଂ ତାହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ସେଥିରୁ ଡାଇଅକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ। ଗାଡ଼ିରେ ପାଣିବୋତଲ ଅଧିକ ସମୟ ରଖିବା ଅବା ଗାଡ଼ି ଷ୍ଟାର୍ଟ ରଖି ବାହାରକୁ ଯିବା ଦ୍ୱାରା ମଧ୍ୟ ପାଣି ଗରମ ହେବା ସହ ଧୀରେ ଧୀରେ ପ୍ଲାଷ୍ଟିକ୍ ତରଳି ଏହି ଉପାଦାନ ନିର୍ଗତ ହୋଇ ପାଣିରେ ମିଶିଥାଏ, ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

▶ତେଣୁ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ପ୍ଲାଷ୍ଟିକ୍ ବୋତଲରେ ପାଣି ନ ପିଇବା ଭଲ ।

## ଏ ସପ୍ତାହର ପ୍ରଶ୍ନ

୧– ଏଲ୍‌ଡିବିର ଫୁଲ୍‌ଫର୍ମ .................................................. ?
୨– ନ୍ୟାୟ ମିତ୍ର ବ୍ୟବସ୍ଥା ......................... ମସିହାରୁ ଆରମ୍ଭ ହୋଇଛି ?
୩– ଦି କ୍ରାଫ୍ଟ ଭିଲେଜ୍ ସ୍କିମ୍ ........................ ଦ୍ୱାରା ଆରମ୍ଭ କରାଯାଇଛି ?
୪– ଜିଓମାରା କ୍ୟାଷ୍ଟ୍ରୋ.................... ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ?
୫– ବାଇଖୋ ପର୍ବ ................................... ରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ତେଲଙ୍ଗାନା
୨ ଅଗଷ୍ଟ ୧୦
୩ ଆଇଓସିଏଲ୍
୪ ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ଅର୍ବିଟେଶନ୍ ସେଣ୍ଟର
୫ ଜାମ୍ମୁ ଓ କଶ୍ମୀର

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ଶେଖ୍ ୟାକୁବ, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସର୍ବବୃହତ୍ ମୁଭି ଥିଏଟର୍ ଚେନ୍




୧– ଏଏମ୍‌ସି. ଲିଉଡ୍ (କାନ୍‌ସାସ୍, ଆମେରିକା) ............... ୧୧,୦୪୧ଟି ସ୍କ୍ରିନ୍
୨– ୱାଣ୍ଡା ସିନେମାସ୍ (ବେଜିଂ, ଚାଇନା)......................... ୧,୬୫୭ଟି ସ୍କ୍ରିନ୍
୩– ସିନେ ୱାର୍ଲ୍ଡ (ଲଣ୍ଡନ୍, ଇଂଲଣ୍ଡ, ୟୁକେ)...................... ୯, ୫୦୦ଟି ସ୍କ୍ରିନ୍
୪– ସିନେ ପାର୍କ (ପ୍ଲାନୋ, ଟେକ୍ସାସ୍, ଆମେରିକା)................ ୫୯୫୭ଟି ସ୍କ୍ରିନ୍
୫– ସିନେପଲିସ୍ (ମୋରେଲିଆ, ମିଚିକାନ୍, ମେକ୍ସିକୋ).......... ୫୨୫୧ଟି ସ୍କ୍ରିନ୍
୬– ରେଗାଲ୍ ସିନେମାସ୍ (ନକ୍ସଭିଲେ, ଆମେରିକା).............. ୭,୨୦୦ଟି ସ୍କ୍ରିନ୍
୭– ସିନେପ୍ଲେକ୍ସ ଏଣ୍ଟରଟେନ୍‌ମେଣ୍ଟ (ଅଣ୍ଟାରିଓ,କାନାଡ଼ା)......... ୧,୬୭୬ଟି ସ୍କ୍ରିନ୍
୮– ଭ୍ୟୁ, ଲଣ୍ଡନ୍ (ୟୁକେ).................................... ୧,୯୮୯ଟି ସ୍କ୍ରିନ୍
୯– ସିଜିଭି. ସେଉଲ୍ (ସାଉଥ୍ କୋରିଆ)......................... ୩, ୪୫୯ଟି ସ୍କ୍ରିନ୍
୧୦– ସିନେମେକ୍ସ (ମେକ୍ସିକୋ)................................. ୨,୮୬୧ଟି ସ୍କ୍ରିନ୍

ଜାଣନ୍ତୁ ଦୁନିଆ

# ବାଘ

**ଚିଡ଼ିଆଖାନାରେ ହେଉ ଅବା କୌଣସି ଫିଲ୍ମରେ ବାଘ ଦେଖିଲେ ମନ ଉଲ୍ଲସିତ ହୋଇଉଠେ। ଆଉ ଯଦି କେବେ ଜଙ୍ଗଲରେ ପ୍ରକୃତରେ କାହାକୁ ଏହାର ସାମ୍ନା କରିବାକୁ ପଡ଼େ, ତେବେ ବଞ୍ଚିବା ହୋଇଯାଏ ମୁସ୍କିଲ୍। ଏହି ହିଂସ୍ର ତଥା ବଲୁଆ ପଶୁ ସମ୍ପର୍କରେ ଜାଣିବା କିଛି ରୋଚକ ତଥ୍ୟ...**

- ସମଗ୍ର ପୃଥିବୀରେ ବାଘକୁ ଶକ୍ତିର ପ୍ରତୀକ ବୋଲି ଲୋକେ ମାନନ୍ତି।
- ଏହାର ବୈଜ୍ଞାନିକ ନାମ ହେଉଛି ପାନ୍ଥେରା ଟାଇଗ୍ରୀସ୍। ଏହା ଗ୍ରୀକ୍ ଶବ୍ଦ ପାନ୍ଥେରାରୁ ଆସିଛି, ଯାହାର ଅର୍ଥ ଶିକାରୀ। ସେହିପରି ପ୍ରାଚୀନ ପାର୍ସି ଶବ୍ଦରୁ ଟାଇଗ୍ରୀସ୍ ଆସିଛି, ଯାହାର ଅର୍ଥ ତୀର ପରି ତୀବ୍ର।
- ଆମ ଦେଶ ବ୍ୟତୀତ ବାଂଲାଦେଶ, ମାଲେସିଆ, ଦକ୍ଷିଣ କୋରିଆ ଆଦି ଦେଶରେ ମଧ୍ୟ ବାଘକୁ ଜାତୀୟ ପଶୁ ଭାବେ ଗ୍ରହଣ କରାଯାଇଛି।
- ଦିନକୁ ଦିନ ବାଘ ଶିକାର ବଢୁଥିବାରୁ ଭୂପୃଷ୍ଠରୁ ବାଘସଂଖ୍ୟା ହ୍ରାସ ହେଉଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା ଲାଗି ପ୍ରତିବର୍ଷ ଜୁଲାଇ ୨୯ ତାରିଖକୁ 'ୱାର୍ଲ୍ଡ ଟାଇଗର ଡେ' ଭାବେ ପାଳନ କରାଯାଉଛି।
- ସେହିପରି ବାଘ ସୁରକ୍ଷା ଲାଗି ୧୯୭୩ ମସିହାରୁ ଆମ ଦେଶରେ ପ୍ରୋଜେକ୍ଟ ଟାଇଗର ଆରମ୍ଭ କରାଯାଇଛି।
- ସାଇବେରିଆନ୍ ଟାଇଗର ସବୁଠାରୁ ବଡ଼ ବାଘ ପ୍ରଜାତି ହୋଇଥିବା ବେଳେ ସୁମାତ୍ରାନ୍ ଟାଇଗର ସବୁଠୁ ଛୋଟ ବାଘ ବୋଲି କୁହାଯାଏ।
- ବାଘ ଘଣ୍ଟା ପ୍ରତି ୬୫ କିଲୋମିଟର ପର୍ଯ୍ୟନ୍ତ ବେଗରେ ଦୌଡିପାରନ୍ତି। କେବଳ ଦୌଡିବା ନୁହେଁ ବାଘମାନେ ଖୁବ୍ ଶୀଘ୍ର ପହଁରି ମଧ୍ୟ ପାରନ୍ତି।





# ସିରିଜ ଜିତିଲା ଭାରତ

ହରାରେ,୨୦।୮(ପି.ଟି.)

ଭାରତ ଓ ଜିମ୍ବାୱେ ମଧ୍ୟରେ ଶନିବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌କୁ ଜିତିନେଇଛି ଭାରତ। ଏଥିସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। ବୋଲରଙ୍କ ସଫଳତା ବଳରେ ଜିମ୍ବାୱେକୁ ୧୬୧ ରନ୍‌ରେ ସୀମିତ ରଖିବା ପରେ ସଞ୍ଜୁ ସାମ୍‌ସନଙ୍କ ଅପରାଜିତ ୪୩ ରନ୍ ବଳରେ ୫ ଉଇକେଟରେ ମୁକାବିଲାକୁ ଜିତି ନେଇଥିଲା ଦଳ। ଦୀପକ ଚହରଙ୍କ ସ୍ଥାନରେ ଶାର୍ଦ୍ଦୂଳ ଠାକୁରଙ୍କୁ ଖେଳାଇଥିଲା ଭାରତ।

କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ଅଧିନାୟକ କେ.ଏଲ୍. ରାହୁଲ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ମ୍ୟାଚ୍ ପରି ଭାରତୀୟ ବୋଲିଂ ଆଗରେ ଧାରହୀନ ମନେହୋଇଥିଲା ଜିମ୍ବାୱେ ଟପ୍ ଅର୍ଡର। ୩୧ ରନ୍‌ରେ ଦଳ ୪ ଉଇକେଟ ହରାଇବା ସହ ସଙ୍କଟରେ ପଡ଼ିଥିଲା। ସିନ୍ ୱିଲିୟମ୍ସ(୪୨) ଦଳ ପକ୍ଷରୁ ଟପ୍ ସ୍କୋରର ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ର୍‌ୟାନ୍ ବର୍ଲ ଅପରାଜିତ ୩୯ ରନ୍ କରିଥିବା ବେଳେ ସିକନ୍ଦର ରାଜା ୧୬ ରନ୍ କରିଥିଲେ। ଜିମ୍ବାୱେର ୭ ଜଣ ବ୍ୟାଟ୍ସମ୍ୟାନ୍ ଦୁଇଅଙ୍କ ଛୁଇଁବାରେ ଅସମର୍ଥ ହୋଇଥିଲେ। ଶାର୍ଦ୍ଦୂଳ ଠାକୁର ସର୍ବାଧିକ ୩ଟି ଉଇକେଟ ସହିତ ବିପର୍ଯ୍ୟୟ ଘଟାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଅକ୍ଷର ପଟେଲ, କୁଲଦୀପ ଯାଦବ ଓ ଦୀପକ ହୁଦା ପ୍ରତ୍ୟେକେ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଦୁଇଜଣ ବ୍ୟାଟ୍ସମ୍ୟାନ ରନ୍‌ଆଉଟ ହୋଇଥିବା ବେଳେ ଉଇକେଟ ପଛରେ ୩ଟି କ୍ୟାଚ୍ ନେଇଥିଲେ ସଞ୍ଜୁ ସାମ୍‌ସନ।

୧୬୨ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ଓପନ୍ କରିବାକୁ ଓହ୍ଲାଇଥିଲେ କେ.ଏଲ୍. ରାହୁଲ ଓ ଶିଖର ଧାୱନ୍। ଦୀର୍ଘ ଅଢ଼େଇ ମାସ ପରେ ବ୍ୟାଟିଂ ସୁଯୋଗ ପାଇଥିବା ରାହୁଲ କିନ୍ତୁ ଦ୍ୱିତୀୟ ଓଭରରେ ୧ ରନ୍ କରି ପାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ ଧାୱନ(୩୩) ଓ ଶୁବମନ ଗିଲ୍(୩୩) ଯୋଡ଼ିଥିଲେ ୪୨ ରନ୍। ୨୧ ବଲରୁ ୪ ଚୌକା ସହିତ ଦ୍ରୁତ ୩୩ ରନ୍ କରି ଧାୱନ ପାଭିଲିୟନ ଫେରିବା ପରେ ଗିଲ୍ ଆକ୍ରମଣାତ୍ମକ ବ୍ୟାଟିଂ ଆରମ୍ଭ କରିଥିଲେ। ଇଶାନ କିଶନ(୬)ଙ୍କୁ ସାଥି କରି ସେ ୩୬ ରନ୍ ଯୋଡ଼ିଥିଲେ। କିଶନ ଆଉଟ୍ ହେବା ପରେ ଦୀପକ ହୁଦା କ୍ରିଜ୍‌କୁ ଆସିଥିଲେ। ଦଳୀୟ ସ୍କୋର ୯୪ ରନ୍‌ରେ ଗିଲ୍‌ଙ୍କୁ ଆଉଟ କରିଥିଲେ ଲ୍ୟୁକ ଜଙ୍ଗୱେ। ଷଷ୍ଠ ଉଇକେଟରେ ଦୀପକ(୨୫) ଓ ସଞ୍ଜୁ (୪୩)ଙ୍କ ମଧ୍ୟରେ ୫୬ ରନ୍‌ର ଭାଗୀଦାରି ହୋଇଥିଲା। ୧୫୩ ରନ୍‌ରେ ହୁଦା ପାଭିଲିୟନ ଫେରିବା ପରେ ସାମସନ ଓ ଅକ୍ଷର ପଟେଲ(୬) ଦଳକୁ ବିଜୟୀ କରାଇଥିଲେ। ଭାରତର ଟପ୍ ସ୍କୋରର ରହିଥିବା ସାମ୍‌ସନ ୩୯ ବଲ ଖେଳି ୩ ଚୌକା ଓ ୪ ଛକା ମାରିଥିଲେ। ଛକା ମାରି ଷ୍ଟାଇଲରେ ଭାରତକୁ ବିଜୟୀ କରାଇଥିଲେ ସାମ୍‌ସନ। ୪୩ ରନ୍‌ର ଅପରାଜିତ ଇନିଂସ ସହିତ ଉଇକେଟ ପଛରେ ୩ଟି କ୍ୟାଚ୍ ଏବଂ ଗୋଟିଏ ରନ୍‌ଆଉଟ ପାଇଁ ତାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅଗଷ୍ଟ ୨୨ ତାରିଖରେ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ଟି ସମାନ ଭେନ୍ୟୁରେ ଖେଳାଯିବ।


ଅପରାଜିତ ୪୩ ରନ୍‌ର ଇନିଂସ ଅବସରରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମ୍‌ସନ।

## ଭଗତଙ୍କୁ ଡବଲ୍ସରେ ସ୍ୱର୍ଣ୍ଣ, ସିଙ୍ଗଲ୍ସରେ ରୌପ୍ୟ


ଦୀପରଞ୍ଜନ ବିଶୋଇ(ବାମ), କୋଚ୍ ଶିବ ପ୍ରସାଦ ଦାସ(ମଝି) ଓ ପ୍ରମୋଦ ଭଗତ(ଡାହାଣ)।

ନୂଆଦିଲ୍ଲୀ,୨୦।୮(ପି.ଟି.)

ପଟାୟାଠାରେ ଅନୁଷ୍ଠିତ ଥାଇଲାଣ୍ଡ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଓଡ଼ିଶାର ପ୍ରମୋଦ ଭଗତ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ଓ ତାଙ୍କ ପାର୍ଟନର ସୁକାନ୍ତ କଦମ ପୁରୁଷ ଡବଲ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଏସଏଲ୍‌୩-ଏସ୍‌ଏଲ୍‌୪ କାଟାଗୋରି ଫାଇନାଲରେ ସେମାନେ ଇଣ୍ଡୋନେସିଆର ଡ୍ୱିୟୋକୋ ଡ୍ୱିୟୋକୋ ଓ ଫ୍ରିଦି ସେଟିଆୱାନଙ୍କୁ ୨୧-୧୮, ୨୧-୧୩ ଗେମ୍‌ରେ ହରାଇ ଦେଇଛନ୍ତି। ପୂର୍ବରୁ ପୁରୁଷ ସିଙ୍ଗଲ୍ସରେ ଭଗତ ଓ କଦମ ସେମାନଙ୍କ ଫାଇନାଲ ମ୍ୟାଚ ହାରି ରୌପ୍ୟ ପଦକ ପାଇଛନ୍ତି। ପ୍ରମୋଦ ଇଂଲଣ୍ଡର ଡାନିଲ ବେଥଲଙ୍କଠାରୁ ୧୩-୨୧, ୧୯-୨୧ରେ ଏବଂ କଦମ ୨-୨୧, ୧୭-୨୧ରେ ଫ୍ରାନ୍ସର ଲୁକାସ ମାଜୁରଙ୍କଠାରୁ ହାରିଯାଇଛନ୍ତି। ମିକ୍ସଡ ଡବଲ୍ସରେ ଭଗତ ଓ ମନିଷା ରାମଦାସ ଯୋଡ଼ି ସେମିଫାଇନାଲ ରେ ଫ୍ରାନ୍ସ ଯୋଡ଼ି ଲୁକାସ ମାଜୁର୍ ଓ ଫଷ୍ଟିନ୍ ନୋଏଲ୍‌ଙ୍କ ଠାରୁ ୧୩-୨୧,୦୯-୨୧ ରେ ପରାଜୟ ହୋଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଅନ୍ୟତମ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ଦୀପ ରଞ୍ଜନ ବିଶୋଇ ଡବଲ୍ସ ସେମିଫାଇନାଲରେ ରେ ନିଜ ଦେଶର ପ୍ରମୋଦ ଭଗତ ଓ ସୁକାନ୍ତ କଦମ ନିକଟରୁ ୧୦-୨୧,୨୧-୧୪,୧୪-୨୧ ରେ ପରାଜିତ ହୋଇ ବ୍ରୋଞ୍ଜ ହାସଲ କରିଛନ୍ତି।

## ଫେରିବ ଗୋକୁଲମ୍ କେରଳ

ନୂଆଦିଲ୍ଲୀ,୨୦।୮(ପି.ଟି.)

**ଫିଫା ବ୍ୟାନ୍ ପ୍ରସଙ୍ଗ**

ଭାରତୀୟ ଫୁଟବଲ ସଂଘ (ଏଆଇଏଫ୍‌ଏଫ୍) ଉପରେ ଫିଫାର ବ୍ୟାନ୍ ପରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗରୁ ଗୋକୁଲମ୍ କେରଳ ମହିଳା ଦଳକୁ ଫେରିବାକୁ ପଡିଛି। ଉଜ୍‌ବେକିସ୍ତାନରେ ଖେଳା ଯାଉଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣର ସୁଯୋଗ ନ ମିଳିବା ପରେ ଆସନ୍ତା ସୋମବାର ଦଳ ଭାରତ ଫେରିବାକୁ ଯାଉଛି। ଭାରତୀୟ ଦଳର ଅଧିନାୟିକା ଆଶାଲତା ଦେବୀଙ୍କ ନେତୃତ୍ୱରେ ୨୩ ଜଣିଆ ଦଳ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଇଥିଲା। ଭାରତୀୟ ଦଳ ଗସ୍ତ କରିବାର କିଛି ସମୟ ମଧ୍ୟରେ ଫିଫା ପକ୍ଷରୁ ଏଆଇଏଫଏଫ୍‌କୁ ବ୍ୟାନ୍ କରାଯାଇଥିଲା।

ଏହି ବ୍ୟାନ୍ ପରେ ଗୋକୁଲମ୍‌ର ଖେଳିବା ଉପରେ ମଧ୍ୟ ଆଶଙ୍କା ଉପୁଜିଥିଲା। ଆଇ ଲିଗ୍ ଏବଂ ଇଣ୍ଡିଆନ୍ ଓମେନ୍ସ ଲିଗ୍ ଜିତି ଯୋଗ୍ୟତା ଅର୍ଜନ କରିଥିବା ଗୋକୁଲମ୍ କେରଳ ଦୀର୍ଘ ୬ ଦିନ ଧରି ତାସକେଣ୍ଟରେ ଅଟକି ରହିଛି। କେନ୍ଦ୍ର ସରକାରଙ୍କ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଉଭୟ ଫିଫା ଓ ଏଏଫ୍‌ସିକୁ ଅନୁରୋଧ କରାଯାଇଥିଲେ ହେଁ ଏହା କୌଣସି ପ୍ରଭାବ ପକାଇ ନ ଥିଲା। ଶେଷରେ ଭାରତ ଫେରି ଆସିବା ପାଇଁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଅନୁରୋଧ କରାଯାଇଥିବା ନେଇ କ୍ଲବର ସଭାପତି ଭି. ସି. ପ୍ରବୀଣ କହିଛନ୍ତି।

# ଗୁରୁଣ୍ଡିଆ ବାଳିକା, ସବ୍‌ଡେଗା ବାଳକ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ ବାଳିକା ଚାମ୍ପିୟନ ଗୁରୁଣ୍ଡିଆ ଦଳ।

ଭୁବନେଶ୍ୱର,୨୦।୮(ସ୍ପୋର୍ଟସ୍ ବ୍ୟୁରୋ)

**ଓଡ଼ିଶା ନାଭାଲ ଟାଟା ହକି ଲିଗ୍**

ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସମାପିତ ହୋଇଛି। ବାଳକ ବର୍ଗରେ ସବ୍‌ଡେଗା ଚାମ୍ପିୟନ ହୋଇଥିବା ବେଳେ ବାଳିକା ବର୍ଗରେ ଗୁରୁଣ୍ଡିଆ ଟାଇଟଲ ଜିତିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୧୭ରୁ ୨୦ ତାରିଖ ଯାଏଁ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ସବ୍‌ଡେଗା ୩-୧ରେ ଢେଙ୍କାନାଳକୁ ପରାସ୍ତ କରି ବାଳକ ସ୍ୱର୍ଣ୍ଣ ପଦକ ହାତେଇଥିଲା। ସେହିପରି ଗୁରୁଣ୍ଡିଆ ବାଳିକା ଦଳ କହୁପାଣିକୁ ୨-୧ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାତେଇଥିଲା। ସବ୍‌ଡେଗା ମହିଳା ଦଳ ଓ ଗୁରୁଣ୍ଡିଆ ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାତେଇଥିଲେ। ହକି ଖେଳାଳି ତଥା ଅଲିମ୍ପିଆନ୍ ଦିଲୀପ ତିର୍କୀ ଓ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରକଳ୍ପ ନିର୍ଦ୍ଦେଶକ ରାଜୀବ ସେଠ ଅତିଥି ଭାବରେ ଯୋଗ ଦେଇଥିଲେ।

ଏହି ଟୁର୍ନାମେଣ୍ଟ ସମୟରେ ଖେଳାଳିଙ୍କ ମଧ୍ୟରେ ଉତ୍ସାହ ଦେଖି ଅତ୍ୟନ୍ତ ଉତ୍ସାହିତ। ଓଡ଼ିଶା ନାଭାଲ ଟାଟା ହକି ଗ୍ରାସରୁଟ୍ ଲିଗରେ ଖେଳାଳିଙ୍କ ଅନ୍ତହୀନ ସ୍ୱପ୍ନ ପୂରଣ ହେବ। ଏହା ସହିତ ହକିର ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସେ ଧନ୍ୟବାଦ ଜଣାଇଥିଲେ। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଚେୟାରମ୍ୟାନ୍ ଦୀଲିପ ତିର୍କି। ଏହା ଓଡ଼ିଶା ଓ ଭାରତୀୟ ହକିର ଭବିଷ୍ୟତ ବୋଲି କହିବା ସହିତ ସୁନ୍ଦରଗଡ ବ୍ୟତୀତ ଅନ୍ୟ ଜିଲାରେ ମଧ୍ୟ ହକିର ବେଶ୍ ପ୍ରସାର ହେଉଛି।

**ପୁରସ୍କାରପ୍ରାପ୍ତ ଖେଳାଳି**

**ପ୍ଲେୟର ଅଫ୍ ଦ ମ୍ୟାଚ୍:** ଅଲିଭା ଟେଟେ(ବାଳିକା) ଗୁରୁଣ୍ଡିଆ, ରଞ୍ଜନ ଲାକ୍ରା (ବାଳକ)ସବ୍‌ଡେଗା।

**ଶ୍ରେଷ୍ଠ ଗୋଲକିପର:** ପ୍ରିୟାଂଶୀ ମିଞ୍ଜ(ବାଳିକା) ଗୁରୁଣ୍ଡିଆ, ସଞ୍ଜୟ ଲାକ୍ରା(ବାଳକ)କାଡୋବାହାଲ।

**ଶ୍ରେଷ୍ଠ ଗୋଲ ସ୍କୋରର:** ମୋନାଲିସା ଲାକ୍ରା( ବାଳିକା) କହୁପାଣି, ରିତିକ ଲାକ୍ରା (ବାଳକ) ସବ୍‌ଡେଗା।

**ଟୁର୍ନାମେଣ୍ଟର ଆବିଷ୍କାର:** ସଞ୍ଜନା କୁଜୁର(ବାଳିକା) ପୂର୍ଣ୍ଣାପାଣି, ବିଶାଲ କଇଥା(ବାଳକ) କାଡୋବାହାଲ।

**ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ:** ଅଲିଭା ଟେଟେ (ବାଳିକା) ଗୁରୁଣ୍ଡିଆ, ଅର୍ମାନ ସୋରେଙ୍ଗ(ବାଳକ) ଗୁରୁଣ୍ଡିଆ।

**ଫେୟାରପ୍ଲେଟିମ୍:** ପୂର୍ଣ୍ଣାପାଣି(ବାଳିକା), କାଡୋବାହାଲ(ବାଳକ)।

## ଭାରତର ପୂର୍ବତନ ଷ୍ଟାର ଫୁଟ୍‌ବଲ ଅଧିନାୟକଙ୍କ ପରଲୋକ

କୋଲକାତା, ୨୦।୮(ପି.ଟି.)

ଭାରତ ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟକ ସମର ବାନାର୍ଜୀଙ୍କର ଶନିବାର ପ୍ରତ୍ୟୁଷରେ ପରଲୋକ ଘଟିଛି। ତାଙ୍କ ନେତୃତ୍ୱରେ ଭାରତ ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା। ସମର ବାନାର୍ଜୀ 'ବର୍ଦ୍ଧୁ ଦା' ଭାବେ ପରିଚିତ ଥିଲେ। ସେ ଅଲ୍‌ଜିମର, ଆଜୋଟେମିଆ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। କୋଭିଡ୍ ଟେଷ୍ଟରେ ପଜିଟିଭ ଆସିବା ପରେ ସେ ଏମ୍‌ଆର୍ ବାଙ୍ଗର ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ନିଆଯାଇଥିଲା। ୨୦୦୯ରେ 'ବର୍ଦ୍ଧୁ ଦା' ମୋହନ ବାଗାନ ରତ୍ନରେ ସମ୍ମାନିତ ହୋଇଥିଲେ। ଭାରତୀୟ ଫୁଟ୍‌ବଲ ଟିମ୍ ଏ ପର୍ଯ୍ୟନ୍ତ ୩ଥର ଅଲିମ୍ପିକ୍ସରେ ଭାଗ ନେଇଛି। କିନ୍ତୁ ବାନାର୍ଜୀଙ୍କ ନେତୃତ୍ୱରେ ଭାରତ ୧୯୫୬ରେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ବୁଲ୍‌ଗେରିଆଠାରୁ ୦-୩ରେ ହାରିଯିବା ପରେ ଚତୁର୍ଥ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଥିଲା।



## ରାଇଜିଂ ଷ୍ଟାର, ଜୟଦୁର୍ଗା ବିଜୟୀ



ଭୁବନେଶ୍ୱର,୨୦।୮(ସ୍ପୋର୍ଟସ୍ ବ୍ୟୁରୋ)

**ଫାଓ ଲିଗ୍ ୨୦୨୨**

କଟକ ବାରବାଟୀ ଷ୍ଟାଡିୟମରେ ଖେଳା ଯାଉଥିବା ଫାଓ ଲିଗ୍ ୨୦୨୨ରେ ଶନିବାର ବିଜୟୀ ହୋଇଛନ୍ତି ରାଇଜିଂ ଷ୍ଟାର ଓ ଜୟଦୁର୍ଗା କ୍ଲବ୍। ଚଳିତ ସିଜିନର ୫୭ ତମ ମ୍ୟାଚରେ ଚାନ୍ଦ କ୍ଲବ ଓ ଜୟଦୁର୍ଗା ମଧ୍ୟରେ ଖେଳାଯାଇଥିବା ମ୍ୟାଚକୁ ୩-୨ରେ ଜିତି ନେଇଛି ଜୟଦୁର୍ଗା। ବିଜୟୀ କ୍ଲବ୍ ପକ୍ଷରୁ ସୁନୀଲ ସର୍ଦ୍ଦାର(୧୫ ଓ ୪୧ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ସଇଦ୍ ମଞ୍ଜୋରାଉ(୪୮) ଅନ୍ୟ ଗୋଲଟି ସ୍କୋର କରିଥିଲେ। ଚାନ୍ଦ କ୍ଲବ ପକ୍ଷରୁ ଡୋମାନି କିଲାନେ(୫୦ ମିନିଟ୍) ଓ ଜନ୍ନୋ ଖେସ୍(୭୭ ମିନିଟ୍) ଦୁଇଟି ଗୋଲ ସ୍କୋର କରିଥିଲେ।

୫୮ ତମ ମୁକାବିଲାରେ ପରସ୍ପର ସାମ୍ନା କରିଥିଲେ ରାଇଜିଂ ଷ୍ଟାର ଓ ରାଧାଗୋବିନ୍ଦ କ୍ଲବ୍। ୬-୨ ଗୋଲରେ ଏକପାଖିଆ ଭାବେ ମ୍ୟାଚଟିକୁ ଜିତି ନେଇଥିଲା ରାଇଜିଂ ଷ୍ଟାର। ପ୍ରକାଶ ନାୟକ(୨୫ ଓ ୬୫ ମିନିଟ) ଡବଲ ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିମଲ କୁମାର(୪୦), ସାକିବ ଶେହଜାଦା(୫୬), ଜିତୁ ମୁଦୁଲି(୭୬) ଓ ଅର୍ଜୁନ ମୁଦୁଲି(୭୯ ମିନିଟ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ରାଧାଗୋବିନ୍ଦ ପକ୍ଷରୁ ପ୍ରଧାନ ମୁର୍ମୁ(୧୯) ଓ ବି. ଶିବା (୩୮) ଦୁଇଟି ଗୋଲ ପରିଶୋଧ କରିଥିଲେ।

## ପ୍ରଜ୍ଞାନନ୍ଦଙ୍କ ବିଜୟ ଧାରାରେ ବ୍ରେକ୍

ମାୟାମି, ୨୦।୮(ପି.ଟି.)

ଆମେରିକାନ ଫିନାଲେ ଅଫ୍ ଚାମ୍ପିୟନ୍ସ ଚେସ୍ ଟୁର୍ ଅନ୍ତର୍ଗତ ଏଫ୍‌ଟିଏକ୍ସ କ୍ରିପ୍ଟୋ କପ୍‌ର ପଞ୍ଚମ ରାଉଣ୍ଡରେ ଭାରତର ସ୍ୱଳ୍ପ ବୟସ୍କ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଚାଇନାର କ୍ୱାଙ୍ଗ୍ ଲିମ୍ ଲି ତାଙ୍କୁ ୨.୫-୦.୫ରେ ହରାଇ ଦେଇଛନ୍ତି। କ୍ରମାଗତ ୪ଟି ମ୍ୟାଚରେ ବିଜୟ ପରେ ଭାରତୀୟ ଚେସ୍ ଖେଳାଳିଙ୍କ ଏହା ହେଉଛି ପ୍ରଥମ ପରାଜୟ। ବିଶ୍ୱର ନମ୍ବର ୱାନ ମାଗ୍ନସ କାର୍ଲସେନ୍ ମଧ୍ୟ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ପୋଲାଣ୍ଡର କ୍ରିଜିଷ୍ଟଫ୍ ଡୁଡାଙ୍କ ବିପକ୍ଷ ୪ ଗେମ୍ ବିଶିଷ୍ଟ ମ୍ୟାଚ ୨-୨ରେ ଅମୀମାଂସିତ ରହିବା ପରେ ଟାଇବ୍ରେକ୍‌ରେ ସେ ୨-୪ରେ ପରାଜିତ ହୋଇଥିଲେ। ତେବେ ୫ମ ରାଉଣ୍ଡ ପରେ ୧୩ ମ୍ୟାଚ ପଏଣ୍ଟ ସହ ନରୱେର ଏହି ଖେଳାଳି ଏକକ ଅଗ୍ରଣୀ ରହିଛନ୍ତି। ପ୍ରଜ୍ଞାନନ୍ଦ ତାଙ୍କଠାରୁ ଗୋଟିଏ ପଛରେ ରହିଛନ୍ତି। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ଚମତ୍କାର ଫର୍ମରେ ରହିଥିବା ଭାରତର ଏହି ୧୭ ବର୍ଷୀୟ ଚେସ୍ ପ୍ରତିଭା ବିଶ୍ୱର ନମ୍ବର ୪ ଖେଳାଳି ଅଲିରିଜା ଫିରୋଜ୍‌ଝା, ଅନିଶ ଗିରି, ଲେଭନ ଆରୋନିଆନ ଓ ହନ୍ସ ନିମାନ୍‌ଙ୍କୁ ହରାଇବା ପରେ ଚାଇନିଜ ଗ୍ରାଣ୍ଡମାଷ୍ଟର ତାଙ୍କ ବିଜୟଧାରାରେ ବ୍ରେକ୍ ଲଗାଇଛନ୍ତି।

# ଓଡ଼ିଶା ଟେନିସ ବଲ୍ କ୍ରିକେଟ ଦଳକୁ ସମ୍ବର୍ଦ୍ଧନା


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଟେନିସ୍ ବଲ କ୍ରିକେଟ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା।

ଭୁବନେଶର ୨୦।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇଠାରେ ଅନୁଷ୍ଠିତ ହୋଇଥିବା ୨୭ ତମ ଜାତୀୟ ସବ ଜୁନିୟର ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ତୃତୀୟ ସ୍ଥାନ ସହିତ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଆ ଦଳ ଶନିବାର ପ୍ରତ୍ୟାବର୍ତ୍ତନ କରିଛି। ବ୍ରୋଞ୍ଜ ପଦକ ବିଜୟୀ ଓଡିଶା ଦଳରେ ସାମିଲ ଖେଳାଳି ଓ ମ୍ୟାନେଜେର, ସମୀର କାନ୍ତ ମହାପାତ୍ରଙ୍କୁ ଭୁବନେଶ୍ୱର ଷ୍ଟେସନରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। 'ଉଇ ଫର୍' ସଂଗଠନ ଭୁବନେଶ୍ୱରର କର୍ମକର୍ତ୍ତା ଓ ଟେନିସ ବଲ କ୍ରିକେଟ ସଂଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଶୋକ ଦାଶ, ଯୁଗ୍ମସମ୍ପାଦିକ ସୋମନାଥ ପରିଡ଼ା, ସଞ୍ଜୟ ବିଶୋୟୀ, ପ୍ରକାଶ ସାହୁ, ରଞ୍ଜନ ନାୟକ ଏବଂ ଓଡ଼ିଶା ଦଳର ମୁଖ୍ୟ କୋଚ ଚକ୍ରଧର ମାଝୀଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଓ ବ୍ୟକ୍ତି ବିଶେଷ ଦଳର ସଦସ୍ୟମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଅର୍ଜୁନ ପଣ୍ଡା ଯୁବ ବିଜେଡି ଯୁଗ୍ମ ସମ୍ପାଦକ

ଚୌଦ୍ୱାର,(ଡି.ଏନ୍.ଏ.)- ବିଜେଡି ପକ୍ଷରୁ ଯୁବ ବିଜେଡିର ରାଜ୍ୟସ୍ତରୀୟ କର୍ମକର୍ତ୍ତା ମନୋନୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦଳର ଚୌଦ୍ୱାର ଯୁବ ସଭାପତି ଅର୍ଜୁନ ପଣ୍ଡାଙ୍କୁ ରାଜ୍ୟ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ,ଏବର ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### ଏସ୍‌ଆଇ ପରୀକ୍ଷା ଅବ୍ୟବସ୍ଥା, ନିରାଶ ହୋଇ ଫେରିଲେ ଆଶାୟୀ

ମଙ୍ଗୁଳି,୨୦।୮(ଡି.ଏନ୍.ଏ.)- ଜଗତ୍‌ପୁର ଥାନା ଅଧୀନ ନୂତନ ଶିଳ୍ପାଞ୍ଚଳସ୍ଥିତ ଏକ କେନ୍ଦ୍ରକୁ ରାଜ୍ୟର ବିଭିନ୍ନ ଜିଲାରୁ ୧୭୪ ଜଣ ଆଶାୟୀ ଅନ୍‌ଲାଇନ୍‌ରେ ପୋଲିସ ଏସ୍‌ଆଇ ପରୀକ୍ଷା ଦେବା ପାଇଁ ଶନିବାର ଆସିଥିଲେ। ଗୋଟିଏ ସିଟିଂ ପରୀକ୍ଷା ଦେବା ପରେ ଦ୍ୱିତୀୟ ସିଟିଂ ପରୀକ୍ଷା ପ୍ରଶ୍ନ ଅପ୍‌ଲୋଡ୍ ହେଇ ନ ଥିଲା। ଫଳରେ ପରୀକ୍ଷା ଦେବାରେ ସମସ୍ୟା ହୋଇଥିଲା। ପ୍ରାୟ ଏକ ଘଣ୍ଟା ଧରି ପରୀକ୍ଷା କେନ୍ଦ୍ର ବାହାରେ ଆଶାୟୀମାନେ ଅପେକ୍ଷା କରିବା ପରେ ଅସନ୍ତୋଷ ପ୍ରକାଶ କରିଥିଲେ। ଖବରପାଇ ଜଗତ୍‌ପୁର ଥାନା ଅଧିକାରୀ ରବିନ୍ଦ୍ର ନାଥ ମେହେର ପହଞ୍ଚି ଆଶାୟୀମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ସେମାନ ନିରାଶ ହୋଇ ଫେରିଯାଇଥିଲେ।

### ଭଗବାନ ସାସମଲ ହତ୍ୟା ମାମଲା: ଅଭିଯୁକ୍ତ ଗିରଫ

କଟକ ସଦର,୨୦।୮(ଡି.ଏନ୍.ଏ.)- ୪୨ ମୌଜା ଥାନା ଅନ୍ତର୍ଗତ ଚାନ୍ଦୁଲି ଗ୍ରାମର ପାନ ବ୍ୟବସାୟୀ ଭଗବାନ ସାସମଲ ହତ୍ୟା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଭଗବାନଙ୍କ ପୁତୁରା ଚନ୍ଦନ ସାସମଲ(୪୦)। ପୋଲିସ ସୂତ୍ରରୁ ପ୍ରକାଶ, ଗତ ୭ ତାରିଖ ସନ୍ଧ୍ୟାରେ ବାକି ଟଙ୍କାକୁ କେନ୍ଦ୍ରକରି ଭଗବାନ ଓ ଚନ୍ଦନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ପରେ ଭଗବାନ ଘଟଣାସ୍ଥଳରେ ଅଚେତ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭଗବାନ୍‌ଙ୍କ ସ୍ତ୍ରୀ ସବିତା ସାସମଲ ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୫୫/୨୨) ରୁଜୁ କରିଥିଲା।

### ବନ୍ୟାବିପନ୍ନଙ୍କୁ ଖାଦ୍ୟ ବଣ୍ଟନ

ଖୁଣ୍ଟୁଣୀ,୨୦।୮(ଡି.ଏନ୍.ଏ.)- ଆଠଗଡ଼ ନିର୍ବାଚନ ମଣ୍ଡଳୀ କଖଡ଼ି ପଞ୍ଚାୟତର ସିଆରପି ମହିଳା ମହାସଂଘ ପକ୍ଷରୁ ଶୁକ୍ରବାର କାପ୍ତାବୋରେଇ ଓ ଗୋପୀନାଥପଡା ଗ୍ରାମର ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ମହାସଂଘର ସଭାନେତ୍ରୀ ପ୍ରଶାନ୍ତି ବେଉରା ଓ ସମ୍ପାଦିକା ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ପ୍ରାୟ ୧୧ ଜଣ ମହିଳା ମୁଣ୍ଡରେ ଖାଦ୍ୟ ସାମଗ୍ରୀ ମୁଣ୍ଡେଇ ୩ ଫୁଟ ଉଚ୍ଚତାର ପାଣିରେ ପଶି ଗ୍ରାମ ଦ୍ୱୟକୁ ଯାଇଥିଲେ। ସେଠାରେ ବିପନ୍ନମାନଙ୍କୁ ଖାଦ୍ୟ ସାମଗ୍ରୀ ବାଣ୍ଟିଥିଲେ। ସେମାନଙ୍କ ସହିତ ପୂର୍ବତନ ସରପଞ୍ଚ ଅଭିମନ୍ୟୁ ସୁତାର ଯାଇଥିଲେ। ପ୍ରଭାତୀ ବେହେରା, ଦୀପିକା ମୁଦୁଲି, ସସ୍ମିତା ମୁଦୁଲି, କବିତା ବେହେରା, ପୂର୍ଣ୍ଣିମା ସାହୁ, ତୃପ୍ତିମୟୀ ସାହୁ, ସୁରକ୍ଷା ରାଉତ ଓ ସସ୍ମିତା ଗୋଛାୟତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହିପରି ଓଡ଼ିଶା ଟ୍ରକ ଡ୍ରାଇଭର ମହାସଂଘ ଆଠଗଡ଼ ଶାଖା ପକ୍ଷରୁ ମଞ୍ଚେଶ୍ୱର ପଞ୍ଚାୟତର ବାମନପୁର ଓ ସୁନିଆଁମୁହଁ ଗ୍ରାମରେ ବନ୍ୟା ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ମହାସଂଘର ଶାଖା ସଭାପତି ଶ୍ରୀମନ୍ତ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ଅଜୟ ପ୍ରଧାନ, ବିନୋଦ ପ୍ରଧାନ, ଆନନ୍ଦ ଚନ୍ଦ୍ର ସାହୁ, ବିଜୟ ରାଉତ ଓ ମଞ୍ଚେଶ୍ୱର ପଞ୍ଚାୟତର ସମ୍ପାଦକ ହାଡ଼ିବନ୍ଧୁ ଦଳେଇ ପ୍ରମୁଖ ଏହି କାର୍ଯ୍ୟରେ ସାମିଲ ହୋଇଥିଲେ।

### ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ କାର୍ଯ୍ୟକ୍ରମ

କଟକ ଅଫିସ, ୨୦।୮- ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭାରତରେ ଭୋଟର ପରିଚୟ ପତ୍ର ସହ ଆଧାର ସଂଯୋଗ କାର୍ଯ୍ୟକ୍ରମ ଜାରି ରହିଛି। ଏହି କ୍ରମରେ ଶନିବାର କଟକ ମହାନଗର ନିଗମର ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ ଯୋଗଦେଇ ନିଜର ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍ କରି ଅନ୍ୟମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛନ୍ତି। ପରେ ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ସମସ୍ତ କର୍ପୋରେଟରଙ୍କର ଭୋଟର ପରିଚୟପତ୍ର ସହ ଆଧାର ଲିଙ୍କ୍ କରାଯାଇଥିଲା। ପରବର୍ତ୍ତୀ ସମୟରେ କର୍ପୋରେଟରମାନେ ନିଜ ୱାର୍ଡର ଜନସାଧାରଣଙ୍କୁ ଏହି ସୁବିଧା ଯୋଗାଇବାରେ ସହାୟକ ହୋଇପାରିବେ। ଉପ ଆୟୁକ୍ତ ଅମିୟ ପଣ୍ଡା ଏହି କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ।

# ଏଥର ୧୦୦ ଏକର ଜାଗାରେ ହେବ ବାଲିଯାତ୍ରା

**ଖୋଲାଯିବ ୧୬୦୦ ଷ୍ଟଲ**

କଟକ ଅଫିସ, ୨୦।୮



ବାଲିଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

କରୋନା ମହାମାରୀ ପରେ ଚଳିତବର୍ଷ କଟକରେ ବାଲିଯାତ୍ରା ଅନୁଷ୍ଠିତ ହେବ। ପୂର୍ବ ବର୍ଷଗୁଡିକ ଅପେକ୍ଷା ଚଳିତବର୍ଷ ଏହାର ପରିସୀମା ବୃଦ୍ଧି କରାଯିବ। ଯାନବାହନ ରହଣୀସ୍ଥଳ ସମେତ ମୋଟ୍ ୧୦୦ ଏକର ଜାଗାରେ ବାଲିଯାତ୍ରା ହେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ୧୬୦୦ ଷ୍ଟଲ ଖୋଲାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଶନିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବାଲିଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚୟନୀ ଯୋଗଦେଇ କହିଥିଲେ, ବାଲିଯାତ୍ରାରେ ଖର୍ଚ୍ଚ ହେବାକୁ ଥିବା ଅନୁଦାନ ରାଶି ବୃଦ୍ଧି ପାଇଁ ସଂସ୍କୃତି ବିଭାଗ ପ୍ରସ୍ତାବ ଦିଆଯିବ। ବାଲିଯାତ୍ରା ତଳପଡିଆରେ ଗଣକବି ବୈଷ୍ଣବ ପାଣି ମଞ୍ଚ ସହ ଆଉ ଏକ ମଞ୍ଚ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିରେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡ଼ିଏ) ଅଧ୍ୟକ୍ଷ ଅନିଲ ସାମଲ ଅଧ୍ୟକ୍ଷତା କରି କହିଥିଲେ, ବାଲିଯାତ୍ରା ପାଇଁ ରାସ୍ତାଘାଟ ନିର୍ମାଣ, ମଞ୍ଚ ପ୍ରସ୍ତୁତି ପୂର୍ତ୍ତ ବିଭାଗ ଦ୍ୱାରା କରାଯିବ। ସେହିପରି ଜଳ ଯୋଗାଣ ପାଇଁ ଆବଶ୍ୟକ ପାଇପ ଲାଇନ ବିଛାଇବା ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ ନିର୍ବାହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଥିଲେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ବାଲିଯାତ୍ରା ପାଇଁ ଆବଶ୍ୟକ ହେଉଥିବା ପାଣ୍ଠି ଯୋଗାଣ ବାବଦରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି କହିଥିଲେ। ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଥିଲେ, ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର କଳାକାରମାନଙ୍କୁ ନିମନ୍ତ୍ରଣ କରାଯିବ। ବାଲିଯାତ୍ରା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ଯୋଗଦେଇ ପରିମଳ ଓ ସଫେଇ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ, ଆଲୋକୀକରଣ ଦାୟିତ୍ୱ ସିଏମ୍‌ସି ନିର୍ବାହ କରିବ ବୋଲି କହିଥିଲେ। ଡିସିପି ପିନାକ ମିଶ୍ର କହିଥିଲେ, ଆଇନଶୃଙ୍ଖଳା, ସହରରେ ଯାନବାହନ ନିୟନ୍ତ୍ରଣ, ବାଲିଯାତ୍ରା ପଡିଆରେ ଭିଡ ନିୟନ୍ତ୍ରଣ ବ୍ୟବସ୍ଥା କମିଶନରେଟ୍ ପୋଲିସ ପକ୍ଷରୁ ସୁଚାରୁରୂପେ କରାଯିବ। ବାଲିଯାତ୍ରାରେ ବିଦ୍ୟୁତ୍ ଖୁଣ୍ଟ ବସାଇବା ଓ ଲାଇନ୍ ଯୋଗାଇବା ପାଇଁ ପ୍ରାୟ ୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଥିବା ଟାଟା ପାୱାର କମ୍ପାନୀ ପକ୍ଷରୁ କହାଯାଇଛି। ସେହିପରି ପାଣି ପାଇଁ ପ୍ରାୟ ୧.୫ କୋଟି ଖର୍ଚ୍ଚ କରାଯିବ ବୋଲି ୱାଟ୍‌କୋ କର୍ତ୍ତୃପକ୍ଷ ବୈଠକରେ ମତପ୍ରକାଶ କରିଥିଲେ। ଚଳିତବର୍ଷ ବାଲିଯାତ୍ରା କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ଅମ୍ବର କୁମାର କରଙ୍କୁ ନୋଡାଲ ଅଧିକାରୀ ଭାବେ ଚୟନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ପୂର୍ଣ୍ଣଚନ୍ଦ୍ର ମିଶ୍ର, କଟକ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବୋଟ୍ କ୍ଲବଠାରୁ ବାଲିଯାତ୍ରା ପଡ଼ିଆ ଚାଲିବ ବୋଟ୍

ସିଲଭର ସିଟି ବୋଟ୍ କ୍ଲବ ନିକଟରୁ ବାଲିଯାତ୍ରା ପଡିଆକୁ ଆସିବା ପାଇଁ ସ୍ୱତନ୍ତ୍ର ବୋଟ୍ ବ୍ୟବସ୍ଥା କରାଯିବ। ଏଥିପାଇଁ ବୋଟ୍ କ୍ଲବ ନିକଟରେ ସ୍ୱତନ୍ତ୍ର ଜେଟି ବ୍ୟବସ୍ଥା କରାଯିବ। ଲୋକମାନେ ବୋଟ୍ କ୍ଲବରେ ଗାଡି ରଖି ବୋଟ୍‌ରେ ବସି ବାଲିଯାତ୍ରା ପଡିଆରେ ପହଞ୍ଚିବେ। ଏଥିପାଇଁ ୫୦ ସିଟ୍ ବିଶିଷ୍ଟ ଏସି ବୋଟ୍, ଲକ୍ଜୁରି ବୋଟ୍ ରହିବ। ଏଥିସହ ଲୋକମାନେ ଭାସମାନ ରେଷ୍ଟୁରାଣ୍ଟରେ ବସି ସୁନ୍ଦର ଦୃଶ୍ୟ ଉପଭୋଗ କରିପାରିବେ। ସିଲଭରସିଟିକୁ ସଂଯୋଗ କରୁଥିବା ରାସ୍ତା ମରାମତି ପରେ ସେଠାରେ କ୍ୟାମ୍ପିଂ ବ୍ୟବସ୍ଥା ପାଇଁ ଯୋଜନା ରହିଛି । ଉକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଲୋକୀକରଣ କରାଯିବ ବୋଲି ବୋଟ୍ କ୍ଲବ ପକ୍ଷରୁ କମଲ ଦେ କହିଛନ୍ତି।

### କମିଟି ମାଧ୍ୟମରେ ଜାଗା ଆବଣ୍ଟନ କରାଯିବ

ଆସନ୍ତା ନଭେମ୍ବର ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ। ବାଲିଯାତ୍ରାରେ ଏକ କମିଟି ମାଧ୍ୟମରେ ବ୍ୟବସାୟିକ ଅନୁଷ୍ଠାନ, ବିଭିନ୍ନ ବେସରକାରୀ ଓ ସରକାରୀ ପ୍ରତିଷ୍ଠାନକୁ ନିର୍ଦ୍ଧାରିତ ମୂଲ୍ୟରେ ଷ୍ଟଲ ନିର୍ମାଣ ପାଇଁ ଜାଗା ଆବଣ୍ଟନ କରାଯିବ ।

## ବ୍ୟାଟେରି ଚୋରି, ୨ ଗିରଫ

କଟକ ଅଫିସ,୨୦।୮

ରେଲୱେ ବ୍ୟାଟେରି ଚୋରି ଅଭିଯୋଗରେ କଟକ ରେଳ ସୁରକ୍ଷା ବଳ(ଆର୍‌ପିଏଫ୍) ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିକୁଦା ଅଞ୍ଚଳର ହାଡ଼ିଆ ବେହେରା ଓ ଉତ୍ତର ପ୍ରଦେଶର ମହେନ୍ଦ୍ର ବିନ୍ଦୋ। ସେମାନଙ୍କଠାରୁ ୩ଟି ବ୍ୟାଟେରି ଜବତ କରାଯାଇଛି। ମହେନ୍ଦ୍ର ନୟାବଜାର ଅଞ୍ଚଳରେ ରହି କବାଡ଼ିଆ ଦୋକାନ କରିଛନ୍ତି। ଆଇଆଇସି ଅନିଲ କୁମାର ସିଂହଙ୍କ କହିବାନୁଯାୟୀ, ବାଲିକୁଦା ଷ୍ଟେଶନ ଅଞ୍ଚଳରୁ ଶୁକ୍ରବାର କେହି ଦୁର୍ବୃତ୍ତ ୩ଟି ବ୍ୟାଟେରି ଚୋରି କରିଥିବା ସମ୍ପର୍କରେ କଟକ ଆର୍‌ପିଏଫ୍‌କୁ ସୂଚନା ମିଳିଥିଲା। ଏହାଦ୍ୱାରା ରେଳ ଚଳାଚଳ ପ୍ରଭାବିତ ହେବା ଆଶଙ୍କା ଥିବାରୁ ଆର୍‌ପିଏଫ୍ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ହାଡ଼ିଆ ବ୍ୟାଟେରି ଚୋରି କରି ସେହି ରାତିରେ ମହେନ୍ଦ୍ରଙ୍କୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ଖବରପାଇ ଆର୍‌ପିଏଫ୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ କାବୁ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୦/୨୨)ରୁଜୁହୋଇଛି।


ପୋଲିସ ମୁଖ୍ୟାଳୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍. କେ. ଶର୍ମା ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥପାଠ କରାଉଛନ୍ତି।

## ସଦ୍‌ଭାବନା ଦିବସରେ ଶପଥ ପାଠ

କଟକ ଅଫିସ,୨୦।୮

ଜାତୀୟ ସଦ୍‌ଭାବନା ଦିବସ ଅବସରରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶପଥ ପାଠ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଅଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ଆର୍. କେ. ଶର୍ମା ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଦ୍‌ଭାବନା ଶପଥ ପାଠ କରାଇଥିଲେ। ପୋଲିସ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଜାତି, ଧର୍ମ, ଭାଷା ଓ ଅଞ୍ଚଳ ନିର୍ବିଶେଷରେ ଦେଶରେ ସଦ୍‌ଭାବ ଏବଂ ଭାବନାତ୍ମକ ଏକତା ନିମନ୍ତେ କାର୍ଯ୍ୟ କରିବେ ଓ ନିଜ ନିଜ ମଧ୍ୟରେ ଥିବା ମତଭେଦକୁ ଆପୋସ ଆଲୋଚନା, ଅହିଂସା ତଥା ସାମ୍ବିଧାନିକ ବିଧିବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବାକୁ ଶପଥ କରିଥିଲେ। ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାର, ଏଆଇଜି (ପ୍ରୋଭିଜନିଂ) ଅଶୋକ କୁମାର ମହାନ୍ତି, ଏଆଇଜି (ପର୍ସୋନେଲ) ପ୍ରିୟ ରଞ୍ଜନ ଶତପଥୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପଙ୍କଜ କୁମାର ନାୟକ, ସୁବେଦାର ଅଶୋକ କୁମାର ବେହେରାଙ୍କ ସମେତ ସମସ୍ତ ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ।

## ବେଆଇନ ଇ-ଟିକେଟ୍ ବୁକିଂ, ୨ କୋର୍ଟ ଚାଲାଣ

କଟକ ଅଫିସ,୨୦।୮

ରେଲୱେ ରିଜର୍ଭେଶନରେ ବେଆଇନ ଭାବେ ତତ୍କାଳ ଇ-ଟିକେଟ ବୁକିଂ ମାମଲାରେ ଶନିବାର ରେଳ ସୁରକ୍ଷା ବଳ ଦ୍ୱାରା ୨ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା କୃଷ୍ଣାନନ୍ଦପୁର ଅଞ୍ଚଳର ଇସରାକ୍ ଅଲି ଖାନ୍ (୩୩) ଓ ସେକ୍ ମିନ୍ହାଜ୍। ସେମାନଙ୍କଠାରୁ ୩ଟି ମୋବାଇଲ୍, ଗୋଟିଏ କମ୍ପ୍ୟୁଟର,

**୩ ମୋବାଇଲ, କମ୍ପ୍ୟୁଟର, ୩୫ ଇ-ଟିକେଟ ଜବତ**

ସିପିୟୁ, ହାର୍ଡଡିସ୍କ, ୬୦ ହଜାର ଟଙ୍କାର ୩୫ଟି ରେଲୱେ ରିଜର୍ଭେଶନ ଇ-ଟିକେଟ ଆଦି ଜବତ କରାଯାଇଛି। ଅଭିଯୁକ୍ତ ଦ୍ୱୟ ବେଆଇନ ଭାବେ ମିଥ୍ୟା ପର୍ସନାଲ ଆଇଡି ଖୋଲି ତାହା ମାଧ୍ୟମରେ ରେଲୱେ ରିଜର୍ଭେଶନ ତତ୍କାଳ ଇ-ଟିକେଟ କରୁଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ରେଲୱେର ଭୁବନେଶ୍ୱର ସାଇବର ସେଲ୍ ଓ ଡିଭିଜନାଲ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ରେଳ ସୁରକ୍ଷା ବଳର କର୍ମଚାରୀମାନେ ସାଲେପୁର ଓ କୃଷ୍ଣାନନ୍ଦପୁରର ଏକ ଟ୍ରାଭେଲ ଏଜେନ୍ସି ଉପରେ ଚଢ଼ାଉ କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ ପଚରାଉଚୁରା କରାଯାଇଥିଲା। ସେମାନେ ବେଆଇନ ଭାବେ ମିଥ୍ୟା ପର୍ସନାଲ ଆଇଡି ଖୋଲି ତତ୍କାଳ ଇ-ଟିକେଟ ବୁକିଂ କରୁଥିଲେ ଏବଂ ସେଗୁଡ଼ିକୁ ବାହାର ଲୋକଙ୍କୁ ଯୋଗାଇ ଅର୍ଥ ଉପାର୍ଜନ କରୁଥିବା ସ୍ୱୀକାର କରିଥିଲେ।

## ଖୁବ୍‌ଶୀଘ୍ର ୬ ଲେନ୍ ରିଂରୋଡ୍ କାର୍ଯ୍ୟ ଆରମ୍ଭ

**ବସ୍ ଟର୍ମିନାଲ କାର୍ଯ୍ୟର ସମୀକ୍ଷା କଲେ ସିଏମ୍‌ସି ମେୟର, କମିଶନର**


ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓନ କଲ୍ୟାଣ ଶନିବାର ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରୁଛନ୍ତି।

କଟକ ଅଫିସ, ୨୦।୮

ରିଂ ରୋଡ୍ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏହି ରିଂରୋଡ୍ ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଉଚ୍ଛେଦ କାର୍ଯ୍ୟକୁ ଶେଷ କରି ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା, କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦିଆଯିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। ଶନିବାର ମେୟର ଓ କମିଶନର ନିଖିଲ ପଓନ କଲ୍ୟାଣ ଖାନ୍‌ନଗରଠାରେ ନିର୍ମାଣାଧୀନ ନେତାଜୀ ବସ୍ ଟର୍ମିନାଲ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମୋଟ୍ ୧୭ ଏକର ଜାଗାରୁ ୨ ଏକର ମାର୍କେଟ କମ୍ପ୍ଲେକ୍ସ ପାଇଁ ରଖାଯାଇଛି । ଅବଶିଷ୍ଟ ୧୫ ଏକର ଜାଗାରେ ବସ୍ ଟର୍ମିନାଲ କାର୍ଯ୍ୟ ଜାରି ରହିଛି। ଏଠାରେ ସରକାର ଓ ବେସରକାରୀ ବସ୍ ରହିବା ପାଇଁ ବ୍ୟବସ୍ଥା ହୋଇଛି। ଏଥିସହ ଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳ, ପାନୀୟଜଳ ଓ ଅତ୍ୟାଧୁନିକ ଶୌଚାଳୟ ବ୍ୟବସ୍ଥା ରହିଛି। ଆସନ୍ତା ୨୦୨୩ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ଧାର୍ଯ୍ୟ ହୋଇଛି। ଏହି ପରିଦର୍ଶନବେଳେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ଡେପୁଟି କମିଶନର ଅଜୟ ମହାନ୍ତି, ଇଂ. ମାନସ ସେଠୀ, ତାପସ ଦାସ, ଆଶିଷ ଦାସ, ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୁଲିଆ, କର୍ପୋରେଟର ପ୍ରଦୀପ କିଶୋର ଖୁଣ୍ଟିଆ, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ମିଳନୀରେ ମଧୁମେହ ନିରାକରଣ ସମ୍ପର୍କରେ ଆଲୋଚନା

କଟକ ଅଫିସ,୨୦।୮

ରିସର୍ଚ୍ଚ ସୋସାଇଟି ଫର ଦ ଷ୍ଟଡି ଅଫ୍ ଡାଇବେଟିସ୍ ଇନ୍ ଇଣ୍ଡିଆ(ଆର୍‌ଏସ୍‌ଏସ୍‌ଡିଆଇ) ଓଡ଼ିଶା ଚାପ୍ଟରର ଦୁଇଦିନିଆ ଦଶମ ବାର୍ଷିକ ସମ୍ମିଳନୀ କଟକ ଚହଟାସ୍ଥିତ ପ୍ରମୋଦ କନ୍‌ଭେନ୍‌ସନ ସମ୍ମିଳନୀ କକ୍ଷରେ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନୁଷ୍ଠାନର ଜାତୀୟ ସଭାପତି ଡା. ସିଏଚ୍ ବସନ୍ତ କୁମାର ଓ ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମଧୁମେହ ଗବେଷକ ପଦ୍ମଶ୍ରୀ ଡା. ଭି. ମୋହନ ଯୋଗଦେଇଥିଲେ। ମଧୁମେହ ଚିକିତ୍ସା କ୍ଷେତ୍ରରେ ନିଜର ଜ୍ଞାନ ଓ ଦକ୍ଷତାକୁ ବଢ଼ାଇବା ଦିଗରେ ଉତ୍ସୁକ ହୋଇ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଡାକ୍ତର ସମ୍ମିଳନୀରେ ଯୋଗଦେଇଥିଲେ। ଏଥିରେ ଜାତୀୟ ଓ ରାଜ୍ୟସ୍ତରର ମଧୁମେହ ବିଶେଷଜ୍ଞ ଏବଂ ଗବେଷକମାନେ ଯୋଗଦେଇ ନିଜର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀକୁ ଉପସ୍ଥାପନ କରିଛନ୍ତି। ମଧୁମେହ ଚିକିତ୍ସା ଓ ନିରାକରଣ ଦିଗରେ ନୂତନ ପଦ୍ଧତି ଓ ତଥ୍ୟଗୁଡ଼ିକ ସମ୍ପର୍କରେ ଆଲୋଚନା ହୋଇଥିଲା। ଓଡ଼ିଶା ରାଜ୍ୟ ଚାପ୍ଟର ଡା. ଶିଶିର ମହାପାତ୍ର, ସଂଗଠନ ସମ୍ପାଦକ ଡା. ସନ୍ଦୀପ ଦେବାଶିଷ ମିଶ୍ର, ଡା. କାଶିନାଥ ପଡ଼ିଆରୀ, ଡା. ଜୟନ୍ତ ପଣ୍ଡା, ଅର୍ଗାନାଇଜିଂ ଚେୟାରମ୍ୟାନ ଡା. ପି. କେ. ମିଶ୍ର ଓ ପାଟ୍ରୋନ୍ ଡା. ସିଦ୍ଧାର୍ଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଏମ୍‌ସି ମୋବାଇଲ ଆପ୍‌ରେ ମିଳିବ ସବୁ ସୁବିଧା

କଟକ ଅଫିସ,୨୦।୮

**ସ୍ୱାୟତ୍ତ ଶାସନ ଦିବସରେ ହେବ ଲୋକାର୍ପଣ**

ସହରବାସୀଙ୍କ ପାଇଁ ଖୁସି ଖବର। ଏଣିକି ଗୋଟିଏ କ୍ଲିକ୍‌ରେ କଟକ ମହାନଗର ନିଗମ(ସିଏମ୍‌ସି)ର ସମସ୍ତ ସୁବିଧା ମିଳିବ। ସହରବାସୀଙ୍କୁ ଉନ୍ନତମାନର ସେବା ଯୋଗାଇ ଦେବା ପାଇଁ ସିଏମ୍‌ସି ପକ୍ଷରୁ ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ସ୍ୱତନ୍ତ୍ର ମୋବାଇଲ ଆପ୍ ଲୋକାର୍ପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଲୋକମାନେ ଘରେ ବସି ଏହି ଆପ୍ ସାହାଯ୍ୟରେ ସିଏମ୍‌ସିର କଲ୍ୟାଣମଣ୍ଡପ ବୁକିଂ କରିପାରିବେ। ଏଥିସହ କେଉଁ ଦିନ ମଣ୍ଡପ ବୁକିଂ ଅଛି ତାହା ମଧ୍ୟ ଉକ୍ତ ଆପ୍ ଜରିଆରେ ଜାଣିହେବ। ସେହିପରି ଜନ୍ମମୃତ୍ୟୁ ପଞ୍ଜୀକରଣ, ହୋଲ୍ଡିଂ ଟ୍ୟାକ୍ସ, ସହରର ଦର୍ଶନୀୟ ସ୍ଥାନ, ସିଏମ୍‌ସି ପକ୍ଷରୁ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ, ଜରୁରିକାଳୀନ ସତର୍କତା, ସର୍ବସାଧାରଣଙ୍କ ପାଇଁ ପରିବହନ ବ୍ୟବସ୍ଥା, ପାଣିଟାଙ୍କି ବୁକିଂ ଭଳି ଅନେକ ବ୍ୟବସ୍ଥା ଏହି ଆପ୍‌ରେ ଉପଲବ୍ଧ ରହିବ। ପୂର୍ବରୁ ଭୁବନେଶ୍ୱରରେ ଏହି ଆପ୍ ସଫଳ ଭାବେ କାର୍ଯ୍ୟ କରିଛି। ଭୁବନେଶ୍ୱରରେ ଏହାର ସଫଳତା ଦେଖି ସିଏମ୍‌ସି ଏଭଳି ନିଷ୍ପତ୍ତି ନେଇଛି। ପୂର୍ବରୁ ସିଏମ୍‌ସିର ୱେବ୍‌ସାଇଟ୍ ମାଧ୍ୟମରେ ଏହି କାର୍ଯ୍ୟ କରାଯାଉଥିଲା। ହେଲେ ଏହି ସେବା ପାଇବା ପାଇଁ ସାଧାରଣ ଲୋକଙ୍କୁ କମ୍ପ୍ୟୁଟରର ଆବଶ୍ୟକତା ପଡୁଥିଲା। ହେଲେ ଏହି ଆପ୍ ସାହାଯ୍ୟରେ ସହଜ ଉପାୟରେ ଗୋଟିଏ କ୍ଲିକ୍‌ରେ ସମସ୍ତ ସୁବିଧା ଲୋକଙ୍କୁ ମିଳିପାରିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି ।

## 'ଜ୍ଞାନପୀଠ ପୁରସ୍କାର ପାଇବାରେ ଗୋପୀନାଥ ଥିଲେ ପ୍ରଥମ ଓଡ଼ିଆ'



କଟକ ସାରଳା ଭବନରେ ଅନୁଷ୍ଠିତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ, ୨୦।୮

କଟକ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ ଶନିବାର ପାଳିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ମଦନ ମୋହନ ଦାସ ଉଦ୍‌ଘାଟନ କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସର୍ବଭାରତୀୟ ସ୍ତରରେ ଜ୍ଞାନପୀଠ ପୁରସ୍କାର ଓ କେନ୍ଦ୍ରସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ଗୋପୀନାଥ ଥିଲେ ପ୍ରଥମ ଓଡ଼ିଆ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେ ସାହୁ, ସମ୍ମାନିତ ବକ୍ତା ଭାବେ ସାହିତ୍ୟିକା ଡ. ଉର୍ମିଶ୍ରୀ ବେଦମାତା, ନିର୍ମାଲି ମହାନ୍ତ, କଥାଶିଳ୍ପୀ ସ୍ୱାଗତିକା ସ୍ୱାଇଁ ଯୋଗ ଦେଇଥିଲେ । ଏହି ଅବସରରେ ଗୋପୀନାଥଙ୍କ ରଚିତ ବିଦ୍ୟାପୁରୀ ପ୍ରକାଶିତ ପୁନଃମୁଦ୍ରଣ ପୁସ୍ତକ 'ପୂଜ୍ୟ ଗୋପବନ୍ଧୁ ଚୌଧୁରୀ' ଏବଂ ଅସମିଆ ଅନୁବାଦ ଗ୍ରନ୍ଥ 'ପାହୋର ହୁୱା ନାମଟୋ' ଉନ୍ମୋଚିତ ହୋଇଥିଲା। ସଂସଦର ସମ୍ପାଦକ ଡା.ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜୀତ ପଟ୍ଟନାୟକ ଅତିଥି ପରିଚୟ ଓ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ଓ ପ୍ରଶାସକ ପ୍ରସନ୍ନ ଜେନା, ଡ. ନଟବର ଶତପଥୀ, ଡା. ନିମାଇଁ ଚରଣ ପରିଜା, ସୁଦର୍ଶନ ପଟ୍ଟନାୟକ, ଜୀବାନନ୍ଦ ମିଶ୍ର, ସାହିତ୍ୟିକ କେଶବ ଚନ୍ଦ୍ର ରାଉତରାୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗୋରୁ ଗାଡ଼ି ଜବତ, ଡ୍ରାଇଭର ଫେରାର

ଟାଙ୍ଗୀ(ଖୋର୍ଦ୍ଧା),୨୦।୮(ଡି.ଏନ୍.ଏ.): ଟାଙ୍ଗୀ ଥାନା ପୋଲିସ ଶନିବାର ଏକ ଗୋରୁ ଗାଡ଼ି ଜବତ କରିଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଛନ୍ତି। ତେବେ ଗାଡ଼ିରେ ଥିବା ୪ ଗୋରୁ ଓ ୨ ଷଣ୍ଢଙ୍କୁ ପୋଲିସ ଉଦ୍ଧାର କରିଛି। ଭୂଷଣ୍ଡପୁର ଅଞ୍ଚଳରୁ ଏକ ଗାଡ଼ି (ଓଡି ୦୨ଡବ୍ଲ୍ୟୁ ୯୩୫୨)ରେ ଗୋଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଖବରପାଇ ପୋଲିସ ଉକ୍ତ ଗାଡ଼ିର ପିଛା କରୁଥିବା ବେଳେ ଚାଳକ ଜଣଙ୍କ ରାସ୍ତାପାର୍ଶ୍ୱରେ ଗାଡ଼ି ରଖି ପଳାଇଥିଲେ। ପରେ ପୋଲିସ ଗାଡ଼ି ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୪୪୦/୨୨)ରୁଜୁ ହୋଇଥିବା ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ କହିଛନ୍ତି।

### ବାଇକ୍ ଚୋର ଗିରଫ

ଜଟଣୀ,୨୦।୮(ଡି.ଏନ୍.ଏ.): ବାଇକ୍ ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ ବାଲିଛକ ମୁଣ୍ଡିଆ ସାହି ଅଞ୍ଚଳର ବାବୁ ଓରଫ ଏସ୍.କେ. ସାହାବୁଦ୍ଦିନ(୩୫)। ତାଙ୍କ ନିକଟରୁ ଏକ ଚୋରି ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୮୯/୨୨) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ଗତ ୧୪ ତାରିଖରେ ବାଲିଛକ ମୁଣ୍ଡିଆସାହି ଅଞ୍ଚଳରେ ରହୁଥିବା ଏମ୍‌ଡି. ମାସୁମ ଖାନ୍ ରାଜାବଜାରସ୍ଥିତ ଟ୍ୟୁଟୋରିଆଲ ବାହାରେ ବାଇକ୍ ରଖି କ୍ଲାସ୍ ନେବାକୁ ଯାଇଥିଲେ। କ୍ଲାସ୍ ସାରି ଆସି ଦେଖିବା ବେଳକୁ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ବାଲ୍ୟବିବାହ ରୋକିବାକୁ ଗଡ଼ିଲା ସଚେତନତା ରଥ

କୃଷ୍ଣପ୍ରସାଦ,୨୦।୮(ଡି.ଏନ୍.ଏ.): ବାଲ୍ୟବିବାହକୁ ନା, ସ୍କୁଲ ଯିବାକୁ ହଁ କହିବା। ବାଲ୍ୟବିବାହ ବନ୍ଦ କରିବା, ଲିଙ୍ଗଗତ ଭେଦଭାବ ଦୂର କରିବା ଏଭଳି ବାର୍ତ୍ତା ନେଇ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଶନିବାର ଏହି ରଥ କୃଷ୍ଣପ୍ରସାଦ ବ୍ଲକର ଅରଖକୁଦା ପଞ୍ଚାୟତଠାରେ ପହଞ୍ଚିଥିଲା। ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ମନୋରମା ଦେବୀ, ଜିଲା ବାଲ୍ୟବିବାହ ସଂଯୋଜିକା ସୁମିତାରାଣୀ ଘୋଷ ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ରଥ ଅରଖକୁଦା, ସାତପଡ଼ା, ପଣସପଦା, ମାଣିକା, ପିରିଜିପୁର ଅଧୀନ ଗ୍ରାମଗୁଡ଼ିକ ପରିକ୍ରମା କରିଥିଲା। ସିଡିପିଓ ମନୋରମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକୁଳସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ



ଜଟଣୀ,୨୦।୮(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଅନୁଷ୍ଠିତ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି ମେଳାର ଉଦ୍‌ଯାପନୀ ଦିବସରେ କ୍ରିପଟନ ଯୁକ୍ତ ଦୁଇ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଡ. ରେବେକ୍କା ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମନ୍ଦିର ସଭାପତି ପ୍ରସନ୍ନ କୁମାର ରଥ, ପ୍ରାଧାପକ ନୀଳକଣ୍ଠ ଦାଶ ଯୋଗ ଦେଇଥିଲେ। ମାନସ ରଞ୍ଜନ ଜେନା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ କାର୍ତ୍ତିକ ବାରିକ ବିବରଣୀ ପାଠ କରିଥିଲେ। ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ବିଜ୍ଞାନ ମେଳାରେ ୨୧୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଭାବେ ବିଜୟାନନ୍ଦ ପଟ୍ଟନାୟକ, ଅମ୍ବିକା ପଟ୍ଟନାୟକ, ଆଶିଷ କୁମାର ପଣ୍ଡା, ଅଜୟ ବରାଡ଼, ଅଦ୍ୱୈତ ବଳିୟାରସିଂ, ନିରୋଦ ଦାଶ, ଅବିନାଶ ପଟ୍ଟନାୟକ, ଶାନ୍ତନୁ ପଟ୍ଟନାୟକ, ବିଶ୍ୱନାଥ ସାହୁ, ସ୍ୱସ୍ତିଦା ପାଲ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବନ୍ୟାବିପନ୍ନଙ୍କ ଦୁର୍ଦ୍ଦଶା ଥମୁନି



ଖୋର୍ଦ୍ଧା ବ୍ଲକ୍‌ର ଏକ ଗ୍ରାମରେ ବନ୍ୟାପାଣି ଜମିରହିଛି।




ଜନ ପ୍ରତିନିଧି ଓ ଅନ୍ୟମାନେ ବୋଟ୍‌ରେ ବନ୍ୟାଞ୍ଚଳ ଗସ୍ତ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୨୦।୮

ମହାନଦୀର ଶାଖା ଓ ଉପନଦୀରେ ଜଳସ୍ତର ବୃଦ୍ଧି ପାଇବାରୁ ଖୋର୍ଦ୍ଧା ଜିଲାର ୫ଟି ବ୍ଲକ ପ୍ରଭାବିତ ହୋଇଛି। ତେବେ ଜଟଣୀ ବ୍ଲକ ତିରିମଲ ଠାରେ ରାଜୁଆ ନଦୀରେ ଶହେ ଫୁଟର ଘାଇ ଯୋଗୁ ଖୋର୍ଦ୍ଧା ବ୍ଲକର ନରଣଗଡ, ଓବରସିଂହ ଓ ବ୍ରଜମୋହନପୁର ପଞ୍ଚାୟତବାସୀଙ୍କ ଦୁର୍ଦ୍ଦଶା ବଢ଼ାଇଛି। ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ମାନପୁର,ବଳପୁର, ଧବଳପୁର, ଓରମୀ ଆଦି ଗ୍ରାମରେ ଏବେବି ବନ୍ୟାଜଳ ଲହଡି ମାରୁଛି। ସପ୍ତାହ ହେଲାଣି ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏକର ଏକର ଚାଷ ଜମି ପାଣିରେ ବୁଡ଼ି ରହିଛି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଅନ୍ୟପଟେ ବନ୍ୟାଜଳରେ ହିଂସ୍ରଜନ୍ତୁଙ୍କ ପାଦୁର୍ଭାବ ବଢିଛି। ଘର ଭିତରକୁ ବେଙ୍ଗ, ସାପ ପଶି ଆସୁଛନ୍ତି। ଏପରିକି ଅଳିଆ, ଆବର୍ଜନା ମଧ୍ୟ ଭାସି ଆସୁଛି। ଫଳରେ ଘରେ ରହି ହେଉନି ବୋଲି କେତେଜଣ ଗ୍ରାମବାସୀ କହିଛନ୍ତି। ଜମି ଓ ରାସ୍ତା ଏକାକାର ହୋଇଯାଇଛି ବୋଲି ଡିହଖଳାର ପରମାନନ୍ଦ ଛୋଟରାୟ କହିଛନ୍ତି। ଶରଧାପୁରରେ ୪ ଫୁଟ ଉଚ୍ଚର ପାଣି ଲହଡି ମାରୁଛି। ଫଳରେ ଗ୍ରାମବାସୀ ଛାତ ଉପରେ ରହିଛନ୍ତି।

## ରିଲିଫ ଖାଦ୍ୟ ଖାଇ ରହିଛୁ

ମାନପୁର ଗ୍ରାମର ବ୍ରଜ ପ୍ରଧାନ କୁହନ୍ତି, ଘର ଚାରିପଟେ ପାଣି ଜମି ରହିଛି। ସପ୍ତାହ ହେଲାଣି ଘରେ ଚୂଲି ଜଳିନି। ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରନ୍ଧା ଖାଦ୍ୟ ଖାଇ ରହିଛୁ। ସେହିପରି ଧବଳପୁର ଜଣେ ମହିଳା କୁହନ୍ତି, ଘରେ ପିଲାଛୁଆ, ବୃଦ୍ଧ ମା'ବାପା ଅଛନ୍ତି। ସେମାନେ କ'ଣ ଖାଇବେ ରାତି ପାହିଲେ ଚିନ୍ତା ଘାରୁଛି।

## ଚାଲିଛି ପ୍ରାଣୀ ସମ୍ପଦଙ୍କ ଚିକିତ୍ସା

ବନ୍ୟାରେ ବିଶେଷକରି ଗୋସମ୍ପଦ ପ୍ରଭାବିତ ହୋଇଛନ୍ତି। ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ବନ୍ୟା ପ୍ରଭାବିତ ଗ୍ରାମରେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ଆରମ୍ଭ ହୋଇଛି। ଡା. ପ୍ରଜ୍ଞାମିତା ହରିଚନ୍ଦନଙ୍କ ନେତୃତ୍ୱରେ ଏକ ଟିମ୍ ବନ୍ୟାଘେରରେ ରହିଥିବା ଗ୍ରାମ ଗସ୍ତ କରି ଗୋରୁଗାଈଙ୍କ ଚିକିତ୍ସା କରୁଛନ୍ତି। ଅନ୍ୟପଟେ ଗୋରୁଗାଈଙ୍କ ପାଇଁ ପ୍ରଶାସନ ପକ୍ଷରୁ ଗୋ ଖାଦ୍ୟ ଯୋଗାଇ ଦିଆଯାଉଛି।

## ପାଣି ଘେରରେ ୭୩ ଗାଁ

ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କୁହନ୍ତି, ଜିଲାରେ ବନ୍ୟା ପରିସ୍ଥିତି ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲାର ୫ଟି ବ୍ଲକର ୨୨ଟି ପଞ୍ଚାୟତର ୭୩ଟି ଗାଁ ପାଣି ଘେରରେ ରହିଥିବା ବେଳେ ୩୯,୮୨୩ଜଣ ଗ୍ରାମବାସୀ ପ୍ରଭାବିତ ହୋଇଛନ୍ତି। ୨୪ ଟି ଆଶ୍ରୟସ୍ଥଳୀରେ ୯୮୫୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ୫୬ଟି ସ୍ଥାନରେ ଫ୍ରି କିଚେନ କରାଯାଇଛି। ପ୍ରାଣୀଧନ ବିଭାଗ ପକ୍ଷରୁ ଭ୍ରାମ୍ୟମାଣ ଚିକିତ୍ସା ଚାଲିଛି। ବନ୍ୟା ବିପନ୍ନ ଅଞ୍ଚଳରେ ପର୍ଯ୍ୟାପ୍ତ ମାତ୍ରାରେ ଗୋଖାଦ୍ୟ ଦିଆଯାଇଛି। ଲୋକଙ୍କ ଚିକିତ୍ସା ଲାଗି ଅସ୍ଥାୟୀ ମେଡିକାଲ ଟିମ୍ ରହିଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଲୋକଙ୍କ ଯାତାୟାତ ଲାଗି ବୋଟର ବ୍ୟବସ୍ଥା କରାଯାଇଛି।

## ସ୍ଥିତି ପରଖିଲେ ଜନପ୍ରତିନିଧି

ରାଜୁଆ ନଦୀରେ ବନ୍ୟାଜଳ ପ୍ରଭାବିତ ହୋଇ ଖୋର୍ଦ୍ଧା ବ୍ଲକର ୩ ପଞ୍ଚାୟତ ଓରବରସିଂ ପଞ୍ଚାୟତର ହିରିମୂଳ ଓ ନରଣଗଡର ୧୫ଖଣ୍ଡ ଗ୍ରାମ ସମେତ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୂଷଣ୍ଡପୁର ଗ୍ରାମପଞ୍ଚାୟତର ଭୂଷଣ୍ଡପୁର ଶାସନ ମଙ୍ଗଳା ସାହି ଲୋକେ ବନ୍ୟାଜଳ ଘେରରେ ରହିଛନ୍ତି। ଶନିବାର ବନ୍ୟା ପ୍ଲାବିତ ଗାଁ ଗୁଡିକରେ ଜନ ପ୍ରତିନିଧିମାନେ ବୁଲି ସ୍ଥିତି ପରଖିବା ସହ ରିଲିଫ ବଣ୍ଟନ କରିଥିଲେ। ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ରିସ୍ମା ମାନ୍ଧାତା, ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ପାତ୍ର, ଜିଲାପରିଷଦ ସଭ୍ୟ ବିଜୟ ପାଲଟାସିଂ, ଅନୁଷୟା ବେହେରାଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ୨୫ କେଜି ଗଞ୍ଜେଇ ଜବତ, ଯୁବକ ଗିରଫ

ଖୋର୍ଦ୍ଧା ଅଫିସ,୨୦।୮

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର ପରେ ଗଞ୍ଜେଇ କାରବାର ବଢ଼ିଚାଲିଛି। ଗଜପତି, କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଜାତୀୟ ରାଜପଥ ଦେଇ ଖୋର୍ଦ୍ଧାରେ ପହଞ୍ଚୁଛି। ଏଠାରୁ ବିଭିନ୍ନ ଗ୍ରାମାଞ୍ଚଳ ଏବଂ ଆଖପାଖ ଅଞ୍ଚଳକୁ ପଠାଯାଉଛି। ଶନିବାର ମଧ୍ୟାହ୍ନରେ ଖୋର୍ଦ୍ଧା ପୋଲିସ ୨୫ କେଜି ୨ଶହ ଗ୍ରାମ୍ ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦ୍ରପଡ଼ା ଜିଲା ପାଟକୁରା ଥାନା ଅଧୀନ ତାଲକୁସୁମା ଅଞ୍ଚଳର ଅଭିଷେକ ବେଉରା। ଅଭିଯୁକ୍ତଙ୍କଠାରୁ ଏକ ବାଇକ୍ (ଓଡି୦୫ ଏଏମ୍ ୫୬୧୭) ଜବତ ହୋଇଛି। ସୂଚନା ମୁତାବକ, ଜାତୀୟ ରାଜପଥରେ ଅଭିଷେକ ବାଇକ୍‌ରେ ଏକ ପ୍ଲାଷ୍ଟିକ ଜରି ବ୍ୟାଗ୍‌ରେ ଗଞ୍ଜେଇ ଧରି ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ସୁଶୀଲ ମିଶ୍ର, ଟାଉନ ଥାନାଧିକାରୀ ତଥା ଡିଏସ୍‌ପି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ରାଜପଥରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଏହି ଚଢ଼ାଉରେ ଏସ୍‌ଆଇ ଅଞ୍ଜଳି ମଲିକ, ସସ୍ମିତା ବେହେରା, ଏଏସ୍‌ଆଇ ଅକ୍ଷୟ ସେଠୀ, କନଷ୍ଟେବଲ ଏସ୍‌କେ ସାମନ୍ତସିଂହାର, ଏସ୍.ବଳିୟାରସିଂ, ଆର.କେ. ଦାସ ପ୍ରମୁଖ ସାମିଲ ଥିଲେ। ପ୍ରକାଶ ଯେ, ଶୁକ୍ରବାର ଖୋର୍ଦ୍ଧା ଟାଉନ ପୋଲିସ ବେଆଇନ ଭାବେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ରଖି ବେପାର କରୁଥିବା ଅଭିଯୋଗକ୍ରମେ ଗୁରୁଜଙ୍ଗର ସଞ୍ଜୟ କୁମାର ଜେନାଙ୍କୁ ଗିରଫ କରିଥିଲା।



କୃଷ୍ଣପ୍ରସାଦ: ବାଲ୍ୟ ବିବାହ ରୋକିବା ନେଇ ଶନିବାର ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ ଶପଥ ଗ୍ରହଣ କରୁଛନ୍ତି।

## ଶ୍ମଶାନରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଭୁବନେଶ୍ୱର(ବ୍ୟୁରୋ),୨୦।୮

ଚନ୍ଦକା ଥାନା ଅନ୍ତର୍ଗତ ଗିରିଙ୍ଗାପୁଟ ଶ୍ମଶାନ ନିକଟରୁ ଶନିବାର ସକାଳେ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ସେହିବାଟ ଦେଇ ଯାଉଥିବାବେଳେ ଶିଶୁପୁତ୍ର କାନ୍ଦୁଥିବା ଦେଖି ତାକୁ ଉଦ୍ଧାର କରି ଚନ୍ଦକା ଥାନାରେ ଜିମା ଦେଇଥିଲେ। ପରେ ଚନ୍ଦକା ଥାନା ପୋଲିସ ନବଜାତ ଶିଶୁକୁ ଚାଇଲ୍ଡ ଲାଇନକୁ ବିଭାଗକୁ ହସ୍ତାନ୍ତର କରିଥିଲେ। ଏହାପରେ ଚାଇଲ୍ଡ ଲାଇନ ବିଭାଗ କୋଳଥିଆ ଶୁଭଦ୍ରା ମହତାବ ଶିଶୁ ଆଶ୍ରମରେ ହସ୍ତାନ୍ତର କରିଥିଲେ। ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ଅପରପକ୍ଷରେ ଉକ୍ତ ଶିଶୁପୁତ୍ରଟିକୁ ପାଇଥିବା ମହିଳା ଓ ଜଣେ ୧୫ ବର୍ଷୀୟା ଝିଅ ନିଜର ପୁଅ ବୋଲି ଦାବି କରୁଛନ୍ତି। ସୂଚନାନୁସାରେ ଶନିବାର ସକାଳେ ଗିରିଙ୍ଗାପୁଟ ଗାଁମୁଣ୍ଡ ଏକ ନବଜାତ ଶିଶୁପୁତ୍ରଟି ପଡ଼ିଥିଲା। ସେହି ବାଟରେ ଆସୁଥିବା ଜଣେ ମହିଳା ଏହି ପୁତ୍ରର କାନ୍ଦ ଶୁଣି ତାକୁ ଉଠାଇ ନେଇ ମେଣ୍ଢାଶାଳ ଫାଣ୍ଡିରେ ପହଞ୍ଚି ପୋଲିସ ଅଧିକାରୀଙ୍କୁ ଜଣାଇ ପିଲାଟିକୁ ନିଜେ ରଖିବେ ବୋଲି କହିଥିଲେ। ହେଲେ ଏହାର କିଛି ସମୟ ପରେ ଅନ୍ୟ ଜଣେ ମହିଳା ଆସି ଉକ୍ତ ପୁତ୍ର ସନ୍ତାନର ମା' ବୋଲି ଦାବି କରି ତାକୁ ନେବାକୁ ଜିଦ୍ ଧରିଥିଲେ। ଉଭୟ ଉଭୟଙ୍କ ଜିଦ୍‌ରେ ରହିବାରୁ ଫାଣ୍ଡି ପୋଲିସ ସେମାନଙ୍କୁ ଆଣି ଚନ୍ଦକା ଥାନାରେ ହସ୍ତାନ୍ତର କରିଥିଲେ।

## ରିଲିଫ୍ ବାଣ୍ଟିଲେ ବିଜେଡି ନେତ୍ରୀ ବାସନ୍ତୀ



ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୦।୮(ଡି.ଏନ୍.ଏ.)

ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଗାଁ ବନ୍ୟାପାଣି ଘେରରେ ରହିଛି। ବନ୍ୟାପ୍ଲାବିତ ଲୋକଙ୍କୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନ ସହାୟତାର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତଥା ରାଜ୍ୟ ବିଜେଡି ଉପ ସଭାନେତ୍ରୀ ବାସନ୍ତୀ ମହାପାତ୍ର ତାଙ୍କ ସହକର୍ମୀଙ୍କୁ ନେଇ ଖୋର୍ଦ୍ଧା ବ୍ଲକ୍‌ର ହିରିମୂଳ, ଡିହଖଳା, ରାୟପୁର, ଦୁର୍ଗାପୁର, ମଶାଣିଆ, କୃଷ୍ଣପୁର, ଓରବରସିଂହ, ତେନ୍ତୁଳିମୂଳ, ଶରଧାପୁର, ଓରମି, ମାନପୁର, ହାଡ଼ପଦା, ନରଣଗଡ଼, ଧବଳପୁର ସମେତ ଟାଙ୍ଗୀ ବ୍ଲକର ବାଲିପାଟପୁର ପଞ୍ଚାୟତର ସରସ୍ୱତୀ ନଗର ସମେତ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳକୁ ଯାଇ ବନ୍ୟା ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ, ମହମବତି, ଦିଆସିଲି ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ସେହିପରି କ୍ଷତିଗ୍ରସ୍ତ ଲୋକଙ୍କ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଘେରି ଉଚ୍ଛେଦ ବନ୍ଦ ଦାବିରେ ଜନଜାଗରଣ ସମାବେଶ ୨୨ରେ

କୃଷ୍ଣପ୍ରସାଦ,୨୦।୮(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ୨୧ ପଞ୍ଚାୟତର ଲୋକେ ଚିଲିକା ଉପରେ ନିର୍ଭର କରି ପରିବାର ଚଳାଇଥାନ୍ତି। କେବଳ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ନୁହନ୍ତି, ୧୪୭ ଗ୍ରାମର ଲୋକେ ଚିଲିକା ଉପରେ ନିର୍ଭର କରି ଚଳୁଥିବା ବେଳେ ପ୍ରଶାସନ ପକ୍ଷରୁ ବାରମ୍ବାର ଚିଲିକାରୁ ଘେରି ଉଚ୍ଛେଦ କରାଯିବା ଦୁଃଖର ବିଷୟ। ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାରମ୍ବାର ଘେରି ଉଚ୍ଛେଦ ଅଭିଯାନରୁ ନିବୃତ୍ତ ରହିବା ପାଇଁ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ ଏଥିପ୍ରତି ସରକାର ଦୃଷ୍ଟି ଦେଉନାହାନ୍ତି। ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖରେ କମଳେଶ୍ୱର ଦେବଙ୍କ ପଣାଯାତ୍ରା ପଡ଼ିଆରେ ଜନଜାଗରଣ ସମାବେଶ ହେବ ବୋଲି ଚିଲିକା ଦ୍ୱୀପାଞ୍ଚଳ ପେସାଦାର ମତ୍ସ୍ୟଜୀବୀ ମହାସଂଘର କର୍ମକର୍ତ୍ତାମାନେ କହିଛନ୍ତି। ପୂର୍ବରୁ ମହାସଙ୍ଘର ସଭାପତି ତଥା ବରିଷ୍ଠ ଶିକ୍ଷାବିତ୍ କେଲୁଚରଣ ଜେନାଙ୍କ ସଭାପତିତ୍ୱରେ ଚାରିଛକସ୍ଥିତ ଉଦୟନାଥ ପାଠାଗାରରେ ଏକ ବୈଠକ ଆୟୋଜନ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାସଙ୍ଘର ସମ୍ପାଦକ କବିରାଜ ମାଝି, ଦୀନବନ୍ଧୁ ଜେନା, ସେକ୍ ନବି, ଲକ୍ଷ୍ମୀଚରଣ ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ୩୫ ମୌଜା ପରିଚାଳନା କମିଟି ସଭାପତି ଦାମୋଦର ବିଶ୍ୱାଳ, ହେମନ୍ତ କୁମାର ଜେନା ପ୍ରମୁଖ ସମାବେଶ ସଫଳ ହେବା ଦିଗରେ ଆଲୋଚନା କରିଥିଲେ।

## ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଯାଁଳା,୨୦।୮(ଡି.ଏନ୍.ଏ.)

ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ପିଲାମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ଛଦ୍ମବେଶ, ଚାରା ରୋପଣ, ସ୍ୱଚ୍ଛ ଭାରତ ଶପଥ ଗ୍ରହଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ଅଭିଭାବକ ମଧ୍ୟ ଉପସ୍ଥିତ ଥିଲେ। ଅଙ୍ଗନୱାଡି କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅବ୍ୟକ୍ତ ରାଜ୍ୟ ସାଧାରଣ ସମ୍ପାଦକ, ଶୁଭକାନ୍ତ ରାଜ୍ୟ ସମ୍ପାଦକ ମନୋନୀତ

ଖୋର୍ଦ୍ଧା ଅଫିସ,୨୦।୮



ଅବ୍ୟକ୍ତ ହରିହର ଖାଡ଼ଙ୍ଗା



ଶୁଭକାନ୍ତ ମହାପାତ୍ର

ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପୁଣି ମନୋନୀତ ହୋଇଥିବା ବେଳେ ଶୁଭକାନ୍ତ ମହାପାତ୍ର ନୂତନ ରାଜ୍ୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଖୋର୍ଦ୍ଧା ଜିଲା ଯୋଜନା କମିଟି ସଭାପତି ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଦୁଇ ଯୁବ ନେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅବ୍ୟକ୍ତ ଓ ଶୁଭକାନ୍ତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ ବିଧାୟକ ସାହୁ, ପ୍ରଣବ ପ୍ରକାଶ ଦାସ, ପ୍ରଣବ କୁମାର ବଳବନ୍ତରାୟ ଓ ବ୍ୟୋମକେଶ ରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ୨୦୨୦ରୁ ଖାଡ଼ଙ୍ଗା ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଦୁଇଟି ଉପନିର୍ବାଚନରେ କାର୍ଯ୍ୟଦକ୍ଷତା ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ସେହିପରି ଶୁଭକାନ୍ତ ଜଣେ ଯୁବ ସଙ୍ଗଠକ ଭାବେ ବେଗୁନିଆ ନିର୍ବାଚନମଣ୍ଡଳୀରେ ବିଭିନ୍ନ ଗଠନମୂଳକ ଓ ସାମାଜିକ କାର୍ଯ୍ୟକ୍ରମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ବିଧାୟକ ସାହୁଙ୍କ ଆହ୍ୱାନକ୍ରମେ ଜିଲାରେ ୪ ହଜାର ୟୁନିଟ୍‌ରୁ ଅଧିକ ରକ୍ତ ସଂଗ୍ରହ, ୨ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ, ମାସ୍କ ବଣ୍ଟନ, ପ୍ରବାସୀ ଓଡ଼ିଆଙ୍କ ମୃତଦେହ ଓଡ଼ିଶାକୁ ଆଣିବା ଭଳି ବିଭିନ୍ନ କାର୍ଯ୍ୟ କରି ଅବ୍ୟକ୍ତ ଓ ଶୁଭକାନ୍ତ ଲୋକଙ୍କ ପାଖରେ ଆଦୃତ ହୋଇପାରିଛନ୍ତି।

## ନୂଆ ବସ୍‌ଷ୍ଟାଣ୍ଡ-ଚଣ୍ଡିଚୁଆ ଛକ ରାସ୍ତା ମରଣଯନ୍ତା

ଖୋର୍ଦ୍ଧା ଅଫିସ,୨୦।୮



ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଜମିରହିଛି।

ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡ ଠାରୁ ଚଣ୍ଡିଚୁଆ ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତା ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହି ରାସ୍ତାଦେଇ ଦିନକୁ ଶତାଧିକ ଘରୋଇ ବସ, ମାଲବାହୀ ଟ୍ରକ, ସ୍କୁଲ, କଲେଜ ବିଦ୍ୟାର୍ଥୀ ଏବଂ ଆମ୍ବୁଲାନ୍ସ ଯାତାୟାତ କରୁଛନ୍ତି। ଭୁବନେଶ୍ୱର ପଟୁ ନୟାଗଡ, ବଲାଙ୍ଗିର, ଫୁଲବାଣୀ ଜିଲାକୁ ଘରୋଇ ବସ ଯାତାୟାତ କରୁଛି। ତେବେ ଏହି ରାସ୍ତାର ଉଭୟ ପାର୍ଶ୍ୱ ବିଭିନ୍ନ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଯାନବାହନ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏପରିକି ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତେବେ ନିମ୍ନମାନର କାମ ଯୋଗୁ ବାରମ୍ବାର ରାସ୍ତାରୁ ପିଚୁ ଛାଡିବା ସହ ଖାଲଖମାରେ ପରିଣତ ହୋଇଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତବର୍ଷ ବିପର୍ଯ୍ୟସ୍ତ ରାସ୍ତାକୁ ନେଇ ଯୁବ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ପରବର୍ତ୍ତି ସମୟରେ ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ଗୋଡି, ପଥରରେ ପ୍ୟାଚ ପକାଇ କାମ ସାରିଦେଇଥିଲେ। ଫଳରେ ଏହି ରାସ୍ତାରୁ ପୁଣି ଥରେ ପିଚୁ ଉଠି ବିପର୍ଯ୍ୟସ୍ତ ହୋଇପଡିଛି। ପୂର୍ତ୍ତ ବିଭାଗ ଏବଂ ଠିକା

### ନିମ୍ନମାନର କାମ ଅଭିଯୋଗ

ସଂସ୍ଥା ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଏହି ରାସ୍ତା ମରଣଯନ୍ତାରେ ପାଲଟିଛି। ରାସ୍ତା ନିର୍ମାଣରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏନେଇ ପୂର୍ତ୍ତ ବିଭାଗର ଜଣେ ଅଧିକାରୀ କୁହନ୍ତି, ବର୍ଷା ଯୋଗୁ ରାସ୍ତା ମରାମତିରେ ବାଧା ସୃଷ୍ଟି ହୋଇଛି। ବର୍ଷା ଛାଡିବା ପରେ ମରାମତି କରାଯିବ ବୋଲି ସେ କହିଛନ୍ତି। ତେବେ ବାରମ୍ବାର ଏହି ରାସ୍ତା ଖରାପ ହେଉଥିବାରୁ ଠିକାସଂସ୍ଥା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଉପରେ ଅଙ୍ଗୁଳି ଉଠିଛି। ଏହାର ଭିଜିଲାନ୍ସ ତଦନ୍ତ ଲାଗି ସାଧାରଣରେ ଦାବି ହେଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୮।୨୦୨୨

| | |
|---|---|
| ୨,୭୭,୫୫୫ ଟଙ୍କା | |
| ସୁନା | ୧୫୦ମିଲି ଗ୍ରାମ |
| ରୁପା | ୧୦ ଗ୍ରାମ |

# ଜଳସ୍ତର କମୁ ନ ଥିବାରୁ ହୋଇପାରୁନି ନିଷ୍କାସନ

■ ମନ୍ଥର ଗତିରେ ଖସୁଛି ଜଳସ୍ତର
■ ୭୦ ଗ୍ରାମର ୩୮,୮୩୫ ଲୋକ ଜଳବନ୍ଦୀ

**ପୁରୀ ଅଫିସ,୨୦।୮:** ଜିଲାରେ ବନ୍ୟା ବିଭୀଷିକା ଥମିବାର ନାଁ ନେଉନାହିଁ। ବନ୍ୟାଜଳ ପ୍ରବାହିତ ହେଉନି, କିନ୍ତୁ ଜଳସ୍ତର କମୁ ନ ଥିବା ହେତୁ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଗୋଟିଏପଟେ କାହା ଘରେ ଚୁଲି ଜଳିପାରୁ ନ ଥିବାବେଳେ ଅନ୍ୟପଟେ ଯୋଗାଯୋଗ ବିଚ୍ଛିନ୍ନ ଥିବାରୁ ଲୋକେ କୁଆଡେ ମଧ୍ୟ ଯାଇ ପାରୁନାହାନ୍ତି। ନିମାପଡ଼ା ଓ ଗୋପର ବନ୍ୟା ପ୍ରଭାବିତ ଅଞ୍ଚଳରେ ଜଳସ୍ତର କମିବା ପାଇଁ ଆହୁରି ୭ ଦିନ ସମୟ ଲାଗିବ। ତିନିମୁହାଣ ନ ଖୋଲିବା ପର୍ଯ୍ୟନ୍ତ ଜଳ ନିଷ୍କାସନ ଠିକ୍ ଭାବେ ହୋଇପାରିବ ନାହିଁ। ସେହିଭଳି କୁଶଭଦ୍ରାର ଜଳସ୍ତର ୨ଫୁଟ୍ କମିବା ପରେ ଯାଇ ତିନିମୁହାଣ ଖୋଲାଯାଇପାରିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଦୟା ଓ ଭାର୍ଗବୀ ନଦୀ ଦ୍ୱାରା ପ୍ରଭାବିତ ୮ଟି ଅଞ୍ଚଳ ବିପଦସୀମା ରେଖା ଉପରେ ରହିଛି। କିଛି କିଛି ସ୍ଥାନରେ ଜଳ ସ୍ତର କମୁଥିଲେ ମଧ୍ୟ ଘୋରଡ଼ିଆ, କଣାସ, କଣ୍ଟି, ମାଦିପୁର, ଗଙ୍ଗାନାରାୟଣପୁର, ହରିପୁର, ଚନ୍ଦନପୁର ଓ ଗୋବର୍ଦ୍ଧନପୁରରେ ଜଳସ୍ତର ଅଧିକ ରହିଛି। ଜଳସ୍ତର କମିବା ପାଇଁ କିଛି ସମୟ ଆବଶ୍ୟକ ହେଉଥିବା ଜଳସେଚନ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାଶ କହିଛନ୍ତି।

ଅନ୍ୟପକ୍ଷେ ଜିଲା ଜରୁରିକାଳୀନ ଅଧିକାରୀ ଜିତେନ୍ଦ୍ର କୁମାର ପାତ୍ର କହିଛନ୍ତି, ଜରୁରିକାଳୀନ ସ୍ଥିତିରେ ଜଳ ନିଷ୍କାସନ ପ୍ରକ୍ରିୟା କିଭଳି ତୁରନ୍ତ କାର୍ଯ୍ୟକ୍ଷମ ହୋଇପାରିବ ସେନେଇ ପ୍ରଶାସନ ସବୁପ୍ରକାର ଉଦ୍ୟମ କରୁଛି। ବିଶେଷ କରି ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ମୌଳିକ ସୁବିଧା ଯୋଗାଇଦେବାକୁ ପ୍ରଚେଷ୍ଟା କରୁଛୁ। ଜଳସ୍ତର ଅନେକ ସ୍ଥାନରେ ମନ୍ଥର ବେଗରେ ଖସୁଛି। ଏଣୁ ପାଣି ନିଷ୍କାସନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ନଦୀର ଜଳସ୍ତର ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଅନ୍ୟ କୌଣସି ରାସ୍ତା ନାହିଁ। ଦୟା ଓ ଭାର୍ଗବୀ ନଦୀରେ ବନ୍ୟାଜଳ ପ୍ରବାହିତ ଏବଂ କୁଶଭଦ୍ରାରେ ପ୍ରବାହିତ ଭିନ୍ନ। କୁଶଭଦ୍ରାରେ ଜଳ ସ୍ଥଳଭାଗ ଛାଡ଼ିବାକୁ ଅଧିକ ସମୟ ଲାଗିପାରେ। କୁଶଭଦ୍ରା ଜଳସ୍ତର ଶନିବାର କମିଯିବା ନେଇ ଅନୁମାନ କରାଯାଉଥିଲେ ମଧ୍ୟ ସେଭଳି ହୋଇନାହିଁ। ତେବେ କୁଶଭଦ୍ରା ନଦୀର ଜଳସ୍ତର ଉପରେ ଆମେ ତୀକ୍ଷ୍ଣ ନଜର ରଖିଛୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆହୁରି ୭୦ଟି ଗ୍ରାମର ପାଖାପାଖି ୩୮ ହଜାର ୮୩୫ଜଣ ଲୋକ ଜଳବନ୍ଦୀରେ ରହିଛନ୍ତି। ୨୧ ହଜାର ୯୨୧ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ୪୬ଟି ରୋଷେଇ ଶାଳା ନିର୍ମାଣ କରାଯାଇ ୨୧ ହଜାର ୯୨୧ ଜଣଙ୍କୁ ମାଗଣା ଖାଦ୍ୟ ବଣ୍ଟନ କରାଯାଇଛି। ସେହିଭଳି ଶନିବାର ୮୧୬.୬ କୁଇଣ୍ଟାଲ ଚୁଡ଼ା, ୮୬.୦୨ କୁଇଣ୍ଟାଲ ଚିନି ଓ ଗୁଡ଼ ଓ ୧୩୪୫ ପଲିଥିନ ବଣ୍ଟନ ହୋଇଛି। ଏହାସହ ୧୦ ହଜାର ପ୍ୟାକେଟ୍ ବିସ୍କୁଟ୍ ଓ ୫ ହଜାର ପାଣି ବୋତଲ ବଣ୍ଟାଯାଇଛି। ଶନିବାର ୨୮ଟି ଡାକ୍ତରୀ ଟିମ୍, ୯ଟି ପ୍ରାଣୀ ଚିକିତ୍ସକ ଟିମ୍, ଅସ୍ତରଙ୍ଗରେ ଗୋଟିଏ ଏସ୍ଆଇସି ବୋଟ୍, ୨୬ଟି ଦେଶୀ ଡଙ୍ଗା ମଧ୍ୟରୁ ଗୋପକୁ ୨୫ଟି ଓ ଅସ୍ତରଙ୍ଗକୁ ଗୋଟିଏ, ତିନୋଟି ଅଗ୍ନିଶମବାହିନୀ ଟିମ୍ ଓ ୱାଟର ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଶନିବାର ସୁଦ୍ଧା ଜିଲାରେ ବନ୍ୟା ସ୍ଥିତି ସାମାନ୍ୟ ସୁଧୁରିଛି। ବିଭାଗୀୟ ଅଧିକାରୀମାନଙ୍କୁ ପ୍ରତିଦିନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ବନ୍ୟା ସ୍ଥିତିରେ ଧନଜୀବନ କିଭଳି ଭାବେ ସୁରକ୍ଷିତ ହେବ ତାହା ଆମର ପ୍ରାଥମିକତା ବୋଲି ପୁରୀ ଜିଲାପାଳ ସମର୍ଥ ବର୍ମା କହିଛନ୍ତି।



ବନ୍ୟାଜଳ ଘେରରେ କଣାସ ବ୍ଲକର ଅଞ୍ଚଳବାସୀ ।

# ଆର୍‌ଡିସିଙ୍କ ଗୋପ, କଣାସ ବନ୍ୟାଞ୍ଚଳ ପରିଦର୍ଶନ



ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

**ପୁରୀ ଅଫିସ/ଗୋପ,୨୦।୮(ଡି.ଏନ୍.ଏ.)** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ସୁରେଶ ଚନ୍ଦ୍ର ଦଳାଇ ଶନିବାର ପୁରୀ ଜିଲାର ଗୋପ ଓ କଣାସ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ଗୋପ ବ୍ଲକର ଖଣ୍ଡିଆକୁଦସ୍ଥିତ ଘାଇ ସ୍ଥଳକୁ ଆୟୁକ୍ତ ବୁଲି ଦେଖିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ବିପନ୍ନଙ୍କୁ ସରକାରୀ ନିୟମ ଆଧାରରେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ଗୋପ ବ୍ଲକ ଅଞ୍ଚଳରେ କିରୋସିନ ଦିଆଯାଉ ନ ଥିବାରୁ ସନ୍ଧ୍ୟାରେ ଲୋକେ ଘରୁ ବାହାରିପାରୁ ନ ଥିବା ଆର୍‌ଡିସିଙ୍କୁ ଜଣାଇଥିଲେ। ପରେ କଣାସ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି ଓ ଲୋକମାନଙ୍କ ସହ ସେ ଆଲୋଚନା କରିଥିଲେ। ସରକାରୀ ନିୟମ ଆଧାରରେ ପ୍ରଭାବିତ ଲୋକମାନଙ୍କୁ ସମସ୍ତ ପ୍ରକାର ସହଯୋଗ ତ୍ୱରାନ୍ୱିତ ପ୍ରକ୍ରିୟାରେ ପ୍ରଦାନ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦିଲୀପ ମହାପାତ୍ର, ଅତିରିକ୍ତ ଜିଲାପାଳ (ଜମି ଅଧିଗ୍ରହଣ) କୈଳାସ ଚନ୍ଦ୍ର ନାୟକ, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ତହସିଲଦାର ଏସ୍.କେ. ସାଗିର, କଣାସ ବିଡିଓ ଲୋଚନ ଦାସ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଲୋକ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷୟକ୍ଷତି ଆକଳନ କଲେ ସ୍ୱତନ୍ତ୍ର ପ୍ରତିନିଧି ଦଳ

**ସାକ୍ଷୀଗୋପାଳ, ୨୦।୮(ଡି.ଏନ.ଏ./ସ୍ୱ.ପ୍ର.)** ସତ୍ୟବାଦୀ ବ୍ଲକ କୃଷି ବିଭାଗ ପକ୍ଷରୁ ଶନିବାର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ଚାଷ ଜମିର କ୍ଷୟକ୍ଷତି ଆକଳନ କରିବା ପାଇଁ ସତ୍ୟବାଦୀର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଏହି ପ୍ରତିନିଧି ଦଳରେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡାଙ୍କ ସହ ବ୍ଲକ କୃଷି ଅଧିକାରୀ କଲ୍ୟାଣ ରାୟ, ବିଟିଏମ୍ ଶୋଲେସ ଦାସ ଓ ଗ୍ରାମ୍ୟ କୃଷି କର୍ମଚାରୀ ସରୋଜ ସେଠୀ ପ୍ରମୁଖ ସାମିଲ ଥିଲେ। କେତକୀପାଟଣା ପଞ୍ଚାୟତର କେତକୀପାଟଣା, ପଦ୍ମପୁର, ଦୁବପାଟଣା, ରହିତସାହି, ଅଲଣ୍ଡାପଡା, ବାଲି ଉପର ଗ୍ରାମ ଓ ବିଶ୍ୱନାଥ ଦେଉଳି ଗ୍ରାମର ଚାଷୀଙ୍କ କ୍ଷୟକ୍ଷତି ଚାଷ ଜମିର ଆକଳନ କରିଥିଲେ। ସେହିପରି ବଳରାମପୁରଗଡ଼ ପଞ୍ଚାୟତର ପୁରୁଣା ବୁଢାକେରା, ବିଭୂତି ପୋଖରୀ, ନୂଆ ବୁଢାକେରା, ମାଳସାହି ଓ ବାଲିସାହି ଗ୍ରାମକୁ ଯାଇ ଅନୁଧ୍ୟାନ କରିଥିଲେ। ଏହି ସବୁ ଗ୍ରାମର ୩ ଦିନ ହେବ ୩ରୁ ଚାରିଫୁଟ ଗୋଳିଆ ପାଣି ଜମି ରହିବା ଫଳରେ ପ୍ରାୟ ଶହ ଶହ ଏକରରୁ ଊର୍ଦ୍ଧ୍ୱ ଧାନଚାଷ ଓ ପରିବା ଚାଷ ପାଣିରେ ବୁଡି ରହିଛି। ସେହିପରି ଶୁକଳ ପଞ୍ଚାୟତରେ ବିଗତ ୮ ଦିନ ଧରି ଚାଷ ଜମିରେ ବନ୍ୟାଜଳ ଜମି ରହିବା ଦ୍ୱାରା ଶୁକଳ, ବାମବରଡ଼ା ଭଳି ୫ ଗ୍ରାମର ପ୍ରାୟ ୫ହଜାର ଲୋକ ଜଳ ବନ୍ଦି ହୋଇ ରହିବା ସହିତ ହଜାର ହଜାର ଏକର ଧାନଜମି ଚାଷ ନଷ୍ଟ ହୋଇପଡିଛି। ଏହିଭଳି ଅନ୍ୟ ସବୁ ପଞ୍ଚାୟତରେ କ୍ଷୟକ୍ଷତି ବଢ଼ିଥିବା ବେଳେ ଖୁବ୍‌ଶୀଘ୍ର ଆକଳନ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ବ୍ଲକ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ପ୍ରକାଶ କରିଛନ୍ତି।

## ଫସଲ କ୍ଷୟକ୍ଷତିର ଆକଳନ ନିମନ୍ତେ ସମନ୍ୱୟ ବୈଠକ

**ପିପିଲି,୨୦।୮(ଡି.ଏନ୍.ଏ.)** କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପିପିଲିରେ ବନ୍ୟାର ପରବର୍ତ୍ତୀ ଫସଲ କ୍ଷୟକ୍ଷତିର ଆକଳନ ନିମନ୍ତେ ସମନ୍ୱୟ ବୈଠକ ଆତ୍ମା କମିଟି ସଭାପତି ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଯୋଗଦେଇ ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ଆଲୋଚନା କରିଛନ୍ତି। ବୈଠକରେ କୃଷି ଓ ବୈଷୟିକ ପରିଚାଳକ ପିପିଲି ଉମାକାନ୍ତ ଦଳେଇ ଅତିଥି ପରିଚୟ ଦେଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷତିଗ୍ରସ୍ତ ଚିହ୍ନଟରେ ଯେପରି ଜଣେ ହେଲେ ଲୋକ ବାଦ ନ ପଡିବ ସେଥିପ୍ରତି ଯତ୍ନବାନ ରହିବାକୁ ଆତ୍ମା ସଭାପତି ସାହୁ ସମସ୍ତ ବିଭାଗର ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ନାରାୟଣ ସ୍ୱାଇଁ, ଆର୍ତ୍ତବନ୍ଧୁ ସାମନ୍ତରାୟ, ୨୩ ନମ୍ବର ଜିଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ, ମାନସ ବେହେରା, ଆଇନଜୀବୀ ଶ୍ରୀଧର ପ୍ରଧାନ ପ୍ରମୁଖ ଯୋଗଦେଇ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଚିହ୍ନଟ କରି ସହାୟତା ଦିଅନ୍ତୁ ବୋଲି ବିଭାଗୀୟ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ।

## ସଂକ୍ଷେପରେ

### ୩ ଦିନ ପରିବର୍ତ୍ତେ ୭ ଦିନକୁ ବୃଦ୍ଧି ହେଉ ରନ୍ଧାଖାଦ୍ୟ ବିତରଣ

**ଡେଲାଙ୍ଗ,୨୦।୮(ଡି.ଏନ୍.ଏ.):** କଣ୍ଟି ଓ ମାଧିପୁର କାଜରେ ନିଷ୍କାସିତ ବନ୍ୟାଜଳ ଯୋଗୁ ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରେ ଜଳସ୍ତର ବୃଦ୍ଧିପାଇଛି। ବନ୍ୟା ଘେରରେ ଥିବା ଡେଲାଙ୍ଗ- କୋଠବାଡ, ସୁଜନପୁର, ଗଡମୋଟରୀ, ପଞ୍ଚାୟତରେ ଗତ ଗୁରୁବାରରୁ ରନ୍ଧା ଖାଦ୍ୟ ବିତରଣ ଆରମ୍ଭ ହୋଇଛି। ତେବେ ଦିଆଯାଇଥିବା ୩ ଦିନ ନିର୍ଦ୍ଧାରିତ ଅବଧି ରବିବାର ଶେଷ ହେଉଛି। ହେଲେ ଏବେ ସୁଦ୍ଧା ଘର ସବୁ ବନ୍ୟାଜଳରେ ବୁଡି ରହିଛି। ବିପନ୍ନମାନେ ନିଜ ଘରକୁ ଫେରି ପାରୁ ନାହାନ୍ତି। ସେଥିପାଇଁ ବିପନ୍ନଙ୍କୁ ୩ ଦିନ ପରିବର୍ତ୍ତେ ୭ ଦିନ ରନ୍ଧାଖାଦ୍ୟ ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ୪୫ ବିପନ୍ନ ପରିବାରକୁ ପଲିଥିନ ବଣ୍ଟନ

**କାକଟପୁର/ଅସ୍ତରଙ୍ଗ, ୨୦।୮ (ଡି.ଏନ୍.ଏ.)-** ବନ୍ୟାଜଳ ପ୍ରବାହିତ ହୋଇ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଦ୍ୱୀପାଞ୍ଚଳ ତାଳଦା ପଞ୍ଚାୟତରେ ୩୦ ପରିବାରକୁ ପଲିଥିନ ପ୍ରଶାସନ ପକ୍ଷରୁ ଦିଆଯାଇଛି। ଅସ୍ତରଙ୍ଗ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କ ନେତୃତ୍ୱରେ ରାଜସ୍ୱ ନିରୀକ୍ଷକମାନଙ୍କ ଦ୍ୱାରା ତଦନ୍ତ କରାଯାଇ ୩୦ବିପନ୍ନ ପରିବାରକୁ ସ୍ଥାନୀୟ ସରପଞ୍ଚ ଦୀପକ ପରିଡାଙ୍କ ଉପସ୍ଥିତରେ ପଲିଥିନ ଦିଆଯାଇଛି। କୂଳସାହି, ଡିହକରଡା, ଚନ୍ଦ୍ରପୁର, ଡିଆ, ତାଳଦା, ଏଡବାଂଶ ପ୍ରମୁଖ ଗ୍ରାମରେ ତଦନ୍ତ କରାଯାଇ ପଞ୍ଚାୟତ ଅଧିକାରୀ ମିର୍ଜା କଲମ ବେଗ, ରାଜସ୍ୱ ନିରୀକ୍ଷକ ପ୍ରୀତି ରଞ୍ଜନ ମହାପାତ୍ର, ତପନ ପୃଷ୍ଟି, ସୁଜିତ ସୁବୁଦ୍ଧି ପ୍ରମୁଖ ବଣ୍ଟନ ପ୍ରକ୍ରିୟାରେ ସାମିଲ ଥିଲେ। ଅବଶିଷ୍ଟ ଦୁଇ ଗ୍ରାମ ତଦନ୍ତ ନ ହୋଇପାରିବା କାରଣରୁ ୧୫ବିପନ୍ନ ପରିବାରଙ୍କୁ ସୋମବାର ଦିଆଯିବ ବୋଲି ତହସିଲଦାର ରାଜଲକ୍ଷ୍ମୀ ନାୟକ ସୂଚନା ଦେଇଥିଲେ। ସୋମବାର ବିପନ୍ନ ପରିବାରକୁ ରିଲିଫ ଓ ଗୋ ଖାଦ୍ୟ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସୁଜାତା ନଗର ଅଧିବାସୀ ଜଳଘେରରେ

**ସାହାରା ପାଲଟିଛି ଡଙ୍ଗା**

**ପୁରୀ ଅଫିସ,୨୦।୮** ପୁରୀ ଜିଲା ଦେଇ ଆସୁଥିବା ଦୟା ଏବଂ ଭାର୍ଗବୀ ନଦୀରେ ପ୍ରବାହିତ ହେଉଥିବା ବନ୍ୟାଜଳ କିଛିମାତ୍ରାରେ କମିଛି। ହେଲେ ଜଳସ୍ତର କମୁ ନ ଥିବାରୁ ଏବେ ବି ଲୋକେ ଜଳ ଘେରରେ ରହୁଛନ୍ତି। ପାଣି କମୁଥିଲେ ମଧ୍ୟ ଲୋକଙ୍କ ଦୁର୍ଦ୍ଦଶା କମୁନି। ତେବେ ଏପରି ଅବସ୍ଥା ଗାଁ ଗହଳି ସମେତ ପୁରୀ ପୌରପାଳିକା ଅନ୍ତର୍ଗତ ଏକ ନମ୍ବର ୱାର୍ଡର ସୁଜାତା ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳବାସିନ୍ଦା ଏବେ ସମ୍ପୂର୍ଣ୍ଣ ଭାବେ ଜଳବନ୍ଦୀରେ ଦିନ କାଟୁଛନ୍ତି। ୭ ଦିନ ହେବ ପାଣି ଘେରରେ ବହୁ ସମସ୍ୟା ମଧ୍ୟରେ ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ବୋଟ କି ଡଙ୍ଗାର ବ୍ୟବସ୍ଥା କରାଯାଇ ନାହିଁ। ତେବେ ବାସିନ୍ଦାଙ୍କର ଯାତାୟାତ ପାଇଁ ଗୋଟିଏ ଡଙ୍ଗା ସାଜିଛି ସାହାଭରସା। ଘରଗୁଡ଼ିକରେ ଆଣ୍ଠୁଏ ଲେଖାଏ ପାଣି ଜମି ରହିବା ସହ ୬ଦିନ ହେବ ଚୁଲି ଜଳି ନ ଥିବାରୁ ବାସିନ୍ଦାମାନେ ଭୋକ ଉପାସରେ ଦିନ କାଟୁଛନ୍ତି। ଏଭଳି ସମସ୍ୟା ପ୍ରତିବର୍ଷ ଏଠାରେ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ମନ୍ତ୍ରୀ, ବିଧାୟକ ଆସି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଉଥିବାବେଳେ ପରେ ତାହା ପାଣିର ଗାର ପାଲଟିଥିବା ଅଞ୍ଚଳବାସୀ କହୁଛନ୍ତି। ୫ମ ଲେନ୍‌ରେ ରହୁଥିବା ବିଜୟଲକ୍ଷ୍ମୀ ପଣ୍ଡାଙ୍କ କହିବା ଅନୁଯାୟୀ, ବର୍ଷା ହେଲେ ପ୍ରତିବର୍ଷ ଅଞ୍ଚଳବାସୀ ଏଭଳି ଦୁର୍ଦ୍ଦଶା ଭୋଗନ୍ତି। କିନ୍ତୁ ଚଳିତବର୍ଷ ବନ୍ୟା ସମସ୍ୟାକୁ ଦ୍ୱିଗୁଣିତ କରିଛି। ପାଣି ଜମିବା ଫଳରେ ଘର ବାହାରକୁ ଯାଇ ହେଉ ନ ଥିବାବେଳେ ଲାଇନ ନ ଥିବାରୁ ସମସ୍ୟା ବଢୁଛି। ରିଲିଫ ଦେବା ପାଇଁ ଭିତରକୁ ନ ଯାଇ ବାହାରକୁ ଆସିବାକୁ କହୁଛନ୍ତି। ପ୍ରଶାସନ ପକ୍ଷରୁ ଔଷଧ କି ପାଲ ମଧ୍ୟ ଯୋଗାଇ ଦିଆଯାଉ ନାହି। ତେଣୁ ପ୍ରଶସାନ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ସହାୟତା କରନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଭାର୍ଗବୀ ନଦୀରେ ବନ୍ୟା ଆସିଲେ ଏହା କଞ୍ଚି ନାଳ, ପରେ ନୂଆଗାଁ, ମଙ୍ଗଳା ନଦୀ ଦେଇ ସମୁଦ୍ର ମଧ୍ୟକୁ ଯାଇଥାଏ। କିନ୍ତୁ ନୂଆ ଗାଁରେ ଜଳଭଣ୍ଡାର ହେବା ପରେ ଜଳ ନିଷ୍କାସନ ପଥ ପୋତି ହୋଇଯାଇଛି। ଭାର୍ଗବୀ ନଦୀର ପାଣି ଏହି ଅଞ୍ଚଳରେ ପଶି ଥିବାରୁ ଓ ପାଣି ନିଷ୍କାସନ ପାଇଁ ରାସ୍ତା ନଥିବାରୁ ପାଣି ଜମି ରହି ଘରେ ଭିତରେ ପାଣି ପଶି ଯାଇଛି।

# ୪ଦିନ ଧରି ବନ୍ୟା ଘେରରେ ଗ୍ରାମବାସୀ

■ ୨ଦିନ ତଳେ ସ୍ଥିତି ଅନୁଧ୍ୟାନ କରିଥିଲେ ମନ୍ତ୍ରୀ
■ ଡଙ୍ଗା ନ ଥିବାରୁ ପହଞ୍ଚି ପାରିଲାନି ରିଲିଫ୍

**ଡେଲାଙ୍ଗ,୨୦।୮(ଡି.ଏନ୍.ଏ.):** କଲ୍ୟାଣପୁର ପଞ୍ଚାୟତର ରାଢୁଆ ଗ୍ରାମରେ ବନ୍ୟାଜଳ ପଶିବାରୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ପ୍ରସାଶନ ପକ୍ଷରୁ ବିପିନ୍ନଙ୍କୁ ମୁଣ୍ଡପିଛା ୫ଶହ ଗ୍ରାମ ଚୁଡା ଦିଆଯାଇଛି। ଚାରିଆଡେ ବନ୍ୟାଜଳ ଯୋଗୁ ଗ୍ରାମବାସୀଙ୍କ ନିକଟରେ ପାନୀୟ ଜଳ ପହଞ୍ଚି ପାରୁନାହିଁ। ଗୃହପାଳିତ ପ୍ରାଣୀ ପାଣିରେ ବୁଡି ରହି ହନ୍ତସନ୍ତ ହେଉଥିବା ବିପନ୍ନ ଅଭିଯୋଗ କରିଛନ୍ତି। ୪୦ ପରିବାରରେ ବନ୍ୟାଜଳ ପ୍ରବେଶ କରିଥିବାରୁ ରୋଷେଇ କରିବା ସମ୍ଭବ ହେଉନାହିଁ। ପ୍ରସାଶନ ପକ୍ଷରୁ ଡଙ୍ଗା ଦିଆଯାଇ ନ ଥିବାରୁ ଗ୍ରାମକୁ ରନ୍ଧାଖାଦ୍ୟ ପଠେଇବା ସମ୍ଭବ ହେଉ ନ ଥିବା କଲ୍ୟାଣପୁର ସରପଞ୍ଚ ଗୋବର୍ଦ୍ଧନ ସେଠୀ ସୂଚନା ଦେଇଛନ୍ତି। ବିପନ୍ନମାନେ ଆଶ୍ରୟ ନେଇଥିବା ଉ.ପ୍ରା ବିଦ୍ୟାଳୟ ବନ୍ୟାଜଳ ଘେରରେ ରହିଛି। ରନ୍ଧାଖାଦ୍ୟ ଦେବାରେ ବିଳମ୍ବ ହେଉଥିବା ଆଶ୍ରୟ ନେଇଥିବା ବିପନ୍ନମାନେ ଅଭିଯୋଗ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ରୁଦ୍ରପ୍ରତାପ ମହାରଥି ପ୍ରମୁଖ ସ୍ଥିତି ଅନୁଧ୍ୟାନ କରିଥିଲେ ମଧ୍ୟ ବିପନ୍ନଙ୍କୁ ରନ୍ଧାଖାଦ୍ୟ ମିଳିନାହିଁ।

# ୧୬ ପଞ୍ଚାୟତର ୬୦,୪୦୩ ଲୋକ ପ୍ରଭାବିତ

**ନିମାପଡ଼ା,୨୦।୮(ଡି.ଏନ୍.ଏ.):** ନିମାପଡ଼ାରେ କୁଶଭଦ୍ରା ଓ ଧନୁଆଁ ନଦୀରେ ବନ୍ୟାପାଣି ଧୀରେଧୀରେ କମିବାରେ ଲାଗିଛି। କୁଶଭଦ୍ରା ନଦୀରେ ବିପଦ ସଙ୍କେତ ନିମାପଡ଼ାଠାରେ ୧୦.୮୨ ମିଟର ରହିଥିବାବେଳେ ବର୍ତ୍ତମାନ ୯.୭୪ ମିଟରରେ ଜଳ ପ୍ରବାହିତ ହେଉଛି। ତିନିମୁହାଣଠାରେ ଧନୁଆଁ ନଦୀର ବିପଦ ସଙ୍କେତ ୬.୬୫ ମିଟର ଥିବାବେଳେ ବର୍ତ୍ତମାନ ୬.୪୦ ମିଟର ଜଳ ପ୍ରବାହିତ ହେଉଛି। କୁଶଭଦ୍ରା ଏବଂ ଧନୁଆଁରେ ବନ୍ୟାଜଳ କ୍ରମଶଃ ହ୍ରାସ ପାଉଛି। ଆଉ ବିପଦର ଆଶଙ୍କା ନ ଥିବା ଜଳ ସମ୍ପଦ ବିଭାଗ ଏସ୍ଇ ଶଶିଭୂଷଣ ମିଶ୍ର ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର ଦାଶ କହିଛନ୍ତି। ନିମାପଡ଼ା ବ୍ଲକରେ ଧନୁଆଁ ନଦୀର ବନ୍ୟା ବିଭୀଷିକା ଯୋଗୁ ଧନୁଆଁ, ଶଗଡା, ଅଲଣ୍ଡା, ରେଞ୍ଚ, ବଡମାଛପୁର, ସାଇଁସ, ଅନ୍ଥୁଆଳ, ଧଳେଶ୍ୱର ଆଦି ୧୬ଟି ପଞ୍ଚାୟତର ୬୦ ହଜାର ୪୦୩ ଲୋକ ଏଥିରେ ପ୍ରଭାବିତ ହୋଇଥିବା ବସନ୍ତ କୁମାର ମଲ୍ଲିକ କହିଛନ୍ତି। ୫ ଦିନ ହେଲା ବହୁ ଗ୍ରାମରେ ପାଣି ରହିଥିବାରୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଏହା ମଧ୍ୟରେ ଦାଉ ସାଧୁଛି ବର୍ଷା। ସ୍ୱାସ୍ଥ୍ୟକେନ୍ଦ୍ର ଓ ବିଦ୍ୟାଳୟରେ ମଧ୍ୟ ବନ୍ୟାପାଣି ସୁଅ ଚାଲିଛି। ସେହିପରି ବ୍ଲକରେ ୧୬ ପଞ୍ଚାୟତରେ ପ୍ରାୟ ୨୩ ହଜାର ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଜଣାପଡିଛି। ତେବେ ୩୦ ହଜାର ଗୋସମ୍ପଦ ଓ ଗୃହପାଳିତ ପ୍ରାଣୀ ପ୍ରଭାବିତ ହୋଇଥିବା ଗୋପାଳକମାନେ କହିଛନ୍ତି। ଶିଶୁଙ୍କ ପାଇଁ ମିଲ୍କ ପାଉଡର, କ୍ଷୀର ପ୍ୟାକେଟ୍, ଖାଦ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ୬ ହଜାର ୩୫୬ ଜଣ ଶିଶୁଙ୍କ ପାଇଁ ୬ ହଜାର ୩୫୬ ପ୍ୟାକେଟ୍ ସୁଜି ବେସନ ହାଲୁଆ ଏବଂ ଛତୁଆ ପ୍ୟାକେଟ୍ ଯୋଗାଇ ଦିଆଯାଇଥିବା ସିଡିପିଓ କୁମୁଦିନୀ ମିଶ୍ର କହିଛନ୍ତି। ଶିଶୁଖାଦ୍ୟ ଯୋଗାଣ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସିଡିପିଓ କହିଛନ୍ତି। ବନ୍ୟାରେ ଶହଶହ କୁକୁଡା ଫାର୍ମ ପ୍ରଭାବିତ ହୋଇଥିବାରୁ ମାଲିକମାନେ କ୍ଷତିଗ୍ରସ୍ତ ହେଉଥିବାବେଳେ ଅନେକ କୁକୁଡା ମରିଥିବା ଜଣାପଡିଛି। ବଡଶିରିବଲା ପଞ୍ଚାୟତ ଗଡତୋରିହଁ ଗ୍ରାମର ମନ୍ମୟ କୁମାର ପାତ୍ରଙ୍କ ଫାର୍ମ ବନ୍ୟାପାଣିରେ ବୁଡିଯାଇଥିବାରୁ ପ୍ରାୟ ୫ ହଜାର କୁକୁଡା ମରିଥିବା ସର୍ଭେରୁ ଜଣାପଡିଛି। ମୁଖ୍ୟମନ୍ତ୍ରୀ ୧୫ ଦିନ ପାଇଁ ବନ୍ୟାବିପନ୍ନଙ୍କୁ ରିଲିଫ୍ ଘୋଷଣା ହୋଇଥିବାବେଳେ ନିମାପଡ଼ା ବ୍ଲକରେ ଲୋକେ ରିଲିଫ୍ ପାଇପାରୁ ନାହାନ୍ତି। ଅନ୍ୟପଟେ ୧୫୦ କୁଇଣ୍ଟାଲ ଚୁଡା ଓ ୧୫ କୁଇଣ୍ଟାଲ ଗୁଡ ଯୋଗାଇ ଦିଆଯାଇଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ତେବେ ବନ୍ୟାଜଳ କମୁଥିଲେ ମଧ୍ୟ ବିପନ୍ନଙ୍କ ଦୁର୍ଦ୍ଦଶା କମୁନାହିଁ।





ପୁରୀ ସି ବିଚ୍ ଫଟୋଗ୍ରାଫର୍ସ ମହାସଂଘର ୧୪ ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଓ ଅନ୍ୟ ଅତିଥି ।

# ଫ୍ୟାନରେ ଝୁଲିରହିଲା ମୃତଦେହ

**ପରିବାର ଲୋକେ ନ ଥିବାରୁ ଜବତ କଲାନି ପୋଲିସ**

**ଗୋପ,୨୦।୮(ଡି.ଏନ୍.ଏ.):** ଗୋପ ଥାନା ଅନ୍ତର୍ଗତ କୁଶୁପୁରର ଏକ ଭଡା ଘରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ଦେଖିବାକୁ ମିଳିଛି। ସେ ହେଲେ ନୂଆପଡା ଜିଲାର ସ୍ୱରୂପ କୁମାର ପତି (୨୪)। ପୋଲିସ ଏନେଇ ଅପମୃତ୍ୟୁ ମାମଲା (୧୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, କିଛିଦିନ ହେବ ସ୍ୱରୂପ ଗୋପର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବାବେଳେ ଭଡାରେ ରହୁଥିଲେ। ମାତ୍ର ସେ ଘର ଦୁଆର ନ ଖୋଲିବାରୁ ସ୍ଥାନୀୟ ଲୋକେ ସଂସ୍ଥାକୁ ଖବର ଦେଇଥିଲେ। ଘରୋଇ ସଂସ୍ଥା ଥାନାରେ ଏନେଇ ଏକ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେପହଞ୍ଚି ସ୍ୱରୂପଙ୍କ ମୃତଦେହ ଫ୍ୟାନରେ ଝୁଲୁଥିବା ଝରକା ଫାଙ୍କରେ ଦେଖିଥିଲେ। ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହେବାରୁ ମୃତଦେହ ଜବତ ନ କରି ଘର ବାହାରେ ପୋଲିସ ଜଗି ରହିଛନ୍ତି। ପରିବାର ଲୋକଙ୍କୁ ଏନେଇ ଅବଗତ କରାଯାଇଛି। ସେମାନେ ଆସିଲେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଜବତ ହେବ ବୋଲି ଥାନା ଅଧିକାରୀ ସୁନୀଲ ପ୍ରଧାନ କହିଛନ୍ତି। ପ୍ରେମଜନିତ ଘଟଣାରୁ ଏପରି ହୋଇଥିବା କୁହାଯାଉଥିବାବେଳେ ତଦନ୍ତ ପରେ ଘଟଣା ପଦାକୁ ଆସିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ରାସ୍ତା ସଫା, ସ୍ୱେରେଜର ସ୍ଥାୟୀ ମରାମତି ଦାବି

**ହୋଟେଲ ସମ୍ମୁଖରେ ଏଏପି ପକ୍ଷରୁ ବିକ୍ଷୋଭ**

**ପୁରୀ ଅଫିସ,୨୦।୮** ସ୍ୱର୍ଗଦ୍ୱାର ନିକଟସ୍ଥ ଆର୍.ଏଲ. ହୋଟେଲ ସମ୍ମୁଖରେ ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଥିବା ରାସ୍ତା ଏବଂ ସ୍ୱେରେଜର ସ୍ଥାୟୀ ମରାମତି ଦାବି କରି ଆମ୍ ଆଦ୍‌ମୀ ପାର୍ଟି(ଏଏପି) ପୁରୀ ଶାଖା ପକ୍ଷରୁ ଶନିବାର ହୋଟେଲ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ସାଙ୍କେତିକ ବିରୋଧ ପ୍ରଦର୍ଶନ କରାଯାଇଛି। ଉକ୍ତ ରାସ୍ତାଟି ଏକ ପ୍ରମୁଖ ରାସ୍ତା ହୋଇଥିବାରୁ ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ପର୍ଯ୍ୟଟକ ଯିବାଆସିବା କରିଥାନ୍ତି। ତେବେ ରାସ୍ତାରେ ଅଳିଆ ପଡ଼ିବା ସହ ଅବହେଳିତ ହୋଇ ରହିଥିବାରୁ ଏବଂ ସ୍ୱେରେଜର ସ୍ଥାୟୀ ମରାମତି ହେଉ ନ ଥିବାରୁ ନଳା ପାଣି ବାହାରେ ଭାସୁଛି। ରାସ୍ତାରେ ମଇଳା ଭାସୁଥିବାରୁ ସ୍ୱର୍ଗଦାର ଓ ବେଳାଭୂମିକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯାହାଦ୍ୱାରା ପୁରୀ ସହରର ଛବି ବିଶ୍ୱ ଦରବାରରେ ଖରାପ ହେଉଛି। ତେଣୁ ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ସମସ୍ୟାର ସମାଧାନ କରିବା ସହ ରାସ୍ତାର ସ୍ଥାୟୀ ମରାମତି କରୁ ବୋଲି ପାର୍ଟି ପକ୍ଷରୁ ଦାବି କରାଯାଇଛି। ଯଦି ଆସନ୍ତା ୭ଦିନ ଭିତରେ ସମସ୍ୟାର ସମାଧାନ ନ କରାଯାଏ ଓ ସ୍ଥାୟୀ ମରାମତି ନ ହୁଏ ତେବେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ୨୭ ତାରିଖରେ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ବିକ୍ଷୋଭରେ ଜିଲା ଆବାହକ ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ସମ୍ପାଦକ ସତ୍ୟଜିତ ମହାନ୍ତି, ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ, ଯୁବ ସମ୍ପାଦକ ସୁନୀଲ ଜେନା, ଯୁବ ସଂଗଠକ ସୁଧାଂଶୁ ଶେଖର, ରାକେଶ ନନ୍ଦ, ମହିଳା ନେତ୍ରୀ ପାର୍ବତୀ ପ୍ରଧାନ, ଅନିଲ ସେନାପତି, ପ୍ରକାଶ ପ୍ରଧାନ ଏବଂ ତ୍ରିଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସ୍ୱର୍ଗଦ୍ୱାର ନିକଟ ରାସ୍ତା ସଫେଇ ଦାବିରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।

## ୧୪୦ ଲିଟର ଚୋରାମଦ ଜବତ: ୩ ଗିରଫ

ବାଙ୍କୀ,(ସ୍ୱ.ପ୍ର.): ବାଙ୍କୀ ଅବକାରୀ ବିଭାଗ ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବ୍ରହ୍ମପୁରା, ଚାରିଛକ ଓ ଗୋପାଳପୁରରୁ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୧୪୦ଲିଟର ଚୋରା ଦେଶୀମଦ ସହ ୨ ମୋଟରସାଇକେଲ ଜବତ କରାଯାଇଛି। ପଶାଣିଆ ଗ୍ରାମର ଦ୍ୱିତୀକୃଷ୍ଣ ପ୍ରଧାନଙ୍କଠାରୁ ୬୦ଲିଟର, ବେଗୁନିଆ ଥାନା ଅନ୍ତର୍ଗତ ସାଆଁତରାପୁର ଗ୍ରାମର ଅକ୍ଷୟ ସୁବୁଦ୍ଧିଙ୍କଠାରୁ ୬୦ଲିଟର ଓ ଗୋପାଳପୁର ଗ୍ରାମର ପ୍ରଦୀପ ମଲ୍ଲିକ ଠାରୁ ୨୦ ଲିଟର ଦେଶୀମଦ ଜବତ କରାଯାଇଛି।

# ପୂର୍ବ ଶତ୍ରୁତାରୁ ଗଳାକାଟି ହତ୍ୟା କରାଯାଇଥିଲା

**ଅଟୋ ଚାଳକ ଅବ୍ଦୁଲ୍ କାଦର ହତ୍ୟା ମାମଲା**

- ୩ ଅଭିଯୁକ୍ତ ଗିରଫ
- ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପଠାଗଲା

କଟକ ସଦର,୨୦।୮(ଡି.ଏନ୍.ଏ.)

କିଶନନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ଅଟୋ ଚାଳକ ଅବ୍ଦୁଲ୍ କାଦର(୪୬) ହତ୍ୟା ମାମଲାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ନାବାଳକଙ୍କୁ କାବୁ କରି ଅନୁଗୋଳସ୍ଥିତ ଜୁଭେନାଇଲ ଜଷ୍ଟିସ୍ ବୋର୍ଡକୁ ପଠାଇଦେଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପ୍ରହରାଜପୁର ଗ୍ରାମର ସେକ୍ ସକିଲ୍, ଗୁଲ୍ସନ୍ ପର୍ବିନ୍ ଓ ସାହିନ ପର୍ବିନ୍। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଥାନାଧିକାରୀ ରଶ୍ମିରଞ୍ଜନ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅବ୍ଦୁଲ୍ ଓ ସକିଲ୍ଙ୍କ ପରିବାର ମଧ୍ୟରେ ପୂର୍ବଶତ୍ରୁତା ରହିଥିଲା। ଏଣୁ ଅଭିଯୁକ୍ତମାନେ ଛୁରିରେ ଅବ୍ଦୁଲଙ୍କ ଗଳାକାଟି ହତ୍ୟା କରିଛନ୍ତି। ଏହି ଘଟଣାରେ ଆଉ କିଛି ଲୋକଙ୍କ ସମ୍ପୃକ୍ତି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସକିଲ୍ ଜଣେ ଭିନ୍ନକ୍ଷମ। ଶୁକ୍ରବାର ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଡେମୋ ଦେଖାଇବା ପାଇଁ ଘଟଣାସ୍ଥଳକୁ ନେଇଥିଲା। ସେହି ସ୍ଥାନର ଏକ ପୋଖରୀରୁ ମୃତକଙ୍କ ଲୁଙ୍ଗି, ଗଞ୍ଜି ଓ ହତ୍ୟାରେ ବ୍ୟବହୃତ ଛୁରିକୁ ପୋଲିସ ଜବତ କରିଥିଲା। ଡେମୋ ସାରିବା ପରେ ଅଭିଯୁକ୍ତଙ୍କୁ ଧରି ପୋଲିସ ଥାନାକୁ ଫେରିଥିବାବେଳେ ସେହି ଗ୍ରାମର ଶତାଧିକ ଜନସାଧାରଣ ଓ ମୃତକଙ୍କ ସ୍ତ୍ରୀ ୱାହିଦା ଖାତୁନ୍ ଭ୍ୟାନ୍ ଆଗରେ ଶୋଇ ରହିଥିଲେ। ଫଳରେ ପୋଲିସ କର୍ମଚାରୀମାନେ ରାତି ୯ଟା ପର୍ଯ୍ୟନ୍ତ ସେଠାରୁ ଯାଇପାରି ନ ଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଡିଏସ୍‌ପି ରଣଜିତ୍ ପୃଷ୍ଟି, ସାଲେପୁର ଏସ୍‌ଡିପିଓ ବିମଳ ବାରିକ, କିଶନନଗର ତହସିଲଦାର ଇନ୍ଦିରା ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିଲେ। ପ୍ରହରାଜପୁର ସରପଞ୍ଚ ଅବ୍ଦୁଲ୍ ୱାହିଦ୍ ଖାଁ, ଜିଲାପରିଷଦ ସଭ୍ୟା ସୁଭଦ୍ରା ଦାସ, ରାଜକିଶୋର ମଲ୍ଲିକ, ସୋମନାଥ ସାହୁ ପ୍ରମୁଖ ମୁରବୀ ଏହି ଆଲୋଚନାରେ ସାମିଲ ହୋଇଥିଲେ। ଏହି ଘଟଣାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚକୁ ଦିଆଯିବା ପାଇଁ କଟକ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳ କିଶୋରଙ୍କ ସହ ଆଲୋଚନା କରାଯିବ ବୋଲି ଡିଏସ୍‌ପି ପୃଷ୍ଟି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତିରେ ଅବ୍ଦୁଲଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପରେ ମୃତଦେହକୁ ସ୍ଥାନୀୟ ନମାଜ ପଡିଆ ନିକଟ ପାଚେରି ପାର୍ଶ୍ୱରେ ଫିଙ୍ଗି ଦିଆଯାଇଥିଲା। ୧୧ ତାରିଖ ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ନେଇ ୱାହିଦା ଅଭିଯୋଗ କରିବା ପରେ ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୪୩/୨୨) ରୁଜୁ କରିଥିଲା।

# ୧୦ କୋଟିରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ



ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସତ୍ୟଭାମାପୁରରେ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

**ସାଲେପୁର ଗସ୍ତରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର**

ସାଲେପୁର,୨୦।୮(ଡି.ଏନ୍.ଏ.)

ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସାଲେପୁର ବ୍ଲକ୍‌କୁ ଦିନିକିଆ ଗସ୍ତ କରି ପ୍ରାୟ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ପରିଦର୍ଶନ କରି ଫେରିଛନ୍ତି। ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ମନ୍ତ୍ରୀ ପାତ୍ର ଖଇରାଠାରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ବିଜୁ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଏକ ବାଇକ୍ ଶୋଭାଯାତ୍ରାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଯାଇ ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପୀରବଜାରଠାରେ ଉଜ୍ଜ୍ୱଳ ଆଲୋକୀକରଣର ଶିଳାନ୍ୟାସ କରିଥିଲେ। ଏହାପରେ ମୁତାରିଫା ପଞ୍ଚାୟତର ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ତ୍ରିପାଠୀ ସାହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୋଠଘର ଉଦ୍‌ଘାଟନ, ୮କୋଟି ୨୫ଲକ୍ଷ ଟଙ୍କା ବ୍ୟୟରେ ସତ୍ୟଭାମାପୁର–ନାଳିଆ ମୁହଁ ରାସ୍ତା ପ୍ରଶସ୍ତୀକରଣର ଶିଳାନ୍ୟାସ ଓ ମହାସିଂହପୁର ହାଇସ୍କୁଲ ରୂପାନ୍ତରୀକରଣ ଆଦିର ଉଦ୍‌ଘାଟନ କରିଥିଲେ।

ମନ୍ତ୍ରୀ ପାତ୍ର ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠରେ ପହଞ୍ଚି ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମଧୁବାବୁଙ୍କ ଏଣ୍ଟୁଡ଼ିଶାଳ, ପାଠାଗାର ସମେତ ମହାତ୍ମା ଗାନ୍ଧୀଙ୍କ ବିଜେସ୍ଥଳୀ ଆଦି ପରିଦର୍ଶନ କରିଥିଲେ। ମୁଁ ମଧୁବାବୁଙ୍କ ଜନ୍ମସ୍ଥାନକୁ ଆସି ନିଜକୁ ଗର୍ବିତ ମନେକରୁଛି ବୋଲି ମନ୍ତ୍ରୀ ପ୍ରକାଶ କରିବା ସହ ଏହି ପୀଠର ବିକାଶ ନେଇ ଉଦ୍ୟମ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ପୂର୍ବତନ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ବିଶ୍ୱଜିତ୍ ବିଶ୍ୱାଳ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସେଠୀ, ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ବିଜେଡି ନେତା ଚିରଞ୍ଜନ ପୁହାଣ, ବିରଞ୍ଚି ନାରାୟଣ କର, ଯୁବ ବିଜେଡି ସଭାପତି ସଞ୍ଜିତ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ସୌମ୍ୟରଞ୍ଜନ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ୟା ପ୍ରଭାବିତ ୱାର୍ଡରେ ଭ୍ରାମ୍ୟମାଣ ଚିକିତ୍ସା ଶିବିର

ବାଙ୍କୀ,୨୦।୮(ସ୍ୱ.ପ୍ର.)

ମହାନଦୀ ବନ୍ୟା ଦ୍ୱାରା ବାଙ୍କୀ ଏନ୍‌ଏସିର ପ୍ରଭାବିତ ୱାର୍ଡ ନମ୍ବର ୧୬, ୧୭ (ଡାଙ୍ଗିପିଟା ଓ ମନ୍ତ୍ରୀସାହି)ରେ ଉପଖଣ୍ଡ ଚିକିତ୍ସାଳୟ ତରଫରୁ ଭ୍ରାମ୍ୟମାଣ ଚିକିତ୍ସା ଶିବିର କରାଯାଇ ଔଷଧ ବଣ୍ଟନ କରାଯାଇଛି। ନଗରପାଳ ମାଣିକ ସାହୁଙ୍କ ତତ୍ତ୍ୱାବଧାନ ଓ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ନେତୃତ୍ୱରେ ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ର, ସଞ୍ଜୟ କୁମାର ପୃଷ୍ଟି, ଏମ୍‌ପିଙ୍କ ପ୍ରତିନିଧି ସୌମେନ୍ଦ୍ର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଶ୍ରୀନିବାସ ବେହେରା ପ୍ରଭାବିତ ଅଞ୍ଚଳ ବୁଲି ରୋଗୀଙ୍କୁ ପରୀକ୍ଷା କରି ଔଷଧ ବଣ୍ଟନ କରିଛନ୍ତି। ସେହିପରି ଡାକ୍ତର ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଅନ୍ୟ ଏକ ଦଳ ୧୪, ୧୫ , ୧୬, ୧୭ ନମ୍ବର ୱାର୍ଡ ବୁଲି ଅସୁସ୍ଥ ଲୋକଙ୍କୁ ପରୀକ୍ଷା କରି ଔଷଧ ବଣ୍ଟନ କରିଛନ୍ତି। ଉପନଗରପାଳ ରଣା, କାଉନସିଲର ବେହେରା ଓ ବିକଳ ଗୋଚ୍ଛି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋପାଳ ସମ୍ପ୍ରଦାୟ ତରଫରୁ ନନ୍ଦୋତ୍ସବ

**ଆଠଗଡ଼,୨୦।୮(ସ୍ୱ.ପ୍ର.):** ଆଠଗଡ଼ ଗଡ଼ଜାତର ପାରମ୍ପରିକ ନନ୍ଦୋତ୍ସବ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, ଗ୍ରାମ ଓ ଗୋପାଳ ସମ୍ପ୍ରଦାୟ ତରଫରୁ ପାଳିତ ହୋଇଯାଇଛି। ଏନେଇ ଆଠଗଡ଼ ସହର ପୁରୁଣା ରାଜବାଟିସ୍ଥିତ ରାଜବଂଶର ରାଧା ଗୋବିନ୍ଦ ଜୀଉଙ୍କ ମନ୍ଦିର ଉତ୍ସବମୁଖରିତ ହୋଇଯାଇଛି। ଏଠାରେ ଆଠଗଡ଼ ଜଗନ୍ନାଥ ଜୀଉ ରାମଲୀଳା ନାଟ୍ୟ ସଂଘ ତରଫରୁ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ସେହିପରି ନିକଟସ୍ଥ ଗ୍ରାମଗୁଡ଼ିକର ଗୋପାଳ ସମ୍ପ୍ରଦାୟ ତରଫରୁ ନନ୍ଦୋତ୍ସବ ପାଳିତ ହୋଇଯାଇଛି।

# ରାଜୀବ ଗାନ୍ଧୀ ଦେଶରେ ଡିଜିଟାଲ କାର୍ଯ୍ୟକ୍ରମର ପ୍ରବର୍ତ୍ତକ ଥିଲେ

**ବାଙ୍କୀ/ମାହାଙ୍ଗା,୨୦।୮(ସ୍ୱ.ପ୍ର):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୮ତମ ଜୟନ୍ତୀ ଉପଲକ୍ଷେ ବାଙ୍କୀ ଓ ମାହାଙ୍ଗାରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଯୁବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଚକାପଦା ଗ୍ରାମ ଆଦର୍ଶ ଯୁବପରିଷଦର ଆବାହକ ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ରାଜୀବ ଗାନ୍ଧୀ ଦେଶରେ ଡିଜିଟାଲ କାର୍ଯ୍ୟକ୍ରମର ପ୍ରବର୍ତ୍ତକ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କବି ବଂଶୀଧର ମହାପାତ୍ର ଓ ପ୍ରସନ୍ନ ପ୍ରଧାନ ଯୋଗଦେଇଥିଲେ। ସେହିପରି ସେକ ମତଲୁବ ଅଲି ସ୍ମୃତି ସଂସଦ ମାହାଙ୍ଗା ପକ୍ଷରୁ ଏରକଣାସ୍ଥିତ ରାଜୀବ ପାର୍କରେ ସଦ୍‌ଭାବନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ନଳିନୀକାନ୍ତ ନାୟକ ଏହାର ନେତୃତ୍ୱ ନେଇଥିଲେ। ରାଜୀବ ନଗରସ୍ଥିତ ସବରେଜିଷ୍ଟ୍ରି ପାର୍କରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସମ୍ପାଦକ ଦୀପକ କୁମାର ମହାନ୍ତି ନେତୃତ୍ୱ ନେଇଥିଲେ।

# ଲଗାଣ ବର୍ଷାରେ ୫ ଘର ଭାଙ୍ଗିଲା

ଟିଗିରିଆ,୨୦।୮(ଡି.ଏନ୍.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଟିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳ ହରିଜନ (ଦଳିତ) ସାହିର ୫ ଜଣଙ୍କ ଚାଳ ଛପର ଘର ଭାଙ୍ଗିଯାଇଛି। ଏନେଇ ଟିଗିରିଆ ତହସିଲ କାର୍ଯ୍ୟାଳୟରେ ଶନିବାର ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତମାନେ ହେଲେ ମାଧବ ନାଏକ, ପବିତ୍ର ନାଏକ, ଗଣେଶ ନାଏକ, ମୁନା ନାଏକ ଓ ନୀଳମଣି ନାଏକ। ଏ ବିଷୟରେ ତହସିଲଦାର ପ୍ରମୋଦ କୁମାର ବାସ୍କେ କହିଛନ୍ତି, ତଦନ୍ତ ପରେ ସହାୟତା ଯୋଗାଇ ଦିଆଯିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. 18/ET/SBP/ENGG/ 2022-23, ତା:16.08.2022

1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 18-eT-SDENW-SBP-22

**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 140 ଟନ୍ BD କ୍ରେନ୍‌ର ରକ୍ଷଣାବେକ୍ଷଣ ନିମନ୍ତେ କ୍ରେନ୍ ସେଡ୍ ର ବ୍ୟବସ୍ଥା ପାଇଁ ସିଭିଲ୍ ଇଂଜିନିୟରିଙ୍ଗ୍ କାର୍ଯ୍ୟ ଏବଂ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,97,10,888.64, EMD(ଟଙ୍କାରେ):₹2,48,600/-

2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-DENC-SBP-22

**କାର୍ଯ୍ୟର ନାମ :** 01 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀ/ବରଗଡ଼ ରୋଡ୍ ଅଧୀନସ୍ଥ ହୀରାକୁଦଠାରେ ସିନିୟର ସେକ୍ସନ ଇଂଜିନିୟର (P.Way)/ଷ୍ଟୋର/ସମ୍ବଲପୁରଙ୍କ ଷ୍ଟୋରରେ ଫାର୍ମର ଟ୍ରକ୍ ଏବଂ ଟ୍ରେଲରଗୁଡ଼ିକରୁ P.Way ସାମଗ୍ରୀ ଏବଂ ଫିଟିଙ୍ଗଗୁଡ଼ିକର ଖଲାସ ଏବଂ ବିଭିନ୍ନ ଟ୍ରାକ୍ ସମ୍ପର୍କିତ ରକ୍ଷଣାବେକ୍ଷଣ କାର୍ଯ୍ୟଗୁଡ଼ିକ ପାଇଁ ସମ୍ବଲପୁର ମଣ୍ଡଳର ଭିତର ଏବଂ ବାହାର ବିଭିନ୍ନ ସ୍ଥାନଗୁଡ଼ିକରୁ P.Way ସାମଗ୍ରୀଗୁଡ଼ିକର ପରିବହନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,00,02,592/-, EMD(ଟଙ୍କାରେ):₹2,00,100/-

କାର୍ଯ୍ୟ ଶେଷ ହେବା ଅବଧି : 09 (ନଅ) ମାସ (କ୍ରମ ସଂ. 1 ପାଇଁ), 12(ବାର) ମାସ (କ୍ରମ ସଂ. 2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ) :** ତା.12.09.2022 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-396/N/22-23



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1564 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3556/RE/OSIC Dt.19.08.2022

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 3 nos. of works i.e. **(1)** Supply & Maintenance of Sanitation Items and Sanitation works in the urban areas under the NAC, Remuna, **(2)** Construction of MS Framed Welcome gate in respect of Remuna NAC and **(3)** Supply & Installation of "I Love Remuna" and "Supply, fitting & Fixing of Roof Top LED/ Glow Sign Board in top of the NAC building for both in English & Odiya Languages works under the NAC, Remuna. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)
OIPR-14073/11/0062/2223



**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST: BALIMELA
DIST.: MALKANGIRI (ODISHA), PIN-764 051
PHONES: 06861-232581(O) / 232641 (R), FAX- 06861-232541
E mail- <unit.head_balimela@yahoo.com>
REGD OFFICE: ODISHA HYDRO POWER CORPORATION LIMITED
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING,
VANIVIHAR CHOUK, JANAPATH, BHUBANESWAR-22
Tel.: 91-0674-2542983, 2542802, 25425526, 2542826, Fax: 254102, TELEGRAM: HYDROPOWER
E-MAIL: ohpc.co@gmail.com/md@ohpcltd.com, WEB: www.ohpcltd.com

**NOTICE INVITING TENDER No.BHEP/C&P-III/CW-6A (Vol-II)/24/ 2022-23, Dtd.19.08.2022**

No.CAD-1563:- Sealed tender in single part is invited from Authorized Dealers/ Registered Agencies / Reputed Suppliers for supply of the following materials as detailed below.

| Sl. No. | Description of work | Cost of tender paper (Non-refundable) in Rs. | EMD in shape of D.D. only (Refundable) in Rs. | Period of availability of tender at OHPC website | Last date & time of receipt of tender | Date & time of opening of bids. |
|---|---|---|---|---|---|---|
| 1 | Procurement of Electrical Consumable Materials as per the Scope of Supply | Rs.2000/- + GST @ 18% = Rs.2360/- | Declaration Form is to be submitted as per Form-VI & Clause No.4.2 | 24.08.2022 | 07.09.2022 upto 12.00 P.M. | 07.09.2022 at 12.30 P.M. |

For details of the tender documents, terms & conditions, please visit our website www.ohpcltd.com
Sd./- Unit Head, BHEP, Balimela
OIPR-04019/11/0036/2223



**BHUBANESWAR DEVELOPMENT AUTHORITY**
AKASH SHOVA BUILDING,
SACHIVALAYA MARG, BHUBANESWAR – 751001
Visit us at: http://www.bda.gov.in
No.CAD-1526
**INVITATIONS FOR BIDS (IFB)**
**Bid Identification No.1006** **dated. 19.08.2022**

**1.** Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover system conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration certificate along with payment receipt up to July 2022, GST Certificate for the item of works as indicated in the table below.

| Sl No. | Name of Work | Estimated Cost (in Rs.) | EMD (in Rs) | Cost of Tender Paper | Period of Completion |
|---|---|---|---|---|---|
| (1) | (2) | (3) | (4) | (5) | (6) |
| 1. | **Providing power supply to AHP over 20.21 Acres land at Lumbini Vihar, Chandrasekharpur, Bhubaneswar** | 44,23,221.00 | Deposit of "**Bid Security Declaration**" | 6000.00+ 18% GST | 60 (Sixty) days |

**2.** The Bid documents will be available in the website: https://tendersodisha.gov.in from **23.08.2022 to 01.09.2022** up to **17.00 Hours**. **3.** Bids shall be received only "On line" on or before 01.09.2022 up to 17.00 Hours. The bidder must possess compatible Digital Signature Certificate (DSC) of Class-III. **4.** Other details can be seen in the bidding documents. **5.** The authority reserves the right to cancel any or all bids without assigning any reason. **6.** Any addendum/corrigendum/cancellation shall only be uploaded in the website: https://tendersodisha.gov.in

OIPR-13033/11/0225/2223
Sd./- Executive Engineer
Division-IV, BDA. BBSR



**OFFICE OF THE COLLECTOR & DISTRICT MAGISTRATE, BHADRAK**
(ST & SC Dev. Section)
dwobhadrak@gmail.com, 06784-240335/241415

**NOTIFICATION**

No. 952/SSD Date: 20.08.2022

V-13: It is informed to the candidates who have applied for engagement as Initial Appointee in the post of TGT Arts and Sanskrit Teachers under ST & SC Development Department Schools of Bhadrak District in pursuance to this office Advertisement No. 1805/SSD Dtd.29.12.2021 & Corrigendum to the Advt. vide No. 418/SSD Dtd.05.04.2022 are hereby informed that, the **Final list of eligible candidates and Final list rejected candidates with reasons** have been prepared by the District Selection Committee, Bhadrak after necessary rectification and compliance of objections received within date line and the same have been hoisted in the district website **www.bhadrak.nic.in** along with the Admit Cards of the eligible candidates. The Written Examination for the above posts is scheduled at Zilla School, Bhadrak, At: Bhadrak High School Rd., Buddha Vihar, District: Bhadrak, Odisha on Dt.28.08.2022 (Sunday) at 10.30 A.M. to 12.00 Noon.

Sd./- District Welfare Officer, Bhadrak



**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
NIT No: TPCODL/P&S/NIT/22-23/008

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee incl of GST (Rs)* | EMD (Rs. Lakh)** | Last date & time of payment of Tender Fee |
|---|---|---|---|---|---|
| 1 | Rate contract for supply of Safety Materials | TPCODL/P&S/ 1000000262/2022-23 | 5,000/- | 1.0 | 02/09/2022, 17.00 Hrs. |
| 2 | Rate contract for Civil Works | TPCODL/P&S/ 1000000266/2022-23 | 5,000/- | 1.0 | 02/09/2022, 17.00 Hrs. |
| 3 | AMC for Battery chargers | TPCODL/P&S/ 1000000265/2022-23 | 5,000/- | 0.5 | 02/09/2022 17.00 Hrs. |
| 4 | Supply of Advance Van Mounted Fully Automatic Cable Fault Locator suitable upto 33KV Cable | TPCODL/P&S/ 1000000268/2022-23 | 5,000/- | 2.0 | 02/09/2022, 17.00 Hrs. |
| 5 | Supply of Cloth Materials along with TPCODL Logo for Corporate uniform AT TPCODL. | TPCODL/P&S/ 1000000261/2022-23 | 5,000/- | 2.0 | 30/08/2022. 17.00 Hrs. |
| 6 | Corrigendum -1 Supply of 75 High Configuration Laptops at TPCODL | TPCODL/P&S/ 1000000199/2022-23 | 5,000/- | 0.5 | 27/08/2022, 17.00 Hrs. |
| 7 | Cyber Security Solution & Implementation at TPCODL DC | TPCODL/P&S/ 1000000267/2022-23 | 5,000/- | 8.5 | 29/08/2022, 17.00 Hrs. |
| 8 | SITC of Backup and Restore Software at TPCODL, Odisha | TPCODL/P&S/ 1000000269/2022-23 | 5,000/- | 0.5 | 02/09/2022, 17.00 Hrs. |
| 9 | Rate Contract for providing Vehicle Service for disconnection squad for 2 Years | TPCODL/P&S/ 1000000264/2022-23 | 5,000/- | 2.0 | 31/08/2022, 17.00 Hrs. |
| 10 | Rate Contract for providing Vehicle and Man power Services for disconnection squad for 2 Years | TPCODL/P&S/ 1000000271/2022-23 | 5,000/- | 2.0 | 31/08/2022, 17.00 Hrs. |

For further details of Tenders, please visit Vendor Zone/Tender Section on TPCODLwebsite https://tpcentralodisha.com.Future communication/corrigendum to tender documents, if any, shall be available on website.



GOVERNMENT OF ODISHA No. A-458
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com

**e-Procurement Notice No. ACE, RBB - 16/2022-23**

1. Type of Work : Flood Control Works & System Improvement
2. Total No. of Works : 04 (Four) Nos.
3. Amount put to Tender : Rs.690.18 lakhs to 431.17 lakhs
4. Period of Completion : 11 (Eleven) to 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID) - 34/2022-23 | 690.18 | From 26.08.2022, 10.00 A.M. to 12.09.2022, 5.00 P.M. |
| | ACE, RBB (BEID) - 35/2022-23 | 514.24 | |
| | ACE, RBB (BEID) - 36/2022-23 | 438.02 | |
| | ACE, RBB (BEID) - 37/2022-23 | 431.17 | |

Date of Opening of the Technical Bid : 13.09.2022 at 11.30 A.M. Further details can be seen from the Govt. website **www.tendersodisha.gov.in**.

Sd./- Additional Chief Engineer
OIPR-32411/11/0024/2223 Rushikulya Bahuda Basin, Berhampur



**OFFICE OF THE ASSISTANT DIRECTOR OF TEXTILES, NAYAGARH**
At-Khandapada Road, PO/Dist: Nayagarh, Pin-752069.
Phone No. 06753-252015, e-mail- adtexngr@yahoo.com

**QUOTATION CALL NOTICE**

**Order No. 1693 ADTex. Dated 19.08.2022**

*No. PP-33:-* Two numbers of different Sealed Quotations i.e. **1-Frame Loom, 2- Weaving Accessories** for the year 2021-22 & four numbers of different Sealed Quotations i.e. **1-Frame loom, 2-Weaving Accessories for Broad Loom, 3- Weaving Accessories & 4-Tool Kits for Tie & Dye Making and Weaving** for the year 2022-23 are invited from registered suppliers/ manufacturers firms having valid GST IN and up to date income tax for supply of the said items. The separate envelope with name of quoted with year should be **superscribed** & sealed quotations with all complete documents in a prescribed format in all respect should reach the undersigned on or before 06.09.2022 by 5.30 P.M. through registered post / speed post only. The quotations will be opened on 07.09.2022 at 11.30 A.M. in the office of the undersigned. For more details, please visit the website of NIC.,Nayagarh www.nayagarh.nic.in/ www.sadhacodisha.org/ www.boyanika.com. The Quotationer or their authorized representatives should remain present on that day with samples of different items failing which the quotation of the concerned agency will not be entertained for consideration. If Bidders not quoted all times for a particular Quotation shall not be considered. The authority reserves the right to reject or accept any/ all quotations without assigning any reason thereof.

Sd./- Assistant Director of Textile
OIPR-31019/11/0002/2223 Nayagarh(I/C)



**ROURKELA DEVELOPMENT AUTHORITY**
**UDITNAGAR, ROURKELA- 769012**
No.1402 RDA, Dt.20.08.2022

Applications are invited from the General Public / Private Agencies / Office in prescribed form obtainable from this office on payment of Rs.1000/- (Rupees one thousand) only from 22.08.2022 to 30.08.2022 along with EMD for allotment of the Commercial spaces available in VSS Market, (First Floor), Chhend & New Bus Stand, Gandhi Road (Second Floor) under RDA, Rourkela on as is where is basis. Applications will be received in the Office of the RDA during the office hour along with required EMD for each shop/ commercial space from 22.08.2022 to 03.09.2022 by 5.00 P.M. The allotments will be made as per open highest bidding on interest free Security Deposits and monthly licence fee basis on 07.09.2022 at 10.30 A.M. in the Conference Hall of RDA, Rourkela as per detailed below: The applicants are intimated to attend the auction along with original ID and copy of the same on the date and time fixed above without any further intimation. Please note that, the successful bidders shall construct the shop of his own cost & the cost incurred thereon shall be added to the Security Deposit as per Govt. schedule of rate.

| Sl. No. | Name of the Market Complex | Commercial spaces / open space | No. of com. space / open space | Size of commercial spaces / open space | EMD in Rs. with application form | Initial bidding Amount in Rs. | Licence fee per month per sft. |
|---|---|---|---|---|---|---|---|
| 1 | VSS Market, Chhend First Floor | VSO-6 | 1 | 2103 sft. | 1,10,000/- | 11,00,000/- | Rs.8/- per sft. monthly licence fee |
| 2 | VSS Market, Chhend First Floor | VSO-6(A) | 1 | 5475.37 sft. Stair Case-247.92 sft = 5723.29 sft. | 2,86,165/- | 28,61,645/- | Rs.8/- per sft. monthly licence fee |
| 3 | VSS Market, Chhend First Floor | VSO-5 | 1 | 1104.13 sft. | 55,207/- | 5,52,065/- | Rs.8/- per sft. |
| 4 | VSS Market, Chhend | Pindi (Open space) | 1 | 94 sft. | 10,000/- | 94,000/- | Rs.8/- per sft. monthly licence fee |
| 5 | VSS Market, Chhend | ATM Counter only for ATM counter | 1 | 90 sft. | 20,000/- | 2,00,000/- | Rs.10/- per sft. monthly licence fee |
| 6 | New Bus Stand, Gandhi Road (Second Floor) | CS-7 | 1 | 3854 sft. | 1,92,700/- | 19,27,000/- | Rs.8/- per sft. monthly licence fee |

1. The allotment will be made on the basis of open bidding, where more than one application received for one Shop/commercial space / open space. The authority will decide the required Security Deposit of the shop/ commercial space / open space in case of single applicant. The other terms & conditions of allotment will be incorporated in the allotment letter and licence agreement.
2. The successful bidder has to pay 50% of the bid amount of Security Deposit on the next day and the rest 50% of the bid amount including EMD shall be deposited within 15 (Fifteen) days. The allotment order will be issued only after receipt of the full amount. In case of any default, the application of highest bidder / applicant shall be liable for rejection and in that event EMD along with 10% of the deposited amount will be forfeited and the shop / commercial space will be given to 2nd / 3rd highest bidder or subsequent bidder.
3. The authority reserves the right to cancel any or all the applications at any time without assigning any reason thereof and the authority has right to cancel the allotment at any time for violation of conditions of allotment.

Sd./- Secretary
Rourkela Development Authority